# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୮/୨୦୨୩ (୧୮ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, October 28/2023 Page 18 ₹ 7.00
୪୯ଶ ଭାଗ ୩୩୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 332 ମୂଲ୍ୟ₹୭/-



# ହମାସ୍‌ର ସୁଡ଼ଙ୍ଗ ଧ୍ୱଂସକରିବା ସହଜ ନୁହେଁ

## ସ୍ଥଳଯୁଦ୍ଧ ପାଇଁ ପ୍ରସ୍ତୁତି ଚଳାଇଛି ଇସ୍ରାଏଲ୍



ଗାଜାଷ୍ଟ୍ରିପ୍‌ର ଏକ ଉପାନ୍ତ ଅଞ୍ଚଳରେ ଇସ୍ରାଏଲ୍ ସେନାର ବୋମାମାଡ଼।

**ଜେରୁଜେଲମ୍, ୨୭।୧୦**

ହମାସ୍ ଶାସିତ ଗାଜା ଷ୍ଟ୍ରିପ୍‌ରେ ବଡ଼ ଧରଣର ସ୍ଥଳଯୁଦ୍ଧ ଆକ୍ରମଣ ପାଇଁ ପ୍ରସ୍ତୁତି ଚଳାଇଥିବା ଇସ୍ରାଏଲୀ ସେନା ଦୁଇଦିନ ହେଲା ସଂକ୍ଷିପ୍ତ ଗ୍ରାଉଣ୍ଡ ରେଡ୍ ଚଳାଇଛି। ତେବେ ଗାଜାରେ ଥିବା ହମାସ୍‌ର ଗୁପ୍ତ ଟନେଲଗୁଡ଼ିକୁ ଧ୍ୱଂସ କରିବା କଷ୍ଟକର ହେବ ବୋଲି ଇସ୍ରାଏଲ୍ ପୂର୍ବାନୁମାନ କରିଛି। ହମାସ୍ ଆତଙ୍କବାଦୀମାନଙ୍କୁ ଉକ୍ତ ଗୁପ୍ତ ସୁଡ଼ଙ୍ଗ ସୁରକ୍ଷା ଯୋଗାଇଦେଉଛି। ସ୍ଥଳଯୁଦ୍ଧରେ ସେମାନଙ୍କୁ ଟନେଲ ଭିତରେ ମୁକାବିଲା କରିବା ଇସ୍ରାଏଲୀ ସୈନ୍ୟଙ୍କ ପାଇଁ ସହଜ ହେବନାହିଁ। ସେଥିପାଇଁ ସମ୍ପୂର୍ଣ୍ଣ ସ୍ଥଳଯୁଦ୍ଧ ଆରମ୍ଭ କରିବାକୁ ଜେରୁଜେଲମ୍ ବିଳମ୍ବ କରୁଛି। ୩ ସପ୍ତାହ ହେଲା ଚାଲିଥିବା ଯୁଦ୍ଧରେ ୭,୩୦୦ରୁ ଅଧିକ ପାଲେଷ୍ଟିନୀୟ ନିହତ ହେବା ସହ ହଜାର ହଜାର ଲୋକ ଆହତ ହେଲେଣି। ମୃତକଙ୍କ ମଧ୍ୟରେ ୨,୯୦୦ରୁ ଅଧିକ ଶିଶୁ ଏବଂ ୧,୫୦୦ରୁ ଊର୍ଦ୍ଧ୍ୱ ମହିଳା ରହିଥିବା ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବହୁସଂଖ୍ୟାରେ ପାଲେଷ୍ଟିନୀୟ ଘରଦ୍ୱାର ଛାଡ଼ି ପଳାଇଗଲେଣି। ଇସ୍ରାଏଲ୍ ଅଧିକୃତ ୱେଷ୍ଟ ବ୍ୟାଙ୍କରେ ୧୧୦ ପାଲେଷ୍ଟିନୀୟ ପ୍ରାଣ ହରାଇଲେଣି। ସେହିପରି ହମାସ୍ ଆକ୍ରମଣରେ ଇସ୍ରାଏଲ୍‌ର ୧,୪୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି। ଏହା ବ୍ୟତୀତ ହମାସ୍ ଇସ୍ରାଏଲ୍‌ରୁ ବିଦେଶୀ ସମେତ ୨୨୯ ଜଣଙ୍କୁ ନେଇଯାଇ ଗାଜାରେ ପଣବନ୍ଦୀ ରଖିଛି। ସେମାନଙ୍କ ମଧ୍ୟରୁ ୪ ବିଦେଶୀଙ୍କୁ ଇତିମଧ୍ୟରେ ମୁକ୍ତ କରିଦିଆଯାଇଛି।

ଇସ୍ରାଏଲୀ ସେନା ଯୁଦ୍ଧବିମାନ ଏବଂ ଡ୍ରୋନ୍ ସହାୟତାରେ ଶୁକ୍ରବାର ଗାଜା ଷ୍ଟ୍ରିପ୍ ଉପକଣ୍ଠରେ ଦ୍ୱିତୀୟ ଗ୍ରାଉଣ୍ଡ ରେଡ୍ କରିଥିଲା। ତେବେ ଏଥିରେ କେତେ ମୃତାହତ ହୋଇଛନ୍ତି ତାହା ଜଣାପଡ଼ି ନାହିଁ। ଇତିମଧ୍ୟରେ ଆମେରିକା ଯୁଦ୍ଧବିମାନ ପୂର୍ବ ସିରିଆରେ ଥିବା ସାମରିକ ଘାଟି ଉପରେ ଆକ୍ରମଣ କରିଛି। ଉକ୍ତ ସାମରିକ ଘାଟିକୁ ଇରାନ ସମର୍ଥିତ ମିଲିସିଆ ଗ୍ରୁପ୍ ବ୍ୟବହାର କରୁଥିଲେ।

## ହମାସ୍‌କୁ ପାଣି ଯୋଗାଣ ଉପରେ କଟକଣା ଲଗାଇଲା ଆମେରିକା

**ଲଣ୍ଡନ, ୨୭।୧୦**

ଗାଜାର ହମାସ୍ ଆତଙ୍କବାଦୀଙ୍କୁ ପାଣି ଯୋଗାଣ ବନ୍ଦ କରିବା ଲାଗି ଆମେରିକା ଏହାର ଉଦ୍ୟମକୁ ଶୁକ୍ରବାର ଜୋର୍‌ଦାର କରିଛି। ଏହି ଗ୍ରୁପ୍ ସହ ସମ୍ପୃକ୍ତ ବ୍ୟକ୍ତିବିଶେଷ ଓ ସଂଗଠନ ଉପରେ ଯୁକ୍ତରାଷ୍ଟ୍ର ଦ୍ୱିତୀୟ କଟକଣା ଲଗାଯାଇଛି। ଇସ୍ରାଏଲ୍ ଉପରେ ହମାସ୍‌ର ଆକ୍ରମଣ ଯୋଗୁ ୧,୪୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଲାଣି। ହମାସ୍‌କୁ ଆର୍ଥିକ, ଲଜିଷ୍ଟିକାଲ ଓ ସାମରିକ ସହାୟତା ଯୋଗାଇବାରେ ଇରାନର ଭୂମିକା ରହିଥିବା ଆମେରିକା କହିଛି। ଇରାନରେ ଥିବା ହମାସ୍ ପ୍ରତିନିଧି ଏବଂ ଇରାନର ଇସ୍‌ଲାମିକ୍ ରିଭଲ୍ୟୁଶନାରି ଗାର୍ଡ ସଦସ୍ୟଙ୍କ ଉପରେ ମଧ୍ୟ କଟକଣା ଲାଗୁ ହୋଇଛି। ଲଣ୍ଡନ ଗସ୍ତରେ ଥିବା ଆମେରିକା ଉପ ଅର୍ଥ ସଚିବ ୱାଲି ଆଡେୟେମୋ ଏହି ଘୋଷଣା କରିଛନ୍ତି।

## ସିରିଆରେ ଥିବା ୨ ସାମରିକ ଘାଟି ଉପରେ ଆମେରିକାର ଆକ୍ରମଣ



**ୱାଶିଂଟନ, ୨୭।୧୦**

ଇରାନର ଇସ୍‌ଲାମିକ ରେଭଲ୍ୟୁଶନାରି ଗାର୍ଡ କର୍ପସ (ଆଇଆର୍‌ଜିସି) ବ୍ୟବହାର କରୁଥବା ପୂର୍ବ ସିରିଆର ଦୁଇଟି ଘାଟି ଉପରେ ଆମେରିକା ସେନା ଆକ୍ରମଣ କରିଛି। ଆମେରିକା ପ୍ରତିରକ୍ଷା ସଚିବ ଲୟଡ ଅଷ୍ଟିନ୍ ଏହି ସୂଚନା ଦେଇଛନ୍ତି। ଗତ ୧୭ ତାରିଖରୁ ଇରାକ ଏବଂ ସିରିଆରେ ଥିବା ଆମେରିକୀୟଙ୍କ ଉପରେ ଇରାନ ସମର୍ଥିତ ମିଲିସିଆ ଗ୍ରୁପ୍ ଆକ୍ରମଣ କରୁଥିବାରୁ ଏହାର ଜବାବରେ ଯୁକ୍ତରାଷ୍ଟ୍ର ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମିଲିସିଆ ଗ୍ରୁପ୍‌ର ଆକ୍ରମଣ ବେଳେ ଜଣେ ଆମେରିକୀୟ ଠିକାଦାରଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବାବେଳେ ୨୧ ସାମରିକ ଯବାନ ସାମାନ୍ୟ ଆହତ ହୋଇଥିଲେ। ଆମେରିକା ସେନା ବିରୋଧରେ ଆକ୍ରମଣ ମହଙ୍ଗା ପଡ଼ିବ ବୋଲି ଗୁରୁବାର ରାଷ୍ଟ୍ରପତି ଜୋ ବାଇଡେନ୍ ଇରାନର ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନିଙ୍କୁ ଚେତାବନୀ ଦେଇଥିଲେ।

### ଘାଟିକୁ ଇରାନ ମିଲିସିଆ ବ୍ୟବହାର କରୁଥିଲେ

## ଚାଇନାର ପୂର୍ବତନ ପ୍ରଧାନମନ୍ତ୍ରୀ କେକିଆଙ୍ଗଙ୍କ ପରଲୋକ



ଲି କେକିଆଙ୍ଗ୍

**ବେଜିଂ, ୨୭।୧୦**

ଚାଇନାର ପୂର୍ବତନ ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗଙ୍କର ଶୁକ୍ରବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ତାଙ୍କୁ ୬୮ ବର୍ଷ ହୋଇଥିଲା। ଏହି ଆର୍ଥିକ ସଂସ୍କାର ସପକ୍ଷବାଦୀ ପ୍ରଶାସକ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ଅଧୀନରେ ୧୦ ବର୍ଷ ପ୍ରଧାନମନ୍ତ୍ରୀ ରହିଥିଲେ। ଗୁରୁବାର ତାଙ୍କୁ ହୃଦ୍‌ଘାତ ହେବା ପରେ ଶୁକ୍ରବାର ଭୋର ସମୟରେ ସାଂଘାଇରେ ପରଲୋକ ହୋଇଯାଇଛି। ଯୁବାବସ୍ଥାରେ ଉଦାରବାଦୀ ଥିବା କେକିଆଙ୍ଗ ଦୀର୍ଘବର୍ଷ ଧରି କମ୍ୟୁନିଷ୍ଟ ପାର୍ଟିରେ ରହି କାର୍ଯ୍ୟ କରିଆସିଥିଲେ। ତେବେ ହାନାନ ପ୍ରଦେଶରେ ସେ ଦଳର ମୁଖ୍ୟ ଥିବାବେଳେ ରକ୍ତଦାନ କାର୍ଯ୍ୟକ୍ରମରୁ ଏଚ୍‌ଆଇଭି/ଏଡ୍ସ ମହାମାରୀ ବ୍ୟାପିବା ଯୋଗୁ ତାଙ୍କୁ ଭାବମୂର୍ତ୍ତି ମଳିନ ପଡ଼ିଥିଲା। ସେହିପରି ଜାତୀୟ ସ୍ତରରେ କ୍ଷମତାରେ ଥିବାବେଳେ ତାଙ୍କ ସମୟରେ କେତେକ ସ୍ୱାସ୍ଥ୍ୟସେବା ଦୁର୍ନୀତି ଘଟିଥିଲା। ଚାଇନାର ଗମ୍ଭୀର ଆର୍ଥିକ ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ପ୍ରଶଂସିତ ହୋଇଥିଲେ। ଏକଦା ଜିନ୍‌ପିଙ୍ଗ ତାଙ୍କୁ ନିଜର ପ୍ରତିଦ୍ୱନ୍ଦ୍ୱୀ ଭାବୁଥିଲେ। କୋଭିଡ୍ ଜନିତ ମାନ୍ଦାବସ୍ଥା ଏବଂ ହାଉସିଂ ମାର୍କେଟରେ ସଙ୍କଟ ଯୋଗୁ ଲି ପ୍ରଧାନମନ୍ତ୍ରୀ ପଦ ଛାଡ଼ିବା ବେଳକୁ ଚାଇନାର ଆର୍ଥିକ ଅଭିବୃଦ୍ଧି ସର୍ବନିମ୍ନ ସ୍ତରକୁ ଚାଲିଆସିଥିଲା। ଚଳିତବର୍ଷ ଆରମ୍ଭରେ ଜିନ୍‌ପିଙ୍ଗ ସାଂଘାଇର ପୂର୍ବତନ କମ୍ୟୁନିଷ୍ଟ ମୁଖ୍ୟ ଲି କିଆଙ୍ଗଙ୍କୁ ଦେଶର ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଥିଲେ।

## ସଂକ୍ଷେପରେ

### ଇଣ୍ଡିଆ ମୋବାଇଲ୍ କଂଗ୍ରେସର ୭ମ ସଂସ୍କରଣ ଉଦ୍‌ଘାଟିତ

**ନୂଆଦିଲ୍ଲୀ, ୨୭।୧୦:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଇଣ୍ଡିଆ ମୋବାଇଲ୍ କଂଗ୍ରେସ, ୨୦୨୩ର ସପ୍ତମ ସଂସ୍କରଣକୁ ଉଦ୍‌ଘାଟନ କରିଛନ୍ତି। ନୂଆଦିଲ୍ଲୀର ପ୍ରଗତି ମଇଦାନସ୍ଥିତ ଭାରତ ମଣ୍ଡପମ୍‌ରେ ଉକ୍ତ ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ବିଭିନ୍ନ ପ୍ରମୁଖ ଟେଲିକମ୍ କମ୍ପାନୀର ପ୍ରତିନିଧିମାନଙ୍କ ସହ କଥା ହୋଇଥିଲେ। ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିଃର ଅଧ୍ୟକ୍ଷ ଆକାଶ ଅମ୍ବାନୀ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ କମ୍ପାନୀ ଟେଲିଯୋଗାଯୋଗ କ୍ଷେତ୍ରରେ କରୁଥିବା କାର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ। ଜିଓ ମଣ୍ଡପରେ ଜିଓ ଭାରତ ଡିଭାଇସ୍ ଭାବେ ସ୍ପେସ୍ ଫାଇବର ପ୍ରଦର୍ଶିତ ହୋଇଥିଲା। ଭାରତୀ ଏଣ୍ଟରପ୍ରାଇସେସ୍‌ର ଅଧ୍ୟକ୍ଷ ସୁନୀଲ ଭାରତୀ ମିତ୍ତଲ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରୁଥିବା ଦେଖାଯାଇଥିଲା। ସେ କମ୍ପାନୀର ୫ଜି ପ୍ଲସ୍, ଏଆଇ ସମର୍ଥିତ ଟେକ୍‌ନୋଲୋଜି ଓ ଅନ୍ୟାନ୍ୟ ଡିଜିଟାଲ ଭିତ୍ତିଭୂମି ଆଦି ଭବିଷ୍ୟତ ଇନୋଭେଶନ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

### ଏଆଇ ଉପଦେଷ୍ଟା କମିଟିରେ ଭାରତୀୟ ପ୍ରଯୁକ୍ତି ବିଶେଷଜ୍ଞ

**ଜାତିସଂଘ, ୨୭।୧୦:** ଭାରତର କେତେଜଣ ଖ୍ୟାତନାମା ପ୍ରଯୁକ୍ତି ବିଶେଷଜ୍ଞ ଜାତିସଂଘର ନୂଆ ବୈଶ୍ୱିକ ଉପଦେଷ୍ଟା କମିଟିରେ ନିଯୁକ୍ତ ହେବାକୁ ଯାଉଛନ୍ତି। କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପରେ ଗଠିତ ଉଚ୍ଚସ୍ତରୀୟ ଆଡଭାଇଜରି ବଡ଼ିରେ ବିଭିନ୍ନ ସରକାରୀ, ଘରୋଇ ସଂସ୍ଥା, ଗବେଷଣା ସଂସ୍ଥା, ସିଭିଲ୍ ସୋସାଇଟିର ବିଶେଷଜ୍ଞମାନଙ୍କୁ ନିଆଯାଇଛି। ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲରେ ଏଆଇର ଉପଯୋଗକୁ ନେଇ ରହିଥିବା ବିଭିନ୍ନ ଚ୍ୟାଲେଞ୍ଜ ଓ ସମସ୍ୟା ଉପରେ ବୈଶ୍ୱିକ ସ୍ତରରେ ବୈଜ୍ଞାନିକ ସହମତି ଆଣିବା ଲାଗି ଉକ୍ତ କମିଟି ଗଠନ କରାଯାଇଛି। ଏଆଇ ଗଭର୍ନାନ୍ସ ଉପରେ ଏହା ଅନ୍ତର୍ଜାତୀୟ ସହଯୋଗକୁ ସୁଦୃଢ଼ କରିବ। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଉକ୍ତ କମିଟି ଲାଗି ଚୟନ କରିଥିବା ଭାରତୀୟଙ୍କ ମଧ୍ୟରେ ରହିଛନ୍ତି ତାଙ୍କ ବୈଷୟିକ ପ୍ରତିନିଧି ଅମନଦୀପ୍ ସିଂ ଗିଲ୍, ଆଇସ୍ପିରିଟ୍ ଫାଉଣ୍ଡେଶନ୍‌ର ସହପ୍ରତିଷ୍ଠାତା ଶରଦ ଶର୍ମା ଏବଂ ହଗିଙ୍ଗ୍ ଫେସ୍, ଇଣ୍ଡିଆର ପ୍ରମୁଖ ଗବେଷକ ନାଜନିନ୍ ରଜନୀ।

### ମୁଖ୍‌ତାର ଅନ୍‌ସାରୀଙ୍କୁ ୧୦ ବର୍ଷ ଜେଲ

**ନୂଆଦିଲ୍ଲୀ, ୨୭।୧୦:** ଉତ୍ତରପ୍ରଦେଶ ଗ୍ୟାଙ୍ଗଷ୍ଟରରୁ ରାଜନେତା ହୋଇଥିବା ମୁଖ୍‌ତାର ଅନ୍‌ସାରୀଙ୍କୁ ଏକ ହତ୍ୟା ମାମଲାରେ ସ୍ଥାନୀୟ ଅଦାଲତ ୧୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ପୂର୍ବତନ ବିଧାୟକ ଅନ୍‌ସାରୀଙ୍କୁ ଉକ୍ତ ଅଦାଲତ ଗୁରୁବାର ଦୋଷୀସାବ୍ୟସ୍ତ କରିଥିଲେ। ୨୦୦୯ରେ ଅନ୍‌ସାରୀ ପୋଲିସ ଅଫିସର କପିଲଦେବ ସିଂଙ୍କୁ ହତ୍ୟା କରିଥିଲେ। ସେହିବର୍ଷ ସେ ଅନ୍ୟ ଜଣେ ପୋଲିସ ଅଧିକାରୀ ମୀର୍ ହାସନଙ୍କୁ ହତ୍ୟା କରିବା ଲାଗି ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ହତ୍ୟା ମାମଲାରେ ବାରାଣସୀର ଏକ ଅଦାଲତ ଗତ ଜୁନ୍‌ରେ ଅନ୍‌ସାରୀଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ମନିଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅକ୍ଟୋବର ୧୫ରେ ଅନ୍‌ସାରୀଙ୍କର ଏକ ବିଲ୍ଡିଂ ଏବଂ ୧୫ଟି ସ୍ଥାନରେ ଥିବା ସମ୍ପତ୍ତି ବାଜ୍ୟାପ୍ତ କରିବା ସହ ୭୩.୪୩ ଲକ୍ଷ ଟଙ୍କାର ବ୍ୟାଙ୍କ ଜମାକୁ ଜବତ କରିଥିଲେ। ୧୯୯୧ ଅଗଷ୍ଟରେ ପୂର୍ବତନ କଂଗ୍ରେସ ବିଧାୟକ ଅଜୟ ରାୟଙ୍କ ଭାଇ ଅୱଧେଶ ରାୟ ହତ୍ୟାକାଣ୍ଡରେ ମଧ୍ୟ ଅନ୍‌ସାରୀ ସମ୍ପୃକ୍ତ।



## ସୀମାରେ ଜୋର୍‌ଦାର ସେଲ୍ ଓ ଗୁଳିମାଡ଼

### ପାକ୍ ସେନାର ଅସ୍ତ୍ରବିରତି ଉଲ୍ଲଂଘନ

### ଘର ଛାଡ଼ି ପଳାଇଲେ ଲୋକେ

**ଆର୍ନିଆ, ୨୭।୧୦ (ପି.ଟି.)**

୨୦୨୧ ପରେ ପାକିସ୍ତାନୀ ରେଞ୍ଜରମାନେ ପ୍ରଥମ ଥର ପାଇଁ ଅସ୍ତ୍ରବିରତି ଉଲ୍ଲଂଘନ କରି ସୀମାନ୍ତ ଅଞ୍ଚଳରେ ଜୋର୍‌ଦାର ଗୁଳିଗୋଳା ଓ ସେଲ୍ ମାଡ଼ କରିଛନ୍ତି। ଜମ୍ମୁ-କଶ୍ମୀରର ଆର୍ନିଆ ସେକ୍ଟରରେ ଗୁରୁବାର ରାତି ୮ଟାରୁ ଏହି ଗୁଳିବିନିମୟ ଆରମ୍ଭ ହୋଇ ୭ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିଲା। ଭୟରେ ସୀମାନ୍ତ ଅଞ୍ଚଳର ଲୋକମାନେ ଘରଦ୍ୱାର ଛାଡ଼ି ପଳାଇଯାଇଛନ୍ତି। ଅନ୍ତର୍ଜାତୀୟ ସୀମା ଅନ୍ତର୍ଗତ କେତେକ ଗ୍ରାମରେ ବିବାହ ଉତ୍ସବ ଚାଲିଥିବାବେଳେ ପାକ୍ ରେଞ୍ଜରଙ୍କ ଗୁଳିଗୋଳା ମାଡ଼ ଯୋଗୁ ତାହା ବାଧାପ୍ରାପ୍ତ ହୋଇଥିଲା। ଆର୍.ଏସ୍. ପୁରା ସେକ୍ଟରରେ ପାକିସ୍ତାନ ପଟୁ ସେଲ୍ ମାଡ଼ ଯୋଗୁ ବିବାହ ଭୋଜି ଛାଡ଼ି ଲୋକମାନେ ପଳାଇଯାଇଥିଲେ। ଭୋର ୩ଟା ପର୍ଯ୍ୟନ୍ତ ପାକିସ୍ତାନୀ ସେନା ସେଲ୍ ମାଡ଼ ଜାରି ରଖିଥିବାବେଳେ ଏହାର ଠିକଣା ଜବାବ ଦିଆଯାଇଥିଲା ବୋଲି ଭାରତର ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) କହିଛି। ପାକିସ୍ତାନୀ ଗୁଳିରେ ଜଣେ ବିଏସ୍‌ଏଫ୍ ଯବାନ ଓ ଜଣେ ମହିଳା ଆହତ ହୋଇଛନ୍ତି। ସେହିପରି ସେଲ୍ ମାଡ଼ରେ ସୀମାନ୍ତ ଗ୍ରାମର ବହୁ ଘର କ୍ଷତିଗ୍ରସ୍ତ ହୋଇଛି। ଶ୍ରମିକମାନେ ଗାଁ ଛାଡ଼ି ପଳାଇଯାଇଛନ୍ତି।

## ପଶ୍ଚିମବଙ୍ଗ ମନ୍ତ୍ରୀଙ୍କୁ ଗିରଫ କଲା ଇଡି

### ରାଶନ ଦୁର୍ନୀତି

**କୋଲକାତା, ୨୭।୧୦**

ପଶ୍ଚିମବଙ୍ଗର ବହୁ କୋଟି ଟଙ୍କା ରାଶନ ବଣ୍ଟନ ଦୁର୍ନୀତି ମାମଲାରେ ସମ୍ପୃକ୍ତି ଅଭିଯୋଗରେ ମନିଲଣ୍ଡରିଂ ତଦନ୍ତର ସମ୍ମୁଖୀନ ହୋଇଥିବା ପଶ୍ଚିମବଙ୍ଗ ମନ୍ତ୍ରୀ ଜ୍ୟୋତିପ୍ରିୟୋ ମଲ୍ଲିକଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ଗିରଫ କରିଛି। ତାଙ୍କୁ ଦୀର୍ଘ ୧୮ ଘଣ୍ଟା ଜେରା କରାଯିବା ପରେ ମନିଲଣ୍ଡରିଂ ପ୍ରତିକାର ଆଇନ ବଳରେ ଗିରଫ କରାଯାଇଛି। ମଧୁମେହ ଓ ଅନ୍ୟାନ୍ୟ ରୋଗରେ ପୀଡ଼ିତ ଥିବା ମନ୍ତ୍ରୀ ମଲ୍ଲିକଙ୍କୁ ଗିରଫ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ ଜୋକାସ୍ଥିତ ଇଏସ୍‌ଆଇ ହସ୍ପିଟାଲ ନିଆଯାଇଥିଲା। ସେଠାରେ ତାଙ୍କୁ ବାଙ୍କଶାଲ କୋର୍ଟକୁ ନିଆଯାଇଛି। ଅଧିକ ଜେରା ପାଇଁ ଇଡି ତାଙ୍କୁ ରିମାଣ୍ଡରେ ନେବା ଲାଗି ଯୋଜନା କରୁଛି। ମଲ୍ଲିକ ତଦନ୍ତରେ ସହଯୋଗ କରୁ ନ ଥିବା ଏବଂ ଜେରା ବେଳେ ପରସ୍ପର ବିରୋଧୀ ମତ ରଖୁଥିବାରୁ ରାଶନ ବଣ୍ଟନ ଅନିୟମିତତା ସମ୍ପର୍କରେ ତାଙ୍କ ପାଖରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଥିବା ଇଡି ଅଧିକାରୀମାନେ ବିଶ୍ୱାସ କରୁଛନ୍ତି। ପୂର୍ବରୁ ଇଡି ମଲ୍ଲିକଙ୍କ ଘନିଷ୍ଠ ସହଯୋଗୀ ବାକିବୁର ରହମାନଙ୍କୁ ଗିରଫ କରିଥିଲା। ଉଭୟଙ୍କୁ ମୁହାଁମୁହିଁ ଜେରା କରାଯାଇପାରେ। ଅନ୍ୟପକ୍ଷରେ ତାଙ୍କୁ ଷଡ଼ଯନ୍ତ୍ରରେ ଫସାଇ ଦିଆଯାଇଥିବା ମଲ୍ଲିକ ଅଭିଯୋଗ କରିବା ସହ ଭାଜପା ଏବଂ ଏହାର ନେତା ଶୁଭେନ୍ଦୁ ଅଧିକାରୀଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି।



ଜ୍ୟୋତିପ୍ରିୟୋ ମଲ୍ଲିକ

## ଭାରତରେ ଆଇଫୋନ୍ ନିର୍ମାଣ କରିବ ଟାଟା

**ନୂଆଦିଲ୍ଲୀ, ୨୭।୧୦ (ପି.ଟି.)**

ଟାଟା ଗ୍ରୁପ୍ ଭାରତରେ ଆପଲ୍ ଆଇଫୋନ୍ ନିର୍ମାଣ ଆରମ୍ଭ କରିବାକୁ ଯାଉଛି। ଭାରତ ସମେତ ବିଶ୍ୱ ବଜାର ପାଇଁ ଆଗାମୀ ୨.୫ ବର୍ଷରେ ଏହି ଆଇଫୋନ୍ ନିର୍ମାଣ କରାଯିବ ବୋଲି ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତି ମନ୍ତ୍ରୀ ରବି ଚନ୍ଦ୍ରଶେଖର ଶୁକ୍ରବାର ଘୋଷଣା କରିଛନ୍ତି। ତାଇୱାନ୍‌ର ୱିଷ୍ଟ୍ରନ୍ ଗ୍ରୁପ୍ ବେଙ୍ଗାଲୁରୁରେ ଥିବା ଏହାର ପ୍ଲାଣ୍ଟକୁ ଟାଟାକୁ ବିକ୍ରି କରିବାକୁ ରାଜି ହୋଇଛି। ୱିଷ୍ଟ୍ରନ୍ ଇନ୍‌ଫୋକମ୍ ମ୍ୟାନୁଫାକ୍ଚରିଂ (ଇଣ୍ଡିଆ) ପ୍ରା.ଲିଃର ଏହି ପ୍ଲାଣ୍ଟକୁ ଟାଟା ଇଲେକ୍ଟ୍ରୋନିକ୍ସ ୧୨୫ ନିୟୁତ ଡଲାରରେ କିଣିବ। ୱିଷ୍ଟ୍ରନ୍ ବୋର୍ଡ ଉକ୍ତ ବିକ୍ରି ପ୍ରସ୍ତାବକୁ ଅନୁମୋଦନ କରିଥିବା ଶୁକ୍ରବାର ଏକ ବିବୃତିରେ କହିଛି। ଉକ୍ତ ୟୁନିଟ୍ ବେଙ୍ଗାଲୁରୁରେ ଆଇଫୋନ୍ ଆସେମ୍ବ୍ଲି ପ୍ଲାଣ୍ଟ ଚଳାଇଥିଲା। ଏହାକୁ କିଣିବା ପାଇଁ ବର୍ଷ ହେଲା ବୁଝାମଣା ଚାଲିଥିଲା। ଆଇଫୋନ୍ ୧୪ ମଡେଲ୍ ଆସେମ୍ବ୍ଲି କାର୍ଯ୍ୟରେ ଉକ୍ତ କାରଖାନାରେ ୧୦ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ନିୟୋଜିତ ଅଛନ୍ତି। ଉଭୟ ପକ୍ଷର ରାଜିନାମା ଓ ସ୍ୱାକ୍ଷର ପରେ ଉକ୍ତ ଡିଲ୍‌କୁ ଆବଶ୍ୟକ ଅନୁମୋଦନ ପାଇଁ ପଠାଯିବ।

ଆପଲ୍ ଆଇଫୋନ୍‌ଗୁଡ଼ିକର ଆସେମ୍ବ୍ଲି ମୁଖ୍ୟତଃ ତାଇୱାନ କମ୍ପାନୀ ପେଗାଟ୍ରନ୍ କର୍ପ ଏବଂ ଫକ୍ସକନ୍ ଟେକ୍‌ନୋଲୋଜି ଗ୍ରୁପ୍ କରିଥାଏ। ଟାଟା ଇଲେକ୍ଟ୍ରୋନିକ୍ସ ହେଉଛି ଟାଟା ସନ୍ସର ସମ୍ପୂର୍ଣ୍ଣ ମାଲିକାନାରେ ଥିବା ଏକ ସହଯୋଗୀ ସଂସ୍ଥା। ଟାଟା ଗ୍ରୁପ୍ ଏବେ ଇଲେକ୍ଟ୍ରୋନିକ୍ସ ଉତ୍ପାଦ ଓ ଇ-କମର୍ସରେ ପ୍ରବେଶ କରିବାକୁ ଚାହୁଁଛି। ତାମିଲନାଡୁର କ୍ରିଷ୍ଣାଗିରିରେ ଟାଟା ଇଲେକ୍ଟ୍ରୋନିକ୍ସର ଏକ କାରଖାନା ରହିଛି। ଟାଟା ଆଇଫୋନ୍ ନିର୍ମାଣ କରିବା ପରେ ଭାରତ ସ୍ମାର୍ଟ ଫୋନ୍ ଉତ୍ପାଦନ ଓ ରପ୍ତାନିର ଏକ ବିଶ୍ୱସନୀୟ ଓ ବୃହତ୍ ହବ୍ ହେବାକୁ ଯାଉଥିବା ମନ୍ତ୍ରୀ ଚନ୍ଦ୍ରଶେଖର ଏକ୍ସରେ ପୋଷ୍ଟ କରିଛନ୍ତି।





ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୮/୨୦୨୩
Bhubaneswar, Saturday, October 28/2023



**ରୀତିକା ବିଶ୍ୱ ଚାମ୍ପିୟନ**

ଭାରତର ପ୍ରଥମ ମହିଳା କୁସ୍ତିଯୋଦ୍ଧା ଭାବେ ୨୩ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ହୋଇଛନ୍ତି ରୀତିକା ହୁଡା।

୧୪

୧୧

**ଓଟିଟିରେ ତାରାଙ୍କ ଏଣ୍ଟ୍ରି**

ବଲିଉଡ୍ ଅଭିନେତ୍ରୀ ତାରା ସୁତାରିଆ ତାଙ୍କ ଆଗାମୀ ଥ୍ରିଲର ଫିଲ୍ମ 'ଅପୂର୍ବା' ଜରିଆରେ ଓଟିଟି ଡେବ୍ୟୁ କରିବାକୁ ଯାଉଛନ୍ତି।



# ପ୍ରମୋଦ ଭଗତଙ୍କୁ ସ୍ୱର୍ଣ୍ଣ ପଦକ

**ଏସିଆନ ପାରା ଗେମ୍ସ**



**ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ)**

ଚାଇନାର ହାଙ୍ଗଝୋରେ ଚାଲିଥିବା ଏସିଆନ ପାରା ଗେମ୍ସର ବ୍ୟାଡ୍‌ମିଣ୍ଟନ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଦେଶ ଏବଂ ରାଜ୍ୟକୁ ଗର୍ବିତ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ପୂର୍ବରୁ ମିକ୍ସଡ ଡବଲ୍ସ ଓ ପୁରୁଷ ଡବଲ୍ସରେ ବ୍ରୋଞ୍ଜ ପଦକ ପାଇଥିବା ପ୍ରମୋଦ ଶୁକ୍ରବାର ପୁରୁଷ ସିଙ୍ଗଲ୍ସରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଫାଇନାଲରେ ସେ ଅନ୍ୟତମ ଭାରତୀୟ ଖେଳାଳି ନିତେଶ କୁମାରଙ୍କୁ ୨୨-୨୦, ୧୮-୨୧, ୨୧-୧୯ରେ ପରାସ୍ତ କରିଛନ୍ତି। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରମୋଦ ବରାବର ଲଢ଼େଇରେ ପ୍ରଥମ ସେଟ୍‌କୁ ଜିତିବାକୁ ସକ୍ଷମ ହୋଇଥିଲେ ହେଁ ପରବର୍ତ୍ତୀ ସେଟ୍‌ରେ ବିଜୟ ହାସଲ କରି ନିତେଶ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ତୃତୀୟ ତଥା ନିର୍ଣ୍ଣାୟକ ସେଟ୍‌ରେ ମଧ୍ୟ ଏକଦା ନିତେଶ ଅଗ୍ରଣୀ ରହିଥିଲେ। ମାତ୍ର ଚାପର ବଶବର୍ତ୍ତୀ ନ ହୋଇ ଏବଂ ନିଜ ଅଭିଜ୍ଞତାର ଉପଯୋଗ କରି ପ୍ରମୋଦ ସଫଳ ପ୍ରତ୍ୟାବର୍ତ୍ତନ କରି ଶେଷ ସେଟ୍‌ରେ ବିଜୟ ହାସଲ କରିଥିଲେ। ଚଳିତ ପ୍ରତିଯୋଗିତାରେ ପ୍ରମୋଦ ମିକ୍ସଡ ଡବଲ୍ସରେ ମନୀଷା ରାମଦାସ ଏବଂ ପୁରୁଷ ଡବଲ୍ସରେ ସୁକାନ୍ତ କଦମଙ୍କୁ ସାଥିକରି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଫଳରେ ସେ ଏସିଆନ ପାରା ଗେମ୍ସରେ ଗୋଟିଏ ସ୍ୱର୍ଣ୍ଣ ଓ ୨ଟି ବ୍ରୋଞ୍ଜ ପଦକ ଜିତିବା ସହ ଅଭିଯାନ ଶେଷ କରିଛନ୍ତି। ପ୍ରତିଯୋଗିତାରେ ପ୍ରମୋଦ ପ୍ରଥମଥର ପାଇଁ ୩ଟି ପଦକ ହାସଲ କରିଛନ୍ତି। ୨୦୧୦ରେ ସିଙ୍ଗଲ୍ସ ଓ ଡବଲ୍ସରେ ଭାଗ ନେଇଥିଲେ ମଧ୍ୟ କୌଣସି ସଫଳତା ତାଙ୍କୁ ମିଳି ନ ଥିଲା। ୨୦୧୪ରେ ସିଙ୍ଗଲ୍ସ ଓ ଡବଲ୍ସରେ ଭାଗ ନେଇଥିଲେ ମଧ୍ୟ କେବଳ ସିଙ୍ଗଲ୍ସରେ ବ୍ରୋଞ୍ଜ ପଦକ ଜିତିଥିଲେ। ୨୦୧୮ରେ ସିଙ୍ଗଲ୍ସ ଓ ଡବଲ୍ସରେ ଭାଗ ନେଇଥିଲେ। ଏଥିରେ ସେ ସିଙ୍ଗଲ୍ସରେ ସ୍ୱର୍ଣ୍ଣ ଏବଂ ଡବଲ୍ସରେ ବ୍ରୋଞ୍ଜ ପଦକ ଜିତିଥିଲେ। ☞ପୃଷ୍ଠା-୯

## ୨ କୋଟି ଟଙ୍କା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୭।୧୦ (ଅନିଲ ଦାସ)**

ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ୨ କୋଟି ଟଙ୍କା ପୁରସ୍କାର ଘୋଷଣା କରିଛନ୍ତି। ଏସିଆନ ଗେମ୍ସର ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭଗତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ପ୍ରତିଦ୍ୱନ୍ଦ୍ୱୀ ନୀତୀଶ କୁମାରଙ୍କୁ କଡ଼ା ଟକ୍କର ଦେଇ ସେ ଏହି ପଦକ ହାସଲ କରିଛନ୍ତି। ଏଥିସହିତ ସେ ପୁରୁଷ ଡବଲ୍ସରେ ଏବଂ ମିକ୍ସଡ ଡବଲ୍ସରେ ୨ଟି ବ୍ରୋଞ୍ଜ ☞ପୃଷ୍ଠା-୯

**ଆଜିର ସମ୍ପାଦକୀୟ**

**ସିବିଆଇରେ ଅଧିକ ନିଯୁକ୍ତି**

# ପିଆଜ ହେଲାଣି ୬୫

**ମାସକରେ ବଢ଼ିଲାଣି ୨ ଗୁଣା**

**ପରିବା ଦର ଆକାଶଛୁଆଁ ଥିଲାବେଳେ ପିଆଜ ଦର କେଉଁଠି ୬୫ ଟଙ୍କାରେ ବିକ୍ରି ହେଲାଣି। ମାସକ ଭିତରେ ଏହା ଦୁଇଗୁଣା ବଢ଼ିଗଲାଣି। ଲଗାତର ପିଆଜ ଦର ବୃଦ୍ଧି ଯୋଗୁ ସପ୍ତାହକ ମଧ୍ୟରେ ଏହା କିଲୋ ପିଛା ୧୦ରୁ ୧୫ ଟଙ୍କା ବଢ଼ିଗଲାଣି। ଏହାକୁ ନେଇ ଖାଉଟି ଚିନ୍ତାରେ ।**

**ଭୁବନେଶ୍ୱର, ୨୭।୧୦ (ଅନିଲ ଦାସ)**

ମାସକ ତଳେ ପିଆଜ କିଲୋ ୨୫ଟଙ୍କା ଥିବାବେଳେ ଏବେ ତାହା ଦୁଇଗୁଣା ହୋଇ ୫୦ଟଙ୍କାରେ ପହଞ୍ଚିଛି। କେତେକ ସ୍ଥାନରେ ବ୍ୟବସାୟୀ ପିଆଜ କିଲୋ ପିଛା ୬୦ରୁ ୬୫ ଟଙ୍କାରେ ବିକ୍ରି କରୁଛନ୍ତି। ମହାରାଷ୍ଟ୍ରର ନାସିକ୍‌ରେ ପିଆଜ ମହଙ୍ଗା ହୋଇଥିବାରୁ ଏହାର ପ୍ରଭାବ ଓଡ଼ିଶା ଉପରେ ପଡୁଥିବା କୁହାଯାଇଛି।

କାର୍ତ୍ତିକ ମାସ ଆରମ୍ଭ ହେବାକୁ ଯାଉଥିବା ବେଳେ ପରିବା ଦର ଉପରମୁହାଁ ରହିଛି। ଏପରି ସ୍ଥଳେ ପିଆଜ ଦର ବୃଦ୍ଧି ଖାଉଟିଙ୍କ ଚିନ୍ତା ବଢ଼ାଇ ଦେଇଛି। ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ପରିବାରଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଏଥିସହିତ ହୋଟେଲ ଓ ରେଷ୍ଟୁରାଣ୍ଟରେ ମଧ୍ୟ ପିଆଜ ଦର ବୃଦ୍ଧିର ଚାପ ପଡ଼ିଛି।



ଗରିବ ଲୋକଙ୍କ ନିତିଦିନିଆ ଖାଦ୍ୟ ପିଆଜ ହୋଇଥିବାବେଳେ ଦରବୃଦ୍ଧି ସେମାନଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ଭଳି ହୋଇଛି। ସରକାରୀସ୍ତରରେ ମଧ୍ୟ ପିଆଜ ଦର ନିୟନ୍ତ୍ରଣ ନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ବଜାରରେ ଖୁଚୁରା ବ୍ୟବସାୟୀମାନେ ମନଇଚ୍ଛା ଦର ବଢ଼ାଇ ଚାଲିଛନ୍ତି। ଦିନ ମଜୁରିଆ ଚୈତନ୍ୟ ନାହାକ କହିଛନ୍ତି ଯେ ପଖାଳ ସାଙ୍ଗରେ ପିଆଜ ଟିକେ ହେଲେ କାମ ଚଳିଯାଉଛି। କର୍ମସ୍ଥଳରେ ମଧ୍ୟ ଖାଇବା ବେଳେ ପିଆଜ ଦରକାର ହେଉଛି। ଦର ବଢ଼ିବା ଯୋଗୁ ପିଆଜ କିଣି ଖାଇବା ଆମ ପାଇଁ ☞ପୃଷ୍ଠା-୯

# ସମଲିଙ୍ଗୀ ସମ୍ପର୍କକୁ ଅପରାଧୀକରଣ କରିବାକୁ ଉଦ୍ୟମ

**ସରକାରଙ୍କୁ ସୁପାରିସ କରିପାରେ ସଂସଦୀୟ କମିଟି**

**ନୂଆଦିଲ୍ଲୀ, ୨୭।୧୦**

ସୁପ୍ରିମକୋର୍ଟ ୨୦୧୮ରେ ତାଙ୍କର ଐତିହାସିକ ରାୟ ବଳରେ ସମଲିଙ୍ଗୀ ଯୌନ ସମ୍ପର୍କ ଏବଂ ଅନୈତିକ ସମ୍ପର୍କକୁ ଅପରାଧମୁକ୍ତ କରିଥିଲେ। ବ୍ରିଟିଶ ଅମଳର ଭାରତୀୟ ଦଣ୍ଡ ସଂହିତା (ଆଇପିସି) ବଦଳରେ ସରକାର ଆଣିଥିବା ୩ଟି ବିଲ୍‌ର ଅନୁଧ୍ୟାନ କରୁଥିବା ସ୍ୱରାଷ୍ଟ୍ର ବ୍ୟାପାର ସମ୍ପର୍କିତ ସଂସଦୀୟ ଷ୍ଟାଣ୍ଡିଂ କମିଟି ସମଲିଙ୍ଗୀ ସମ୍ପର୍କ ଓ ଅନୈତିକ ସମ୍ପର୍କକୁ ପୁନର୍ବାର ଅପରାଧୀକରଣ କରିବା ଲାଗି ସରକାରଙ୍କୁ ସୁପାରିସ୍ କରିପାରନ୍ତି। ଉକ୍ତ କମିଟି ସହ ଜଡ଼ିତ ଏକ ସୂତ୍ରରୁ ଏହା ଜଣାପଡ଼ିଛି। ଭାରତୀୟ ଦଣ୍ଡ ସଂହିତା, ଦଣ୍ଡ ପ୍ରକ୍ରିୟା ସଂହିତା ଏବଂ ଭାରତୀୟ ତଥ୍ୟ ପ୍ରମାଣ ଆଇନ ପରିବର୍ତ୍ତେ ନୂଆ ଆଇନ ଆଣିବା ପାଇଁ କେନ୍ଦ୍ର ସରକାର ପାର୍ଲାମେଣ୍ଟର ଗତ ମୌସୁମୀ ଅଧିବେଶନ ସମୟରେ ୩ଟି ବିଲ୍ ଆଣିଥିଲେ। ତାହା ହେଲା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ। ଭାଜପା ଏମ୍‌ପି ବ୍ରିଜ୍ ଲାଲ୍‌ଙ୍କ ଅଧ୍ୟକ୍ଷତାରେ ସ୍ୱରାଷ୍ଟ୍ର ବ୍ୟାପାର ସଂସଦୀୟ ସ୍ଥାୟୀ କମିଟି ଉକ୍ତ ବିଲ୍‌ଗୁଡ଼ିକର ତର୍ଜମା କରୁଛି। କମିଟିର ବୈଠକ ଶୁକ୍ରବାର ବସିଥିଲେ ହେଁ ବିଲ୍ ଉପରେ ଚିଠା ସୁପାରିସ୍ ଗୃହୀତ ହୋଇନାହିଁ। ବିରୋଧୀ ସଦସ୍ୟମାନେ ଆଉ ୩ ମାସ ସମୟ ବଢ଼ାଇବାକୁ ଦାବି କରିବାରୁ ପରବର୍ତ୍ତୀ ବୈଠକ ନଭେମ୍ବର ୬ରେ ବସିବାକୁ ସ୍ଥିର ହୋଇଛି।






**ଆଜିର ମନ୍ତବ୍ୟ**

"ନରେନ୍ଦ୍ର ମୋଦି ଭାରତର ପ୍ରଧାନମନ୍ତ୍ରୀ। ସେ ଉଭୟ ହିନ୍ଦୁ ଓ ମୁସଲମାନଙ୍କର। ତେଣୁ ଆସନ୍ତା ଜାନୁୟାରୀ ୨୨ରେ ଅଯୋଧ୍ୟାର ରାମ ଜନ୍ମଭୂମି ପରିସରରେ ନୂତନ ରାମ ମନ୍ଦିର ଉଦ୍‌ଘାଟନ କରିବାକୁ ଆସିବା ଅବସରରେ ପ୍ରଧାନମନ୍ତ୍ରୀ ଧନିପୁର ଗ୍ରାମରେ ପ୍ରସ୍ତାବିତ ମସ୍‌ଜିଦର ଶିଳାନ୍ୟାସ କରନ୍ତୁ।

– ମୁଫ୍‌ତି ହିସ୍‌ବୁଲ୍ଲା ବାଦଶାହ ଖାନ୍, ଜାମିଆତ୍ ଉଲେମା–ଇ–ହିନ୍ଦ୍ ଅଯୋଧ୍ୟା ଶାଖାର ଅଧ୍ୟକ୍ଷ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢୋଲରେ ଚୁଟିଆ ପଶିଚି
ଚକା ଆଖି ସବୁ ଦେଖୁଛି।**

ଗୋପନରେ ଶତ୍ରୁତା ଆଚରଣ। ତେବେ ଯେତେ ଗୋପନରେ ଯାହା ନାଶ କରୁଥିଲେ ମଧ୍ୟ ତା'ପ୍ରତି ବିଶ୍ୱନିୟନ୍ତାଙ୍କ ଆଖି ସବୁବେଳେ ସତର୍କ ଦୃଷ୍ଟି ରଖିଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଢିଙ୍କିରେ କୁଟଇ ଗୋଲମରିଚ ମୁଁ
ପାଆରେ ମାପଇ ଘିଅ
ମୋତେ କହୁଥାଉ ମୂଲିଆ ଝିଅଟା
ତୁ କୋଉ ଜମିଦାର ପୁଅ?**

ଜଣେ ଅନ୍ୟ ଜଣଙ୍କ ଆଗରେ ମିଛ ବଡ଼ଲୋକିଆ ପଣ ଦେଖାଇ ବାହାଦୁରି ନେବାରେ ଲାଭ କିଛି ମିଳି ନ ଥାଏ। ଏପରିସ୍ଥଳେ ଉଭୟ ପୁଅ ଝିଅଙ୍କ ମଧ୍ୟରେ ନିଜ ନିଜ ମର୍ଯ୍ୟାଦାକୁ ନେଇ ଆକ୍ଷେପ ଓ ପ୍ରତିଆକ୍ଷେପ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ୩ ଦାଦନ ଶ୍ରମିକଙ୍କ ସହ ୪ ଶିଶୁ ଉଦ୍ଧାର: ସର୍ଦ୍ଦାର ଗିରଫ

**ବେଲପଡ଼ା,୨୭।୧୦(ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡା ପୋଲିସ ୩ ଦାଦନ ଓ ୪ ଶିଶୁ ଶ୍ରମିକଙ୍କୁ ଶୁକ୍ରବାର ଉଦ୍ଧାର କରିଛି। ଏହା ସହ ଜଣେ ଦାଦନ ସର୍ଦ୍ଦାରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସର୍ଦ୍ଦାର ଜଣକ ହେଲେ ବେଲପଡା ଥାନା କଦଲୀ ଗାଁର ଜପି କୁମ୍ଭାର। ପୋଲିସ କୌଣସି ସୂତ୍ରରୁ ଖବରପାଇ ସକାଳେ ବେଲପଡା ରାମ ମନ୍ଦିର ଛକ ନିକଟରେ ଏକ ବୋଲେରୋ ଗାଡିକୁ ଅଟକାଇଥିଲେ। ଏହି ଗାଡ଼ିରେ ଶ୍ରମିକମାନେ ଯାଉଥିଲେ। ସର୍ଦ୍ଦାର ଜଣକ ବେଆଇନ ଭାବରେ ହାଇଦ୍ରାବାଦର ରଙ୍ଗାରେଡ୍ଡୀ ଅଞ୍ଚଳକୁ ଶ୍ରମିକମାନଙ୍କୁ ଚାଲାଣ କରୁଥିଲେ। ଚାଲାଣ ସମ୍ପର୍କିତ କୌଣସି କାଗଜପତ୍ର ନ ଥିବା ପୋଲିସ ଜାଣିବା ପରେ ସର୍ଦ୍ଦାରଙ୍କୁ ଗିରଫ କରିଥିଲା।

# ପ୍ରେମିକଙ୍କ ଘର ଆଗରେ ପ୍ରେମିକାଙ୍କ ଧାରଣା

## ବୁଝାମଣା କରି ପ୍ରେମିକାଙ୍କୁ ଘରେ ଛାଡ଼ିଲା ପୋଲିସ

**ଦେଓଗାଁ,୨୭।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅଧୀନସ୍ଥ କଲଙ୍ଗାପଡା ବାଙ୍କିଆମୁଣ୍ଡା ଗ୍ରାମରେ ପ୍ରେମିକ ଘର ଆଗରେ ଦୁଇ ଦିନ ଧରି ଧାରଣାରେ ପ୍ରେମିକା ବସିଥିବା ଜଣାପଡ଼ିଛି। ପ୍ରଥମ ଦେଖାରେ ପ୍ରେମ ଓ ଉଭୟ ବାହା ହେବା ବାହାନାରେ ଘରୁ ପଳାଇଗଲେ। ଦୀର୍ଘ ତିନି ମାସ ଧରି ଏକାଠି ରହିବା ପରେ ଉଭୟଙ୍କ ମଧ୍ୟରେ ମତାନ୍ତର ହୋଇ ପ୍ରେମିକାକୁ ଛାଡି ପ୍ରେମିକ ଫେରାର ହୋଇଗଲେ। ପ୍ରେମିକା ପ୍ରେମିକଙ୍କୁ ବହୁ ଖୋଜାଖୋଜି କରି ନ ପାଇବାରୁ ଦେଓଗାଁ ଥାନାକୁ ଆସି ଏତଲା ଦେଇଥିଲେ। ଏହାକୁ ନେଇ ଦେଓଗାଁ ଥାନାରେ ଏକ ମାମଲା ରୁଜୁ ହୋଇଥିବା ପୋଲିସ ସୂଚନା ଦେଇଛି। ପ୍ରେମିକା ଜଣକ ଥାନାରୁ ଏସ୍‌ପି ଅଫିସ ପର୍ଯ୍ୟନ୍ତ ନ୍ୟାୟ ପାଇଁ ଗୁହାରି କରିଥିଲେ। କୌଣସି ସୁଫଳ ନ ପାଇବାରୁ ଶେଷରେ ପ୍ରେମିକଙ୍କ ଘର ଆଗରେ ଗତ ଦୁଇ ଦିନ ଧରି ଧାରଣା ଦେଇଥିଲେ। ପରେ କୌଣସି ସୂତ୍ରରୁ ଖବର ପାଇ ଦାୟିତ୍ୱରେ ଥିବା ଏସ୍‌ଡିପିଓ ଯଶୋବନ୍ତ ପ୍ରଧାନୀ ଓ ଦେଓଗାଁ ଥାନାଧିକାରୀ ତାରାବତୀ ପଧାନ, ବନ୍ଧପଡା ଫାଣ୍ଡି ଅଧିକାରୀ ସୁଦର୍ଶନ ଦୋରା ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବତୀଙ୍କୁ ବୁଝାଶୁଝା କରି ତାଙ୍କ ଘରକୁ ନେଇ ଛାଡିଥିଲେ। ଅଭିଯୁକ୍ତଙ୍କୁ ଅତିଶୀଘ୍ର ଗିରଫ କରିବୁ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଗାଁ ଦାଣ୍ଡରେ ଯୁବକଙ୍କୁ ହତ୍ୟା

## କାତି, ପଥର ଜବତ: ୪ ଅଟକ

**ଶେରଗଡ଼, ୨୭।୧୦(ସୂର୍ଯ୍ୟନାରାୟଣ ଦାଶ)**

ଗଞ୍ଜାମ ଜିଲା ଶେରଗଡ଼ ଥାନା ଅନ୍ତର୍ଗତ ଲାଞ୍ଜିଆପଲି ଗ୍ରାମରେ ଶୁକ୍ରବାର ସକାଳେ ଜଣେ ଯୁବକଙ୍କୁ ଗୋଡ଼େଇ ଗୋଡ଼େଇ ହତ୍ୟା କରାଯାଇଛି। ହତ୍ୟାର ଶିକାର ହୋଇଛନ୍ତି ମଙ୍ଗଳା ଭୂୟାଁ (୨୩)। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ପୋଲିସ ୪ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ହତ୍ୟାରେ ବ୍ୟବହୃତ କାତି ଓ ପଥର ଜବତ କରାଯାଇଛି।

ଶୁକ୍ରବାର ସକାଳେ ମଙ୍ଗଳା ନିଜ ବାଇକ୍ (ଓଡି୩୨ଏଚ୧୨୦୨)ରେ ଘରୁ ଗାଁ ଭିତରକୁ ଯାଉଥିବା ବେଳେ ୪ଜଣ ଯୁବକ ସଂଘବଦ୍ଧ ଭାବେ ତାଙ୍କୁ ଅଟକାଇ ଅତର୍କିତ ଆକ୍ରମଣ କରିଥିଲେ। ପ୍ରଥମେ ଏକ କାତିରେ ତାଙ୍କ ବେକକୁ ଚୋଟ ପକାଇଥିଲେ। ପ୍ରାଣ ବିକଳରେ ସେ ଗାଁ ଦାଣ୍ଡରେ ଦୌଡୁଥିବା ବେଳେ ତାଙ୍କୁ ଗୋଡ଼େଇ ଗୋଡ଼େଇ ଯୁବକମାନେ ଆକ୍ରମଣ କରିଥିଲେ। ସେ ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରିଥିଲେ। ଖବର ପାଇ ଶେରଗଡ଼ ଥାନା ଅଧିକାରୀ ବରେନ୍ଦ୍ର ସିଆଳ ଓ ଆସିକା ଏସ୍‌ଡିପିଓ ଉମାଶଙ୍କର ସିଂ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାସ୍ଥଳରୁ ପଡ଼ିଥିବା ରକ୍ତ ନମୁନା, ହତ୍ୟାର ବ୍ୟବହୃତ କାତି ଓ ପଥର ଜବତ କରିଛନ୍ତି। ମଙ୍ଗଳାଙ୍କ ବାପା କାଳୁ ଭୂୟାଁ ଏ ନେଇ ଏତଲା ଦେଇଛନ୍ତି। ଗ୍ରାମର ବାୟା ଭୂୟାଁ, ପପୁନ ଭୂୟାଁ, ଜୟସେନ ଗୌଡ, ଚନ୍ଦନ ଗୌଡ ସଂଘବଦ୍ଧ ଭାବେ ତାଙ୍କ ପୁଅକୁ ହତ୍ୟା କରିଛନ୍ତି ବୋଲି ଏତଲାରେ ଦର୍ଶାଇଛନ୍ତି। ପୋଲିସ କେସ୍ ନଂ ୫୪୫/୨୩ରେ ମାମଲା ରୁଜୁ କରିବା ସହିତ ଉପରୋକ୍ତ ୪ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ତେବେ ଦଶହରା ଦିନ ମଙ୍ଗଳା ଓ ଉକ୍ତ ୪ ଜଣ ଯୁବକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସେହି ଘଟଣାକୁ ନେଇ ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ଶେରଗଡ ଥାନା ଅଧିକାରୀ କହିଛନ୍ତି।

# ଶିକ୍ଷକଙ୍କ ବଦଳି ପାଇଁ ୨୯ରୁ ଆବେଦନ

**ଭୁବନେଶ୍ୱର, ୨୭।୧୦(ଅସମାପିକା ସାହୁ)**

ଶିକ୍ଷକଙ୍କ ବଦଳି ପାଇଁ ରାଜ୍ୟ ସରକାର ନୂତନ ଗାଇଡ୍‌ଲାଇନ କରିଥିଲେ। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୯ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ନଭେମ୍ବର ୨୯ ତାରିଖ ପର୍ଯ୍ୟନ୍ତ ଇଚ୍ଛୁକ ଶିକ୍ଷକମାନେ ବଦଳି ପାଇଁ ଆବେଦନ କରିପାରିବେ। ଏଥିନିମନ୍ତେ ଟିଚର ଟ୍ରାନ୍ସଫର ପୋର୍ଟାଲ ଖୋଲିବା ପାଇଁ ଶୁକ୍ରବାର ମାଧ୍ୟମିକ ଶିକ୍ଷକ ନିର୍ଦ୍ଦେଶାଳୟ ପକ୍ଷରୁ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଛି। ଏହି ପୋର୍ଟାଲରେ ଶିକ୍ଷକମାନେ ଜିଲା ଭିତରେ ଓ ବାହାରେ ବଦଳି ପାଇଁ ଆବେଦନ କରିବେ। ସୂଚନାଯୋଗ୍ୟ, ୨୦୧୯ ଶିକ୍ଷକ ବଦଳି ନିୟମକୁ ରଜ୍ୟ ସରକାର ପରିବର୍ତ୍ତନ କରିଥିଲେ। ଏନେଇ ଗତ ଅଗଷ୍ଟ ୧୯ତାରିଖରେ ନିର୍ଦ୍ଦେଶାବଳୀ ଜାରି କରିଥିଲେ।

## ପସନ୍ଦର ବିବାହକୁ ବାଧା ଦେଇପାରିବେନି ପରିବାର: ଦିଲ୍ଲୀ ହାଇକୋର୍ଟ




# ଆଜି ଚନ୍ଦ୍ରଗ୍ରହଣ: ଶ୍ରୀମନ୍ଦିରରେ ହେବ ସ୍ୱତନ୍ତ୍ର ନୀତି

**ପୁରୀ ୨୭।୧୦(ଅଜିତ୍ ମହାନ୍ତି)**

- ଚାରି ଆଶ୍ରମକୁ ବିଜେ କରିବେ ଚକ୍ରରାଜ ସୁଦର୍ଶନ
- ଲକ୍ଷ୍ମୀଙ୍କ ସହ ପଶା ଖେଳି ହାରି ବନ୍ଧାପଡ଼ିବେ ନାରାୟଣ

ଶନିବାର ବିଳମ୍ବିତ ରାତିରେ ଆଂଶିକ ଚନ୍ଦ୍ରଗ୍ରହଣ ହେବ। ଶ୍ରୀମନ୍ଦିରରେ କୁମାର ପୂର୍ଣ୍ଣିମା ପାଳନ ସହ ଚନ୍ଦ୍ରଗ୍ରହଣ ପାଇଁ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ। ପୁରୀକୁ ଶନିବାର ରାତ୍ର ୧ଟା ୪ମିନିଟ୍ ୪୫ ସେକେଣ୍ଡରେ ଗ୍ରହଣ ସ୍ପର୍ଶ କରିବ। ଗ୍ରହଣ ସର୍ବମୋକ୍ଷ ରାତ୍ରି ୨ଟା ୨୪ ମିନିଟ୍ ୨ ସେକେଣ୍ଡ। ଅର୍ଥାତ ଗ୍ରହଣର ଅବଧି ୧ଘଣ୍ଟା ୧୯ ମିନିଟ ୭ସେକେଣ୍ଡ। ଗ୍ରହଣର ୯ ଘଣ୍ଟା ପୂର୍ବରୁ ଅର୍ଥାତ୍ ଦିବା ୪ଟା ୪ ମିନିଟ୍ ୫୫ ସେକେଣ୍ଡଠାରୁ ରାତ୍ର ୨ଟା ୨୪ମିନିଟ ୨ସେକେଣ୍ଡ ପର୍ଯ୍ୟନ୍ତ ପାକତ୍ୟାଗ, ଅନ୍ନ ଭୋଜନ ଓ ଦେବନୀତି ନିଷିଦ୍ଧ ରହିବ। ଚନ୍ଦ୍ରଗ୍ରହରକୁ ଦୃଷ୍ଟିରେ ରଖି ଶୁକ୍ରବାର ରାତି ୨ଟାରେ ଶ୍ରୀମନ୍ଦିର ଦ୍ୱାରଫିଟା ପରେ ଭିତରଶୋଧ କରାଯାଇ ମଙ୍ଗଳ ଆଳତି, ମଇଲମ, ତଡ଼ପ ଲାଗି, ଅବକାଶ ନୀତି ପରେ ଶନିବାର ଭୋର ୪.୩୦ରୁ ୫.୩୦ ମଧ୍ୟରେ ରାଧାଦାମୋଦର ବେଶ ସରିବ। ଏହାପରେ ଅନ୍ୟାନ୍ୟ ନୀତି ହୋଇ ସକାଳ ୬.୩୦ରୁ ୭.୩୦ ମଧ୍ୟରେ ସକାଳ ଧୂପ, ୮ଟାରୁ ୮.୩୦ ମଧ୍ୟରେ ବାଲଧୂପ ସରିବ। ଅପରାହ୍ଣ ୨ଟାରେ ସୁଦର୍ଶନ ବିଜେ ହେବେ। ସନ୍ଧ୍ୟା ୬ଟାରେ ସୁଦର୍ଶନ ବାହୁଡ଼ା ବିଜେ ହେବେ। ସନ୍ଧ୍ୟା ୭ଟାରେ ତଡ଼ପ ଉତରି ଲାଗି କରାଯାଇ ନୀତି ସ୍ଥଗିତ ରଖାଯିବ। ରାତି ୨ଟାରେ ଗ୍ରହଣ ମହାସ୍ନାନ ଶେଷ ହେବ। ପରେ ମଇଲମ, ରୋଷହୋମ, ସୂର୍ଯ୍ୟପୂଜା, ବେଶ ଶେଷ ହୋଇ ଖଇକୋରା ଭୋଗ ହେବ। ଏହାପରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ। ସେହିପରି ପରମ୍ପରା ଅନୁଯାୟୀ, ସୁଦର୍ଶନ ଶ୍ରୀକ୍ଷେତ୍ରର ଚାରି ଆଶ୍ରମ ବିଜେ କରିବେ। ସୁଦର୍ଶନଙ୍କ ଶ୍ରୀମନ୍ଦିର ବାହୁଡ଼ା ପରେ ମହାଲକ୍ଷ୍ମୀ ମନ୍ଦିରର ଜଗମୋହନକୁ ମଦନ ମୋହନ ଓ ଶ୍ରୀଦେବୀ ବିଜେ କରିବେ। ସେଠାରେ ପାରମ୍ପରିକ ପନ୍ତି ଭୋଗ ପରେ ମଦନ ମୋହନ ଓ ଶ୍ରୀଦେବୀ ଲକ୍ଷ୍ମୀନାରାୟଣ ଭାବେ ହେଙ୍ଗୁଳ, କଉଡ଼ି, ରୁପା କଉଡ଼ି, ପଶା ଓ ଶକଟା ଆଦି ବାଜିମରା ଖେଳ ବା ଜୁଆ ଖେଳିବେ। ସେଠାରେ ପୁଣି ଶୀତଳ ମଣୋହୀ ପରେ ଗର୍ଭଗୃହକୁ ପ୍ରତ୍ୟାବର୍ତ୍ତନ କରିବେ। ବଡ଼ସିଂହାର ନୀତି ପରେ ରତ୍ନସିଂହାସନ ଉପରେ ଶ୍ରୀଜଗନ୍ନାଥ ଦ୍ୱିତୀୟ ଥର ଜୁଆ ଖେଳି ହାରିଯିବାରୁ ତାଙ୍କ ପ୍ରତିନିଧି ମାଧବଙ୍କୁ ସର୍ତ୍ତମୂଳକ ଭାବେ ୭ଦିନ ମହାଲକ୍ଷ୍ମୀ ନିଜ ମନ୍ଦିରରେ ଅଟକ ରଖିବେ। ଅନ୍ୟପକ୍ଷରେ ଶୃଙ୍ଖଳିତ ଭାବେ ନୀତି ସମ୍ପନ୍ନ କରିବାକୁ ସେବାୟତମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।



# ଉତ୍ପାଦ ବଢ଼ିଛି, ରାଜସ୍ୱ କମୁଛି

**ଯୋଡ଼ା,୨୭।୧୦(ମାନସ ମହାନ୍ତି)**



- ଆଇବିଏମ୍ ଖଣି ନୀତି ଯୋଗୁ କ୍ଷତି ସହୁଛି ରାଜ୍ୟ
- ଏମ୍‌ସିଡିଆର ରୁଲ୍‌ରେ ସଂଶୋଧନ ଲୋଡ଼ା

ଓଡ଼ିଶାର ପ୍ରମୁଖ ଉତ୍ସ ଖଣିରୁ ରାଜସ୍ୱର ସିଂହ ଭାଗ ଆଦାୟ ହୋଇଥାଏ। ମାତ୍ର କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ(ଆଇବିଏମ୍) ଖଣିଜ ମୂଲ୍ୟର ଯେଉଁ ମୂଲ୍ୟାଙ୍କନ କରୁଛି ତା' ଦ୍ୱାରା ରାଜ୍ୟ ସରକାର ବ୍ୟାପକ କ୍ଷତି ସହୁଛନ୍ତି। ଖଣି ଖନନ(ଉତ୍ପାଦ) ବୃଦ୍ଧି ପାଉଥିଲେ ସୁଦ୍ଧା ତଦନୁଯାୟୀ ରାଜ୍ୟକୁ ରାଜସ୍ୱ ମିଳୁ ନ ଥିବା ଏକ ଅନୁସନ୍ଧାନରୁ ଜଣାପଡ଼ିଛି।

ପ୍ରକାଶ ଯେ, ୨୦୨୧–୨୨ରେ ଓଡ଼ିଶା ପ୍ରାୟ ୫୦ହଜାର କୋଟି ଟଙ୍କା ଖଣି ରାଜସ୍ୱ ପାଇଥିବା ବେଳେ ୨୦୨୨–୨୩ ଆର୍ଥିକ ବର୍ଷରେ ପ୍ରାୟ ୩୭ ହଜାର କୋଟି ଟଙ୍କା ପାଇଥିଲା। ଯେବେ କି କେବଳ ଯୋଡ଼ା ଖଣି ମଣ୍ଡଳରୁ ୨୦ଲକ୍ଷ ମେଟ୍ରିକ ଟନ୍ ଖଣିଜ ୨୦୨୨–୨୩ରେ ଡେସ୍‌ପାଚ ବା ଅଧିକ ପରିବହନ ହୋଇଥିଲା। ଖଣିଜ ପରିବହନ ଅଧିକ ହେବା ସତ୍ତ୍ୱେ ରାଜସ୍ୱ କମ୍ ହୋଇଥିଲା। ଓଡ଼ିଶାର ସମସ୍ତ ଖଣିରୁ ଉତ୍ପାଦିତ ଖଣିଜର ପରିମାଣ ଓ ମୂଲ୍ୟକୁ ଆଧାର କରି ଖଣି ରାଜସ୍ୱ ନିର୍ଦ୍ଧାରଣ ହୋଇଥାଏ। ଏହା ମିନେରାଲ କନ୍‌ଜରଭେଶନ ଆଣ୍ଡ ଡେଭଲପମେଣ୍ଟ ରୁଲସ୍(ଏମ୍‌ସିଡିଆର) ରୁଲ୍ ୨୦୧୭ ଅନୁଯାୟୀ ଆଇବିଏମ ନିର୍ଦ୍ଧାରଣ କରୁଛି। ବିଭିନ୍ନ ଖଣିର ଖଣିଜର ମୂଲ୍ୟ ସମାନ ନ ଥିବାରୁ ଏହାର ଆଭରେଜ ବା ହାରାହାରି ଆନୁପାତିକ ନିର୍ଦ୍ଧାରିତ ମୂଲ୍ୟ ଆଇବିଏମ ନିର୍ଦ୍ଧାରଣ କରିଥାଏ, ଯାହା ରାଜସ୍ୱ ହ୍ରାସର ମୂଳ କାରଣ ବୋଲି ବିଭାଗୀୟ ସୂତ୍ରରୁ ଜାଣିବାକୁ ମିଳିଛି।

ଯୋଡ଼ା ଖଣି ମଣ୍ଡଳରେ ଥିବା ୯୪ଖଣିରୁ ୩୧ଟି ଖଣି ଚାଲୁଥିବାବେଳେ ୫୭ଟି ଖଣି ବନ୍ଦ ଅଛି ଓ ୬ଟି ଖଣିକୁ ଟେମ୍ପରାରି ଡେସ୍‌ପାଚ ଅର୍ଡର ମିଳିଛି। ଯୋଡ଼ା ଖଣି ମଣ୍ଡଳରୁ ୨୦୨୧– ୨୨ରେ ୭୧ ମିଲିୟନ ମେଟ୍ରିକ୍ ଟନ୍ ଖଣିଜ ବିକ୍ରିରୁ ପ୍ରାୟ ୨୫ହଜାର କୋଟି ଟଙ୍କା ରାଜସ୍ୱ ମିଳିଥିଲା। ହେଲେ ୨୦୨୨–୨୩ ଆର୍ଥିକ ବର୍ଷରେ ୭୨ମିଲିୟନ ମେଟ୍ରିକ ଟନ୍ ଖଣିଜ ବିକ୍ରି ହୋଇ ପୂର୍ବ ରାଜସ୍ୱ ଆଦାୟଠାରୁ ପ୍ରାୟ ୯ହଜାର କୋଟି ଟଙ୍କା କମ୍ ମିଳିଛି। ଖଣିରୁ ଉତ୍ତୋଳିତ ବଡ଼ ଖଣ୍ଡ ଲୁହାପଥର ବା ଲମ୍ପସ୍ ଓର୍‌ର ମୂଲ୍ୟ ଆଇବିଏମ ନିର୍ଦ୍ଧାରଣ କରି ନ ଥିବାରୁ ବିଭିନ୍ନ ଖଣି କମ୍ପାନୀ ବଡ଼ ଲୁହାପଥର ବା ଲମ୍ପସକୁ ଆକାରରେ ପରିବର୍ତ୍ତନ କରି ବା ସାଇଜ୍ କ୍ୟାଲିବୋରେରେଡ୍ ଓର୍‌ରେ ରୂପାନ୍ତରିତ କରି ପ୍ରାୟ ଟନ୍ ପିଛା ୭ ହଜାର ଟଙ୍କାରେ ବିକ୍ରି କରୁଛନ୍ତି। ଫଳରେ ରଜସ୍ୱ ଆଦାୟ ପୂର୍ବାପେକ୍ଷା କମ୍ ରହିଛି।

ଏହା ଏପ୍ରିଲ ୨୦୨୨ରୁ ଚାଲିଥିବାବେଳେ ୨୦୨୨ପୂର୍ବରୁ ଲୁହାପଥର ଲମ୍ପସ୍‌ର ମୂଲ୍ୟ ପ୍ରାୟ ୯,୧୦୦ ଟଙ୍କା ଟନ୍ ପିଛାଥିଲା। ମୂଲ୍ୟରେ ପରିବର୍ତ୍ତନ ହେତୁ ରାଜସ୍ୱ ହ୍ରାସ ପାଇଛି। ରାଜସ୍ୱ ହ୍ରାସ ପାଇବାରୁ ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେଶନ(ଡିଏମ୍ଏଫ୍), ନ୍ୟାଶନାଲ ମିନେରାଲ ଏକ୍ସପ୍ଲୋ ରେଶନ ଟ୍ରଷ୍ଟ (ଏନ୍ଏମ୍ଇଟି) ହ୍ରାସ ପାଉଛି। ଏତଦ୍ ବ୍ୟତୀତ ଅକ୍ସନ ମାଧ୍ୟମରେ ଖଣି ହାତେଇ ଥିବା ଲିଜ୍‌ଧାରୀମାନେ ସରକାରଙ୍କୁ ଦେଉଥିବା ପ୍ରିମିୟମ ଅର୍ଥ ମଧ୍ୟ ପ୍ରଭାବିତ ହେଉଛି। ଏଥିଯୋଗୁ ଖଣି ପ୍ରଭାବିତ ଅଞ୍ଚଳ ପାଇଁ ଆଦାୟ ହେଉଥିବା ଡିଏମ୍ଏଫ୍ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ୨୦୨୧–୨୨ରେ ୧,୮୦୫ କୋଟି ଆଦାୟ ହୋଇଥିବାବେଳେ ୨୦୨୨– ୨୩ ରେ ପୂର୍ବ ଆର୍ଥିକ ବର୍ଷ ଅନୁପାତରେ ଏହା ହ୍ରାସ ପାଇ ୧,୩୦୦କୋଟି ଟଙ୍କା ଆଦାୟ ହୋଇଥିଲା। ସେହିପରି ୨୦୨୩–୨୪ ଆର୍ଥିକ ବର୍ଷରେ ଏଯାବତ୍ ମାତ୍ର ୭୮୦ କୋଟି ଟଙ୍କା ଆଦାୟ ହୋଇଥିବା ବିଭାଗୀୟ ସୂଚନା ମିଳିଛି।

ଏ ନେଇ ଖଣିବିଶେଷଜ୍ଞ ଜ୍ୟୋତିରଞ୍ଜନ ରାଉତ କହିଛନ୍ତି, ୨୦୨୦ ପରେ ନୂତନ ଖଣି ନୀତି ପ୍ରଣୟନ କରି ଖଣିର ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ୨୦୨୦ରେ ନୂତନ ନୀତି ଲାଗୁ ହୋଇଥିଲେ ମଧ୍ୟ ଏମ୍‌ସିଡିଆର ରୁଲ୍ ୨୦୧୭ରେ ଅପରିବର୍ତ୍ତିତ ରହିଥିଲା, ଯାହାକି ବର୍ତ୍ତମାନ ପରିପ୍ରେକ୍ଷୀରେ ରାଜସ୍ୱ ଆଦାୟରେ ପ୍ରତିବନ୍ଧକ ସାଜିଛି। ଓଡ଼ିଶା ଖଣି ନିଗମର ଲୁହାପଥର ବିକ୍ରି ମୂଲ୍ୟକୁ ଆନୁପାତିକ ମୂଲ୍ୟ ନିର୍ଦ୍ଧାରଣ ହିସାବ ଓ ଖଣି ଗୁଡ଼ିକରୁ ଉତ୍ତୋଳିତ ଖଣିଜର ବିକ୍ରି ନିଲାମ ମାଧ୍ୟମରେ ହେଲେ ରାଜସ୍ୱ ବୃଦ୍ଧି ପାଇବ। ରାଜ୍ୟ ସରକାରଙ୍କ ଖଣି ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ଆଇବିଏମ୍ ମଧ୍ୟରେ ସମନ୍ୱୟ ରକ୍ଷା କରି ଏମ୍‌ସିଡିଆର ରୁଲ୍ ୨୦୧୭ରେ ସଂଶୋଧନ କରାଯାଇ ରାଜ୍ୟର ସମୂହ ସ୍ୱାର୍ଥକୁ ଦୃଷ୍ଟି ଦେବା ଉଚିତ୍ ବୋଲି ରାଉତ କହିଛନ୍ତି।

# ହାତୀ ଆକ୍ରମଣରେ ଚାଷୀ, ବୃଦ୍ଧଙ୍କ ମୃତ୍ୟୁ

**ଭଞ୍ଜନଗର,୨୭।୧୦(ବାବୁଲା ପ୍ରଧାନ)**

ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ମୁଜାଗଡ଼ ରେଞ୍ଜ ଗୁଣ୍ଡିରିବାଡ଼ିରେ ଗୁରୁବାର ବିଳମ୍ବିତ ରାତିରେ ହାତୀ ଆକ୍ରମଣରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚୁନା ଗୌଡ଼ (୫୫)। ହାତୀପଲ ଆକ୍ରମଣରୁ ଆଉ ୨ଜଣ ଚାଷୀ ଗୋପାଳ ନାୟକ ଓ ଧୋବା ନାୟକ ବର୍ତ୍ତି ଯାଇଥିଲେ ମଧ୍ୟ ତଳେପଡ଼ି ସାମାନ୍ୟ ଆହତ ହୋଇଛନ୍ତି। ପୋଲିସ ଶୁକ୍ରବାର ଚୁନାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଥିଲା। ଡିଏଫଓ ସୁଦର୍ଶନ ବେହେରା, ଏସିଏଫ୍ ବିକ୍ରମ ଦେବ ପଟ୍ଟନାୟକ, ରେଞ୍ଜର କୁମର ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ୧୭ ଟିକିଆ ହାତୀପଲ ଗୁଣ୍ଡିରିବାଡ଼ି ଗାଁମୁହାଁ ହୋଇଥିଲେ। ଗ୍ରାମବାସୀ ହାତୀ ଘଉଡ଼ାଇବା ପାଇଁ ବାହାରିଥିଲେ। ହାତୀ ଚଳପ୍ରଚଳ ଉପରେ ନଜର ରଖିଥିବା ବନ କର୍ମଚାରୀ ସେମାନଙ୍କୁ ବାରଣ କରିଥିଲେ ମଧ୍ୟ ଚାଷୀମାନେ ନିଜ ଫସଲ ବଞ୍ଚାଇବା ପାଇଁ ହାତୀ ଘଉଡାଇବାକୁ ଜମିକୁ ଯାଇଥିଲେ। ମଧ୍ୟରାତିରେ ହାତୀପଲ ଗୋଡ଼ାଇବାରୁ ଚାଷୀମାନେ ଦୁଇଭାଗ ହୋଇ ଦୌଡ଼ିଥିଲେ। ଗୋପାଳ ଓ ଧୋବା ଏକ ଖାଲୁଆ ଜାଗାରେ ଲୁଚି ନିଜ ଜୀବନ ବଞ୍ଚାଇଥିବା ବେଳେ ଚୁନାଙ୍କୁ ହାତୀପଲ ଦଳିଦେଇ ଜଙ୍ଗଲକୁ ଚାଲିଯାଇଥିଲେ। ଗ୍ରାମବାସୀ ଶୁକ୍ରବାର ଭୋରରେ ବନ କର୍ମଚାରୀଙ୍କ ସହ ମିଶି ଘଟଣାସ୍ଥଳକୁ ଯାଇ ଚୁନାଙ୍କ ମୃତଦେହ ଠାବ କରିଥିଲେ। ମୃତକଙ୍କ ପରିବାରକୁ ୬ଲକ୍ଷ ଟଙ୍କା ସହାୟତା ରାଶି ଦିଆଯିବ। ପ୍ରାରମ୍ଭିକ ସହାୟତା ଭାବେ ୬୦ ହଜାର ଟଙ୍କା ଦେବା ବ୍ୟବସ୍ଥା ହୋଇଥିବା ଡିଏଫଓ ବେହେରା କହିଛନ୍ତି। ସୂଚନାଯୋଗ୍ୟ, ଘୁମୁସର ଉତ୍ତର ବନଖଣ୍ଡ ଏବଂ ଦକ୍ଷିଣ ବନଖଣ୍ଡରେ ଶୁକ୍ରବାର ସୁଦ୍ଧା ୭୭ଟି ହାତୀ ଥିବା ଜଣାପଡ଼ିଛି। ସନ୍ଧ୍ୟା ହେଲେ ସେମାନେ ଜଙ୍ଗଲ ନିକଟବର୍ତ୍ତୀ ଗାଁମୁହାଁ ହୋଇ ବ୍ୟାପକ ଫସଲ କ୍ଷତି କରୁଛନ୍ତି।

**ପାଟଣାଗଡ଼, ୨୭।୧୦(ପ୍ରହ୍ଲାଦ ପାଢ଼ୀ)**

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ପୁଡାପଦର ଗ୍ରାମରେ ଶୁକ୍ରବାର ଅପରାହ୍ଣରେ ଦନ୍ତା ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ବଳରାମ ହୋତା (୬୦)। ଭରତବାହାଲରୁ ପୁଡାପଦର ରାସ୍ତା ପାର୍ଶ୍ୱ ଏକ କପା କିଆରିରେ ବଳରାମଙ୍କୁ ହାତୀ ଗୋଡ଼ରେ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ବଳରାମଙ୍କ ମୃତ୍ୟୁ ଘଟିଥିଲା। ଘଟଣା ସମ୍ପର୍କରେ ଅଭିଯୋଗ ପାଇ ଲରମ୍ଭା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ପାଟଣାଗଡ଼ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କୌଣସି ଅସୁବିଧା ନ ଥିଲେ ମଧ୍ୟ ପରିବାରର କିଛି ବ୍ୟତିକ୍ରମକୁ ନେଇ ଚିନ୍ତା ପ୍ରକଟ କରିବେ। ପରସ୍ପର ପଡୁ ନ ଥିବା ଭାଇଙ୍କ କଥା ମନକୁ ଆନ୍ଦୋଳିତ କରିପାରେ। ପରକୁ ଦେଇଥିବା ଅର୍ଥକୁ କେନ୍ଦ୍ରକରି ସମସ୍ୟା ଦେଖାଦେଇପାରେ। ଅପରାହ୍ନେ ବନ୍ଧୁଙ୍କ ଆଗମନରେ କିଛି ସମୟ ଅତିବାହିତ କରି ଖୁସି ରହିବେ।

**ବୃଷ** ବିଭିନ୍ନ ପ୍ରକାରର ଘରୋଇ ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇ ବ୍ୟତିବ୍ୟସ୍ତ ହୋଇପାରନ୍ତି। ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପୂର୍ବ ଯୋଜନା ଅନୁଯାୟୀ କାମ କରି କିଛିଟା ସଫଳତା ମଧ୍ୟ ପାଇବେ। ମଧୁର କଥା ଦ୍ୱାରା ଅନ୍ୟକୁ ଆପ୍ୟାୟିତ କରି କାମ ହାସଲ କରିବେ।

**ମିଥୁନ** ଅସୁବିଧାବଶତଃ କେତେକ କାମ ଅଟକିରହିଥିବା କାରଣରୁ ସେହିକଥା ଭାବି ଭାବି ଅନ୍ୟମନସ୍କ ରହିପାରନ୍ତି। ପରିବାରରେ ମତାନ୍ତରରୁ ବିତର୍କ ସୃଷ୍ଟି ଜନିତ ଅଶାନ୍ତ ରହିପାରନ୍ତି। ଅର୍ଥାଭାବ ହେତୁ କେତେକ କାମ ପୂର୍ଣ୍ଣାଙ୍ଗ ହେବା କଷ୍ଟକର ହୋଇପଡିବ। ଆତ୍ମୀୟମାନଙ୍କ ବେଖାତିର ମନୋଭାବ ହେତୁ କ୍ଷୁବ୍ଧ ହୋଇପାରନ୍ତି।

**କର୍କଟ** ଆଜିର ଯାତ୍ରା, ଆଲୋଚନା, ବନ୍ଧୁ ସମ୍ପର୍କ ଦିଗରୁ ଦିନଟି ଭଲ ରହିବ। କର୍ମକ୍ଷେତ୍ରରେ ଅସୁବିଧା ଭୋଗିବେ ଏବଂ କାରଣ ନ ଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହେବେ। ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ। କଳା, ସାହିତ୍ୟରେ ଉନ୍ନତି କରିବେ ଏବଂ ବାଣିଜ୍ୟ, ବ୍ୟବସାୟରେ ଲାଭବାନ ହେବେ।

**ସିଂହ** ଆଜି ଅଫିସରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ଅନେକାଂଶରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ।

**କନ୍ୟା** ଅନ୍ୟମାନଙ୍କଠାରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ। ଆପଣଙ୍କ ଅନୁରୋଧ ରକ୍ଷାକରି ବନ୍ଧୁମାନେ ଆବଶ୍ୟକୀୟ ସହଯୋଗ କରିବେ। ବନ୍ଧୁଙ୍କ ସହ ଆଲୋଚନା ପରେ କର୍ମକ୍ଷେତ୍ରରେ ରହିଥିବା ଟେନସନ୍ ଦୂର ହେବ।

**ତୁଳା** ଆଜି ପରିବାରରେ ଅଶାନ୍ତି, ପରିବହନରେ ଝଗଡ଼ା, ବ୍ୟବସାୟରେ କ୍ଷତି, ଯାନବାହନରୁ ଆଘାତର ଆଶଙ୍କା ଦେଖାଦେଇପାରେ। କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ବିଶୃଙ୍ଖଳିତ ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି। ଅଫିସରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ବିଛା** ବହୁତ ଚେଷ୍ଟା କଲେ ମଧ୍ୟ ଅଭିଳାଷ ପୂରଣ ନ ହୋଇପାରିବାରୁ ମନ ଭଲ ରହିବ ନାହିଁ। ଈର୍ଷାଳୁ ବ୍ୟକ୍ତିଙ୍କ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଆଜି ଘରକୁ ଫେରିବା ସମୟରେ କିଛି ମୂଲ୍ୟବାନ ଜିନିଷ ଆଣି ପାରନ୍ତି। ବନ୍ଧୁମାନଙ୍କଠାରୁ ମିଥ୍ୟା ଗୁଜବ ଶୁଣି ଆତଙ୍କିତ ହୁଅନ୍ତୁ ନାହିଁ।

**ଧନୁ** ବିବାଦୀୟ ଘଟଣା ପରିପ୍ରେକ୍ଷୀରେ ଘର ଅପେକ୍ଷା ବାହାର ଲୋକମାନେ ଆପଣଙ୍କ ପକ୍ଷ ସମର୍ଥନ କରିବେ। ବ୍ୟବସାୟରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ଅଫିସରେ କୌଣସି ବ୍ୟକ୍ତିଠାରୁ କିଛି କଥା ଶୁଣି ନିଜ ଲୋକଙ୍କୁ ଭୁଲ୍ ବୁଝିବେ।

**ମକର** ସମ୍ପର୍କୀୟ ଲୋକମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁମାନଙ୍କର ଅସହଯୋଗଜନିତ କେତେକ କାମ ବିଶୃଙ୍ଖଳିତ ହୋଇପାରେ। ବ୍ୟବସାୟରେ ଅନ୍ୟମାନଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ପରସ୍ପର ମତପାର୍ଥକ୍ୟ କାରଣରୁ ପାରିବାରିକ ଶାନ୍ତି ପାଇବେ ନାହିଁ।

**କୁମ୍ଭ** ଆଜି ଯାହା ଚିନ୍ତା କରୁଛନ୍ତି ତାହା ସହଜରେ କରିବାରେ କୌଣସି ଅସୁବିଧା ହେବନାହିଁ। ଅନ୍ୟମାନଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ। ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି। ମାନସିକ ଯନ୍ତ୍ରଣା କେତେକାଂଶରେ ବନ୍ଧୁଙ୍କ ଆଶ୍ୱାସନାରୁ ଉପଶମ ହେବ।

**ମୀନ** ଆଜି କର୍ମ କ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ। ବହୁତ ଖଟଣି ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ପିଲାଙ୍କ ପଢ଼ାକୁ ନେଇ ଚିନ୍ତା ବଢ଼ିଯାଇପାରେ।

ଆଜି କୁମାର ପୂର୍ଣ୍ଣିମା, ଗଜଲକ୍ଷ୍ମୀ ପୂଜା, ଜହ୍ନିଓଷା ସମାପ୍ତ, ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ଶ୍ରୀସୁଦର୍ଶନ ଦେବଙ୍କ ଆଶ୍ରମ ବିଜେ, ଅକ୍ଟୋବର ୨୮, ଶନିବାର, ଗଣକବି ବୈଷ୍ଣବପାଣି ଜୟନ୍ତୀ, ଅଦ୍ୟ ରାହୁଗ୍ରସ୍ତ ଖଣ୍ଡଗ୍ରାସ ଚନ୍ଦ୍ର ଗ୍ରହଣ, (ପୁରୀକୁ ଗ୍ରହଣ ସ୍ପର୍ଶ ରାତ୍ରି ଘ.୦୧।୦୪।୪୮ ସେକେଣ୍ଡ, ସର୍ବମୋକ୍ଷ–ଘ. ୦୨।୨୩।୩୦ ସେକେଣ୍ଡ, ଦିବା ଘ. ୦୪।୦୪।୪୮ ସେକେଣ୍ଡରୁ ପାକତ୍ୟାଗ, ଚନ୍ଦ୍ରୋଦୟ ପରେ ଚନ୍ଦ୍ରପୂଜା ଏବଂ ଗ୍ରହଣ ସର୍ବମୋକ୍ଷ ପରେ ଗଜଲକ୍ଷ୍ମୀ ପୂଜା କରଣୀୟ), ରାଶିନକ୍ଷତ୍ର–ଅଶ୍ୱିନୀ/ମେଷ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୭.୨୦ମି. ଗତେ ଘ.୦୮.୩୯ମି. ମଧ୍ୟେ, ଘ ୧୧.୫୩ମି. ଗତେ ଘ.୧୨.୫୫ମି. ମଧ୍ୟେ ଶୁଦ୍ଧଶୁଭ ବେଳା। ଦିବା ଘ.୦୮.୩୯ମି.ଗତେ ଘ..୧୦.୦୫ମି. ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI



# ସଙ୍ଗୀତ ନିର୍ଦ୍ଦେଶକ ସ୍ୱରୂପ ନାୟକଙ୍କ ପରଲୋକ

**କଟକ,୨୭।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)**

ଓଡ଼ିଶାର ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ସ୍ୱରୂପ ନାୟକଙ୍କ ଶୁକ୍ରବାର ଦେହାନ୍ତ ହୋଇଛି। କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କୁ ୭୬ ବର୍ଷ ହୋଇଥିଲା। ଦୀର୍ଘଦିନ ଧରି ସେ ଗଳା କର୍କଟ

## ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ଶୋକ

ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ଥିଲେ। ବହୁ ଓଡ଼ିଆ ଚଳଚ୍ଚିତ୍ରରେ ସେ ସଙ୍ଗୀତ ନିର୍ଦ୍ଦେଶନା ଦେବା ସହ ଅନେକ ଚଳଚ୍ଚିତ୍ରରେ ସେ ନିଜ ଅଭିନୟର ଯାଦୁ ଦେଖାଇଛନ୍ତି। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ପ୍ରକାଶ କରିଛନ୍ତି।




ଓଡ଼ିଆ ଆଧୁନିକ ସଙ୍ଗୀତ ଜଗତରେ ଅନ୍ୟତମ ସ୍ରଷ୍ଟା ଭାବେ ସ୍ୱରୂପ ବେଶ୍ ପରିଚିତ। ୧୯୪୭ ଫେବୃୟାରୀ ୮ ତାରିଖରେ ପିତା ବାସୁଦେବ ଓ ମାତା ସେବତୀଙ୍କଠାରୁ ଜନ୍ମ ହୋଇଥିବା ସ୍ୱରୂପ ଏକାଧାରାରେ ଜଣେ ସଙ୍ଗୀତକାର, ଗୀତିକାର, ପ୍ରଚ୍ଛଦପଟ୍ଟ ଗାୟକ ଓ ଅଭିନେତା ଥିଲେ। ସ୍ୱରୂପଙ୍କ ସ୍ତ୍ରୀ ନୀହାରିକା ଜଣେ ଅଭିନେତ୍ରୀ। ଦୁଇ ଝିଅ ନିବେଦିତ ଡାକ୍ତର ଓ ନିଦ୍ରା ଜଣେ ଲେଖିକା। ୧୯୬୨ ମସିହାରେ ରିଲିଜ୍ ହୋଇଥିବା 'ଜୟଦେବ' ଚଳଚ୍ଚିତ୍ରରେ ସ୍ୱରୂପ ଶିଶୁ କଳାକାର ଭାବେ ଅଭିନୟ କରିଥିଲେ। ବଡ଼ ହେବା ପରେ ସ୍ୱରୂପ ସତୀ ଅନସୂୟା, ସୁନା ସଂସାର, କଳାମାଣିକ, କଣ୍ଢେଇ ଆଖିରେ ଲୁହ, ଯଶୋଦା ଆଦି ଓଡ଼ିଆ ଚଳଚ୍ଚିତ୍ରରେ ଅଭିନେତା ଭାବେ ନଜର ଆସିଥିଲେ। ୪୦ରୁ ଅଧିକ ଓଡ଼ିଆ ଚଳଚ୍ଚିତ୍ର ପାଇଁ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଶ୍ରେଷ୍ଠ ସଙ୍ଗୀତକାର ଭାବରେ ସେ ଦୁଇଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ସେ ୩୦ଟି ଫିଲ୍ମ ପାଇଁ ଗୀତ ଲେଖିଥିଲେ। ୧୯୮୪ ମସିହାର ଓଡ଼ିଆ ଚଳଚ୍ଚିତ୍ର 'ହୀରାନୀଳା'ରେ ସେ ପ୍ରଥମେ ସଙ୍ଗୀତ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ସଙ୍ଗୀତ ନିର୍ଦ୍ଦେଶିତ କେତେକ ଉଲ୍ଲେଖନୀୟ ଛବି ମଧ୍ୟରେ ଲାଲ୍‌ପାନ ବିବି, ବଗଲା ବଗୁଲୀ, ଲକ୍ଷେ ଶିବ ପୂଜି ପାଇଛି ପୁଅ, ଯଶୋଦା,

☞ପୃଷ୍ଠା-୯



ଆନ୍ଧ୍ର ପ୍ରଦେଶ ସରକାରଙ୍କ ଦ୍ୱାରା ଆୟୋଜିତ ସ୍ୱାସ୍ଥ୍ୟସେବା ଶିବିରରେ ନାମ ପଞ୍ଜୀକରଣ ଲାଗି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଧୂଳିପଦର ଗ୍ରାମରେ ଲୋକଙ୍କ ଭିଡ।

# ପଟ୍ଟାଙ୍ଗିରେ 'ଜଗନ୍ ସୁରକ୍ଷା ଆରୋଗ୍ୟ'

**ପଟ୍ଟାଙ୍ଗି,୨୭।୧୦(ଶରତ ଧଳ)**

ଓଡ଼ିଶା ସୀମାନ୍ତ ଗ୍ରାମଗୁଡିକ ଉପରୁ ଆନ୍ଧ୍ରପ୍ରଦେଶ ନଜର ହଟାଉନାହିଁ। ଏନେଇ ବାରମ୍ବାର ଆନ୍ଧ୍ରକୁ ତାଗିଦ କରାଗଲେ ମଧ୍ୟ କିଛି ଫରକ ପଡୁନାହିଁ। ବିଭିନ୍ନ ସମୟରେ ଓଡ଼ିଶାର ସୀମାନ୍ତ ଗ୍ରାମଗୁଡିକରେ ବାରମ୍ବାର ଅନୁପ୍ରବେଶ କରି ଆନ୍ଧ୍ର ନିଜର ସ୍ଥିତି ଜାହିର କରୁଛି। ବିଭିନ୍ନ ସ୍ଥାନରେ ମେଗା ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରୁଥିବା ଦେଖିବାକୁ ମିଳୁଛି। ଶୁକ୍ରବାର ଏପରି କିଛି ଦୃଶ୍ୟ ପୁଣି ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତର ଧୂଳିପଦର ଗ୍ରାମରେ। ଆନ୍ଧ୍ରର ପାର୍ବତୀପୁରମ୍ ମାନ୍ୟମ୍ ଜିଲା ପ୍ରଶାସନ ନିର୍ଦ୍ଦେଶରେ ସାଲୁର ବ୍ଲକ ପ୍ରଶାସନ ଓଡ଼ିଶାର କୋଟିଆ ପଞ୍ଚାୟତର ଧୂଳିପଦର ଗ୍ରାମରେ 'ଜଗନ୍ ସୁରକ୍ଷା ଆରୋଗ୍ୟ' ନାମରେ ମେଗା ସ୍ୱାସ୍ଥ୍ୟସେବା ଶିବିର କରିଛି। ଏଥିରେ ୫ଶହରୁ ଊର୍ଦ୍ଧ୍ୱ ଲୋକ ନାମ ପଞ୍ଜୀକରଣ କରି ସ୍ୱାସ୍ଥ୍ୟସେବା ପାଇଛନ୍ତି। ସାଲୁର ବ୍ଲକ ପ୍ରଶାସନ ତଥା ବିଡିଓ ଜି.ପାର୍ବତୀଙ୍କ ନେତୃତ୍ୱରେ ହୋଇଥିବା ଏହି ସ୍ୱାସ୍ଥ୍ୟସେବା ଶିବିରରେ ମୁଖ୍ୟ ଅତିଥି ରୂପେ ଏସ୍‌ଟି କମିଶନ ଅଧ୍ୟକ୍ଷ ଡି.ଶଙ୍କର ରାଓ ଯୋଗଦେଇ ସୀମାନ୍ତ ଗ୍ରାମବାସୀ ଯେପରି ଉଚିତ ସ୍ୱାସ୍ଥ୍ୟସେବା ପାଇପାରିବେ ସେ ନେଇ ଗୁରୁତ୍ୱାରୋପ କରିଥିଲେ।

ଅନ୍ୟପକ୍ଷରେ ସୀମାନ୍ତ ଗ୍ରାମରେ ଲୋକେ କିପରି ଆନ୍ଧ୍ର ସ୍ୱାସ୍ଥ୍ୟସେବାକୁ ଗ୍ରହଣ କରୁଛନ୍ତି ସେନେଇ ସମ୍ପ୍ରତି ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡି.ଶ୍ରୀନିବାସ ରାଓ, ଉପସାଂସଦ ରେଡ୍ଡୀ ସୁରେଶ କୁମାର,

☞ପୃଷ୍ଠା-୯



"ଆମର ଏଇ ସାଧାରଣ ମାନବୀୟ ସ୍ତରରୁ ଊର୍ଦ୍ଧ୍ୱକୁ ଉଠିଥିବା ଯେକୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ- ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି। ଏବଂ ଯେକୌଣସି ମନୁଷ୍ୟ ମଧ ଇଚ୍ଛା ବା ସଂକଳ୍ପ କଲେ- ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ। -ଶ୍ରୀଅରବିନ୍ଦ



# ସିବିଆଇରେ ଅଧିକ ନିଯୁକ୍ତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସରକାର ଶେଷରେ ଭାରତର ପ୍ରମୁଖ ଗୋଇନ୍ଦା ଏବଂ ତଦନ୍ତକାରୀ ସଂସ୍ଥାଗୁଡ଼ିକରେ ଦୀର୍ଘଦିନର ସମସ୍ୟାକୁ ସମାଧାନ କରିବାକୁ ଚେଷ୍ଟା କରୁଛନ୍ତି। ବର୍ତ୍ତମାନ ସର୍ବନିମ୍ନ ୫ ବର୍ଷ ସେବା କରିଥିବା ଅଧିକାରୀମାନେ ଏବେ ରିସର୍ଚ୍ଚ ଆଣ୍ଡ୍ ଆନାଲିସିସ ୱିଙ୍ଗ(ଆର୍‌ଆଣ୍ଡଏଡବ୍ଲ୍ୟୁ), ଇଣ୍ଟେଲିଜେନ୍ସ ବ୍ୟୁରୋ(ଆଇବି), ନ୍ୟାଶନାଲ ଇଣ୍ଟେଲିଜେନ୍ସ ଏଜେନ୍ସି(ଏନ୍‌ଆଇଏ)ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)ରେ ପ୍ରବେଶ ପାଇଁ ଯୋଗ୍ୟ ହେବେ। ସିବିଆଇକୁ ବାଦ୍ ଦେଲେ ପୂର୍ବରୁ ଅନ୍ୟସବୁ ସଂସ୍ଥାରେ ଏହି ମାନଦଣ୍ଡ ଲାଗୁ କରାଯାଇଥିଲା। ଏହି ନୀତି ସିବିଆଇରେ ପ୍ରବେଶ ଲାଗି ଏସ୍‌ପି ର୍‍ୟାଙ୍କ ଅଧିକାରୀମାନଙ୍କ ପାଇଁ ପଥ ଉନ୍ମୁକ୍ତ କରିଛି। ସିବିଆଇରେ ଲଗାତର ଅଧିକାରୀଙ୍କ ଅଭାବ ତାହାର କାର୍ଯ୍ୟଦକ୍ଷତାରେ ବହୁ ବାଧା ସୃଷ୍ଟିକରିଛି। ଚଳିତ ମାସ ସୁଦ୍ଧା ୭୩ଟି ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ୪୨ଟି ଏସ୍‌ପି ସ୍ତରୀୟ ପଦବୀ ଖାଲିଥିଲା। ସମସ୍ତ ୧୭ଟି ସଂସ୍ଥା ମଧ୍ୟରେ ଏହା ହେଉଛି ସର୍ବୋଚ୍ଚ ପଦବୀ ହାର। ଏହାପରେ ଆଇବିରେ ସମାନ ପଦବୀରେ ୩୨ଟି ଖାଲି ରହିଛି। ଏସ୍‌ପି ସ୍ତରର ଅଧିକାରୀମାନେ ମାମଲା ତଦାରଖ କରନ୍ତି ଏବଂ ସିଧାସଳଖ ଜଡ଼ିତ ହେଉଥିବାରୁ ଅନୁସନ୍ଧାନରେ ସେମାନଙ୍କର ସର୍ବାଧିକ ଗୁରୁତ୍ୱ ରହିଛି। ହେଲେ ସିବିଆଇ ହାଇ ପ୍ରୋଫାଇଲ ମାମଲା ପରିଚାଳନା କରୁଥିବାରୁ ଏସ୍‌ପି ସ୍ତରରେ ଖାଲିଥିବା ପଦବୀଗୁଡ଼ିକ ଏଜେନ୍ସିର ଦୁର୍ନୀତି ନିବାରଣ କାର୍ଯ୍ୟରେ ବାଧା ସୃଷ୍ଟି କରିଆସୁଛି। ଆଇବି ସେହିପରି ଆଇଜି, ଏଡିଜି ଏବଂ ଡିଜି ର୍‍ୟାଙ୍କ୍‌କୁ ସାମିଲ କରି ଏହାର କ୍ୟାଡରକୁ ସମ୍ପ୍ରସାରିତ କରିଛି। ପୂର୍ବରୁ ଏହା ଏସ୍‌ପି ଓ ଡିଆଇଜି ର୍‍ୟାଙ୍କ୍‌ରେ ସୀମିତ ଥିଲା। ଏହି ନବୀକରଣ ନୀତି ମଧ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ନିଯୁକ୍ତି ଚୟନର ପରିବର୍ତ୍ତନକୁ ପ୍ରତିଫଳିତ କରେ। ପ୍ରତ୍ୟେକ ରାଜ୍ୟ ଏକ କେନ୍ଦ୍ରୀୟ ଡେପୁଟେଶନ କୋଟା ନିର୍ଦ୍ଦିଷ୍ଟ କରେ, ଯାହା କେନ୍ଦ୍ର ସରକାରଙ୍କ ଦାୟିତ୍ୱ ପାଇଁ ତାଲିମପ୍ରାପ୍ତ ଏବଂ ଅଭିଜ୍ଞ ଅଧିକାରୀମାନଙ୍କୁ ଯୋଗାଇବା ସକାଶେ ଅତିରିକ୍ତ ନିଯୁକ୍ତି ଆବଶ୍ୟକ କରେ।

### ଅଧିକାରୀ ହେବେ ରଥ ପ୍ରଭାରୀ

ଆସନ୍ତା ମାସରୁ ଆୟକର, କଷ୍ଟମ୍ସ, କେନ୍ଦ୍ରୀୟ ଏକ୍ସାଇଜ, ଅଡିଟ ଏବଂ ଆକାଉଣ୍ଟ, ଜଙ୍ଗଲ, ଡାକ, ଟେଲିକମ ଏବଂ ଅନ୍ୟାନ୍ୟ କ୍ଷେତ୍ର ସହିତ ଏକ ଡଜନ ସହଯୋଗୀ କେନ୍ଦ୍ର ସରକାରୀ ସେବାର ଅଧିକାରୀମାନେ 'ରଥ ପ୍ରଭାରୀ' ବା ସ୍ୱତନ୍ତ୍ର ଅଧିକାରୀ ଭାବରେ ଏକ ନିଆରା ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି। ଆସନ୍ତାବର୍ଷ ଜାନୁୟାରୀ ପର୍ଯ୍ୟନ୍ତ ଦେଶବ୍ୟାପୀ ଯାତ୍ରା ଚାଲିବ। ଗତ ନଅ ବର୍ଷ ମଧ୍ୟରେ ମୋଦି ସରକାରଙ୍କ କୃତିତ୍ୱ ପ୍ରଦର୍ଶନ କରିବା ଉଦ୍ଦେଶ୍ୟ ନେଇ ସ୍ୱତନ୍ତ୍ର ସଜ୍ଜିତ ରଥରେ ଏହି ଯାତ୍ରା ପ୍ରାୟ ୨.୬୯ ଲକ୍ଷ ଗ୍ରାମପଞ୍ଚାୟତ ଭ୍ରମଣ କରିବ। ୨୦୧୪ରୁ ମୋଦି ସରକାର ତାଙ୍କର ଜନକଲ୍ୟାଣ କାର୍ଯ୍ୟକ୍ରମ ବିଷୟରେ ଜନସାଧାରଣଙ୍କୁ ଜଣାଇବା ଲାଗି ଅମଲାତନ୍ତ୍ରୀମାନଙ୍କୁ ସ୍ଥିର କରିଛନ୍ତି। ଏହା ହେଉଛି ପ୍ରଥମ ଉଦାହରଣ, ଯେଉଁଥିରେ ଆଲାଏଡ ସର୍ଭିସରୁ ବହୁ ସଂଖ୍ୟକ ଅଧିକାରୀଙ୍କୁ ସରକାରଙ୍କ ସଫଳତାକୁ ସାମ୍ନାକୁ ଆଣିବା ଲାଗି ସଂଗଠିତ କରାଯାଇଛି। ବିକାଶ ସଙ୍କଳ୍ପ ଯାତ୍ରା ନାମକ ଏହି ଅଭିଯାନରେ ବିଭିନ୍ନ ଆଲାଏଡ୍ ସର୍ଭିସରୁ ମୋଟ ୧୭୦ ବାବୁ ଅଂଶଗ୍ରହଣ କରିବେ ବୋଲି ସୂତ୍ରରୁ ପ୍ରକାଶ। ବିରୋଧୀ ଦଳଗୁଡ଼ିକ ଏହି ନିଷ୍ପତ୍ତିକୁ ସନ୍ଦେହରେ ଗ୍ରହଣ କରୁଛନ୍ତି ଏବଂ ରାଜନୈତିକ ପ୍ରଚାର ପାଇଁ ସରକାରୀ କର୍ମଚାରୀଙ୍କୁ ନିୟୋଜିତ କରାଯିବା ଉପରେ ପ୍ରଶ୍ନ କରିଛନ୍ତି। ସମାଲୋଚକମାନେ ମତ ଦିଅନ୍ତି ଯେ, ବ୍ୟୁରୋକ୍ରାଟ୍‌ମାନଙ୍କୁ ରଥ ପ୍ରଭାରୀ ଭାବରେ ନିୟୋଜିତ କରିବା ଭୋଟରଙ୍କୁ ଅତ୍ୟଧିକ ପ୍ରଭାବିତ କରିବ। ଇଣ୍ଡିଆ ମେଣ୍ଟର ନେତାମାନେ ଏହି ଆଦେଶ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। କେତେଜଣ ପୂର୍ବତନ ବାବୁଙ୍କ ସମେତ ବିଶେଷଜ୍ଞମାନେ ସ୍ୱଚ୍ଛତା, ନୈତିକ ଶାସନ ଏବଂ ଲୋକଙ୍କ ଧାରଣାକୁ ନେଇ ଏହି ନିଷ୍ପତ୍ତିର ଗମ୍ଭୀର ନିହିତାର୍ଥକୁ ଦର୍ଶାଇ କହିଛନ୍ତି, ଏହି ପ୍ରସଙ୍ଗ ଉପରେ ସମୀକ୍ଷା ଚାଲିବ ଏବଂ ଏହା ବିତର୍କର ବିଷୟ ହୋଇ ରହିବ।

### ଜି୨୦ ଘୋଷଣାର କାର୍ଯ୍ୟାନ୍ୱୟନ

ଜି୨୦ର ବହୁଆଡ଼ମ୍ବର ତଥା ଆକର୍ଷଣୀୟ କାର୍ଯ୍ୟକ୍ରମ ସ୍ମୃତିପଟରୁ କ୍ଷୀଣ ହୋଇ ଆସୁଥିବାବେଳେ ଆହୁରି ଅନେକ କାର୍ଯ୍ୟ କରିବାକୁ ବାକି ଅଛି। ନିକଟରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଡ. ପି.କେ. ମିଶ୍ର ଏକ ଉଚ୍ଚସ୍ତରୀୟ ବୈଠକ କରି ଦିଲ୍ଲୀରେ ଜି୨୦ ନେତାଙ୍କ ଘୋଷଣାନାମାକୁ ବାସ୍ତବ କାର୍ଯ୍ୟରେ ପରିଣତ କରିବା ଲାଗି ସମୀକ୍ଷା କରିଛନ୍ତି। ବୈଠକରେ ନୀତି ଆୟୋଗର ଉପାଧ୍ୟକ୍ଷ, ଜି୨୦ର ପଥ ପ୍ରଦର୍ଶକ, ଜି୨୦ ମୁଖ୍ୟ ସଂଯୋଜକ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଓ ଅର୍ଥନୈତିକ ବ୍ୟାପାର ବିଭାଗ (ଡିଇଏ) ର ବରିଷ୍ଠ ଅଧିକାରୀମାନେ ଥିଲେ। ସୂଚନାନୁସାରେ ଦୃଢ଼, ସ୍ଥାୟୀ, ସନ୍ତୁଳିତ ତଥା ସମ୍ମିଳିତ ଅଭିବୃଦ୍ଧିଠାରୁ ଆରମ୍ଭ କରି ଆତଙ୍କବାଦ ତଥା ମନି ଲଣ୍ଡରିଂ ବିରୋଧୀ ବିଷୟ ଉପରେ ସାତୋଟି ୱେବିନାର୍ ବା ଅନ୍‌ଲାଇନ ସେମିନାର ଆୟୋଜନ କରିବାକୁ ପ୍ରସ୍ତାବ ଦିଆଯାଇଛି। ୱେବିନାର୍‌ଗୁଡ଼ିକ ସମ୍ପୃକ୍ତ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ହେବ। ଏହାର ଲକ୍ଷ୍ୟ ହେଉଛି ନୂଆଦିଲ୍ଲୀ ନେତାଙ୍କ ଘୋଷଣାର ଫଳପ୍ରଦ କାର୍ଯ୍ୟାନ୍ୱୟନ ପାଇଁ କ୍ଷେତ୍ର ବିଶେଷଜ୍ଞଙ୍କ ଠାରୁ ଅନ୍ତର୍ନିହିତ ସୂଚନା ଆଣିବା ଏବଂ କାର୍ଯ୍ୟକାରୀ ପ୍ରକ୍ରିୟା ଜାରି ରହିଛି ବୋଲି ନିଶ୍ଚିତ କରିବାକୁ ଏକ ଉଚ୍ଚ ସ୍ତରୀୟ ସମୀକ୍ଷା ପଦ୍ଧତି ସ୍ଥାପନ କରିବା। ଆଗାମୀ ଜି୨୦ ଭର୍ଚୁଆଲ ଶିଖର ସମ୍ମିଳନୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପ୍ରସ୍ତାବିତ ଏକ ପଦକ୍ଷେପ ବା ଯୋଜନା ବୋଲି ଡ. ମିଶ୍ର କହିଥିଲେ। ତେବେ ଏବକାର ସରକାର ଆଗାମୀ ନିର୍ବାଚନ ଉପରେ ଅଧିକ ଗୁରୁତ୍ୱ ଦେଉଥିବାରୁ ଶାସନ ପ୍ରସଙ୍ଗରେ କେତେ ସମୟ ଉତ୍ସର୍ଗ କରିବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

Email: dilipcherian@gmail.com

# କିଶୋରୀ ଦଳର ବଳ



ବିଚିତ୍ର ବିଶ୍ୱାଳ

ସ୍ୱୟଂ ସହାୟକ ଦଳ ଜରିଆରେ ନିୟମିତ ଭାବେ ବୈଠକ ବସି, ସଞ୍ଚୟ କରି, ବ୍ୟାଙ୍କରୁ ଋଣ ନେଇ ଛୋଟ ବ୍ୟବସାୟ ବା ଉଦ୍ୟୋଗ ଧନ୍ଦା କରି ମହିଳାମାନେ ନିଜର ଆର୍ଥିକ ପରିସ୍ଥିତିକୁ ସୁଧାରିବାରେ ଯଥେଷ୍ଟ ଅଗ୍ରଗତି କରିପାରିଛନ୍ତି। ସ୍ୱୟଂ ସହାୟକ ଦଳର ପରିଣାମ କେବଳ ମହିଳାମାନଙ୍କର ଆର୍ଥିକ ପ୍ରଗତିରେ ସୀମିତ ରହିନାହିଁ। ସାମାଜିକ ଓ ରାଜନୈତିକ ବିକାଶ କ୍ଷେତ୍ରରେ ମଧ କେତେକାଂଶରେ ପରିବର୍ତ୍ତନ ଆସିଛି। ମହିଳା ସ୍ୱୟଂ ସହାୟକ ଦଳକୁ ପ୍ରୋତ୍ସାହନ ଦେବାରେ ଓଡ଼ିଶା ଯଥେଷ୍ଟ ଆଗରେ ଅଛି। ମହିଳାମାନଙ୍କ ପରି ଆଉ ଗୋଟେ ପ୍ରଚୁର ସମ୍ଭାବନା ଥିବା ଗୋଷ୍ଠୀ ହେଉଛନ୍ତି କିଶୋରୀ ବାଳିକା। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ, ଗାଁ ଗହଳିର ଲକ୍ଷ ଲକ୍ଷ କିଶୋରୀ ବାଳିକାଙ୍କ ମଧ୍ୟରେ ଥିବା ସାମର୍ଥ୍ୟକୁ ଏପର୍ଯ୍ୟନ୍ତ ଠିକ୍ ଭାବେ ଉପଯୋଗ କରାଯାଇପାରି ନାହିଁ। ସରକାରଙ୍କ ତରଫରୁ କେବଳ କିଶୋରୀଙ୍କର ସ୍ୱାସ୍ଥ୍ୟ ଓ ପୁଷ୍ଟିର ଉନ୍ନତି କରିବା ପାଇଁ କିଛି କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ସେଥିରେ କିଶୋରୀମାନଙ୍କର ସଂପୂର୍ଣ୍ଣ କ୍ଷମତା କାର୍ଯ୍ୟରେ ଲାଗିପାରୁନାହିଁ। କେବଳ କିଛି ସ୍ୱେଚ୍ଛାସେବୀ ସଙ୍ଗଠନ କିଶୋରୀମାନଙ୍କର ସାମର୍ଥ୍ୟକୁ କାର୍ଯ୍ୟରେ ଲଗେଇବା ପରି କାମରେ ଜଡ଼ିତ ଅଛନ୍ତି। ଯେଉଁଥିରୁ ଅନେକ ସକାରାତ୍ମକ ଫଳ ମିଳୁଥିବା ବେଳେ ଭବିଷ୍ୟତ ପାଇଁ ଏକ ବଡ଼ ସମ୍ଭାବନାର ଆଶା ଜାଗ୍ରତ ହେଉଛି। ଓଡ଼ିଶାର କେତୋଟି ଜିଲାରେ କିଶୋରୀ ବାଳିକାମାନଙ୍କର ଦଳଗତ ପ୍ରୟାସ ସେମାନଙ୍କର ସ୍ୱାସ୍ଥ୍ୟ ଓ ପୁଷ୍ଟି ସୁରକ୍ଷାକୁ ନିଶ୍ଚିତ କରୁଥିବା ସହିତ ଲିଙ୍ଗଗତ ବିଭେଦତାକୁ ମଧ୍ୟ କମ୍ କରିବାରେ ସହାୟକ ହେଉଛି।

ପରିବାରର ଆର୍ଥିକ ସ୍ୱଚ୍ଛଳତା ନ ଥିବାରୁ ଗଜପତି ଜିଲା ନୂଆଗଡ଼ ବ୍ଲକ୍‌ର ଆଲିସିଂହ ଗ୍ରାମର ପ୍ରିୟଙ୍କାର ପାଠପଢ଼ାକୁ ତା'ର ପରିବାର ଅଧାରୁ ବନ୍ଦ କରିଦେଇଥିଲେ। ପ୍ରିୟଙ୍କାର ପଢ଼ିବାକୁ ଇଚ୍ଛା ଥାଇ ମଧ ପରିସ୍ଥିତି ସାମ୍ନାରେ ହାର୍ ମାନି ତା'ର ପାଠ ପଢ଼ିବାର ସ୍ୱପ୍ନ ଅଧା ରହିଗଲା। କିନ୍ତୁ ଏହି ଭଙ୍ଗା ସ୍ୱପ୍ନକୁ ନେଇ ପ୍ରିୟଙ୍କା ଅଧିକ ଦିନ ଚୁପ୍ ରହିଲା ନାହିଁ। ଯେତେବେଳେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରେରଣାରେ ଗାଁ'ର କିଶୋରୀମାନେ ନିଜ ଭିତରେ ଗୋଟେ ଦଳ ଗଠନ କରି ନିୟମିତ ବୈଠକ କଲେ, ପ୍ରିୟଙ୍କା ସେହି ଦଳର ସଦସ୍ୟ ହେଲା ଓ ନିଜ ଇଚ୍ଛା କଥା ଦଳରେ ପ୍ରକାଶ କରିବାକୁ



ସାହସ ଜୁଟେଇ ପାରିଲା। ଦଳର ସାଥୀମାନଙ୍କ ସହାୟତାରେ ପ୍ରିୟଙ୍କା ନିଜ ଅମାନିଆ ପରିବାର ଲୋକଙ୍କୁ ବୁଝେଇବାରେ ସମର୍ଥ ହେଲା ଓ ପୁଣି ଥରେ ପାଠପଢ଼ା ଆରମ୍ଭ କଲା। ଯେଉଁ ପ୍ରିୟଙ୍କା ଅଧାରୁ ପାଠ ଛାଡ଼ିଥିବା ଯୋଗୁ ହୁଏତ କମ୍ ବୟସରେ ବାହା ହୋଇ ନିଜ ଜୀବନକୁ ବିପନ୍ନ କରିଥା'ନ୍ତା, ସେ ଆଜି ୟୁନିଫର୍ମ ପିନ୍ଧି ହାତରେ ବହି ଖାତା ଧରି ସ୍କୁଲ୍ ଯାଉଛି। ସେହିପରି ଆର.ଉଦୟଗିରି ବ୍ଲକ୍ ଶବରପଲ୍ଲୀ ପଞ୍ଚାୟତର ରାମପୁର ଗାଁ'ର କିଶୋରୀ ବାଳିକାମାନେ ସଂପ୍ରତି ଏକ ନୂଆ ଇତିହାସ ତିଆରି କରିଛନ୍ତି। ସେମାନଙ୍କ ମଧ୍ୟରେ ଦୀର୍ଘ ଦିନରୁ ଥିବା ସ୍ୱପ୍ନ ଏବେ ସଫଳ ହୋଇଛି। ରାମପୁର ଗ୍ରାମର କିଶୋରୀ ଦଳର ସଭ୍ୟମାନେ ପ୍ରଥମ ଥର ପାଇଁ ନିଜ ଭିତରେ ଏକ କ୍ରିକେଟ ପ୍ରତିଯୋଗିତା କରିବାରେ ସଫଳ ହୋଇପାରିଛନ୍ତି। ଗାଁ ଗହଳିରେ ପୁରୁଷମାନଙ୍କର ଖେଳ ଭାବେ ପରିଗଣିତ ହେଉଥିବା କ୍ରିକେଟ୍ ଖେଳି ସେମାନେ ତାଙ୍କ ସମାଜରେ ଥିବା ଲିଙ୍ଗଗତ ବିଭେଦତାକୁ କମ୍ କରିବା ଦିଗରେ ଏକ ସଫଳ ପଦକ୍ଷେପ ନେଇଛନ୍ତି। ଝିଅମାନଙ୍କ ମଧ୍ୟରେ ଥିବା ଅଫୁରନ୍ତ ଉତ୍ସାହ, ସାହସ ଓ କିଶୋରୀ ଦଳର ବଳ ଯୋଗୁ ଏପରି ଏକ ଐତିହାସିକ ପଦକ୍ଷେପ ସମ୍ଭବ ହୋଇପାରିଲା। କେବଳ ଏତିକି ନୁହେଁ, ଅବାରସିଂହ ପଞ୍ଚାୟତର ପଦ୍ମପୁର ଗ୍ରାମର କିଶୋରୀମାନେ ପୁଅମାନଙ୍କ ସହିତ ମିଶି କବାଡ଼ି ମଧ ଖେଳିବାର ଦେଖାଯାଉଛି। ତୃଣମୂଳସ୍ତରରେ ଲିଙ୍ଗଗତ ବିଭେଦତାକୁ ଦୂର କରିବାରେ ଏହିପରି ଛୋଟ ଛୋଟ ପଦକ୍ଷେପର ବହୁତ ଭୂମିକା ଅଛି। ରାୟଗଡ଼ ବ୍ଲକ୍‌ର ପୋଡ଼ାର, ଲୋବା, ଡମ୍ବଲ ଓ ଲକ୍ଷ୍ମୀପୁର ପଞ୍ଚାୟତର କିଶୋରୀମାନେ ଦଳବଦ୍ଧ ହୋଇ ସ୍ଥାନୀୟ ବନପାଳଙ୍କଠାରୁ ଚାରା ସଂଗ୍ରହ କରି ଗତ ସ୍ୱାଧୀନତା ଦିବସରେ ନିଜ ଗାଁ'ର ଖାଲି ସ୍ଥାନମାନଙ୍କରେ ବୃକ୍ଷରୋପଣ କରିଛନ୍ତି। ଏହି ବ୍ଲକ୍‌ର ଏକ ଆଦିବାସୀବହୁଳ ଗ୍ରାମ ଗୋଟାସାହିର ଶିବାନୀ କାର୍ଜୀ, ଚିଲିକା କାର୍ଜୀ ଓ ଗାୟତ୍ରୀ କାର୍ଜୀ ଷଷ୍ଠ ଶ୍ରେଣୀରେ ସ୍କୁଲ୍‌ର ଡ୍ରପଆଉଟ୍ ହୋଇ ଘରେ ରହିଯାଇଥିଲେ। କିଶୋରୀ ଦଳ ଯୋଗୁ ସଂପ୍ରତି ସେମାନେ ପୁନର୍ବାର ସ୍କୁଲ୍‌କୁ ଫେରିଛନ୍ତି। ମୋହନା ବ୍ଲକ୍‌ର ମେରାପଲ୍ଲୀ ପଞ୍ଚାୟତର ପନ୍ଦର ବର୍ଷୀୟା ଅନିତା ମଲ୍ଲିକ କୁହନ୍ତି, କିଶୋରୀ ଦଳ ପାଇଁ ମୋ' ଭିତରେ ସାହସ ଓ ନେତୃତ୍ୱ ନେବାର ଦକ୍ଷତା ବଢ଼ିପାରିଛି। ପୂର୍ବରୁ ଆମ ଘରେ ମୋ' ପାଇଁ ବହୁତ ପ୍ରକାର ପ୍ରତିବନ୍ଧକ ଥିଲା। କିନ୍ତୁ ମୁଁ ସାହସ କରି ମୋ ପରିବାର ଲୋକମାନଙ୍କ ସହିତ କଥାବାର୍ତ୍ତା କରି ଏବେ ସେହି ସବୁ ପ୍ରତିବନ୍ଧକକୁ କମ୍ କରିବାରେ ସଫଳ ହୋଇପାରିଛି। ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍‌ର ଆଙ୍କୁଲପଦର ଗ୍ରାମର କିଶୋରୀ ବାଳିକାମାନେ ଦଳ ବଦ୍ଧ ହୋଇ ନିଜ ସ୍ୱାସ୍ଥ୍ୟ ଓ ପୁଷ୍ଟିର ସୁରକ୍ଷା ପାଇଁ ନିୟମିତ ଭାବେ ଅଙ୍ଗନୱାଡ଼ି ଓ ଆଶା ଦିଦିଙ୍କ ସହିତ ଆଲୋଚନା କରି ସରକାରୀ ସୁବିଧା ଯଥା ଲୌହ ବଟିକା, ଖୁସି ସାନିଟାରୀ ନାପ୍‌କିନ୍ ଆଦି ଠିକ୍ ଭାବେ ପାଇବାରେ ସକ୍ଷମ ହୋଇପାରିଛନ୍ତି। ବିଷମକଟକର ବରଡ଼ାଗୁଡ଼ା ଗ୍ରାମର ଷୋହଳ ବର୍ଷୀୟା ଗୀତା, ମୋହନାର ସତର ବର୍ଷୀୟା ମମତା ସଂଘର୍ଷ କରି ଓ କିଶୋରୀ ଦଳର ସହାୟତାରେ ନିଜର କମ୍ ବୟସରେ ବାହାଘରକୁ ବନ୍ଦ କରିପାରିଛନ୍ତି। କାଶିପୁର ରେଙ୍ଗା ପଞ୍ଚାୟତର ଡୁମେଲ୍ ଓ ଚମ୍ପାଯୋଡ଼ି ଗ୍ରାମର କିଶୋରୀ ଦଳ କମ୍ ବୟସରେ ବିବାହ ବନ୍ଦ କରିବା ପାଇଁ ଏକ ରାଲି କରି ସରପଞ୍ଚଙ୍କୁ ଜଣାଇଥିଲେ ଓ ସମଗ୍ର ପଞ୍ଚାୟତରେ କମ୍ ବୟସରେ ବିବାହ ବନ୍ଦ ପାଇଁ ସରପଞ୍ଚଙ୍କଠାରୁ ପ୍ରତିଶ୍ରୁତି ଆଦାୟ କରିଛନ୍ତି। ମୁନିଗୁଡ଼ା ବ୍ଲକ୍‌ର କିଶୋରୀମାନେ ପୁଷ୍ଟି ବଗିଚା କରି ନିଜର ଖାଦ୍ୟ ବିବିଧତା ବଢ଼ାଇବା ସହିତ ପରିବାରର ଖାଦ୍ୟ ବିବିଧତା ବଢ଼ାଇବାରେ ସକ୍ଷମ ହୋଇପାରିଛନ୍ତି। କିଶୋରୀମାନଙ୍କର ସଫଳତାର କାହାଣୀ କେବଳ ଏତିକି ଘଟଣାରେ ସୀମିତ ନାହିଁ। ଏହି ତାଲିକା ବହୁତ ଲମ୍ବା। ସାରା ଓଡ଼ିଶାର ଭିନ୍ନ ଭିନ୍ନ ସ୍ଥାନରେ କିଶୋରୀମାନେ ଦଳବଦ୍ଧ ହୋଇ ନିଜର ସ୍ୱାସ୍ଥ୍ୟ ଓ ପୁଷ୍ଟି ସୁରକ୍ଷା ପାଇଁ ପଦକ୍ଷେପ ନେବା ସହିତ କମ୍ ବୟସରେ ବିବାହ ବନ୍ଦ କରୁଛନ୍ତି, ଅଧାରୁ ପାଠ ଛାଡ଼ିଥିବା କିଶୋରୀମାନଙ୍କୁ ପୁନଶ୍ଚ ସ୍କୁଲ୍ ପ୍ରେରଣ କରୁଛନ୍ତି ଓ ଲିଙ୍ଗଗତ ବିଭେଦତା କମ୍ କରିବା ପାଇଁ ଚମତ୍କାର ପଦକ୍ଷେପମାନ ନେଉଛନ୍ତି।

ଅପପୁଷ୍ଟି ଚକ୍ରକୁ ଭାଙ୍ଗିବା ପାଇଁ କିଶୋରୀ ବୟସ ଏକ ଗୁରୁତ୍ୱପୂର୍ଣ୍ଣ ଅବସ୍ଥା। କିଶୋରୀ ଅବସ୍ଥାରେ ଠିକ୍ ଭାବେ ପଦକ୍ଷେପ ନିଆଗଲେ ଅପପୁଷ୍ଟିକୁ ପରାସ୍ତ କରିବା ସହଜ ହେବ। ସମାଜରେ ଲିଙ୍ଗଗତ ବିଭେଦତାକୁ କମ୍ କରିବାକୁ ହେଲେ ଆମକୁ କିଶୋରୀ ଅବସ୍ଥାରେ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରିବାକୁ ହେବ। ଏବେ ସମୟ ଆସିଛି, କିଶୋରୀମାନଙ୍କ ମଧ୍ୟରେ ଥିବା ପ୍ରଚଣ୍ଡ ସାମର୍ଥ୍ୟକୁ ସେମାନଙ୍କର ତଥା ସମାଜର ବିକାଶ ପାଇଁ କାମରେ ଲଗେଇବାକୁ ହେବ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ: ୯୪୩୮୪୬୮୪୭୪

# ଗୀତାଭିନୟ ଯୁଗର ସ୍ରଷ୍ଟା



ବିମଳ ପ୍ରସନ୍ନ ଦାସ

ମଧ୍ୟଯୁଗୀୟ ସାହିତ୍ୟରେ ସଙ୍ଗୀତ ଏତେ ନିବିଡ଼ ଓ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ଯେ ଗୋଟିଏ ଜଳର ଗଭୀରତା ହେଲେ ଅନ୍ୟଟି ତା'ର ନୀଳିମା। ସେ ଯୁଗର କବିମାନଙ୍କର କାବ୍ୟକୃତି ଏହାର ଯଥାର୍ଥତା ପ୍ରତିପାଦନ କରିବା ସଙ୍ଗେ ସଙ୍ଗେ ଏହାର ପ୍ରାଧାନ୍ୟକୁ ବଜ୍ରନିର୍ଘୋଷ ସ୍ୱରରେ ସ୍ୱୀକାର କରିଛି। ସଙ୍ଗୀତ ଏକ ନୈସର୍ଗିକ କଳା। ଏହା ଜୀବନର ସବୁ ସ୍ତରରେ ପରିବ୍ୟାପ୍ତ ଓ ଏହାର ସାର୍ବଜନୀନ ଆବେଦନ ଯୁଗେ ଯୁଗେ ରହି ଯାଇଛି। ସେଥିପାଇଁ ସଙ୍ଗୀତ ସାହିତ୍ୟ ଓ ରସ ଅନଭିଜ୍ଞଙ୍କ ସଂଖ୍ୟା ଏ ସଂସାରରେ ନିଶ୍ଚିତ ସ୍ୱଳ୍ପ। ଯେକୌଣସି ସାହିତ୍ୟରେ ପଦ୍ୟଠାରୁ ଗଦ୍ୟର ସୃଷ୍ଟି ଅର୍ବାଚୀନ। ଗଦ୍ୟ ଭାଷାର ମାଧ୍ୟମରେ ଆତ୍ମପ୍ରକାଶ କଲାବେଳେ, ସଙ୍ଗୀତ ଓ ପଦ୍ୟ ହୃଦୟର ଆବେଗମୟତାର ଆତ୍ମପ୍ରକାଶ। ହୃଦୟର ଗଭୀରତମ ପ୍ରଦେଶରୁ ଏହାର ସୃଷ୍ଟି ଓ ସେହିଠାରେ ଏହାର ବିଲୟ। ସାହିତ୍ୟ ବହୁ ପୂର୍ବରୁ ସଙ୍ଗୀତର ସୃଷ୍ଟି। ଓଁକାର ସୃଷ୍ଟିର ଆଦ୍ୟ ସଙ୍ଗୀତ, ନୀରବ, ନିସ୍ପନ୍ଦ ସୃଷ୍ଟି ଏହି ପ୍ରଥମ ଶବ୍ଦରେ ଶବ୍ଦାୟିତ ହୋଇଛି।

ଏହି ପରିପ୍ରେକ୍ଷୀରେ ଗଣକବି ବୈଷ୍ଣବ ପାଣିଙ୍କ କୃତି ଓ କୀର୍ତ୍ତି ବିଚାର୍ଯ୍ୟ, ବିଶେଷତଃ ତାଙ୍କ ରଚିତ ଗୀତିନାଟ୍ୟ, ଯାତ୍ରା, ନୃତ୍ୟ ସଙ୍ଗୀତର ଅନବଦ୍ୟ ସୃଷ୍ଟି ସମ୍ଭାର, ତାଙ୍କ ପ୍ରତିଭାର ଅଲିଭା ସ୍ୱାକ୍ଷର। ଓଡ଼ିଆ ଯାତ୍ରା- ସାହିତ୍ୟର କ୍ରମବିକାଶ ଦିଗରେ ଯେଉଁମାନେ ବତିଖୁଣ୍ଟ ପରି ଆମ ଜନଜୀବନକୁ ଆଲୋକିତ କରିଛନ୍ତି, ସେମାନଙ୍କ ମଧ୍ୟରେ ଗଣକବି ବୈଷ୍ଣବ ପାଣି ଅଗ୍ରଗଣ୍ୟ। କାରଣ ଗୋପାଳ ଦାଶ, ଜଗନ୍ନାଥ ପାଣି, ବାଳକୃଷ୍ଣ ମହାନ୍ତି, ରାମଚନ୍ଦ୍ର ସ୍ୱାଇଁ ଓ କୃଷ୍ଣପ୍ରସାଦ ବସୁ - ଏମାନଙ୍କ ତୁଳନାରେ ପାଣିକବିଙ୍କ ଗୀତିନାଟ୍ୟ ଓ ଯାତ୍ରା - ସାହିତ୍ୟ ଜନମାନସକୁ ଗଭୀର ଭାବେ ସ୍ପର୍ଶ କରିପାରିଛି। ପୌରାଣିକ କଥାବସ୍ତୁକୁ ଗ୍ରାମୀଣ ଭାଷାରେ ପରିବେଷଣ, ନିଜସ୍ୱ ଅନ୍ତର୍ଦୃଷ୍ଟି, ସମାଜ ଓ ଜୀବନ ପ୍ରତି ଶାଣିତ ଦୃଷ୍ଟିଭଙ୍ଗୀ, ଶ୍ରୁତିମଧୁର ଶବ୍ଦ ସମ୍ଭାର ଏବଂ ସର୍ବୋପରି ଆଶୁ କବିତ୍ୱର କାଉଁରି ସ୍ପର୍ଶ, ତାଙ୍କର ବୈଶିଷ୍ଟ୍ୟ ଓ ସଫଳ ସ୍ୱାକ୍ଷର। ଏସବୁ ବିରଳ ବିଭବର ସମାହାର ତାଙ୍କୁ ଜନ ମାନସରେ ମୁକୁଟବିହୀନ ସମ୍ରାଟ ଭାବରେ ଅଭିଷିକ୍ତ କରିଛି।

ଯାତ୍ରା ଆମ ନାଟ୍ୟ ସାହିତ୍ୟର ସୁପ୍ରାଚୀନ କଳା 'କାବ୍ୟେଷୁ ନାଟକମ୍ ରମ୍ୟଂ'। ପାଣି ସାହିତ୍ୟ ଏହି ଉକ୍ତିର ସାର୍ଥକ ପ୍ରତିଛବି। ପ୍ରାଚୀନ ଓଡ଼ିଶୀ ଯାତ୍ରାକୁ ଆଧୁନିକ କରିବାରେ ଆନ୍ଦୋଳନକାରୀ ହେଉଛନ୍ତି ବୈଷ୍ଣବ ପାଣି। ପାଶ୍ଚାତ୍ୟ ପ୍ରଭାବରେ ସେତେବେଳେ ଓଡ଼ିଆ ନାଟ୍ୟକଳା ବିଲୁପ୍ତପ୍ରାୟ, ସେତିକିବେଳେ ନିଜ ପ୍ରତିଭାର ଯାଦୁକରି ସ୍ପର୍ଶରେ ପୂର୍ଣ୍ଣ-ପ୍ରଚଳିତ ଭାବ, ଭାଷା ଓ ଶୈଳୀକୁ ମାର୍ଜିତ କରି ଯାତ୍ରା ସାହିତ୍ୟକୁ ପାଣି ନୂତନ ରୂପ ଓ ରଙ୍ଗ ଦେବାକୁ ସମର୍ଥ ହୋଇଥିଲେ। ସେଥିପାଇଁ ସେ ପ୍ରାଚୀନ ଓ ଆଧୁନିକ ନାଟ୍ୟ ଶୈଳୀର ସେତୁ ଭାବରେ ଅଭିନନ୍ଦିତ। ଗୁଣାତ୍ମକ ଦୃଷ୍ଟିରୁ ତାଙ୍କର ଗୀତିନାଟ୍ୟଗୁଡ଼ିକ ଅନବଦ୍ୟ ସୃଷ୍ଟି। ତାଙ୍କର ଅମର ଲେଖନୀରୁ ଜନ୍ମ ନେଇଛି 'ମେଘନାଦ ବଧ', 'ରଙ୍ଗସଭା', 'ନଳ ଦମୟନ୍ତୀ', 'ଧ୍ରୁବ ଚରିତ',



'ଦାନବୀର ହରିଶ୍ଚନ୍ଦ୍ର', 'ଦୁର୍ଯ୍ୟୋଧନ ଘୋଷଯାତ୍ରା', 'ଦକ୍ଷଯଜ୍ଞ', 'ଅଭିମନ୍ୟୁ ବଧ', 'ରାବଣ ବଧ', 'କୀଚକ ବଧ', 'ବ୍ରଜଲୀଳା', 'ସାକ୍ଷୀଗୋପାଳ', 'ଶୁକଦେବ ଜନ୍ମ', 'କପଟ ପାଶା', 'ଭକ୍ତ ସୁଦାମା', 'ବସନ୍ତ ରାସ', 'କଳା ପାହାଡ଼' ଇତ୍ୟାଦି। ଏହିସବୁ ସାରସ୍ୱତ ସୃଷ୍ଟି ଯାତ୍ରା ସାହିତ୍ୟକୁ ପ୍ରତିଷ୍ଠିତ କରିବା ସଙ୍ଗେ ସଙ୍ଗେ ନୂତନ ମୂଲ୍ୟବୋଧ ସୃଷ୍ଟି କଲା। ମୁକ୍ତ ରଙ୍ଗମଞ୍ଚରେ ସାମାନ୍ୟ ବାଦ୍ୟ ଯନ୍ତ୍ରକୁ ସମ୍ବଳ କରି ବିଶାଳ ଜନ-ଅରଣ୍ୟକୁ ଆକୃଷ୍ଟ କରିବାରେ ପାଣିଙ୍କର ଯାଦୁକରି ଶକ୍ତି ଥିଲା। ଦର୍ଶକ ମନର ରସ କଦମ୍ବରେ ଶିହରଣ ସୃଷ୍ଟି କରିପାରିଲା ଭଳି ସଂଳାପ ଓ ସଙ୍ଗୀତ ତାଙ୍କ ନୈସର୍ଗିକ କବି ପ୍ରତିଭାର ଉଜ୍ଜ୍ୱଳ ସ୍ୱାକ୍ଷର। ତାଙ୍କ ରଚିତ ଗୀତିନାଟ୍ୟଗୁଡ଼ିକ ଯେତିକି ରସପୂର୍ଣ୍ଣ, ସଙ୍ଗୀତମୟ ସଂସ୍କାର ଧର୍ମୀ, ସେତିକି ସାହିତ୍ୟ ସଙ୍ଗୀତ ଓ ସଂସ୍କୃତିର ମଞ୍ଜୁଳ ସମାହାର।

ବାଲ୍ୟ ଓ କୈଶୋର ଜୀବନ ଅକଥନୀୟ ଦାରିଦ୍ର୍ୟର ଦଂଶନରେ କ୍ଷତବିକ୍ଷତ। ସେଥିପାଇଁ ଷଷ୍ଠ ଶ୍ରେଣୀ ପରେ ତାଙ୍କ ଅଧ୍ୟୟନର ଉଦ୍‌ଯାପନ। କୋଠପଦା ମହନ୍ତ ମହାରାଜଙ୍କ ମଠରେ ମାତ୍ର ଏଗାର ଟଙ୍କା ମାସିକ ବେତନରେ ଫୁଲ ତୋଳାଳି, ଗାଈ ଜଗୁଆଳି ଏପରି କି ମାସିକ ମାତ୍ର ଅଢ଼େଇଟଙ୍କା ବେତନରେ ପୂଜାରୀ କାମ ତାଙ୍କୁ କରିବାକୁ ହୋଇଛି। ଜୀବନର ମଧ୍ୟାହ୍ନରେ 'ହର' ନାମ୍ନୀ ଏକ ବିବାହିତା ରଜକୀର ପ୍ରେମରେ ଆବଦ୍ଧ ହୋଇ ଜୀବନସାଥୀ ଭାବରେ ଗ୍ରହଣ କରିବାରୁ ରକ୍ଷଣଶୀଳ ବ୍ରାହ୍ମଣ ପରିବାରରୁ ବିତାଡ଼ିତ ହେବାକୁ ପଡ଼ିଛି। ଯେଉଁ ଦାରୁଦେବତାଙ୍କ କୃପା ତାଙ୍କ ଜୀବନାଦର୍ଶ, ଶେଷରେ ଜୀବନର ଅନ୍ତିମ ପର୍ଯ୍ୟାୟରେ ବ୍ୟାଧିଗ୍ରସ୍ତ ହୋଇ ତାଙ୍କ ଅନୁତପ୍ତ ତଥା ଅଭିମାନୀ ହୃଦୟ 'ନୀଳାଚଳ ବିହାରୀ'ଙ୍କ ଉଦ୍ଦେଶ୍ୟରେ ଅଜସ୍ର ଭକ୍ତି ସଙ୍ଗୀତ ଦରଦୀ ଅର୍ଘ୍ୟ ସ୍ୱରୂପ ଅର୍ପଣ କରି ଯାଇଛନ୍ତି। ଶିଶୁପାଳ, କଂସ ଆଦି ତାଙ୍କୁ ବିରୋଧ କରି ମୋକ୍ଷ ଲାଭ କଲେ। ଅଥଚ କବି ତାଙ୍କୁ ଅତ୍ୟନ୍ତ ଆପଣାର ମନେକରି ଯେତେ ଭକ୍ତି କଲେ ମଧ ତାଙ୍କ ଆକୁଳ ନିବେଦନ ସେ ଘେନା କରି ନାହାନ୍ତି। ତେଣୁ ସେ ତାଙ୍କୁ ଥଟ୍ଟା କରି ଗାଇଛନ୍ତି :- "ମିଛେ ନୀଳାଚଳ ନାଥ ବସିଅଛୁ ନୀଳାଚଳେ/ ପଣ୍ଡାର ରନ୍ଧା ଭାତ ଡାଲି ଗିଳିଣ ବଡ଼ ଦେଉଳେ"। କେବଳ ଏତିକିରେ ତାଙ୍କ ଯନ୍ତ୍ରଣା ଜର୍ଜରିତ ପ୍ରାଣ ସନ୍ତୁଷ୍ଟ ହୋଇନାହିଁ। ଅଭିମାନୀ, ବେଦନା ବିଧୁର କବି ପ୍ରାଣ ତାଙ୍କୁ ଆହୁରି ଭର୍ତ୍ସନା କରିଛି। ବିଦାୟୀ ଶରରେ ଅପୂର୍ବ ଶୋଭା ସମ୍ଭାର ଓ ସବୁଜିମାରେ ଜନ୍ମ ହୋଇ ପୂର୍ଣ୍ଣମୀ ଚନ୍ଦ୍ର ପରି ଓଡ଼ିଆ ସାହିତ୍ୟାକାଶକୁ ଜ୍ୟୋତ୍ସ୍ନାୟିତ କରି ୧୯୫୫ ବଇଶାଖୀ ଅମାବାସ୍ୟା ତିଥିରେ ସେ ଇହଲୀଳା ସମ୍ବରଣ କଲେ। ସତେ ଯେପରି ତାଙ୍କ ଆବିର୍ଭାବ ଓ ତିରୋଭାବ ଓଡ଼ିଶାର ସାରସ୍ୱତ ଗଗନରେ ଆଲୋକ ଓ ଅନ୍ଧକାରର ପ୍ରତୀକ। ସେହି କାଳଜୟୀ ପ୍ରତିଭାଙ୍କର ପବିତ୍ର ଜୟନ୍ତୀ ସପ୍ତାହ ପାଳନ ଅବସରରେ କବିବରଙ୍କ ଉକ୍ତିକୁ ଉଦ୍ଧାର କରି ତାଙ୍କ ଅମ୍ଳାନ ସ୍ମୃତି ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ନିବେଦନ କରୁଛି।

ମୋ:୯୪୩୮୧୮୬୨୨୬

## ଏଇ ଭାରତରେ

ହଜିଯାଇଥିବା ପିଲାମାନଙ୍କୁ ଖୋଜିଆଣି ସେମାନଙ୍କ ପରିବାରକୁ ଦେଉଛନ୍ତି ଆଇଏଏସ୍ ଅଧିକାରୀ ହିମାଂଶୁ ନାଗପାଲ। ବାରାଣସୀରେ ହଜିଯାଇଥିବା ୭୩୦ ପିଲାଙ୍କୁ ଖୋଜିପାଇବାରେ ସେ ସକ୍ଷମ ହୋଇଛନ୍ତି। ହିମାଂଶୁଙ୍କ ଜନ୍ମ ହରିୟାଣାର ହିସାର ଜିଲାରେ। ୨୦୧୯ ବ୍ୟାଚ୍ ଆଇଏଏସ୍ ଅଧିକାରୀ ହିମାଂଶୁଙ୍କୁ ଗତବର୍ଷ ବାରାଣସୀରେ ଚିଫ୍ ଡେଭଲପ୍‌ମେଣ୍ଟ ଅଫିସର ଭାବେ ନିଯୁକ୍ତ କରାଯାଇଥିଲା। ସେ ବିଭିନ୍ନ ସ୍ଥାନକୁ ଯିବା ସମୟରେ ପିଲାମାନେ ଭିକ ମାଗୁଥିବା ଦେଖିବାକୁ ପାଇଥିଲେ। ପିଲାମାନଙ୍କ ସହ କଥା ହେବା ପରେ ସେମାନେ ଏକ ଫ୍ଲାଏ ଓଭର ତଳେ ରହୁଥିବା ଜାଣିବାକୁ ପାଇଥିଲେ। ସେମାନଙ୍କ ବୟସ ୫ରୁ ୧୮ ବର୍ଷ ମଧ୍ୟରେ। ମା'ବାପଙ୍କ ସହ ବାରାଣସୀ ଆସି ହଜିଯିବା ପରେ ସେମାନେ ଏହି ବୃତ୍ତିରେ ବଞ୍ଚୁଥିବା କହିଥିଲେ। ଏହା ଜାଣିବା ପରେ ହିମାଂଶୁ ପିଲାମାନଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ହାସଲ କରି ସେମାନଙ୍କ ପରିବାର ନିକଟରେ ପହଞ୍ଚାଇ ଦେଉଛନ୍ତି। ଏହି କାର୍ଯ୍ୟ ଲାଗି ସେ ୧୨ଟି ଟିମ୍ ଗଠନ କରିଛନ୍ତି, ଯେଉଁଥିରେ ରହିଛନ୍ତି ୬୦ ଜଣ ଅଧିକାରୀ। ଯେଉଁ ପିଲାମାନଙ୍କ ଠିକଣା ମିଳୁନାହିଁ ସେମାନଙ୍କୁ ସ୍ଥାନୀୟ ପ୍ରାଥମିକ ସ୍କୁଲରେ ନାମ ଲେଖାଇ ବଢ଼ିବାର ସୁଯୋଗ ଦେଉଛନ୍ତି ଓ ସେମାନଙ୍କ ଖର୍ଚ୍ଚ ମଧ ବହନ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଅକ୍ଟୋବର ୧୯୯୮

- ବ୍ରହ୍ମପୁତ୍ର ନଦୀ ପାର ବେଳେ ଶୁକ୍ଳେଶ୍ୱର ଘାଟ ନିକଟରେ ୨ ନୌକା ଧକ୍କା ଲାଗି ବୁଡ଼ିଯିବାରୁ ଅନ୍ୟୂନ ୬୦ ଜଣଙ୍କ ମୃତ୍ୟୁ।
- ଶ୍ରୀଲଙ୍କାର ଉତ୍ତର ଓ ପୂର୍ବାଞ୍ଚଳ ଇଲାକାରେ ସରକାରୀ ସୈନ୍ୟ ଓ ବିଦ୍ରୋହୀ ଏଲ୍‌ଟିଟିଇ ଗେରିଲାଙ୍କ ମଧ୍ୟରେ ସଂଘର୍ଷ ଘଟି ଜଣେ ପୋଲିସ କର୍ମଚାରୀ ଏବଂ ୧୯ ଜଣ ବିଦ୍ରୋହୀ ଉଗ୍ରବାଦୀ ନିହତ।
- ଜର୍ମାନର ନୂତନ ଚାନସେଲର ରୂପେ ଗେରହର୍ଷ ସେରୋଜଙ୍କ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ।

## sudoku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 9 | | 7 | 5 | | |
| | 2 | | | 6 | 4 | | | |
| 1 | | | 5 | | | | | |
| | 4 | | | 8 | | | 6 | 7 |
| | | | | 9 | | 1 | | |
| | | 9 | | | | | 5 | 3 |
| | | | | | | 2 | 4 | 5 |
| 4 | | | | | | 7 | | |
| 8 | 7 | | | | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 5 | 3 | 4 | 6 | 9 | 8 | 2 |
| 8 | 4 | 6 | 1 | 9 | 2 | 3 | 7 | 5 |
| 2 | 9 | 3 | 8 | 7 | 5 | 4 | 6 | 1 |
| 9 | 6 | 2 | 4 | 5 | 8 | 1 | 3 | 7 |
| 7 | 5 | 8 | 6 | 3 | 1 | 2 | 4 | 9 |
| 4 | 3 | 1 | 9 | 2 | 7 | 8 | 5 | 6 |
| 6 | 2 | 9 | 5 | 8 | 3 | 7 | 1 | 4 |
| 3 | 1 | 7 | 2 | 6 | 4 | 5 | 9 | 8 |
| 5 | 8 | 4 | 7 | 1 | 9 | 6 | 2 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସେବାୟତ ସଚେତନ ହୁଅନ୍ତୁ

ମହାଶୟ,

ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରତ୍ନସିଂହାସନ ସମ୍ମୁଖରେ ଜଣେ ସେବାୟତ ଓ ଅନ୍ୟଜଣେ ଅଣସେବାୟତଙ୍କ ମଧ୍ୟରେ ପୂଜାନୀତିକୁ ନେଇ ଗଣ୍ଡଗୋଳ ଏବଂ ମାରପିଟ ହୋଇ ଗର୍ଭଗୃହରେ ରକ୍ତଛିଟା ପଡ଼ିବା ଏକ ଦୁର୍ଭାଗ୍ୟଜନକ ଘଟଣା। ଯେଉଁଥିପାଇଁ ମହାପ୍ରଭୁଙ୍କ ମହାସ୍ନାନ ସମ୍ପନ୍ନ ସହ ବଡ଼ ଦେଉଳର ଶୁଦ୍ଧୀକରଣ ଜନିତ ସମସ୍ତ ନୀତିକାନ୍ତି ପୂଜାର୍ଚ୍ଚନାରେ ବିଳମ୍ବ ଘଟୁଛି। ଫଳରେ ଦୂରଦୂରାନ୍ତରୁ ଆସିଥିବା ଭକ୍ତ ଦର୍ଶନାର୍ଥୀମାନେ ଘଣ୍ଟା ଘଣ୍ଟା ଧରି ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହେଉଛନ୍ତି। ଆନନ୍ଦ ବଜାରରେ ମହାପ୍ରସାଦ ବିକ୍ରି ବେଳେ ମଧ ଭକ୍ତମାନଙ୍କୁ ଅଶାଳୀନ ବ୍ୟବହାର ସହ ମାରପିଟ କରିବାର ଅଭିଯୋଗ ଆସୁଥିବା ସତ୍ତ୍ୱେ ସରକାରଙ୍କ କୌଣସି ପ୍ରତିକ୍ରିୟା ଦେଖାଯାଉନାହିଁ। ଏ ପ୍ରକାର ବିଶୃଙ୍ଖଳିତ ଆଚରଣ ସେବାୟତମାନଙ୍କ ମଧ୍ୟରେ ରହିବା ଅନୁଚିତ। ବଡ଼ଦେଉଳର ପରମ୍ପରା ଆଧ୍ୟାତ୍ମିକ ମାନ୍ୟତା ଓ ପବିତ୍ରତାକୁ ଗୁରୁତ୍ୱ ଦେବା ସହିତ ମହାପ୍ରଭୁଙ୍କ ସେବା ପ୍ରଦାନରେ ଭକ୍ତି ଭାବାବେଗର ଉତ୍ସର୍ଗୀକୃତ ମନୋଭାବ ଏବଂ କର୍ତ୍ତବ୍ୟ ପରାୟଣତା ରଖିବାରେ ସେମାନେ ସଚେତନ ରହିବା ନିତାନ୍ତ ଆବଶ୍ୟକ।

-ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମୁକତି ବନ୍ଧନ ଦୁଃଖ ସୁଖ ଯେତେ ହାୟ
ଆସେ ଯାଏ ନିତି ସେ ଯେ ଦିବା ରାତ୍ରି ପ୍ରାୟ
ସମୟର ସ୍ରୋତ ସମ
ଜୀବନର ଶିଖା ମମ
ସବୁରି ଉପରେ ଜାଳି ତଡିବ ଅନ୍ୟାୟ
ଆରମ୍ଭିବି ଜୀବନର ନବୀନ ଅଧ୍ୟାୟ।
-(ବନ୍ଦୀର ବିଳାପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଡିଗ୍ରୀ କଲେଜ ପାଇଁ ହେବ ଏକକ ୱେବ୍ ପୋର୍ଟାଲ**

**ଭୁବନେଶ୍ୱର,୨୭।୧୦(ଅସମାପିକା ସାହୁ):** ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଆସୁଥିବା ରାଜ୍ୟର ସମସ୍ତ ଡିଗ୍ରୀ କଲେଜ ପାଇଁ ଏକକ ବା ସମନ୍ୱିତ ୱେବ୍ ପୋର୍ଟାଲ ବିକଶିତ ହେବ। ଉଚ୍ଚଶିକ୍ଷା ବିଭାଗ ସଚିବଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସମସ୍ତ ଡିଗ୍ରୀ କଲେଜ ପାଇଁ ସମନ୍ୱିତ ୱେବ୍ ପୋର୍ଟାଲ ପ୍ରସ୍ତାବ ଉପରେ ସମ୍ମତି ପ୍ରକାଶ ପାଇଛି। ଏଥିସହ ଏକ ଏକାଡେମିକ୍ କୋଶ୍ଚିନ ବ୍ୟାଙ୍କ ପ୍ରସ୍ତୁତ କରିବାକୁ ମଧ୍ୟ ଯୋଜନା ପ୍ରସ୍ତୁତ ହୋଇଛି। ପ୍ରସ୍ତାବିତ ଏକକ ୱେବ୍ ପୋର୍ଟାଲ ଏବଂ ଏକାଡେମିକ କୋଶ୍ଚିନ ବ୍ୟାଙ୍କର ସୁବିଧା ସମ୍ପର୍କରେ ପାୱାର ପଏଣ୍ଟ ଉପସ୍ଥାପନା ପ୍ରସ୍ତୁତ କରିବା ପାଇଁ ଶୁକ୍ରବାର ଉଚ୍ଚଶିକ୍ଷା ବିଭାଗ ନ୍ୟାଶନାଲ ଇନ୍ଫରମେଟିକ୍ସ ସେଣ୍ଟରର ଜେନେରାଲ ମ୍ୟାନେଜରଙ୍କୁ ପତ୍ର ଲେଖାଯାଇଛି। ପ୍ରୋଜେକ୍ଟ ସ୍କୋପ୍, ଉଦ୍ଦେଶ୍ୟ, ଟାଇମ୍ ଲାଇନ୍ ଏବଂ ବଜେଟ୍ ଆଦି ସମ୍ପର୍କରେ ଏକ ବିସ୍ତୃତ ସଂଶୋଧିତ ପ୍ରସ୍ତାବ ବିଭାଗକୁ ପଠାଇବାକୁ କୁହାଯାଇଛି।

# ପାଇକ ମାଟିରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି



ଖୋର୍ଦ୍ଧାଠାରେ ଆୟୋଜିତ କଂଗ୍ରେସର ପରିବର୍ତ୍ତନ ସମାବେଶରେ ଉପସ୍ଥିତ ନେତୃବୃନ୍ଦ।

## ଖୋର୍ଦ୍ଧାରେ କଂଗ୍ରେସର ପରିବର୍ତ୍ତନ ସମାବେଶ

**ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ),୨୭।୧୦**

ଖୋର୍ଦ୍ଧା ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ହାବେଳି ପଡ଼ିଆରେ ପରିବର୍ତ୍ତନ ସମାବେଶ ଆୟୋଜିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପ୍ରଦେଶ କଂଗ୍ରେସ ଓଡ଼ିଶା ପ୍ରଭାରୀ ତଥା ଏମ୍‌ପି ଚେଲ୍ଲା କୁମାର ଯୋଗ ଦେଇ ଉପସ୍ଥିତ କର୍ମୀଙ୍କୁ ଖୋର୍ଦ୍ଧାର ଅତୀତ, ବର୍ତ୍ତମାନ ଗୌରବମୟ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ବିକାଶମୂଳକ ଯୋଜନାର ପ୍ରଶଂସା କରିଥିଲେ। ପାଇକ ମାଟିରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବାବେଳେ ନିଶା କାରବାର ବଢ଼ିବାରେ ଲାଗିଛି। ୨୩ ବର୍ଷ ଶାସନରେ ନବୀନ ସରକାରରେ ଦୁର୍ନୀତି, ଭ୍ରଷ୍ଟାଚାର ବଢ଼ିଛି। ସରକାରୀ ଜମି ଜବରଦଖଲ ପଛରେ ଶାସକ ଦଳ ଗୁଣ୍ଡାଙ୍କ ସମ୍ପୃକ୍ତି ରହୁଛି। ଦୁର୍ନୀତିଖୋର ଅଧିକାରୀଙ୍କ ପ୍ରୋତ୍ସାହନରେ ଜିଲାରେ ଲଘୁ ଖଣିଜ ସମ୍ପଦ ରୀତିମତ ଲୁଟ୍ ଚାଲିଛି। ଓଡ଼ିଶାକୁ କିଏ ଶାସନ କରୁଛି ତାହା ଜଣାପଡୁ ନାହିଁ। କେନ୍ଦ୍ର ସରକାର ବର୍ଷକୁ ୨କୋଟି ଏବଂ ନବୀନ ବର୍ଷକୁ ୨ଲକ୍ଷ ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ରାଜ୍ୟରେ ବେକାରି ସମସ୍ୟା ବଢ଼ି ଚାଲିଛି। ଓଡ଼ିଆ ପୁଅ ଚାକିରି ଖଣ୍ଡେ ନ ପାଇ ବାହାର ରାଜ୍ୟରେ ଦାଦନ ଖଟୁଛି। ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି। ଏପଟେ ସ୍କୁଲ ରୂପାନ୍ତର ଚାଲିଛି। ମେଡିକାଲରେ ଆବଶ୍ୟକ ଡାକ୍ତର ପଦବୀ ଖାଲି ପଡ଼ିଛି। ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟସେବା ଦୟନୀୟ ସ୍ଥିତି ଦେଇ ଗତି କରୁଛି। ଶୀତଳ ଭଣ୍ଡାର ନାହିଁ। ଉତ୍ପାଦିତ ଶସ୍ୟ ସଂରକ୍ଷଣ ଅଭାବରୁ ଚାଷୀ ହଇରାଣ ହେଉଛନ୍ତି। କାଳିଆ ଯୋଜନାରେ ୧୨ହଜାର ଟଙ୍କା ପ୍ରତିଶ୍ରୁତି ଦେଇ ୪ହଜାର ଟଙ୍କା ଦେଲେ। ୨୦୨୪ରେ ରାହୁଲ ଦେଶରେ ପ୍ରଧାନମନ୍ତ୍ରୀ ହେଲେ ଦେଇଥିବା ସମସ୍ତ ପ୍ରତିଶ୍ରୁତି କାର୍ଯ୍ୟକାରୀ କରାଯିବ ବୋଲି ଚେଲ୍ଲା କୁମାର କହିଥିଲେ। ପିସିସି ସଭାପତି ଶରତ ପଟ୍ଟନାୟକ କହିଲେ ଯେ, ଖୋର୍ଦ୍ଧା ବୀର ମାଟି। ପାଇକ ସଂଗ୍ରାମଠାରୁ ଆଜି ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଛି। କେନ୍ଦ୍ର ଓ ରାଜ୍ୟ ମିଥ୍ୟା ପ୍ରତିଶ୍ରୁତି ପ୍ରଲୋଭନ ଦେଖାଇ ସରକାରକୁ ଆସିବା ପରେ ଲୋକଙ୍କୁ ଉପେକ୍ଷା କରୁଛନ୍ତି। ରାଜ୍ୟରେ ମହିଳା ସୁରକ୍ଷିତ ନୁହେଁ, ଶିଶୁ ନିର୍ଯାତନା, ନିଖୋଜ ଘଟଣା, ଚାଷୀ ଆତ୍ମହତ୍ୟା ବଢ଼ି ଚାଲିଛି। ୩୫ପ୍ରତିଶତ ଚାଷ ଜମିକୁ ଜଳସେଚନ ଦେଇପାରୁନାହାନ୍ତି। ଓଡ଼ିଶା କଳକାରଖାନ ବନ୍ଦ। ରାଜ୍ୟରେ ଅଫିସର ରାଜ ଚାଲିଛି। ପ୍ରଶାସନ ଅଧିକାରୀ ମାନେ ଶାସକ ଦଳର ହାତବାରିସି ସାଜିଛନ୍ତି। ସୁଧାରି ଯାଆନ୍ତୁ, ନଚେତ୍ କଂଗ୍ରେସ ସରକାର ଆସିଲେ, କାହାରିକୁ ଛଡ଼ାଯିବ ନାହିଁ। ପରିବର୍ତ୍ତନ ସମାବେଶରେ କଂଗ୍ରେସ କର୍ମୀଙ୍କୁ ନୂତନ ସୂର୍ଯ୍ୟୋଦୟ ଆହ୍ୱାନ ଦେଇ ୨୦୨୪ରେ ୯ ଆସନରୁ ୯୦ ଆସନରେ କଂଗ୍ରେସ ବିଜୟ ଲାଭ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ପୂର୍ବତନ ମୁଖ୍ୟ ପ୍ରଶାସକ ତଥା ରାଜ୍ୟ କ୍ୟାମ୍ପେନ ମୁଖ୍ୟ ବିଜୟ ପଟ୍ଟନାୟକ କହିଲେ ଯେ, ଲୋକେ ଚାହୁଁଛନ୍ତି ପରିବର୍ତ୍ତନ। ୨୩ ବର୍ଷର ନିରବଚ୍ଛିନ୍ନ ଶାସନରେ ନବୀନ ବାବୁ ଓଡ଼ିଶାବାସୀଙ୍କୁ କ'ଣ ଦେଇଛନ୍ତି ପ୍ରଶ୍ନ ପଚାରିବାର ସମୟ ଆସିଛି। ତାମିଲନାଡୁରେ ୩୫ହଜାର ଶିଳ୍ପାନୁଷ୍ଠାନ ଥିବାବେଳେ ଓଡ଼ିଶାରେ ମାତ୍ର ୩ହଜାର ଅଛି। କଂଗ୍ରେସ ଅମଳରେ ଗଢି ଉଠିଥିବା ଶିଳ୍ପାନୁଷ୍ଠାନ ବନ୍ଦ ହୋଇପଡ଼ିଛି। ଫଳରେ ଓଡ଼ିଆ ପୁଅଙ୍କୁ ଚାକିରି ନାହିଁ। ୩୦ଲକ୍ଷ ଓଡ଼ିଆ ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି ବୋଲି ବିଜୟ କହିଥିଲେ। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଲେ ଯେ, ୨୩ବର୍ଷ ହେଲା ଓଡ଼ିଶା ମାଟି ନିର୍ଯାତିତ, ଜର୍ଜରିତ ହୋଇ ରହିଛି। ରାଜ୍ୟରେ ଅଣଓଡ଼ିଆଙ୍କ ଶାସନ ଚାଲିଛି। ଖଣି, ପାଣି, ଜମି ସବୁ ହରିଲୁଟ ଚାଲିଛି। ଆଗାମୀ ଦିନରେ ଜନତା ଏହାର ଉଚିତ ଜବାବ ଦେବେ ବୋଲି ଜେନା କହିଥିଲେ। ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓଡ଼ିଆ ଜାତି ସ୍ୱାଭିମାନୀ ବୋଲି କହିଥିଲେ। ଏ ମାଟି ବୀରତ୍ୱର ମାଟି। ଟଙ୍କା ବଳରେ ବିକ୍ରି ନ ହୋଇ ବୁଦ୍ଧିବିବେକ ଅନୁସାରେ ଭୋଟ ଦେବାକୁ ଆହ୍ୱାନ ଦେଇଥିଲେ। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଯୋଗ ଦେଇ ରାହୁଲଙ୍କ ଭାରତ ଯୋଡ଼ ଜନ ଆନ୍ଦୋଳନରେ ପରିଣତ ହୋଇଛି ବୋଲି କହିଥିଲେ। ଶ୍ରୀକ୍ଷେତ୍ର ମାଟିରେ ମହାପ୍ରଭୁଙ୍କ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ଏବଂ ରତ୍ନଭଣ୍ଡାର ଗଣତି ପାଇଁ କଂଗ୍ରେସ ଦୃଢ଼ ଦାବି କରିଛି। ଆଗକୁ ଲଢ଼େଇ ଜୋରଦାର ହେବ ବୋଲି ପ୍ରସାଦ କହିଥିଲେ। ଜଟଣୀ ବିଧାୟକ ତଥା ଜିଲା କଂଗ୍ରେସ କମିଟି ସଭାପତି ସୁରେଶ କୁମାର ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ଜୟପୁର ବିଧାୟକ ତାରା ବାହିନୀପତି, ରାଜ୍ୟ ଯୁବକଂଗ୍ରେସ ସଭାପତି ନାସିର ଅହମ୍ମଦ, ମହିଳା ନେତ୍ରୀ ବନ୍ଦିତା ପରିଡା, ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ଖୁଣ୍ଟିଆ, ଶରତ ରାଉତ, ଅମିତ ମହାନ୍ତି, ଯୁବନେତା ସିଦ୍ଧାର୍ଥ ରାଉତରାୟ, ସ୍ୱାଗତିକା ପଟ୍ଟନାୟକ ପ୍ରମୁଖ ଉଦ୍‌ବୋଧନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ପ୍ରାରମ୍ଭରେ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍ୟାନସ୍ଥିତ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ପରେ ସେଠାରୁ ଏକ ବିଶାଳ ଶୋଭାଯାତ୍ରାରେ ୫ଟି ନିର୍ବାଚନମଣ୍ଡଳୀର ୧୦ହଜାରରୁ ଊର୍ଦ୍ଧ୍ୱ କର୍ମୀ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ।

# ରାଜ୍ୟରେ ୩ ଲକ୍ଷ ନୂଆ ଭୋଟର

## ଆରମ୍ଭ ହେଲା ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା

**ଭୁବନେଶ୍ୱର,୨୭।୧୦(ଅସମାପିକା ସାହୁ)**

୨୦୨୪ ସାଧାରଣ ନିର୍ବାଚନ ଲାଗି ଭୋଟର ତାଲିକା ସଂଶୋଧନ ପାଇଁ ଶୁକ୍ରବାରଠାରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ଖବରଦାତା ସମ୍ମିଳନୀ ଜରିଆରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇ କହିଛନ୍ତି, ରାଜ୍ୟରେ ପାଖାପାଖି ୩ ଲକ୍ଷ ନୂଆ ଭୋଟର ହୋଇଛନ୍ତି। ଫଳରେ ସମୁଦାୟ ଭୋଟରଙ୍କ ସଂଖ୍ୟା ୩କୋଟି ୨୬ ଲକ୍ଷରେ ପହଞ୍ଚିଛି। ସେ କହିଛନ୍ତି, ଆଜିଠୁ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୨୦୨୩ ଡିସେମ୍ବର ୯ ପର୍ଯ୍ୟନ୍ତ ଭୋଟରମାନେ ଆବେଦନ କରିପାରିବେ। ୨୦୨୪ ଜାନୁୟାରୀ ପହିଲା ସୁଦ୍ଧା ଯେଉଁମାନଙ୍କ ବୟସ ୧୮ ବର୍ଷ ଛୁଇଁଥିବ ସେମାନଙ୍କ ନାମ ଭୋଟର ତାଲିକାରେ ରହିପାରିବ। ଏ ସମ୍ବନ୍ଧରେ ସବୁ ଜିଲାପାଳ, ଉପଜିଲାପାଳ, ବ୍ଲକ, ତହସିଲ ଏବଂ ବୁଥ୍‌ସ୍ତରୀୟ କାର୍ଯ୍ୟାଳୟକୁ ବିଜ୍ଞପ୍ତି ଜାରି କରାଯାଇଛି। ୨୦୨୩ ଜାନୁୟାରୀ ୫ରେ ପ୍ରକାଶିତ ତାଲିକା ଅନୁଯାୟୀ ରାଜ୍ୟରେ ମୋଟ୍ ୩୭,୬୦୬ ବୁଥ୍ ସଂଖ୍ୟା ରହିଥିଲା। ଜିଲାପାଳମାନଙ୍କ ପ୍ରସ୍ତାବ ଅନୁଯାୟୀ ବୁଥ୍ ସଂଖ୍ୟା ବଢ଼ି ୩୭,୮୦୯ରେ ପହଞ୍ଚିଛି। ମହିଳା ଭୋଟରଙ୍କ ହାର ସର୍ବାଧିକ ବଢ଼ିଛି। ରାଜ୍ୟରେ ପୁରୁଷ ଓ ମହିଳା ଭୋଟରଙ୍କ ହାର ବଢ଼ି ହଜାରେ ପୁରୁଷରେ ମହିଳା ଭୋଟରଙ୍କ ସଂଖ୍ୟା ୯୬୧ରୁ ବଢ଼ି ୯୬୩ରେ ପହଞ୍ଚିଛି।

# ପଦ୍ମକେଶରୀପୁରରେ ପୁଣି ଗୋଷ୍ଠୀ ସଂଘର୍ଷ



## ଉଭୟ ପକ୍ଷରୁ ୮ରୁ ଊର୍ଦ୍ଧ୍ୱ ଆହତ

**■ ପୁରୁଷ ଶୂନ୍ୟ ୨ ସାହି ■ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ**

**ଭୁବନେଶ୍ୱର,୨୭।୧୦(ସତ୍ୟଜିତ୍ ରାଉତ)**

ରାଜଧାନୀ ଉପକଣ୍ଠ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କଳାରାହାଙ୍ଗ ଗ୍ରାମପଞ୍ଚାୟତ ପଦ୍ମକେଶରୀପୁରରେ ପୁଣି ଗୋଷ୍ଠୀ ସଂଘର୍ଷ ଘଟିଛି। ପଞ୍ଚାୟତ ନିର୍ବାଚନ ସମୟରୁ ଗାଁରେ ଲାଗି ରହିଥିବା ଗଣ୍ଡଗୋଳ ପୁଣି ଉଗ୍ରରୂପ ନେଇଛି। ଗୁରୁବାର ବିଳମ୍ବିତ ରାତି ପ୍ରାୟ ୧ଟା ୩୦ରେ ମଝି ସାହି ଓ ୩ ନମ୍ବର ସାହି (ତଳ ସାହି) ବାସିନ୍ଦା ମୁହାଁମୁହିଁ ହେବା ସହ ପରସ୍ପରକୁ ଢେଲା ପଥର ଓ କାଚ ବୋତଲ ମାଡ଼ କରିଛନ୍ତି। ଏହି ଘଟଣାରେ ଉଭୟ ଗୋଷ୍ଠୀର ୮ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏହାକୁ ନେଇ ଗାଁରେ ଉତ୍ତେଜନା ଲାଗି ରହିଥିବାବେଳେ କମିଶନରେଟ୍ ପୋଲିସ ପକ୍ଷରୁ ଶୁକ୍ରବାର ସକାଳଠାରୁ ଦୁଇ ସାହିରେ ଦୁଇ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଗିରଫ ଭୟରେ ଦୁଇ ସାହି ପୁରୁଷଶୂନ୍ୟ ହୋଇପଡିଛି।

ପଞ୍ଚାୟତ ନିର୍ବାଚନରୁ ଦୁଇ ସାହି ବାସିନ୍ଦା ବାରମ୍ବାର ଏଭଳି ମୁହାଁମୁହିଁ ହେଉଛନ୍ତି। ଗତ ସେପ୍ଟେମ୍ବର ୧ରେ ଦୁଇସାହି ବାସିନ୍ଦାଙ୍କ ମଧ୍ୟରେ ବଡ଼ ଧରଣର ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଢେଲା ପଥର, କାଚ ବୋତଲ, ମାରଣାସ୍ତ୍ରରେ ପରସ୍ପରକୁ ଆକ୍ରମଣ କରିବାରୁ ଉଭୟ ପକ୍ଷରୁ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଉକ୍ତ ଘଟଣାରେ ପୋଲିସ ୨ଟି ମାମଲା ରୁଜୁ କରି ଉଭୟ ପକ୍ଷର ୧୬ ଜଣଙ୍କୁ ଗିରଫ କରି ଜେଲ ପଠାଇଥିଲା। ଏହାକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହୁଥିବାବେଳେ ଗିରଫ ଅଭିଯୁକ୍ତମାନେ ଜାମିନରେ ମୁକୁଳି ଗାଁକୁ ଫେରିବା ପରେ ପୁଣି ସଂଘର୍ଷର ସୂତ୍ରପାତ ହେଉଛି। ଜୋନ୍-୫ ଏସିପି ଗୌତମ କିଶାନ କହିଛନ୍ତି, ଗୁରୁବାରର ଗଣ୍ଡଗୋଳ ଘଟଣାକୁ କେନ୍ଦ୍ର କରି ଉଭୟ ପକ୍ଷର ଏତଲାକ୍ରମେ ମଞ୍ଚେଶ୍ୱର ଥାନାରେ ଦୁଇଟି ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ସେ କହିଛନ୍ତି।

ସୂଚନା ଅନୁଯାୟୀ, ପଦ୍ମକେଶରୀପୁର ଗାଁ ମଝିରେ ଥିବା ପିଣ୍ଡିରେ ମଝି ସାହିର କେତେଜଣ ଲୋକ ଗୁରୁବାର ବିଳମ୍ବିତ ରାତିରେ ଖଟି କରୁଥିଲେ। ସେହି ସମୟରେ ତଳ ସାହିର ଜଣେ ବ୍ୟକ୍ତି ଉକ୍ତ ରାସ୍ତା ଦେଇ ଯାଉଥିଲେ। ମଝି ସାହିର ଲୋକମାନେ ତାଙ୍କୁ କମେଣ୍ଟ୍ କରିଥିଲେ। ପ୍ରତିବାଦ କରିବାରୁ ସେଠାରେ ତାଙ୍କୁ ମଝି ସାହିର ଲୋକମାନେ ମାଡ଼ ମାରିଥିଲେ। ଆକ୍ରମଣର ଶିକାର ହୋଇଥିବା ତଳ ସାହିର ଉକ୍ତ ବ୍ୟକ୍ତି ଜଣକ ନିଜ ସାହି ବାସିନ୍ଦାଙ୍କୁ ଏ ବିଷୟରେ କହିବା ପରେ ପରିସ୍ଥିତି ବିଗିଡ଼ି ଯାଇଥିଲା। ଉଭୟ ସାହି ବାସିନ୍ଦା ଅନ୍ଧାର ରାତିରେ ମୁହାଁମୁହିଁ ହୋଇଥିଲେ। ପରସ୍ପରକୁ ପଥର ଓ କାଚ ବୋତଲ ମାଡ଼ କରିଥିଲେ। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନେ ଗାଁ ଛାଡ଼ି ଫେରାର ହୋଇଯିବାରୁ ତାଙ୍କୁ ଧରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି।



## ସଂକ୍ଷେପରେ

### ଲକ୍ଷ୍ମୀପୂଜା ପାଇଁ ରାଜଧାନୀରେ ମୁତୟନ ହେବେ ୨୭ ପ୍ଲାଟୁନ ପୋଲିସ ଫୋର୍ସ

ଭୁବନେଶ୍ୱର,୨୭।୧୦ (ସୂର୍ଯ୍ୟକାନ୍ତ ବେହେରା): ଦୁର୍ଗତିନାଶିନୀ ମା' ଦୁର୍ଗା ମେଲାଣି ନେବା ପରେ ଲକ୍ଷ୍ମୀପୂଜା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ମା' ଲକ୍ଷ୍ମୀଙ୍କ ପୂଜା ବେଶ୍ ଜାକଜମକରେ ହେବ ବୋଲି ଜଣାଯାଇଛି। ତେଣୁ ଏହାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପୂଜା ସମୟରେ ଯେପରି

**କଣ୍ଟ୍ରୋଲ ଓ ଟ୍ରାଫିକ ମ୍ୟାନେଜମେଣ୍ଟକୁ ବିଶେଷ ଗୁରୁତ୍ୱ**

କୌଣସି ସମସ୍ୟା ନଉପୁଜେ ସେଥିପାଇଁ ୨୭ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି ଡିସିପି ପ୍ରତୀକ ସିଂ କହିଛନ୍ତି । ଏହି ସମୟରେ କଣ୍ଟ୍ରୋଲ ଓ ଟ୍ରାଫିକ ମ୍ୟାନେଜମେଣ୍ଟକୁ ବିଶେଷ ଗୁରୁତ୍ୱ ଦିଆଯିବ। ସେହିପରି ନିର୍ଦ୍ଦିଷ୍ଟ ସମୟ ସୀମା ବାହାରେ ଲାଉଡ୍ସ୍ପିକର ବଜାଇ ପାରିବେନି ବୋଲି ନିର୍ଦ୍ଦେଶ ରହିଛି। ଏହାବାଦ୍ ଡିଜେ ବଜାଇବା ଉପରେ ମଧ୍ୟ ନଜର ରହିବ। ଅପରପକ୍ଷେ ଯଦି କୌଣସି ସ୍ଥାନରେ ଅପ୍ରୀତିକର ପରିସ୍ଥିତି ଦେଖାଯାଏ ତା'ହେଲେ ତୁରନ୍ତ ପିସିଆର୍କୁ ସୂଚନା ଦେବାକୁ ଅନୁରୋଧ କରିଛନ୍ତି ଡିସିପି ସିଂ।

### ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣକରି ଲୁଟ୍

ଭୁବନେଶ୍ୱର,୨୭।୧୦ (ସୂର୍ଯ୍ୟକାନ୍ତ ବେହେରା): ଇନ୍ଫୋସିଟି ଥାନା ଅନ୍ତର୍ଗତ ପଟିଆ ଷ୍ଟେଶନ ନିକଟରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ କାଠଫାଳିଆରେ ଆକ୍ରମଣକରି ସୁନାଚେନ୍ ଲୁଟି ନେଇଛନ୍ତି। ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୩୫୫/୨୩) ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ସୂଚନାନୁସାରେ, ଆକ୍ରମଣର ଶିକାର ଯୁବକ ବୁଧବାର ରାତି ପ୍ରାୟ ୧୧ଟାରେ କୌଣସି କାମରେ ପଟିଆ ଷ୍ଟେଶନକୁ ଆସି ଘରକୁ ଫେରୁଥିଲେ। ବାଟରେ କେତେଜଣ ଯୁବକ ତାଙ୍କୁ ଅଟକାଇବା ସହ କାଠଫାଳିଆରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ଆଖି ଓ ଶରୀରରେ ଆଘାତ ଲାଗିବାରୁ ସେ ଆହତ ହୋଇଥିଲେ।

# ସ୍ୱାଭାବିକ ହେଲା ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି

## ୨ ନିଯୋଗରୁ ୨ ଟ୍ରଷ୍ଟି ସଦସ୍ୟଙ୍କ ଇସ୍ତଫା

ପୁରୁଣା ଭୁବନେଶ୍ୱର,୨୭।୧୦ (ସୁବାସ ଚନ୍ଦ୍ର ପ୍ରଧାନ)



ଗତ ବୁଧବାରଠାରୁ ଉପବାସରେ ରହିଥିବା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ଶୁକ୍ରବାର ସ୍ୱାଭାବିକ ହୋଇଛି। ଅପରାହ୍ଣ ୧ଟାରେ ମହାସ୍ନାନ ହୋଇଥିଲା। ଅପରାହ୍ଣ ୧ଟା ୩୦ରେ ମଙ୍ଗଳଆଳତି, ଅବକାଶ, ଦର୍ଶନ ପରେ ରୋଷହୋମ କରାଯାଇଥିଲା। ଏହାପରେ ଅନ୍ୟାନ୍ୟ ନୀତି ହୋଇଥିଲା। ସୂଚନାଥାଉ କି, ସାମନ୍ତରାପୁର ଛକ ଗଙ୍ଗୁଆ ବ୍ରିଜ ନିକଟରେ ଥିବା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସମ୍ପତ୍ତିରେ କେତେଜଣ ବଡୁ ସେବାୟତମାନେ ନିର୍ମାଣ କାର୍ଯ୍ୟ କରିବାକୁ ନେଇ ପୂଜା ପଣ୍ଡା ଏବଂ ବ୍ରାହ୍ମଣ ନିଯୋଗ ପକ୍ଷରୁ ନୀତିକାନ୍ତିରେ ଅସହଯୋଗ କରାଯାଇଥିଲା। ଠାକୁରଙ୍କର କୋଟି କୋଟି ଟଙ୍କାର ସମ୍ପତ୍ତିକୁ ତହବିଲକୁ ଫେରାଇ ଆଣିବାକୁ ଦାବି କରିବାକୁ ନେଇ ଠାକୁର ଦୁଇଦିନ ଉପବାସ ରହିଲେ। ଶୁକ୍ରବାର ପ୍ରଶାସନର ଆଭିମୁଖ୍ୟକୁ ନେଇ ବ୍ରାହ୍ମଣ ନିଯୋଗର ହେମନ୍ତ ପଣ୍ଡା ଏବଂ ପୂଜା ପଣ୍ଡା ନିଯୋଗର ପ୍ରସନ୍ନ ପୂଜାପଣ୍ଡା ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡର ଦୁଇ ଟ୍ରଷ୍ଟି ସଦସ୍ୟ ଇସ୍ତଫା ଦେବାରୁ ଠାକୁରଙ୍କ ନୀତି ଆରମ୍ଭ ହୋଇଥିଲା। ପ୍ରତ୍ୟେକ ଦିନର ନୀତି ବିଶୃଙ୍ଖଳା, ସେବାୟତଙ୍କ ଅଧିକାର, ଶ୍ରୀଲିଙ୍ଗରାଜଙ୍କ ସମ୍ପତି ଲୁଟ ପାଇଁ ପ୍ରଶାସନ ସ୍ଥାଣୁ ପାଲଟିବାକୁ ଭର୍ତ୍ସନା କରି ଇସ୍ତଫାପତ୍ରରେ ଉଲ୍ଲେଖ କରିଥିଲେ।

### ଚନ୍ଦ୍ରଗ୍ରହଣ ପାଇଁ ଶ୍ରୀଲିଙ୍ଗରାଜଙ୍କ ନୀତିନିର୍ଘଣ୍ଟ

ଶନିବାର ରାହୁଗ୍ରସ୍ତ ଖଣ୍ଡଗ୍ରାସ ଚନ୍ଦ୍ରଗ୍ରହଣ। ଏଥିପାଇଁ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି। ଶନିବାର ସକାଳ ୬ଟାରୁ ୬ଟା ୩୦ ମଧ୍ୟେ ମଙ୍ଗଳଆଳତି କରାଯିବ। ସକାଳ ୬ଟା ୩୦ରୁ ୯ଟା ମଧ୍ୟେ ସାହାଣମେଲା ଦର୍ଶନ, ସକାଳ ୯ଟା ୩୦ ମଧ୍ୟେ ଗର୍ଭଗୃହ ସଫେଇ କାର୍ଯ୍ୟ କରାଯାଇ ମାଘସ୍ନାନ ଦିଆଯିବ। ଅପରାହ୍ଣ ୪ଟା ମଧ୍ୟରେ ଶ୍ରୀଜୀଉଙ୍କ ସନ୍ଧ୍ୟା ଧୂପ, ଠାକୁରାଣୀଙ୍କ ସନ୍ଧ୍ୟାଧୂପ ଓ କାର୍ତ୍ତିକ ପୂଜା ଆରମ୍ଭ। ଅପରାହ୍ଣ ୪ଟା ୧୫ରୁ ସମସ୍ତ ଦେବନୀତି ବନ୍ଦ ରହିବ। ରାତ୍ର ୧ଟା ୩୦ ମଧ୍ୟେ ଶ୍ରୀଜୀଉଙ୍କ ଗ୍ରହଣ ସ୍ନାନ ପାଇଁ ବିନ୍ଦୁସାଗରକୁ ଯାତ୍ରା। ରାତି ୨ଟା ୧୫ରେ ଗ୍ରହଣ ଭୋଗ ସମ୍ପାଦନ ହେବ। ରାତି ୨ଟା ୨୫ରେ ସର୍ବମୋକ୍ଷ ପରେ ମାଘସ୍ନାନ ଓ ବଡ଼ସିଂହାର କରାଯିବ। ସୂଚନାଥାଉ କି, ଅପରାହ୍ଣ ୪ଟାରୁ ରାତି ୨ଟା ୨୫ ପର୍ଯ୍ୟନ୍ତ ମନ୍ଦିର ଭିତର ଓ ବାହାରର ସମସ୍ତ ଫୁଲ, ଦୀପ, ଭୋଗ ଆଦି ପୂଜା ସାମଗ୍ରୀ ଦୋକାନ ବନ୍ଦ ରହିବ।

# ଓଡ଼ିଶୀ ସହ ମୃଦଙ୍ଗ, ସିତାର, ସରୋଦ ବାଦନ



ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟା**

ଭୁବନେଶ୍ୱର,୨୭।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)

ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ୧୭ତମ ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଓଡ଼ିଶୀ ନୃତ୍ୟ ସହିତ ମୃଦଙ୍ଗମ, ସିତାର ଓ ସରୋଦ ବାଦନର ଏକ ସୁନ୍ଦର ସମାରୋହ ସନ୍ଧ୍ୟାରେ ଦେଖିବାକୁ ମିଳିଥିଲା। ଗୁରୁ ସୋନାଲି ମହାପାତ୍ର ଓ ସାଥୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟରୁ ସନ୍ଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସେମାନଙ୍କ ପରିବେଷଣରେ ଥିଲା ହନୁମାନ ଚାଳିଶା। ଏହାର ସଙ୍ଗୀତ ସଂଯୋଜନା କରିଥିଲେ ଅଭିରାମ ନନ୍ଦ, ତାଳ ସଂଯୋଜନା କରିଥିଲେ ଦିବାକର ପରିଡ଼ା ଓ ନୃତ୍ୟ ସଂରଚନା କରିଥିଲେ ଗୁରୁ ସୋନାଲି ମହାପାତ୍ର। ପରବର୍ତ୍ତୀ ଉପସ୍ଥାପନ ଥିଲା ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ମୃଦଙ୍ଗ ବାଦକ ୟେଲ୍ଲା ଭେଙ୍କଟେଶ୍ୱର ରାଓଙ୍କ ଦ୍ୱାରା ଆଦିତାଳ ଉପରେ ମୃଦଙ୍ଗ ବାଦନ। କର୍ନାଟକୀ ସଙ୍ଗୀତ ଉପରେ ଆଧାରିତ ତାଙ୍କର ମୃଦଙ୍ଗ ବାଦନ ଦର୍ଶକଙ୍କୁ ସମାନ ଭାବେ ପ୍ରଭାବିତ କରିଥିଲା। ଅନ୍ତିମ ପ୍ରସ୍ତୁତିରେ ଥିଲା କେ ବ୍ରଦର୍ସଙ୍କ ଦ୍ୱାରା ସିତାର ଓ ସରୋଦ ବାଦନର ଯୁଗଳବନ୍ଦୀ। ପଣ୍ଡିତ ମନୋଜ କେ ଦ୍ୱାରା ସରୋଦ ବାଦନ ସାଙ୍ଗକୁ ପଣ୍ଡିତ ମୋର ମୁକୁଟ କେ ଦ୍ୱାରା ସିତାର ବାଦନ ସନ୍ଧ୍ୟାର କାର୍ଯ୍ୟକ୍ରମକୁ ଦ୍ୱିଗୁଣିତ କରିଥିଲା। ତବଲାରେ ରୋହନ ବୋଷ ସହଯୋଗ କରିଥିଲେ। ଅତିଥି ଭାବେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧ୍ୟକ୍ଷ ଲେନିନ୍ ମହାନ୍ତି, ପୂର୍ବତନ ରାଜସ୍ୱ ପରିଷଦର ସଦସ୍ୟ ତଥା ଭାରତୀୟ ପ୍ରଶାସନିକ ଅଧିକାରୀ ଅଶୋକ କୁମାର ତ୍ରିପାଠୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ ଏବଂ ଅନୁଷ୍ଠାନର ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶ୍ରୀନିବାସ ଘଟୁଆରୀ ସଞ୍ଚାଳନ କରିଥିଲେ।

# କୁଆଁର ପୂନେଇଁ ଜହ୍ନ ଗୋ...



ଭୁବନେଶ୍ୱର,୨୭।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)

ଆକାଶର ଜହ୍ନ ସାଥେ କୁଆଁରୀ ମନର ଅସୁମାରୀ ଆଶାକୁ ନୃତ୍ୟରେ ରୂପାନ୍ତରିତ କରି ଅନୁଷ୍ଠିତ ହୋଇଯାଇଛି କୁମାର ଉତ୍ସବ। ଶୁକ୍ରବାର ନୃତ୍ୟାନୁଷ୍ଠାନ ନୃତ୍ୟାୟନ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ୨ୟ କୁମାର ଉତ୍ସବ ପାଳନ କରାଯାଇଛି। ନୃତ୍ୟାଚାର୍ଯ୍ୟ ଗୁରୁ ଦୁର୍ଗାଚରଣ ରଣବୀରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାନ ଦ୍ୱାରା ପ୍ରସ୍ତୁତ ନୃତ୍ୟ ସବୁକୁ ଉପସ୍ଥିତ ଦର୍ଶକ ଉପଭୋଗ କରିଥିଲେ। ଲକ୍ଷ୍ମୀ ମଙ୍ଗଳାଚରଣରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ସନ୍ଧ୍ୟାରେ ଅତିଥି ଭାବେ ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ, ରାଜଶ୍ରୀ ଚିନ୍ତକ ବେହେରା, ସଭାପତି ରାଧାଶ୍ୟାମ ପାତ୍ର, ସମ୍ପାଦକ ଗୁରୁ ଦୁର୍ଗାଚରଣ ରଣବୀର ପ୍ରମୁଖ ଉପସ୍ଥିତ ଥିଲେ। ଧୀରେନ୍ଦ୍ରନାଥ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ସୋସାଇଟି ଟଙ୍କା ଚୋରି କରି ଯୁବକ ଗିରଫ

ବାରଙ୍ଗ,୨୭।୧୦(ଲିଙ୍ଗରାଜ ରାଉତ)

ସୋସାଇଟି ଟଙ୍କା ଚୋରି କରିବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ନନ୍ଦନକାନନ ଥାନା ଅଧୀନ ରଘୁନାଥପୁରଠାରେ ଥିବା ଜିଡିଏସ୍ ଟାୱାରର ସୋସାଇଟି ରୁମ୍ରେ ରହୁଥିବା ପ୍ରମୋଦ ସୁତାର। ପ୍ରକାଶ ଯେ, ହେମନ୍ତ ମଲ୍ଲିକ ଓ ପ୍ରମୋଦ ଉକ୍ତ ଟାୱାରର ସୋସାଇଟି ରୁମ୍ରେ ରୁହନ୍ତି। ଉକ୍ତ ସୋସାଇଟିର ମାସିକିଆ ମେଣ୍ଟେନାନ୍ସ ଖର୍ଚ୍ଚ ବାବଦକୁ ଆଦାୟ ହୋଇଥିବା ମୋଟ ୫୨ହଜାର ଟଙ୍କାକୁ ହେମନ୍ତ ଉକ୍ତ ଜିଡିଏସ୍ ଟାୱାରର ସୋସାଇଟି ରୁମରେ ରଖି ଶୋଇବାକୁ ଚାଲିଯାଇଥିଲେ। ସେହି ରୁମରେ ରହୁଥିବା ପ୍ରମୋଦ ଉକ୍ତ ଟଙ୍କାକୁ ସେଠାରୁ ଚୋରି କରି ନେଇଥିଲେ। ଟଙ୍କା ଚୋରି ସମ୍ପର୍କରେ ହେମନ୍ତ ପଚାରିବାରୁ ପ୍ରମୋଦ ସେ ଟଙ୍କା ଚୋରି କରିଥିବା ସ୍ୱୀକାର କରିବା ସହ ପରେ ଫେରାଇ ଦେବେ ବୋଲି କହିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଟଙ୍କା ନ ଫେରାଇ ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ହେମନ୍ତ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ୧୫୧/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ ପଚରାଉଚରାବେଳେ ପ୍ରମୋଦ ନିଜ ଦୋଷ ସ୍ୱୀକାର କରିବା ସହ ଚୋରି ଟଙ୍କା ଖର୍ଚ୍ଚ କରିଦେଇଥିବା କହିଥିଲେ।

## ଯୌତୁକ ନିର୍ଯାତନା, ଥାନାର ଦ୍ୱାରସ୍ଥ ହେଲେ ମହିଳା

କଟକ,୨୭।୧୦ (କାର୍ତ୍ତିକ ସାହୁ)

ଯୌତୁକ ପାଇଁ ଶାଶୁଘର ଲୋକେ ଜଣେ ମହିଳାଙ୍କୁ ନିର୍ଯାତନା ଦେଉଥିବା ନେଇ କଟକ ମହିଳା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, କଟକ ମଧୁପାଟଣା ଥାନା ଅଧୀନ କାଜିଡିହ ଅଞ୍ଚଳର ଜଣେ ମହିଳାଙ୍କୁ ୨୦୧୦ ନଭେମ୍ବରରେ ଭୁବନେଶ୍ୱର ଆଇଗିଣିଆ ଅଞ୍ଚଳର ଡ. ଏନ୍. ସଦାଶିବ ରାଓଙ୍କ ପୁଅ ଏନ୍. ରାଜେଶ ବିବାହ କରିଥିଲେ। ବିବାହର ବର୍ଷେ ପରେ ଶାଶୁଘର ଲୋକେ ମହିଳାଙ୍କ ଉପରେ ନିର୍ଯାତନା ଆରମ୍ଭ କରିଥିଲେ। ବିବାହର ୩ ବର୍ଷ ଯାଏ ସନ୍ତାନସନ୍ତତି ନ ହେବାରୁ ନିର୍ଯାତନା ବଢ଼ିଯାଇଥିଲା। ଯୌତୁକ ବାବଦରେ ୧ ଲକ୍ଷ ଟଙ୍କା ବାପଘରୁ ଆଣିବା ନିମନ୍ତେ ସେମାନେ ବାଧ୍ୟ କରୁଥିଲେ। ପରବର୍ତ୍ତୀ ସମୟରେ ମହିଳା ଜଣଙ୍କ ଏକେ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ। ଏବେ ତାଙ୍କର ୯ ବର୍ଷର ପୁତ୍ର ରହିଛି। ହେଲେ ଶାଶୁଘର ସଦସ୍ୟଙ୍କ ନିର୍ଯାତନା ପୂର୍ବବତ୍ ଚାଲୁ ରହିଥିଲା। କେବଳ ସେତିକି ନୁହେଁ, ମହିଳାଙ୍କୁ ତାଙ୍କ ଶ୍ୱଶୁର ଯୌନ ନିର୍ଯାତନା ଦେବା ଓ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରୁଥିଲେ। ଶ୍ୱଶୁରଙ୍କର ଏପରି ଆଚରଣକୁ ମହିଳା ଜଣଙ୍କ ବିରୋଧ କଲେ ତାଙ୍କୁ ଶାଶୁ, ସ୍ୱାମୀ ଓ ନଣନ୍ଦ ମିଶି ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଉଥିଲେ। ଏସବୁ କଥା କାହା ଆଗରେ ପ୍ରକାଶ କଲେ ଘରୁ ବାହାର କରିଦେବା ସହ ଛାଡ଼ପତ୍ର ଦେବା ପାଇଁ ସେମାନେ ଧମକ ଦେଉଥିଲେ। ପରିବାର ସମ୍ମାନକୁ ଦୃଷ୍ଟିରେ ରଖି ମହିଳା ସବୁକିଛି ସହିଯାଉଥିଲେ। ଗତ ସେପ୍ଟେମ୍ବର ୪ରେ ମହିଳାଙ୍କୁ ଶାଶୁଘର ଲୋକେ ବୁଝାଇ ବାପଘର ବୁଲି ଆସିବା ପାଇଁ କହିଥିଲେ। ମହିଳା ଜଣଙ୍କ ବାପଘରକୁ ଆସିଲା ପରେ ଡିଭର୍ସ ପେପର ଘରେ ପହଞ୍ଚିଥିଲା। ଫଳରେ ସମ୍ପୃକ୍ତା ମହିଳା ନ୍ୟାୟ ପାଇଁ ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ସମ୍ପର୍କରେ ସେ ଅଭିଯୋଗ କରିବା ପରେ ପୋଲିସ ୪୯୮(ଏ), ୩୨୩, ୩୭୭, ୩୫୪(ଏ), ୫୦୬, ୩୪, ଯୌତୁକ ନିରୋଧ ଆଇନର ଧାରା ୪ ଅନୁଯାୟୀ ଏକ ମାମଲା(ନଂ.୧୪୫/୨୩) ରୁଜୁ କରିଛି।

## ରୋଗକୁ ନେଇ ରୋଗୀ ବ୍ୟସ୍ତ ହେବା ଉଚିତ ନୁହେଁ



ସମ୍ମିଳନୀରେ ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

**ଓଡ଼ିଶା ଏଣ୍ଡୋକ୍ରାଇନ୍ ସୋସାଇଟିର ରାଜ୍ୟସ୍ତରୀୟ ବାର୍ଷିକ ସମ୍ମିଳନୀ ଉଦ୍‌ଘାଟିତ**

ଭୁବନେଶ୍ୱର, ୨୭।୧୦ (ଅସମାପିକା ସାହୁ)

ଓଡ଼ିଶା ଏଣ୍ଡୋକ୍ରାଇନ୍ ସୋସାଇଟିର ରାଜ୍ୟସ୍ତରୀୟ ଦଶମ ବାର୍ଷିକ ସମ୍ମିଳନୀ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଆରମ୍ଭ ହୋଇଛି। ସ୍ୱାମୀ ଶିବାଚିଦାନନ୍ଦ ସରସ୍ୱତୀ ମହାରାଜା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ରୋଗୀଙ୍କ ରୋଗ ପାଇଁ ଚିନ୍ତା ଅଧିକ କ୍ଷତିକାରୀ ହୋଇଥାଏ। ତେଣୁ ରୋଗୀ ସବୁବେଳେ ରୋଗକୁ ନେଇ ବ୍ୟତିବ୍ୟସ୍ତ ହେବା ଆବଶ୍ୟକତା ନାହିଁ। ରୋଗକୁ ଭୁଲି ନିଜ ମନକୁ ଈଶ୍ୱରଙ୍କ ନାମରେ ମଗ୍ନ ରୁହନ୍ତୁ ବୋଲି ସେ କହିଛନ୍ତି। ସୋସାଇଟିର ସଭାପତି ଡା. ଏସ୍.ଆର୍. ପଟ୍ଟନାୟକ କହିଛନ୍ତି, ରାଜ୍ୟ ଭିତରୁ ୮ଶହରୁ ଅଧିକ ଡାକ୍ତର ଯୋଗ ଦେଇଛନ୍ତି। ଆଉ ରାଜ୍ୟ ବାହାରୁ ୪୦ଜଣ ଗବେଷକ ଆସିଛନ୍ତି। ନୂଆ ଚିକିତ୍ସା ବିଜ୍ଞାନ ଉପରେ ଜ୍ଞାନ ବାଣ୍ଟିବେ। ସାଂଗଠନିକ ଅଧ୍ୟକ୍ଷ ଡା. ଅଭୟ ସାହୁ କହିଛନ୍ତି, ତିନିଦିନ ଧରି ଚାଲିବାକୁ ଥିବା କାର୍ଯ୍ୟକ୍ରମରେ ବହୁ ଡାକ୍ତର ଯୋଗଦେଇଛନ୍ତି। ଏହି ଅବସରରେ ଶନିବାର ସକାଳୁ କାର୍ଯ୍ୟକ୍ରମ ସ୍ଥଳଠାରୁ ଏକ ଏଣ୍ଡୋକ୍ରାଇନ୍ ରୋଗ ଉପରେ ସଚେତନତା ନେଇ ଏକ ୱାକାଥନ୍ ଆୟୋଜନ ହେବ। ବିଶେଷ କରି ଗ୍ରାମାଞ୍ଚଳରେ ଏଣ୍ଡୋକ୍ରାନଇନ୍ ରୋଗ ଚିକିତ୍ସା ଉପରେ ଡାକ୍ତରଙ୍କୁ ପ୍ରଶିକ୍ଷଣ ଦିଆଯିବା ସହିତ ଅତ୍ୟାଧୁନିକ ଚିକିତ୍ସା ଉପରେ ଜ୍ଞାନ ଦିଆଯିବ। ଏହାବ୍ୟତୀତ ମଧୁମେହ ରୋଗ ବଢ଼ିଚାଲିଛି। ତେଣୁ ଛୋଟପିଲାଙ୍କଠାରୁ ଆରମ୍ଭ କରି ଗର୍ଭବତୀ ମହିଳାଙ୍କ ମଧୁମେହ ଚିକିତ୍ସା ଉପରେ ଆଲୋଚନା ଆରମ୍ଭ ହୋଇଛି। ମଧୁମେହରେ ଆକ୍ରାନ୍ତ ହେଲେ ଶରୀରର ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଉପରେ ପ୍ରଭାବ ପକାଇଥାଏ। ବିଭିନ୍ନ ବିଭାଗ ଡାକ୍ତରଙ୍କୁ ମଧୁମେହ ଚିକିତ୍ସା ଉପରେ ପରାମର୍ଶ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସାଙ୍ଗଠନିକ ସମ୍ପାଦକ ଡା. ରିତେଶ ଅଗ୍ରୱାଲ, ସାଇଣ୍ଟିଫିକ୍ ସମ୍ପାଦକ ଡା. ସ୍ୱୟଂ ସିଦ୍ଧ ମଙ୍ଗରାଜ ଉପସ୍ଥିତ ଥିଲେ।

## ବି.ସି. ଦାସ ଏନ୍‌ସିଟିଇ ଆଞ୍ଚଳିକ କମିଟି ସଦସ୍ୟ ମନୋନୀତ

କଟକ,୨୭।୧୦(ଶିଳ୍ପା ପ୍ରିୟଦର୍ଶିନୀ)

କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗର ବରିଷ୍ଠ ଶିକ୍ଷାବିତ୍ ଡ. ବିକଳି ଚରଣ ଦାସଙ୍କୁ ନ୍ୟାଶନାଲ କାଉନ୍ସିଲ ଫର୍ ଟିଚର ଏଜୁକେଶନ(ଏନ୍‌ସିଟିଇ) ପୂର୍ବାଞ୍ଚଳ କମିଟିର ସଦସ୍ୟ ଭାବେ ମନୋନୀତ କରାଯାଇଛି। ଶିକ୍ଷାବିତ୍ ଦାସ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଶିକ୍ଷା ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଅଛନ୍ତି। ତାଙ୍କ ରଚିତ ୭ଟି ଗବେଷଣାତ୍ମକ ପୁସ୍ତକ ପ୍ରକାଶ ପାଇଛି। ଏଥିସହ ତାଙ୍କର ୬୦ରୁ ଊର୍ଦ୍ଧ୍ୱ ନିବନ୍ଧ ଜାତୀୟ ତଥା ଅନ୍ତର୍ଜାତୀୟ ଜର୍ନାଲର ପୃଷ୍ଠାମଣ୍ଡନ କରିଛି। ସେ ଦେବୀ ଅହଲ୍ୟା ବିଶ୍ୱବିଦ୍ୟାଳୟରୁ ଏମ୍.ଏଡ୍. ଓ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟରୁ ଡି.ଫିଲ୍. ଡିଗ୍ରୀ ହାସଲ କରିଛନ୍ତି। ଏନ୍‌ସିଟିଇ ସଦସ୍ୟ ଭାବେ ଦାସଙ୍କ ମନୋନୟନକୁ ଶିକ୍ଷାବିତ୍‌ଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି।

# ବିଏମ୍‌ସି କର୍ପୋରେଶନ ବୈଠକରେ ହୋହଲ୍ଲା

ଭୁବନେଶ୍ୱର, ୨୭।୧୦ (ବନ୍ଦନା ସେଠୀ)

- ଜନପ୍ରତିନିଧିଙ୍କୁ ଅଣଦେଖା ପ୍ରତିବାଦରେ ତଳେ ବସିଲେ କର୍ପୋରେଟର
- ଘରୋଇ ସଂସ୍ଥା ନିବ୍‌କୁ ବ୍ଲାକ୍‌ଲିଷ୍ଟ ପାଇଁ ପ୍ରସ୍ତାବ



ବୈଠକରେ ମେୟର ସୁଲୋଚନା ଦାସ, କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ସହ କର୍ପୋରେଟର ଓ ଅନ୍ୟମାନେ।

ବିଏମ୍‌ସିର ମାସିକ କର୍ପୋରେଶନ ବୈଠକ ଶୁକ୍ରବାର ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ତେବେ ଏଥର ବୈଠକରେ କର୍ପୋରେଟରମାନେ ବିଏମ୍‌ସି କମିଶନରଙ୍କ ଏବଂ କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟକୁ ନେଇ ବିରୋଧ କରିବା ସହ ହୋ ହଲ୍ଲା କରିଥିଲେ। ଏପରିକି ଏକାଧିକ କର୍ପୋରେଟର ସିଟ୍‌ରୁ ଉଠିଆସି ତଳେ ବସି ବିରୋଧ ପ୍ରଦର୍ଶନ କରିଥିଲେ। ବିଶେଷକରି କର୍ପୋରେଟରଙ୍କୁ ସୂଚନା ନ ଦେଇ ସେମାନଙ୍କ ୱାର୍ଡ଼କୁ କମିଶନର ଗସ୍ତ କରୁଛନ୍ତି ଏବଂ ଲୋକ ପ୍ରତିନିଧିଙ୍କୁ ଅଣଦେଖା କରୁଛନ୍ତି ବୋଲି କର୍ପୋରେଟର ପିଙ୍କି ସ୍ୱାଇଁ ଅଭିଯୋଗ ଆଣିଥିଲେ। ଏହାକୁ ଅନ୍ୟ କର୍ପୋରେଟରମାନେ ସମର୍ଥନ କରିଥିଲେ। ସେହିପରି କର୍ପୋରେଶନରେ ପ୍ରସ୍ତାବ ଆଗତ ନକରି ମନଇଚ୍ଛା ବହୁ ପ୍ରସ୍ତାବ ପାରିତ କରାଯାଉଥିବାରୁ ଦୃଢ଼ ବିରୋଧ କରାଯାଇଥିଲା। ଅନ୍ୟପକ୍ଷରେ ବିଏମ୍‌ସିରେ ନିଯୁକ୍ତ ହୋଇଥିବା ନଲେଜ୍ ପାର୍ଟନେର୍‌ର ଅର୍ଥ କ'ଣ ଏବଂ ଏହାର ଆବଶ୍ୟକତା କ'ଣ ବୋଲି କର୍ପୋରେଟର ନୃପେଶ ନାୟକ ପ୍ରଶ୍ନ କରିଥିଲେ। ଏହି ନିଯୁକ୍ତି ପାଇଁ କର୍ପୋରେଶନର ଅନୁମୋଦନ ଏବଂ ରାଜ୍ୟ ସରକାରଙ୍କ ସମସ୍ତ ଗାଇଡ୍‌ଲାଇନ୍ ପାଳନ କରାଯାଇଥିଲା କି ବୋଲି ସେ ପଚାରିଥିଲେ। ୱାର୍ଡ଼ ନଂ. ୩୮ର କର୍ପୋରେଟର ବନ୍ଦିତା ପାଲ୍ କ୍ଷୋଭର ସହ କହିଥିଲେ, ତାଙ୍କ ୱାର୍ଡ଼ରେ କମ୍ୟୁନିଟ୍ ହଲ୍ ନିର୍ମାଣ ପାଇଁ ଟେଣ୍ଡର ସରିଥିଲେ ବି ଜବରଦଖଲ ଉଚ୍ଛେଦ ହୋଇପାରୁ ନ ଥିବାରୁ କାମ ଆରମ୍ଭ ହୋଇ ପାରୁନାହିଁ। ଏନେଇ ଗତ ଡିସେମ୍ବରରେ ସେ ଧାରଣା ଦେବା ସହିତ ଅନଶନରେ ବସିଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ ତାହା କାହିଁକି ହୋଇପାରୁ ନାହିଁ ତାହାକୁ ନେଇ ପ୍ରଶ୍ନ କରିଥିଲେ। ସେହିପରି ଅଗଷ୍ଟରେ ହୋଇଥିବା କର୍ପୋରେଶନ ବୈଠକରେ କର୍ପୋରେଟର ରଶ୍ମିରଞ୍ଜନ ପାଣିଗ୍ରାହୀ ଡିଏନ୍ ରେଗାଲିଆ ଉପରେ ଥିବା ୫କୋଟି ୭୨ଲକ୍ଷ ୯୧ହଜାର ୫୪୪ଟଙ୍କା ବକେୟା ଟିକସ ରହିଥିବା ଦର୍ଶାଇଥିଲେ। ଏନେଇ ବିଏମ୍‌ସି କ'ଣ ପଦକ୍ଷେପ ନେଇଛି ତାହାକୁ ନେଇ ପ୍ରଶ୍ନ କରିଥିଲେ। ଏହାବାଦ୍ ଷ୍ଟ୍ରିଟ୍ ଲାଇଟ୍ ସମସ୍ୟାକୁ ନେଇ ମଧ୍ୟ କର୍ପୋରେଟରମାନେ ମେୟରଙ୍କୁ ଘେରିଥିଲେ। ବିଏମ୍‌ସି ପକ୍ଷରୁ ନିୟୋଜିତ ଘରୋଇ ସଂସ୍ଥା ନିବ୍‌କୁ ବ୍ଲାକ୍‌ଲିଷ୍ଟ କରିବାକୁ ପ୍ରସ୍ତାବ ପାରିତ ହୋଇଥିଲା। ଏଥିସହ ନାଗରିକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଯଥାସମ୍ଭବ ସମସ୍ତ ୱାର୍ଡ଼ରେ ନୋ ପାର୍କିଂ ଜୋନ୍ କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ସମସ୍ତ ୱାର୍ଡ଼ରେ ଷ୍ଟ୍ରିଟ୍ ଲାଇଟ୍‌କୁ ଅଧିକ ବ୍ୟବସ୍ଥିତ କରିବାକୁ ଏବଂ ପରିଚାଳନା ସଂସ୍ଥାକୁ ତାଗିଦ୍ କରିବା ଉପରେ ପଦକ୍ଷେପ ନିଆଯିବ। ବିଏମ୍‌ସି ଅଞ୍ଚଳରେ କୌଣସି ସଂସ୍ଥା ବିଜ୍ଞାପନ ମାରି ପାରିବେ ନାହିଁ। ସହରର ମେଡିଆନ୍‌ରେ ଉନ୍ନତି ଆଣିବା ପାଇଁ ସବୁଜ ତଥା ସୌନ୍ଦର୍ଯ୍ୟକରଣ କରିବାକୁ ଆଲୋଚନା ହୋଇଥିଲା। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଶୁଭେନ୍ଦୁ କୁମାର ସାହୁ, ସୂର୍ଯ୍ୟବଂଶୀ ମୟୂର ବିକାଶ, ସିଟି ଇଞ୍ଜିନିୟର ଅରୁଣ କୁମାର ନାୟକ, ଭୁବନେଶ୍ୱର ମଧ୍ୟ ବିଧାୟକଙ୍କ ପ୍ରତିନିଧି ମିଳନ କୁମାର ପାଇକରାୟ, ଉତ୍ତର ବିଧାୟକଙ୍କ ପ୍ରତିନିଧି କୁନିଲତା ମହାରଣା, ଏକାମ୍ର ବିଧାୟକଙ୍କ ପ୍ରତିନିଧି ଦାଶରଥି ଗରାବଡୁ, ସମସ୍ତ କର୍ପୋରେଟର, ବିଏମ୍‌ସି ଅଧିକାରୀ ଓ ସଂପୃକ୍ତ ବିଭାଗୀୟ ପ୍ରତିନିଧିମାନେ ଯୋଗଦେଇଥିଲେ। ଓଏସ୍‌ଡିଟୁ ମେୟର ପ୍ରିୟବ୍ରତ ପାଢ଼ୀ ବୈଠକର ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

ନିରାକାରପୁର,୨୭।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଜଙ୍କିଆ ଥାନା ଅନ୍ତର୍ଗତ ମୋଟା ଛକ ନିକଟରେ ଶୁକ୍ରବାର ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କ ପରିଚୟ ମିଳିପାରି ନ ଥିବା ବେଳେ ବାଇକଟି ଭାଙ୍ଗିରୁଜି ଯାଇଛି। ସୂଚନା ମୁତାବକ, ୧୬ ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ପଟୁ ଓଡି-୦୨-ଏଭି-୧୮୯୪ ନମ୍ବରବିଶିଷ୍ଟ ଏକ ବାଇକ୍ ମୋଟା ଛକ ନିକଟରେ ମୋଡଣି ବୁଲୁଥିବାବେଳେ ଜଙ୍କିଆ ପଟୁ ଆସୁଥିବା ଏନ୍ଏଲ୍-୦୧-ଏଲ-୪୩୮୧ ନମ୍ବର ବିଶିଷ୍ଟ ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକ ଗାଡ଼ିରୁ ଛିଟିକି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲେ। ଖବରପାଇ ଜଙ୍କିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ୪୫୦୦ ଲିଟର ପୋଚ ନଷ୍ଟ, ମଦ ଜବତ: ଜଣେ ଗିରଫ

ବେଗୁନିଆ,୨୭।୧୦(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଅବକାରୀ ଥାନା ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇ ୩୭୫ ଲିଟର ଦେଶୀ ରନ୍ଧା ମଦ ଜବତ କରାଯିବା ସହ ୪୫୦୦ ଲିଟର ପୋଚ ନଷ୍ଟ କରାଯାଇଛି। ଏଥିରେ ସମ୍ପୃକ୍ତି ନେଇ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ମାଧପୁର ଗ୍ରାମର ସୁକାନ୍ତ ସ୍ୱାଇଁ। ଏନେଇ ଅବକାରୀ ଥାନାରେ ପୃଥକ ମାମଲା (ନଂ.୧୩୪,୧୩୫,୧୩୬/୨୩) ରୁଜୁ ହୋଇଛି। ସୂଚନା ମୁତାବକ, ବେଗୁନିଆ ଥାନା ଅଧୀନ ମାଧପୁର ଓ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ବରପଦା ଗ୍ରାମ୍ୟ ଜଙ୍ଗଲରେ ମିଳିତ ଚଢ଼ାଉ କରାଯାଇଥିଲା। ରନ୍ଧା ମଦ ସହିତ ପ୍ରସ୍ତୁତ କରିବା ପାଇଁ ରଖାଯାଇଥିବା ଗୁଡ ଓ ପିଡିଆ ମିଶ୍ରିତ ପୋଚ ଜବତ ହୋଇଛି। ବେଗୁନିଆ ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ଏନ୍.ଜାଗିନ ରାଓ,ଏଏସ୍ଆଇ ବିରଞ୍ଚି ନାରାୟଣ ମହାନ୍ତି, ରଞ୍ଜନ କୁମାର ଦାସ ଓ ସିପାହି ବିକାଶ କୁମାର ରାଉତ, ମନୋଜ କୁମାର ରଣସିଂହ, ଚିନ୍ମୟୀ ସେଠୀ ଏବଂ ଜିଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ ଥିଲେ।

### ଭଗବତୀଙ୍କ ପୀଠରେ ଗୁରୁବନ୍ଦନା ଉତ୍ସବ

ନିରାକାରପୁର,୨୭।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନରଣଗଡ଼ସ୍ଥିତ ମା'ଭଗବତୀଙ୍କ ପୀଠରେ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଗୁରୁବନ୍ଦନା ଉତ୍ସବ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଶରତ ଚନ୍ଦ୍ର ଦାସ, ରମେଶ ପାତ୍ର, ଯୁଧିଷ୍ଠିର ହରିଚନ୍ଦନ, ଶଶିକାନ୍ତ ମିଶ୍ର, ଗୟା ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକମାନଙ୍କୁ ଉପସ୍ଥିତ ଛାତ୍ରୀଛାତ୍ରମାନେ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଚିନ୍ତାମଣି ବିଦ୍ୟାନିକେତନର ୧୯୯୩ ମାଟ୍ରିକ ବ୍ୟାଚରେ ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସତ୍ୟପୀର ଶ୍ରୀଚନ୍ଦନ, ସମୀର ଭୁଜବଳ, ପରମାନନ୍ଦ ଛୋଟରାୟ, ଜ୍ଞାନ ରଞ୍ଜନ ମହାନ୍ତି, ଅଖିଳ ପଟ୍ଟନାୟକ, ପ୍ରକାଶ ଶ୍ରୀଚନ୍ଦନ, ଆରତ ସାହୁ, କେଦାର ଜେନା, ଭାବଗ୍ରାହୀ ବଳିୟାରସିଂ, ସଂଗ୍ରାମ ସାହୁ, ନଗେନ୍ଦ୍ର ସ୍ୱାଇଁ, ପ୍ରଭାଶିଷ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ୫୭୦ ଏସ୍ଏଚ୍‌ଜିଙ୍କୁ ୪୦ କୋଟି ଋଣ

## ଜିଲାସ୍ତରୀୟ ବୃହତ ଋଣ ମେଳା

ଖୋର୍ଦ୍ଧା,୨୭।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟୀ ରାଜଗୁରୁ(ଟାଉନ ହଲ) ଭବନ ପରିସରରେ ଜିଲାସ୍ତରୀୟ ବୃହତ ସ୍ୱୟଂ ସହାୟକ ଗୋଷ୍ଠୀ ଋଣ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ୫୭୦ଟି ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି)ଙ୍କୁ ୪୦ କୋଟି ଟଙ୍କା ଋଣ ଦିଆଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ପରିଷଦ ଉନ୍ନୟନ ଅଧିକାରୀ ବାଦଲ ମହାନ୍ତି, ଅତିରିକ୍ତ ଉନ୍ନୟନ ଅଧିକାରୀ କସ୍ତୁରୀବାଳା ଜେନା,ଏସ୍‌ବିଆଇ ଖୋର୍ଦ୍ଧା ଆଞ୍ଚଳିକ ପରିଚାଳକ ନରେନ୍ଦ୍ର କୁମାର ଜେନା, ଏଲ୍‌ଡିଏମ୍ ଅମର ଚନ୍ଦ୍ର ଅଗ୍ରୱାଲ ପ୍ରମୁଖ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ କରିଥିଲେ। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିଭିନ୍ନ ଯୋଜନାରେ ରାଜ୍ୟ ସରକାର ଏସ୍ଏଚ୍‌ଜି ଗ୍ରୁପ ମହିଳାଙ୍କୁ ଅନ୍ତର୍ଭୁକ୍ତ କରିଛନ୍ତି। ବିକାଶରେ ମହିଳାଙ୍କ ସହଭାଗିତାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଦକ୍ଷତା ବିକାଶ ସହ ସ୍ୱରୋଜଗାର, ସ୍ୱାବଲମ୍ବନ କ୍ଷେତ୍ରରେ ମିଶନ ଶକ୍ତି ମହିଳାଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିଛି। ମହିଳାମାନେ ଆଗଭଳି ଚାରିକାନ୍ଥ ମଧ୍ୟରେ ସୀମିତ ନ ରହି ବିକାଶମୂଳକ ଯୋଜନାରେ ସମାଜ ସହ ହାତ ମିଳାଇ ସୁଚାରୁଭାବେ ଦାୟିତ୍ୱ ସମ୍ପନ୍ନ କରୁଛନ୍ତି। ମହିଳାଙ୍କୁ ସ୍ୱରୋଜଗାର ମାଧ୍ୟମ ଦେବା ସହ ସେମାନଙ୍କ ଉତ୍ତରଦାୟିତ୍ୱ ବଢ଼ିଛି। ସରକାରଙ୍କ ବିକାଶମୂଳକ ଯୋଜନା କାର୍ଯ୍ୟକାରିତାରେ ମହିଳାମାନଙ୍କ ଏକ ପ୍ରମୁଖ ଭୂମିକା ରହିଛି। ସବୁକ୍ଷେତ୍ରରେ ମହିଳାମାନେ ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରି ଚାଲିଛନ୍ତି। ଏହି ଋଣ ନେଇ ବ୍ୟବସାୟ କରିବା ସହ ନିଜେ ଆତ୍ମନିର୍ଭରଶୀଳ ହୋଇ ପରିବାରକୁ ଆର୍ଥିକ ସ୍ୱାବଲମ୍ବନ କରିପାରିବେ। ମହିଳାଙ୍କ ଆର୍ଥିକ ବିକାଶ ହିଁ ଏହି ଋଣର ଲକ୍ଷ୍ୟ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୀବିକା ମିଶନ ପ୍ରକଳ୍ପ ପରିଚାଳକ ବିବେକ ରଞ୍ଜନ ନାୟକ, ମିଶନ ଶକ୍ତିର ଡିପିସି ନିରଞ୍ଜନ ମଲ୍ଲିକ, ଏସ୍‌ବିଆଇ ମୁଖ୍ୟ ପରିଚାଳକ (କ୍ରେଡିଟ) ରଶ୍ମିରଞ୍ଜନ ମିଶ୍ର, ଡେପୁଟି ଶାଖା ପରିଚାଳକ ଡି. ବିଜୟଲକ୍ଷ୍ମୀଙ୍କ ସମେତ ମିଶନ ଶକ୍ତି ଓ ଜୀବିକା ମିଶନର କର୍ମଚାରୀ, ବ୍ୟାଙ୍କ ମିତ୍ର ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟମାନେ।

## ମେଲାଣି ନେଲେ ମହାମାୟା



ନିରାକାରପୁର,୨୭।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଦୁର୍ଗାପୂଜା ହୋଇଥିବା ବେଳେ ଶୁକ୍ରବାର ମଧ୍ୟାହ୍ନରେ ମା'ଙ୍କ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଦୁର୍ଗାପୂଜା ଅଞ୍ଚଳର ଗୋଟିଏ ସ୍ଥାନରେ ହେଉଥିବାର ଏହାର ଆଖପାଖ ଅଞ୍ଚଳରୁ ମା'ଙ୍କ ଦର୍ଶନ କରିବା ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରତ୍ୟେକଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ତେବେ ଭସାଣିରେ ମା'ଙ୍କୁ ଏକ ବିରାଟ ପଟୁଆରରେ ନିରାକାରପୁର ବଜାର ପରିକ୍ରମା କରାଯାଇ ରାମେଶ୍ୱରଠାରେ ଥିବା ମନ୍ଦାକିନୀ ନଦୀରେ ବିସର୍ଜନ ଦିଆଯାଇଛି। ଏହି ଶୋଭାଯାତ୍ରା ଶାନ୍ତିଶୃଙ୍ଖଳାର ସହିତ ସମାପନ ହୋଇଛି।



କୁହୁଡି-ରତନପୁର ଗ୍ରାମର ତେଲୁଗୁ ସାହିରେ ଗାଆଣୀ ଯାତ୍ରାର ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ବିଭିନ୍ନ ବେଶଧାରୀ।

## ଗାଆଣୀ ଯାତ୍ରାର ଭସାଣି ଉତ୍ସବ

ଟାଙ୍ଗୀ,୨୭।୧୦(ରଘୁନାଥ ସାହୁ)

ଟାଙ୍ଗୀ ନିକଟ କୁହୁଡି-ରତନପୁର ଗ୍ରାମର ତେଲୁଗୁ ସାହିରେ'ଗାଆଣୀ ଯାତ୍ରାର ଭସାଣି ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୧୨୫ବର୍ଷ ଧରି ଗ୍ରାମରେ ଏହି ପର୍ବ ପାଳନ କରାଯାଇଛି। ଜଗତ୍ ଜନନୀ ମା' ଗୌରୀ ଦେବୀଙ୍କୁ ଶାରଦୀୟ ପର୍ବ ନବରାତ୍ରି ପୂଜା ବେଳେ ଏହି ପର୍ବ ଆରମ୍ଭ ହୋଇ ବିଜୟାଦଶମୀରେ ସମାପନ ହେବା ପରେ ଗୌରୀ ଦେବୀଙ୍କୁ ଶୋଭାଯାତ୍ରାରେ ନଗର ପରିକ୍ରମା ପରେ ମେଲାଣି ଦିଆଯାଇଥାଏ। ବିଶେଷକରି ତେଲୁଗୁ ସମ୍ପ୍ରଦାୟର ଲୋକମାନେ ଏହି ପର୍ବକୁ ପାଳନ କରିଥାନ୍ତି। ଗ୍ରାମର ଆବାଳବୃଦ୍ଧବନିତା ଏଥିରେ ସାମିଲ ହୋଇ ଏହି ପୂଜାର୍ଚ୍ଚନା କରିବା ସହିତ ବ୍ରତ ପାଳନ କରିଥାନ୍ତି ବୋଲି ଡି. ରମେଶ ନାଇଡୁ (ମୁଖ୍ୟ ପୂଜକ) ଏବଂ ଛାତ୍ରୀ ଦୀପିକା ନାଇଡୁ କହିଛନ୍ତି। ମା' ମଙ୍ଗଳା ଦେବୀ ଓ ଗୌରୀ ଦେବୀଙ୍କୁ ଏଠାରେ ପୂଜାର୍ଚ୍ଚନା କରାଯାଏ। କ୍ଷେତରୁ ଧାନ ଗଛ ଆଣି ପୂଜାର୍ଚ୍ଚନା କରି ଗ୍ରାମର ମଙ୍ଗଳ କାମନା କରାଯାଏ। ଆଗାମୀ ଦିନଗୁଡିକ ସୁଖ-ଶାନ୍ତି ଓ ସମୃଦ୍ଧି ନିମନ୍ତେ ମା'ଙ୍କୁ ପୂଜାର୍ଚ୍ଚନା କରାଯାଏ ବୋଲି ପଦ୍ମାବତୀ ପାତ୍ର କହିଛନ୍ତି।

## ଜଟଣୀରୁ ନିର୍ବାଚନ ଲଢ଼ିବେ ସନ୍ତୋଷ

### ଜଟଣୀ ନାଗରିକ ସୁରକ୍ଷା ମଞ୍ଚର ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ଜଟଣୀ,୨୭।୧୦(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଶୁକ୍ରବାର ମଞ୍ଚ ଆବାହକ ଦିବାକର ମଙ୍ଗରାଜଙ୍କ ଆବାହକତ୍ୱରେ ରାମଚନ୍ଦ୍ରପୁର ବଜାରସ୍ଥିତ ମା'ଉତ୍ତରାୟଣୀ କ୍ଲବ ପରିସରରେ ଜଟଣୀ ନିର୍ବାଚନମଣ୍ଡଳୀର ନେତୃତ୍ୱ ପରିବର୍ତ୍ତନକୁ ନେଇ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ କୃଷି ନିର୍ଦ୍ଦେଶକ ସନ୍ତୋଷ ରାୟ ସଭାପତିତ୍ୱ କରିଥିବା ବେଳେ ବିଶିଷ୍ଟ ରାଜନେତା, ସମାଜସେବୀ ତଥା ପାଣ୍ଡବ ଜେନା ଫାଉଣ୍ଡେଶନର ଅଧ୍ୟକ୍ଷ ଡ.ସନ୍ତୋଷ ଜେନା ଅତିଥିଭାବେ ଯୋଗଦେଇଥିଲେ। ଜଟଣୀ ନାଗରିକ ସୁରକ୍ଷା ମଞ୍ଚ ସହିତ ନିର୍ବାଚନମଣ୍ଡଳୀର ବିଭିନ୍ନ ସଙ୍ଗଠନ ପକ୍ଷରୁ ଫାଉଣ୍ଡେଶନ ଅଧ୍ୟକ୍ଷ ସନ୍ତୋଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ସାଧାରଣ ନିର୍ବାଚନରେ ଜଟଣୀ ନିର୍ବାଚନମଣ୍ଡଳୀର ସେବା, ସ୍ୱାର୍ଥ ଏବଂ ସ୍ୱାଭିମାନ ରକ୍ଷା କରିବା ପାଇଁ ଉପଯୁକ୍ତ ପ୍ରାର୍ଥୀ ଚୟନକୁ ନେଇ ଆଲୋଚନା କରାଯାଇଥିଲା। ତେବେ ଦଳମତ ନିର୍ବିଶେଷରେ ଫାଉଣ୍ଡେଶନର ଅଧ୍ୟକ୍ଷ ସନ୍ତୋଷଙ୍କୁ ବିଧାୟକ ପ୍ରାର୍ଥୀଭାବେ ନିର୍ବାଚନ ଲଢ଼ିବା ପାଇଁ ମତପ୍ରକାଶ ପାଇବା ସହ ସହଯୋଗ କରିବା ଲାଗି ଶପଥ ନେଇଥିଲେ। ତେବେ ଏ ସମ୍ପର୍କରେ ଫାଉଣ୍ଡେଶନର ଅଧ୍ୟକ୍ଷ ସନ୍ତୋଷ କହିଛନ୍ତି, ସାଧାରଣ ଜନତାଙ୍କ ସ୍ୱାର୍ଥ ଏବଂ ଜଟଣୀର ବିକାଶ ପାଇଁ ଆଗାମୀ ସାଧାରଣ ନିର୍ବାଚନରେ ବିଧାୟକ ପଦ ପାଇଁ ଲଢ଼ିବି ବୋଲି କହିଥିଲେ। ଦୁର୍ଗାଶଙ୍କର ଭଞ୍ଜଦେଓ, ଅଜୟ କୁମାର ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ବିଶ୍ୱାଳ, ଜଟଣୀ ନାଗରିକ ସୁରକ୍ଷା ମଞ୍ଚ ସଭାପତି ପ୍ରହ୍ଲାଦ ସାହୁ, ଜଟଣୀ ସାହିତ୍ୟ ସଂସଦର ସମ୍ପାଦକ ସତ୍ୟବାଦୀ ସାହୁ, ପୁରୁସାହି ଗ୍ରାମ ସଭାପତି ଦଣ୍ଡପାଣି ସାହୁ, ବରିଷ୍ଠ ଶିକ୍ଷକ ନେତା ତ୍ରିନାଥ ସାମନ୍ତରାୟ, ଚୈତନ୍ୟ ଫାଉଣ୍ଡେଶନ ସଭାପତି ପପୁ କୁମାର, ଆଇନଜୀବୀ ଜୟପ୍ରକାଶ ତ୍ରିବେଦୀ, ଅନ୍ଧାରୁଆ ଗ୍ରାମର ପୂର୍ବତନ ସଭାପତି ଦିଲୀପ ତରାଇ, ଯୁବନେତା ମନୋଜ ପ୍ରତିହାରୀ, ବିନତି ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ନିର୍ବାଚନ ମଣ୍ଡଳୀର ୩୧ଟି ପଞ୍ଚାୟତରୁ ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବରଙ୍କ ସହିତ ପୌରାଞ୍ଚଳର ୨୩ଟି ୱାର୍ଡର ବହୁ ନେତୃମଣ୍ଡଳୀ ଏବଂ ଜନସାଧାରଣ ଯୋଗଦେଇଥିଲେ।



ଜଟଣୀ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଅନୁଷ୍ଠିତ ଆଲୋଚନାଚକ୍ରରେ ପାଣ୍ଡବ ଜେନା ଫାଉଣ୍ଡେଶନର ଅଧ୍ୟକ୍ଷ ଡ.ସନ୍ତୋଷ ଜେନା ଏବଂ ଅନ୍ୟମାନେ।

## ପ୍ଲାଷ୍ଟିକ୍, ପଲିଥିନ ମୁକ୍ତ ପୂଜା ଉପରେ ଗୁରୁତ୍ୱ

### ଆଜିଠୁ ପୂଜା ପାଇବେ ଗଜଲକ୍ଷ୍ମୀ

ଖୋର୍ଦ୍ଧା,୨୭।୧୦(ପ୍ରଭାତ ପାଣିଗ୍ରାହୀ)

ଶନିବାର ଧରାବତରଣ କରିବେ ଧନଦାତ୍ରୀ ମା'ଗଜଲକ୍ଷ୍ମୀ। ଖୋର୍ଦ୍ଧା ସହରରେ ଗଜଲକ୍ଷ୍ମୀ ପୂଜା ଆଡ଼ମ୍ବରରେ ପାଳନ କରାଯାଏ। ଗଜଲକ୍ଷ୍ମୀ ପୂଜା ଭାଇଚାରାର ବାର୍ତ୍ତା ଦେଇଥାଏ। ସଜେଇ ହେଉଛି ପୂଜାମଣ୍ଡପ। ରଙ୍ଗିନ ଆଲୋକମାଳାରେ ଝଲସିବ ସହର। ଚଳିତ ବର୍ଷ ୩୧ମଣ୍ଡପରେ ପୂଜା ପାଇବେ ଗଜଲକ୍ଷ୍ମୀ।

ପୁରୁଣା ବସ୍‌ଷ୍ଟାଣ୍ଡର ନବଜ୍ୟୋତି ଗଜଲକ୍ଷ୍ମୀ ପୂଜା କମିଟି ହେଉଛି ସର୍ବପୁରାତନ। ୫୦ବର୍ଷ ପୂର୍ବେ ଏଠାରେ ପୂଜା ଆୟୋଜନ ହୋଇଥିଲା। ପରବର୍ତ୍ତୀ ସମୟରେ ଅନ୍ୟ ପୂଜା କମିଟି ପକ୍ଷରୁ ପୂଜା ଆୟୋଜନ କରାଯାଇ ଆସୁଅଛି। ଗୁରୁଜଙ୍ଗ ଦ୍ୱାରିକା ନଗର ଗଜଲକ୍ଷ୍ମୀ ପୂଜା କମିଟି, କାହ୍ନୁ ସାଗର ପୋଖରୀ ନିକଟ ପରିଡା ମାର୍କେଟ କମ୍ପ୍ଲେକ୍ସ ଗଜଲକ୍ଷ୍ମୀ ପୂଜା କମିଟି, ପୁରୁଣା ବସ୍‌ଷ୍ଟାଣ୍ଡ ଏନ୍ଏସି ମାର୍କେଟ ବ୍ୟବସାୟୀ ସଂଘ, ନୟାଗଡ ରୋଡ ଗଜଲକ୍ଷ୍ମୀ ପୂଜା କମିଟି, ନୂଆ ମେଡିକାଲ ଔଷଧ ବ୍ୟବସାୟୀ ସଂଘ, ଭାଲିଆବାଡି ଗଜଲକ୍ଷ୍ମୀ ପୂଜା କମିଟି , ନୂଆ ବସ୍‌ଷ୍ଟାଣ୍ଡ ନିକଟ ମା'ବାଟମଙ୍ଗଳା ଶ୍ରମିକ ସଂଘ, ବ୍ଲକ ଅଫିସ ନିକଟ କଣ୍ଟା ଛକ ବ୍ୟବସାୟୀ ସଂଘ, ନୂଆ ବସଷ୍ଟାଣ୍ଡ ଟ୍ରାଫିକ ଛକ ନିକଟ ପଲ୍ଲା ହାଟ ବ୍ୟବସାୟୀ ସଂଘ, ନୂଆ ବସଷ୍ଟାଣ୍ଡ ରୋଡ ମଧୁସୂଦନ ମାର୍ଗ ବ୍ୟବସାୟୀ ସଂଘ, ଦିବ୍ୟଜ୍ୟୋତି ବ୍ୟବସାୟୀ ସଂଘ, ନୂଆ ବସଷ୍ଟାଣ୍ଡ ମ୍ୟୁନିସିପାଲିଟି ମହାଲକ୍ଷ୍ମୀ ବ୍ୟବସାୟୀ ସଂଘ, ଦିବ୍ୟାଶା ମାର୍କେଟ କମ୍ପ୍ଲେକ୍ସ ବ୍ୟବସାୟୀ ସଂଘ, ଶକୁନ୍ତଳା ମାର୍କେଟ କମ୍ପ୍ଲେକ୍ସ ନିକଟ(ନୂଆ ବସଷ୍ଟାଣ୍ଡ ରୋଡ) ସଦ୍‌ଭାବନା ବ୍ୟବସାୟୀ ସଂଘ, ଫରେଷ୍ଟ ସ୍କୁଲ ସମ୍ମୁଖ ମହାବୀର ଟ୍ୟାକ୍ସିସଂଘ, କୋର୍ଟ ସମ୍ମୁଖ ପଦ୍ମାଳୟା ବ୍ୟାବସାୟୀ ସଂଘ, ଏସ୍‌ବିଆଇ ଛକ ନିକଟ ମା'ବରୁଣେଇ ଟାଟା ଏସିଇ ସଂଘ, ବାଳିକା ହାଇସ୍କୁଲ ସମ୍ମୁଖ ଗାନ୍ଧୀ ମାର୍କେଟ ବ୍ୟବସାୟୀ ସଂଘ, ବାପୁଜୀ ବ୍ୟବସାୟୀ ସଂଘ, ସମବାୟ ବ୍ୟାଙ୍କ ଛକ ପଞ୍ଚସଖା ପରିବା ବ୍ୟବସାୟୀ ସଂଘ, ମହାଲକ୍ଷ୍ମୀ ପରିବା ବ୍ୟବସାୟୀ ସଂଘ, ପୌର କାର୍ଯ୍ୟାଳୟ ରୋଡ ସୁନ୍ଦରୀବର ବ୍ୟବସାୟୀ ସଂଘ, କାମନା ମନ୍ଦିର ନିକଟ ଉପର ସାହି ଗଜଲକ୍ଷ୍ମୀ ପୂଜା କମିଟି, କାମନା ବର ସାହିର କାମନା ବର ଗଜଲକ୍ଷ୍ମୀ ପୂଜା କମିଟି, ଠେଙ୍ଗାହାଟ ସାଗରକନ୍ୟା ଗଜଲକ୍ଷ୍ମୀ ପୂଜା କମିଟି, ଶାଗୁଆନ ବଗିଚା ଗଜଲକ୍ଷ୍ମୀ ପୂଜା କମିଟି, ଗଡ଼ଖୋର୍ଦ୍ଧାର ଗଡଖୋର୍ଦ୍ଧା ଗଜଲକ୍ଷ୍ମୀ ପୂଜା କମିଟି, ମୁକୁନ୍ଦପ୍ରସାଦ ଗଜଲକ୍ଷ୍ମୀ ପୂଜା କମିଟି, ମେନରୋଡ ବ୍ୟବସାୟୀ ସଂଘ, ଟ୍ରାଫିକ ଛକ ଗଜଲକ୍ଷ୍ମୀ ପୂଜା କମିଟି, ପୁରୁଣା ମେଡିକାଲ ରୋଡ ବ୍ୟବସାୟୀ ସଂଘ ଏବଂ ଗୋପବନ୍ଧୁ ବ୍ୟବସାୟୀ ସଂଘ ପୁରୁଣା ମେଡିକାଲ ରୋଡ ପକ୍ଷରୁ ପୂଜା ହୋଇଆସୁଛି। ଶୃଙ୍ଖଳିତ, ବ୍ୟବସ୍ଥିତ ଢଙ୍ଗରେ ପୂଜା ଲାଗି ଜିଲା ପ୍ରଶାସନ ଏବଂ ପୂଜା କମିଟି ସଦସ୍ୟଙ୍କୁ ନେଇ ପୂର୍ବରୁ ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ପ୍ଲାଷ୍ଟିକ, ପଲିଥିନ ମୁକ୍ତ ପୂଜା ଆୟୋଜନ ପାଇଁ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ପରାମର୍ଶ ଦେଇଛନ୍ତି। ପ୍ରଶାସନ ସହ ସମନ୍ୱୟ ରଖି ବ୍ୟବସ୍ଥିତ ଢଙ୍ଗରେ ପୂଜା ପାଇଁ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ପୂଜା କମିଟିକୁ ଆହ୍ୱାନ କରିଛନ୍ତି। ସ୍ୱଚ୍ଛତାକୁ ଗୁରୁତ୍ୱ ଦେବାକୁ କମିଟିଗୁଡିକୁ ନିବେଦନ କରିଛନ୍ତି। ସଦର ଏସ୍‌ଡିପିଓ ଦିଲୀପ ଦାସ କହିଛନ୍ତି, ଶୃଙ୍ଖଳିତ ପୂଜାକୁ ଗୁରୁତ୍ୱ ଦିଆଯାଇଛି। ପୋଲିସ ପକ୍ଷରୁ ମଣ୍ଡପଗୁଡିକରେ ଭିଡ଼ ଏବଂ ସହରରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ମୁତୟନ ରହିବେ।ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି। ଏଥିରେ ଜନତାଙ୍କ ସହଯୋଗ ଜରୁରୀ।

## ଗୋଦାବରୀଶ ମିଶ୍ର ଓଡ଼ିଆ ଜାତିର ଗୌରବ




ଗମ୍ଭାରୀମୁଣ୍ଡା,୨୭।୧୦(ଦିଲୀପ ସ୍ୱାଇଁ)

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଚିଲିକା ସାହିତ୍ୟ ସମାଜ ବାଣପୁର ମିଳିତ ଆନୁକୂଲ୍ୟରେ ନେହେରୁ ସେବା ସଂଘର କନକ ଭବନଠାରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜୟନ୍ତୀ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟ ସମାଜର ସଭାପତି ବାଳମୁକୁନ୍ଦ ଦାସ ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସାହିତ୍ୟିକ ଡ.ହରିହର କାନୁନଗୋ, ମୁଖ୍ୟବକ୍ତା ଡ.ପ୍ରମୋଦ କୁମାର ଦ୍ୱିବେଦୀ, ସମ୍ମାନିତ ଅତିଥିଭାବେ ଅଧ୍ୟାପକ ସଂଗ୍ରାମ କେଶରୀ ସାହୁ ଏବଂ ଡା.ଦେବେନ୍ଦ୍ରନାଥ ମାନସିଂ ଯୋଗଦେଇ କହିଥିଲେ, ପଣ୍ଡିତ ମିଶ୍ର ସରକାରୀ ଚାକିରିକୁ ପ୍ରତ୍ୟାଖ୍ୟାନ କରି ଗୋପବନ୍ଧୁଙ୍କ ପ୍ରେରଣାରେ ସତ୍ୟବାଦୀ ବନ ବିଦ୍ୟାଳୟର ଶିକ୍ଷକତାକୁ ଆଦରି ନେଇଥିଲେ। ଜନ୍ମଭୂମି ଉତ୍କଳର ନିଃସ୍ୱାର୍ଥସେବା କରିଥିଲେ। ପ୍ରତିଟି ଉତ୍କଳୀୟଙ୍କ ହୃଦୟରେ ସେ ଚିରକାଳ ବଞ୍ଚି ରହିଥିବେ ବୋଲି ମତପ୍ରକାଶ ପାଇଥିଲା। ସକାଳେ ବାଣପୁରବାସୀଙ୍କ ପକ୍ଷରୁ ବଜାରରେ ଥିବା ପଣ୍ଡିତ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ କବି ପୁରୁଷୋତ୍ତମ ମହାପାତ୍ରଙ୍କ ସଭାପତିତ୍ୱରେ ଚିଲିକା ସାହିତ୍ୟ ସମାଜର କବିମାନଙ୍କ ଦ୍ୱାରା ସ୍ୱରଚିତ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ନୃସିଂହ ପ୍ରସାଦ ମିଶ୍ର, ଓମ୍ ପ୍ରକାଶ ଅଗ୍ରୱାଲ, ମଦନ ମୋହନ ମହାପାତ୍ର, ଆନନ୍ଦ ଚନ୍ଦ୍ର ସେନାପତି, ଶିଶିର ଦାସ, ଶେଷଦେବ ମହାରଣା, ରୋଜି ମିଶ୍ର, ଡ.ନୃସିଂହ ପ୍ରଧାନ, ଭିକାରୀ ଚରଣ ପ୍ରଧାନ, ରମେଶ ଚନ୍ଦ୍ର ମହାପାତ୍ର, ଗୋଲକ ବିହାରୀ ପରିଡ଼ା, ରବି ମାନସିଂ, ଦେବାଶିଷ ପଟ୍ଟନାୟକ, ପବିତ୍ର ବେହେରା,ସନ୍ତୋଷ କୁମାର ଦାଶ, ଶରତ କୁମାର ପଟ୍ଟନାୟକ, ପ୍ରଦୀପ କୁମାର ଦାସ, ବୀରେନ୍ଦ୍ର କୁମାର ତ୍ରିପାଠୀ ଯୋଗନେଇ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ସମ୍ପାଦକ ଅଧ୍ୟାପକ ଲକ୍ଷ୍ମୀଧର ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

# ଚାଷୀଙ୍କ ସମସ୍ୟା ନେଇ ବିକ୍ଷୋଭ

## କ୍ଷତିପୂରଣ ନ ଦେଲେ ରାସ୍ତାକୁ ଓହ୍ଲାଇବୁ: ମୋ ଦଳ

ଖୋର୍ଦ୍ଧା,୨୭।୧୦ (ପ୍ରଭାତ ପାଣିଗ୍ରାହୀ)

ଚାଷୀଙ୍କ ବିଭିନ୍ନ ସମସ୍ୟା, ଫସଲ ବୀମା, ବାତ୍ୟା କ୍ଷତିଭରଣା, ଚାଷୀଙ୍କ ଜନଶୁଣାଣି ଶିବିର ଆୟୋଜନ ଆଦି ଦାବି ନେଇ ନବ ନିର୍ମାଣ କୃଷକ ସଙ୍ଗଠନର ମୋ ଦଳ ପକ୍ଷରୁ ଶୁକ୍ରବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ନିଅଣ୍ଟିଆ ବର୍ଷା, ଅନାବୃଷ୍ଟି ପରେ ଲଘୁଚାପ ବର୍ଷା ଚାଷୀଙ୍କ ଆଶ୍ୱସ୍ତି ଦେଇଥିବା ବେଳେ ବନ୍ୟା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଲା। ଚାଷଜମି ଜଳମଗ୍ନ ହେବା ସହ ଫସଲ ନଷ୍ଟ ହୋଇଗଲା। ଏବେ ଜଳସେଚନ ଅଭାବରୁ ବିଲ ଫାଟି ଆଁ କଲାଣି। ଧାନ ଥୋଡ ବାହାରିବା ସମୟରେ ଗଜାମରୁଡ଼ି ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଏହାର ସ୍ଥିତି ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ୨୦୧୮ ମସିହାରେ ତତ୍କାଳୀନ ଜିଲାପାଳ ଚାଷୀଙ୍କ ସମସ୍ୟା ବୁଝିବା ପାଇଁ ପ୍ରତିମାସର ୪ର୍ଥ ଶୁକ୍ରବାର ଜନଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଥିଲେ। କରୋନା ମହାମାରୀ ପରଠାରୁ ଏହା ବନ୍ଦ ରହିଛି। ଏହାକୁ ପୁନଃ କାର୍ଯ୍ୟକ୍ଷମ, ୨୦୨୧ରେ ବାତ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଫସଲ ବୀମା କ୍ଷତିଭରଣା ଦେବାକୁ ଦାବି କରିଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଅଣଦେଖା କରାଯାଉଛି। ଜିଲା ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଚାଷୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ମୋ ଦଳ ଜିଲା ସଭାପତି ସୁରେଶ ମାନସିଂଙ୍କ ନେତୃତ୍ୱରେ କାହ୍ନୁ ଚରଣ ବେହେରା, ନିରଞ୍ଜନ ବେହେରା, ସୁଶାନ୍ତ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା କୈଳାସ ବେହେରାଙ୍କ ସମେତ ଏକାଧିକ ଚାଷୀ ସାମିଲ ହୋଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ।

ସଭାପତି ମାନସିଂ କହିଛନ୍ତି, ୨୦୨୧-୨୦୨୨ ଖରିଫ ଧାନକିଣା ବ୍ୟାପକ ଅନିୟମିତତା ହୋଇଥିଲା। ଧାନକିଣାରେ ବ୍ୟାପକ ହରିଲୁଟ ସତ୍ତ୍ୱେ ଏହାକୁ ଚାପି ଦିଆଗଲା। କଟନୀଛଟନୀ ବାବଦରେ ଚାଷୀଙ୍କ ଲକ୍ଷାଧିକ ଟଙ୍କା ମିଳିମିଶି ଖାଇଗଲେ। ପ୍ରାୟ ୭ହଜାର ଚାଷୀଙ୍କ ଟୋକନ ଲାପ୍ସ ଯୋଗୁ ଧାନବିକ୍ରିରୁ ବଞ୍ଚିତ ହୋଇଥିଲେ। ଚାଷୀ ହଇରାଣ ହେଲେ,ରାଜରାସ୍ତାକୁ ଓହ୍ଲାଇଲେ। ମଣ୍ଡିରେ ଶୀତ କାକରରେ ପଡି ରହିଲେ। ଧାନକିଣାରେ ଅନିୟମିତତା ନେଇ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ସତ୍ତ୍ୱେ ଏହାର ତଦନ୍ତ ଶୀତଳଭଣ୍ଡାରରେ ରହିଗଲା। ସେହିପରି କାହ୍ନୁ ବେହେରା କହିଛନ୍ତି, ୨୦୨୧ ଖରିଫ ଧାନକିଣା କେଳଙ୍କାରୀ ହେଉଛି ଏକ ବଡ ସ୍କାମ। ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା, ମିଲ୍ ମାଲିକଙ୍କ ମନମାନି ଯୋଗୁ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅନେକ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇଥିଲେ। ଏହାର ସୁଯୋଗ ନେଇ ଆନ୍ଧ୍ର ବେପାରୀ ଗାଁରେ ପସି ସରକାରୀ ଧାର୍ଯ୍ୟ ଦର ଠାରୁ କମ୍ ମଲ୍ୟରେ ଶତାଧିକ ଟନ ଧାନ ନେଇଗଲେ। ଜିଲାରେ ଧାନ କିଣିବା ଲାଗି ମିଲ୍ ମାଲିକଙ୍କ ପଞ୍ଜୀରଣରେ ବିଳମ୍ବ ଯୋଗୁ ମଣ୍ଡି ମଧ୍ୟ ବିଳମ୍ବରେ ଖୋଲିଲା। ମଣ୍ଡି ସ୍ୱାଭାବିକ ହେବା ବେଳେ ଚାଷୀଙ୍କୁ ମିଳିଥିବା ଟୋକନ ଅବଧି ସମୟ ସରିଗଲା। ଟୋକନ ଲାପ୍ସ ଯୋଗୁ ସମିତି ସମ୍ପାଦକମାନେ ଧାନକିଣିବାକୁ ମନା କଲେ। ଅନ୍ୟପଟେ ଧାନର ମାନ ଉପଯୁକ୍ତ ନ ଥିବା କହି ମନଇଚ୍ଛା କଟନିଛଟନି କରିବା ଆରମ୍ଭ କରିଥିଲେ। ୭କେଜିରୁ ଆରମ୍ଭ କରି ୧୫ କେଜି ପର୍ଯ୍ୟନ୍ତ ଧାନ ମିଲ୍ ମାଲିକମାନେ କାଟିନେଲେ। ଏହାର କ୍ରାଇମବ୍ରାଞ୍ଚ ଦ୍ୱାରା ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।



**ଅଚିହ୍ନା ମହିଳାଙ୍କ ମୃତଦେହ ଜବତ: ବଳାତ୍କାର ପରେ ହତ୍ୟା ସନ୍ଦେହ**

ପୁରୀ,(ଅଜିତ ମହାନ୍ତି): ପୁରୀ ସଦର ଥାନା ଆଧୀନ ନୂଆଗାଁ ନିକଟ ନୂଆନଈ ପଠାରୁ ଜଣେ ଅଚିହ୍ନା ମହିଳାଙ୍କ ମୃତଦେହ ଜବତ କରାଯାଇଛି । ଏହି ଘଟଣା ନେଇ ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, କୌଣସି ବନ୍ୟଜନ୍ତୁ ଆକ୍ରମଣ ଯୋଗୁ ସମ୍ପୃକ୍ତ ମହିଳାଙ୍କ ମୃତ୍ୟୁ ହୋଇଥିବା ପୋଲିସ ସନ୍ଦେହ କରୁଥିବା ବେଳେ ବନ୍ୟଜନ୍ତୁଙ୍କ କାମୁଡ଼ା ଦାଗ ମୃତ ଶରୀରରେ ରହିଛି । ତେବେ ମୃତ ମହିଳାଙ୍କ ପରିଚୟ ଏଯାବତ ମିଳିନଥିବା ବେଳେ ଦୁର୍ବୃତ୍ତମାନଙ୍କ ଦ୍ୱାରା ବଳାତ୍କାର କରି ହତ୍ୟା କରାଯାଇ ଫିଙ୍ଗିଦିଆଯାଇଥିବା ମଧ ସନ୍ଦେହ କରାଯାଉଛି । ଏହି ଦିଗ ଉପରେ ମଧ ପୋଲିସ ଛାନଭିନ କରୁଛି । ସେପଟେ ମୃତ ମହିଳାଙ୍କ ପରିଚୟ ଜାଣିବାକୁ ରାଜ୍ୟର ସମସ୍ତ ଥାନାକୁ ଏ ସଂକ୍ରାନ୍ତରେ ଜଣାଇ ଦିଆଯାଇଥିବା ଭଞ୍ଜ କହିଛନ୍ତି ।

## ସଂକ୍ଷେପରେ

### ଚନ୍ଦ୍ର ଆଞ୍ଜୁଳି ପାଇଁ ବଡ଼ଦାଣ୍ଡରେ ପସରା
#### -ଆଜି କୁମାର ପୂର୍ଣ୍ଣମୀ

ପୁରୀ, ୨୭।୧୦(ଅଜିତ ମହାନ୍ତି): କୁମାର ପୂର୍ଣ୍ଣମୀ ପାଳନ କରିବା ପାଇଁ ପୁରୀ ସହରର କୁଆଁରୀ ଝିଅଙ୍କ ମଧ୍ୟରେ ଉତ୍ସାହ ଓ ଉତ୍କଣ୍ଠା ପ୍ରକାଶ ପାଇଛି। କୁମାର ପୂର୍ଣ୍ଣମୀରେ କୁମାରୀମାନେ ଉପବାସ ରଖିବା ସହ ମାସାଧିକ କାଳ ରଖିଥିବା ଜହ୍ନି ଓଷା ବ୍ରତ ଉଦ୍‌ଯାପନ କରିବେ। ସେମାନେ ଭୋରରୁ ଉଠି ସ୍ନାନ ଓ ନିତ୍ୟକର୍ମ ସାରି ଚତୁର୍ଦ୍ଦଶୀ ଚନ୍ଦ୍ରଙ୍କୁ ଅର୍ଘ୍ୟ ଦେବା ସହ ଉପବାସ ପାଳନ କରିବେ। ଚନ୍ଦ୍ର ଉଦିୟା ବର ପାଇବା ପାଇଁ କୁମାରୀମାନେ ଏହି ବ୍ରତ ପାଳନ କରିବା ପରମ୍ପରା ରହିଆସିଛି। ପୂର୍ଣ୍ଣମୀ ଦିନ ନୂଆ ବସ୍ତ୍ର ପିନ୍ଧି ଏହି ବ୍ରତ ପାଳନ କରିବାର ପରମ୍ପରା ଥିବାରୁ ଗତ ଦୁଇଦିନ ହେଲା ସହରରେ ଥିବା ଲୁଗା ଦୋକାନଗୁଡ଼ିକରେ ଭିଡ଼ ଦେଖିବାକୁ ମିଳିଛି। ସେହିପରି ଉଦିତ ଚନ୍ଦ୍ରଙ୍କୁ ଲିଆ ଓ ଖଇ ଅର୍ଘ୍ୟ ଦିଆଯିବା ଓ ଚାନ୍ଦ ଚକଟା ପାଇଁ ଖଇ, କଦଳୀ, ଛେନା ଆବଶ୍ୟକ ହେଉଥିବାରୁ ପୂଜା ସାମଗ୍ରୀ ଦୋକାନ ଓ ଆଞ୍ଜୁଳି ପସରା ଦୋକାନରେ ଜୋରଦାର କିଣାବିକା ଚାଲିଥିଲା। ଚନ୍ଦ୍ରପୂଜା ସଂକଳ୍ପ କରିବା ପାଇଁ ଫୁଲଲଗା ଜହ୍ନି, କାକୁଡ଼ି, ଗୋଟାଗୁଆ, କରମଙ୍ଗା, ମେଘୁଆ, ନଡ଼ିଆ ଓ କଇଁଫୁଲ ପସରା ନିକଟରେ ଶ୍ରଦ୍ଧାଳୁମାନେ ଭିଡ଼ ଲଗାଇଥିଲେ। ତେବେ ଚଳିତ ବର୍ଷ କୁମାର ପୂର୍ଣ୍ଣମା ଦିନ ଚନ୍ଦ୍ରଗ୍ରହଣ ପଡୁଥିବାରୁ ସନ୍ଧ୍ୟା ପୂର୍ବରୁ ସମସ୍ତ କାର୍ଯ୍ୟ ସାରିବାକୁ ତତ୍ପରତା ପ୍ରକାଶ ପାଇଛି।

### ବଳାତ୍କାର ଅଭିଯୋଗ: ଯୁବକ ଗିରଫ

ଗୋପ,୨୭।୧୦(ଭାରତୀ ଭୂଷଣ ଉପାଧ୍ୟାୟ): ନାବାଳିକାଙ୍କୁ ବିବାହର ମିଥ୍ୟା ପ୍ରଲୋଭନ ଦେଖାଇ ବଳାତ୍କାର କରିବା ଅଭିଯୋଗରେ ଶୁକ୍ରବାର ଗୋପ ଥାନା ଅନ୍ତର୍ଗତ କୁଶୁପୁର ଅଞ୍ଚଳର ବିବାହିତ ଯୁବକ ନୀଳକଣ୍ଠ ଦାସ (୨୫) ଗିରଫ ପରେ ଜେଲ୍ ହାଜତକୁ ଯାଇଥିବା ଜଣାପଡ଼ିଛି। ଡାକ୍ତରୀମାଇନା ପରେ ନାବାଳିକାଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ଦଫା ୪୩୪/୨୩ ଓ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, କିଛିଦିନ ଧରି ଏହି ଯୁବକ ଜଣଙ୍କ ନାବାଳିକାଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ପରିବାର ଏ ସମ୍ପର୍କରେ ଅବଗତ ହେବା ପରେ ଗୋପ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ପୋକ୍‌ସୋ ଆକ୍ଟରେ ମାମଲା ଦାୟର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।

### ବ୍ରାଉନସୁଗାର ଜବତ, ଜଣେ ଗିରଫ

ଅସ୍ତରଙ୍ଗ,୨୭।୧୦ (ପ୍ରଦୀପ୍ତ ଦୀକ୍ଷିତ୍/ମମତା ଜେନା)

ଅସ୍ତରଙ୍ଗ ଥାନା ଅଧୀନ ଉକୁଳେଇ ମନ୍ଦିର ନିକଟରୁ ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ପୋଲିସ ଗିରଫ କରି ଶୁକ୍ରବାର ନିମାପଡ଼ା କୋର୍ଟକୁ ଚାଲାଣ କରିଛି। ସେ ହେଲେ ହରିନବାବି ଗ୍ରାମର ଯୁବକ ସୁବାସ ଦାସ (୨୮)। ଏନେଇ ପୋଲିସ ୨୦୧/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଥାନା ସବ୍‌ଇନ୍ସପେକ୍ଟର ସଂଗ୍ରାମ କେଶରୀ ସ୍ୱାଇଁ ବିଶେଷସୂତ୍ରରୁ ଖବରପାଇ ଉକୁଳେଇ ମନ୍ଦିର ନିକଟରୁ ସୁବାସଙ୍କୁ ଗିରଫ କରିଥିଲେ। ସୁବାସଙ୍କ ନିକଟରୁ ୧୧ଗ୍ରାମ୍‌ର ଧଳାଜହର ଜବତ କରିବା ସହ ଏକ ଫୋନ ଓ ୬ଶହ ଟଙ୍କା ପୋଲିସ ଜବତ କରିଛି।

# ବରାଳ ବାଲୁଙ୍କେଶ୍ୱରଙ୍କ ଦେବନୀତି ୧୧ ଘଣ୍ଟା ବନ୍ଦ

- ହୁଣ୍ଡି ଉଠାଇ ନେଲେ ଦୁର୍ବୃତ୍ତ
- ମନ୍ଦିରରୁ ୬ ମାସରେ ୩ ଥର ଚୋରି

ସାକ୍ଷୀଗୋପାଳ, ୨୭।୧୦ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ):

ପୁରୀ ଜିଲାର ପ୍ରସିଦ୍ଧ ଶୈବପୀଠ ସତ୍ୟବାଦୀ ଥାନା ଅନ୍ତର୍ଗତ ବରାଳ ଗ୍ରାମରେ ଅବସ୍ଥିତ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିରରୁ ଶୁକ୍ରବାର ରାତିରେ ଠାକୁରଙ୍କ ହୁଣ୍ଡିବାକ୍ସ ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ସେମାନେ ମନ୍ଦିର ବେଢ଼ା ପାଚେରି ଡେଇଁ ଭିତରକୁ ପଶି ଗର୍ଭଗୃହ କବାଟ ତାଲା କାଟିଦେଇଥିବା ଦେଖିବାକୁ ମିଳିଛି। ସକାଳେ ଠାକୁରଙ୍କ ନୀତି କରିବାକୁ ଯାଇଥିବା ସେବାୟତ ବାଇଧର ମହାପାତ୍ର ଏହା ଦେଖିବାକୁ ପାଇଥିଲେ। ଖବରପାଇ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜ ବଲ୍ଲଭ ମିଶ୍ର ସତ୍ୟବାଦୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲେ ମଧ କିଛି ସୁରାକ ମିଳି ନ ଥିବା ଜଣାଯାଇଛି। ବାରମ୍ବାର ମନ୍ଦିରରୁ ଚୋରି ହେବା ପ୍ରତିବାଦରେ କିଛି ସେବାୟତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ମନ୍ଦିର ସମ୍ମୁଖରେ ଧାରଣା ଦେଇଥିଲେ। ଫଳରେ ସକାଳୁ ଠାକୁରଙ୍କ ଦେବନୀତି ବନ୍ଦ ରହିଥିଲା। ୧୧ଘଣ୍ଟା ପରେ ଅର୍ଥାତ ଅପରାହ୍ନ ୪ଟାରେ ଦେବନୀତି ଆରମ୍ଭ ହୋଇଥିଲା। ସୂଚନାଯୋଗ୍ୟ, ଏହି ମନ୍ଦିରରୁ ଗତ ୬ ମାସ ମଧରେ ଏଥରକୁ ମିଶାଇ ୩ଥର ଚୋରି ହୋଇସାରିଲାଣି। ଏଠାରେ ସିସିଟିଭି କ୍ୟାମେରା ଲଗାଇବାକୁ ସାଧାରଣରେ ଦାବି କରାଯାଇଛି। ଏହି ଘଟଣା ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜ୍ୟ ସହକାରୀ ଦେବୋତ୍ତର କମିଶନର, ନ୍ୟାସୀ ମଣ୍ଡଳୀ ସଦସ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।


ମନ୍ଦିର ପରିସରରେ ପୋଲିସ ଚୋରି ଘଟଣାର ତଦନ୍ତ କରୁଛି ।



ଇଲେକ୍ଟ୍ରିକ୍ ସ୍କୁଟର 'ଭିଡ଼ା'ର ପୁରୀ ବଜାର ପ୍ରବେଶ ଅବସରରେ ଅଭିନେତ୍ରୀ ଏଲିନା, ସଞ୍ଜୀବ ହିରୋର ଏମ୍‌ଡି ଅମିତ୍ ମଲ୍ଲିକ ଓ ଅନ୍ୟମାନେ ।

## ଇଲେକ୍ଟ୍ରିକ୍ ସ୍କୁଟର 'ଭିଡ଼ା'ର ପୁରୀ ବଜାର ପ୍ରବେଶ

ପୁରୀ,୨୭।୧୦(ଅଜିତ ମହାନ୍ତି): ପୁରୀ ଟାଉନ ହଲ୍ ଛକସ୍ଥିତ ହିରୋ ମୋଟୋକର୍ପର ଅଧିକୃତ ଶୋ'ରୁମ୍ ସଞ୍ଜୀବ ହିରୋରେ ନୂଆ ଇଲେକ୍ଟ୍ରିକ୍ ସ୍କୁଟର 'ଭିଡ଼ା' ପୁରୀ ବଜାରକୁ ପ୍ରବେଶ କରିଛି। ଏଥିପାଇଁ ଶୋ' ରୁମ୍‌ରେ ସ୍ୱତନ୍ତ୍ର ମେଗା ଉନ୍ମୋଚନ ଉତ୍ସବ ଆୟୋଜିତ ହୋଇଥିଲା। ସଞ୍ଜୀବ ହିରୋର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଅମିତ୍ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ହିରୋ ମୋଟୋକର୍ପର ଏରିଆ ମ୍ୟାନେଜର ହର୍ଷବର୍ଦ୍ଧନ, ପୁରୀ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ରବିନ ପଟ୍ଟନାୟକ, ଟେରୀଟୋରି ମ୍ୟାନେଜର ଚନ୍ଦ୍ରଶେଖର ତ୍ରିପାଠୀ, ସମାଜସେବୀ ତଥା ଉଦ୍ୟୋଗପତି ଦେବାଶିଷ କୁମାର ଅତିଥି ଭାବେ ଯୋଗଦେଇ ନୂଆ ସ୍କୁଟର ଉନ୍ମୋଚନ କରିଥିଲେ। ଏହି ମେଗା ଉନ୍ମୋଚନ ଉତ୍ସବର ସ୍ୱତନ୍ତ୍ର ଆକର୍ଷଣ ଥିଲେ ଓଲିଉଡ୍ ଅଭିନେତ୍ରୀ ଏଲିନା ସାମନ୍ତରାୟ। ଏଲିନା ଏହି ଇଲେକ୍ଟ୍ରିକ ସ୍କୁଟରର ବଜାର ପ୍ରବେଶ କରାଇଥିଲେ। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର ପ୍ରଥମ ଗାଡ଼ି କିଣିଥିଲେ।

ବର୍ତ୍ତମାନ ବାଇକ୍ ଅପେକ୍ଷା ସ୍କୁଟରର ଚାହିଦା ବଢ଼ିଲାଣି। ବିଶେଷକରି ଯୁବଗୋଷ୍ଠୀ, କଲେଜ ଛାତ୍ରୀଛାତ୍ର ମଧ ସ୍କୁଟର ଚଲାଇବାକୁ ଆଗ୍ରହ ପ୍ରକାଶ କଲେଣି। ସୁସ୍ଥ ପରିବେଶ ପାଇଁ ଇଲେକ୍ଟ୍ରିକ୍ ସ୍କୁଟର ଏବେ ସବୁବର୍ଗଙ୍କ ପସନ୍ଦ ପାଲଟିଛି। ଏହାକୁ ନଜରରେ ରଖି ବିଭିନ୍ନ କମ୍ପାନୀର ଆକର୍ଷଣୀୟ ସ୍କୁଟର ବଜାରରେ ଉପଲବ୍ଧ ହେଲାଣି। ଇଲେକ୍ଟ୍ରିକ୍ ସ୍କୁଟର ପ୍ରତି ଚାହିଦାକୁ ଦେଖି ହିରୋ ମୋଟୋକର୍ପ ଜବରଦସ୍ତ ଫିଚର ସହ 'ଭିଡ଼ା'କୁ ବଜାରକୁ ଛାଡ଼ିଛି। ଏହି ସ୍କୁଟରର ଡୁଆଲ ବ୍ୟାଟେରି (ଯାହାକୁ ସହଜରେ ଅପସାରଣ କରିହେବ) ରହିଛି। ଲିଥିୟମ ଆୟନଯୁକ୍ତ ୨ଟି ଯାକ ବ୍ୟାଟେରୀ ସମ୍ପୂର୍ଣ୍ଣ ଚାର୍ଜରେ ୧୧୦ କି.ମି. ଯାଇପାରିବ। ଗୋଟିଏ ବ୍ୟାଟେରୀ କାଢି ଚାର୍ଜରେ ବସାଇ ଅନ୍ୟଟିରେ ୫୫ କିମି ଯାତ୍ରା କରିପାରିବେ। ଅନ୍ୟାନ୍ୟ ଫିଚର ମଧ୍ୟରେ ଜିପିଏସ୍ ଟ୍ରାକିଂ, ଡିସ୍‌ପ୍ଲେରେ ଡାଟା ଷ୍ଟୋରେଜ, ୨୬ ଲିଟର କ୍ଷମତା ବିଶିଷ୍ଟ ଲଗେଜ କ୍ୟାରିୟର, ୪ଟି ମୋଡ୍ (ଇକୋ, ରାଇଡ୍, ସ୍ପୋର୍ଟସ୍ ଓ କଷ୍ଟମ), ଏଲ୍‌ଇଡି ହେଡ୍ ଲାଇଟ୍, ଏସ୍‌ଓଏସ୍ ସିଷ୍ଟମ, ହାଜାର୍ଡ ଇଣ୍ଡିକେଟର, ସ୍ପିଡ୍ କଣ୍ଟ୍ରୋଲ, ଆଲର୍ଟ ସିଷ୍ଟମ, କ୍ରୁଜ୍ କଣ୍ଟ୍ରୋଲ, ଫାଷ୍ଟ ଚାର୍ଜିଂ ଭଳି ଅତ୍ୟାଧୁନିକ ସୁବିଧା ରହିଛି। ଏହା ବର୍ତ୍ତମାନ ୫ଟି (ସିଆନ ବ୍ଲୁ, ବ୍ଲାକ, ରେଡ୍, ହ୍ୱାଇଟ୍ ଓ ଅରେଞ୍ଜ) ରଙ୍ଗରେ ଉପଲବ୍ଧ। ଏହି ସ୍କୁଟରର ଏକ୍ସ ଶୋ'ରୁମ୍ ମୂଲ୍ୟ ୧,୪୫,୯୦୦ ଟଙ୍କା ରହିଥିବା ବେଳେ ବର୍ତ୍ତମାନ କମ୍ପାନୀ ପକ୍ଷରୁ ଆକର୍ଷଣୀୟ ଅଫର୍ ରଖାଯାଇଛି। ଏହି ଇଲେକ୍ଟ୍ରିକ୍ ସ୍କୁଟର 'ଭିଡ଼ା' ଗ୍ରାହକଙ୍କୁ ନିଶ୍ଚିତ ଆକୃଷ୍ଟ କରିବ ବୋଲି ଅଭିନେତ୍ରୀ ଏଲିନା କହିଛନ୍ତି। କାର୍ଯ୍ୟକ୍ରମରେ ବିଜେଡି ଯୁବନେତା ଶୁଭାଶିଷ ଖୁଣ୍ଟିଆ ଯୋଗଦେଇଥିଲେ।

## ଖାଲିପଡ଼ିଛି ଅତିରିକ୍ତ ତହସିଲଦାର ପଦବୀ

**ବହୁ କାର୍ଯ୍ୟ ବାଧାପ୍ରାପ୍ତ ସାଧାରଣରେ ଅସନ୍ତୋଷ**

କଣାସ, ୨୭।୧୦ (ବିଭୂତି ଭୂଷଣ ତ୍ରିପାଠୀ):

ପୁରୀ ଜିଲା କଣାସ ବ୍ଲକରେ ଦୁଇଟି ଅତିରିକ୍ତ ତହସିଲଦାର ପଦବୀ ଦୀର୍ଘଦିନ ହେଲା ଖାଲିପଡିଥିବାରୁ ଜନସାଧାରଣ ଓ ଛାତ୍ରୀଛାତ୍ରମାନଙ୍କ କାର୍ଯ୍ୟ ହୋଇପାରୁନଥିବାରୁ ଜନଅସନ୍ତୋଷ ଦେଖାଦେଇଛି । ଖବର ନେବାରେ ଜଣାପଡିଛି କଣାସ ତହସିଲ କାର୍ଯ୍ୟାଳୟରେ ଜଣେ ମାତ୍ର ତହସିଲଦାର ନିଯୁକ୍ତି ପାଇଥିବା ବେଳେ ଦୁଇଟି ଅତିରିକ୍ତ ତହସିଲଦାର ପଦବୀ ଦୀର୍ଘଦିନ ହେଲା ଖାଲିରହିଛି। ତହସିଲଦାର ପ୍ରତ୍ୟେକ ସମୟରେ କାର୍ଯ୍ୟାଳୟରେ ରହିପାରୁ ନ ଥିବାରୁ ଛାତ୍ରୀଛାତ୍ରଙ୍କ ନାମଲେଖା ପାଇଁ ପ୍ରମାଣପତ୍ର ଠିକ୍‌ସମୟରେ ମିଳିପାରୁନଥିବାରୁ ସେମାନେ ନାମଲେଖାରୁ ବଞ୍ଚିତ ହେଉଛନ୍ତି। ଏଥିସହିତ ଡିମାର୍କେସନ୍, ମ୍ୟୁଟେଶନ୍, ଘରବାରି ପରିବର୍ତ୍ତନ, ରେଜିଷ୍ଟ୍ରେଶନ୍, ଇ.ସି, ବିବାହ ପଞ୍ଜିକରଣ, ମୋ ଘର ପାଇଁ ସତ୍ୟପାଠ ଓ ନକଲପଟା, କୃଷିଋଣ ପାଇଁ ସାର୍ଟିଫିକେଟ୍ କପି ଆଦି କାର୍ଯ୍ୟ ହୋଇପାରୁନାହିଁ। ଏ ସମ୍ପର୍କରେ କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ କହିଛନ୍ତି, ଦୀର୍ଘଦିନ ହେଲା ଅତିରିକ୍ତ ତହସିଲଦାର ନ ଥିବାରୁ ସେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ କୌଣସି କାର୍ଯ୍ୟ ଠିକ୍ ସମୟରେ ହୋଇପାରୁନାହିଁ । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବା ଦାବି ହୋଇଛି।

## ପୂର୍ବତନ ବିଧାୟକ ଯୁଧିଷ୍ଠିର ଥିଲେ ଜନନାୟକ

ପିପିଲି,୨୭।୧୦(ପ୍ରଭାତ ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ଡେଲାଙ୍ଗ-ପିପିଲି ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟଙ୍କ ଏକାଦଶାହରେ ଶୁକ୍ରବାର ଏକ ସ୍ମୃତିସଭା ସ୍ଥାନୀୟ ମାଧିପୁରସ୍ଥିତ ନିଜ ବାସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ ପରିଡ଼ା ସଭାରେ ସଭାପତିତ୍ୱ କରିଥିଲେ। ସଭାରେ ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥି ଯୋଗଦେଇ ସ୍ୱର୍ଗତ ଯୁଧିଷ୍ଠିର ସାଧାରଣ ଲୋକଙ୍କ ଜନନାୟକ ଥିଲେ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ରାଜ୍ୟ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସତ୍ୟବ୍ରତ ପାତ୍ର, ପୂର୍ବତନ ବିଧାୟକ ବିଭୁତି ବଳବନ୍ତରାୟ, ଭାଜପା ନେତ୍ରୀ ଉପାସନା ମହାପାତ୍ର, ଜଟଣୀ ବିଧାୟକ ସୁର ରାଉତରାୟ, ତାଙ୍କ ପୁଅ ମନ୍ମଥ ରାଉତରାୟ, ପୂର୍ବତନ ପିସିସି ଅଧକ୍ଷ ପ୍ରସାଦ ହରିଚନ୍ଦନ, ପୂର୍ବତନ ଏମ୍‌ପି ପ୍ରଶନ୍ନ ପାଟଶାଣୀ, ସତ୍ୟବାଦୀ ବିଧାୟକ ଉମା ସାମନ୍ତରାୟ, ରାଜ୍ୟ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର, ବିଶିଷ୍ଟ ସଙ୍ଗୀତଜ୍ଞ ଜୟଶ୍ରୀ ଧଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସ୍ୱର୍ଗତ ଯୁଧିଷ୍ଠିରଙ୍କ ସମାଜସେବା କ୍ଷେତ୍ରରେ ବଳିଷ୍ଠ ନେତୃତ୍ୱ ଓ ଉଲ୍ଲେଖନୀୟ ଅବଦାନ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଡେଲାଙ୍ଗ-ପିପିଲି ବ୍ଲକ ଅଧକ୍ଷା ଓ ପିପିଲି ଏନ୍‌ଏସି ଅଞ୍ଚଳର ପ୍ରାୟ ୧୦ ହଜାର ଜନସମାଗମ ହୋଇଥିଲା। ଯୁଧିଷ୍ଠିରଙ୍କ ପୁତ୍ର ତଥା ରାଜ୍ୟ ଖାଦ୍ୟ ନିଗମ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ, ସାନଭାଇ ଧୀରେନ୍ଦ୍ର ସାମନ୍ତରାୟ, ଝିଅ ପ୍ରିୟମ୍ବଦା ସାମନ୍ତରାୟ, ଜ୍ୱାଇଁ ନୀହାର ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା କରିଥିଲେ।


ବିଧାୟକ ରୁଦ୍ରପ୍ରତାପ ମହାରଥି ଉଦ୍‌ବୋଧନ ଦେଉଛନ୍ତି ।

### 'ଆମ ଗାଁ ନିଶାମୁକ୍ତ ନ ହେବା ପର୍ଯ୍ୟନ୍ତ ବିଶ୍ରାମ ନାହିଁ'

କଣାସ, ୨୭।୧୦ (ବିଭୂତି ଭୂଷଣ ତ୍ରିପାଠୀ): କଣାସ ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମପଞ୍ଚାୟତ ଜାଗୁଳେଇପଦର ଗ୍ରାମର ମହିଳାମାନେ ଏକତ୍ରିତ ହୋଇ ଆଜି ଆମ ଗାଁକୁ, ଆମ ପଞ୍ଚାୟତକୁ ନିଶାମୁକ୍ତ କରିବୁ ବୋଲି ସଂକଳ୍ପ ନେଇଥିବା ଜଣାପଡ଼ିଛି। 'ପ୍ରୟାସ' ସଂଗଠନ ଦୁର୍ଗାବାହିନୀର ସଭାନେତ୍ରୀ ମେନକା ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମାଜସେବୀ କୃଷ୍ଣଚନ୍ଦ୍ର ଜଗଦେବ, ମିଳିତ ଓଡିଶା ନିଶା ନିବାରଣ ଅଭିଯାନର ବରିଷ୍ଠ ନେତ୍ରୀ ଅପର୍ଣ୍ଣା ନାୟକ, କନକଲତା ଭଞ୍ଜ, ସତ୍ୟନାରାୟଣ ସାହୁ, ବିଶ୍ୱଜିତ୍ ବଡଜେନା, ବିଷ୍ଣୁଜୟ ମତଗଜସିଂହ ଅତିଥି ଭାବେ ଯୋଗଦେଇ ଗାଁ ଓ ପଞ୍ଚାୟତକୁ ନିଶାମୁକ୍ତ କରିବାପାଇଁ ମହିଳାମାନେ ଯେଉଁ ସଂକଳ୍ପ ନେଇଛନ୍ତି ତାହା ନିଶ୍ଚୟ ସଫଳ ହେବ ବୋଲି କହିଥିଲେ। ଏହି ବୈଠକରେ ବନିତା ବେହେରା, ବୈଜୟନ୍ତୀ ବେହେରା, କଳ୍ପନା ବେହେରା, ସୁଷମା ବେହେରା ଓ ଜୟନ୍ତୀ ବେହେରାଙ୍କ ନେତୃତ୍ୱରେ ମହିଳାମାନେ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଗ୍ରାମକୁ ନିଶାମୁକ୍ତ କରିବାପାଇଁ ସ୍ଲୋଗାନ୍ ଦେଇଥିଲେ।

### ନୂତନ ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

ଅସ୍ତରଙ୍ଗ,୨୭।୧୦(ପ୍ରଦୀପ୍ତ ଦୀକ୍ଷିତ୍)

ଅସ୍ତରଙ୍ଗ ତହସିଲରେ ନୂତନ ତହସିଲଦାର ଭାବେ ପ୍ରିୟଙ୍କା ପ୍ରିୟଦର୍ଶନୀ ପତି ଗୁରୁବାର ଯୋଗଦେଇଛନ୍ତି। ଚଳିତ ମାସ ୨୧ ତାରିଖରେ ତାଙ୍କର ବଦଳି ନେଇ ଆଦେଶ ପ୍ରକାଶ ପାଇଥିଲା। ସେ ଏହା ପୂର୍ବରୁ କେନ୍ଦୁଝର ଜିଲା ସାହରପଡ଼ା ତହସିଲରେ କାର୍ଯ୍ୟ କରୁଥିଲେ। ନୂତନ ତହସିଲଦାରଙ୍କୁ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ବିଭିନ୍ନ ପଞ୍ଚାୟତର ରାଜସ୍ୱ ନିରୀକ୍ଷକ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଜନସାଧାରଣଙ୍କ ସମସ୍ୟା ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି ତହସିଲଦାର ପତି କହିଛନ୍ତି।

## ସିଡିପିଓଙ୍କୁ ବଦଳି ନ କରିବା ପାଇଁ ଦାବି

କଣାସ, ୨୭।୧୦(ବିଭୂତି ଭୂଷଣ ତ୍ରିପାଠୀ):

କଣାସ ବ୍ଲକରେ ଅବସ୍ଥାପିତ ସିଡିପିଓଙ୍କୁ ବଦଳି ନ କରିବା ପାଇଁ ଅଲ୍ ଓଡ଼ିଶା ଅଙ୍ଗନୱାଡି ୱାର୍କର୍ସ ଆସୋସିଏଶନ୍ ପକ୍ଷରୁ ଅଙ୍ଗନୱାଡି କାର୍ଯ୍ୟାଳୟ ସମ୍ମୁଖରେ ଏକ ଧାରଣା ଦିଆଯାଇଥିଲା। ଅଲ୍ ଓଡିଶା ଅଙ୍ଗନୱାଡି ୱାର୍କର୍ସ ଆସୋସିଏଶନ୍ କଣାସ ବ୍ଲକ ସଭାପତି ପ୍ରତିମାମଣି ଦତ୍ତ ଓ ସମ୍ପାଦିକା ମମତା ପ୍ରଧାନ ବୈଠକରେ ଯୋଗଦେଇ ସିଡିପିଓଙ୍କ ବଦଳିକୁ ଅନ୍ୟାୟ ଦର୍ଶାଇଥିଲେ। ସେହିପରି ମିଥ୍ୟା ଅଭିଯୋଗରେ ଯଦି ସିଡିପିଓଙ୍କୁ ବଦଳି କରାଯାଏ ତେବେ ଆସୋସିଏଶନ୍ ପକ୍ଷରୁ ଅଫିସ୍‌ରେ ତାଲା ପକାଯିବା ସହ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସିଡିପିଓଙ୍କ କାର୍ଯ୍ୟକଳାପ ୧ବର୍ଷ ପୂରଣ ହୋଇ ନ ଥିବା ବେଳେ ତାଙ୍କୁ କିପରି ବଦଳି କରାଯିବ ତାହାକୁ ନେଇ ସେମାନେ ପ୍ରଶ୍ନ କରିଛନ୍ତି।


ଧାରଣାଦେଇଥିବା ଅଙ୍ଗନୱାଡି କର୍ମୀମାନେ ।

## ପୂର୍ଣ୍ଣଚନ୍ଦ୍ର ନନ୍ଦଙ୍କ ସ୍ମୃତିସଭା, ପ୍ରତିମୂର୍ତ୍ତି ଉନ୍ମୋଚିତ

ପୁରୀ, ୨୭।୧୦(ଅଜିତ୍ ମହାନ୍ତି): ଜନନେତା, ସମାଜସେବୀ, ସୁସଂଗଠକ ଓ ବରିଷ୍ଠ ଅଧିବକ୍ତା ପୂର୍ଣ୍ଣଚନ୍ଦ୍ର ନନ୍ଦଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ କଳାମୁଗୁନି ପଥରରେ ନିର୍ମିତ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ପ୍ରତାପ ପୁରୁଷୋତ୍ତମପୁର ବ୍ରାହ୍ମଣ ଆଳନ୍ଦିଆସ୍ଥିତ ରଘୁନାଥ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ସଦର ବ୍ଲକ୍ ଅଧ୍ୟକ୍ଷ ଦିବାକର ପାତ୍ର, ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧ୍ୟକ୍ଷ କିଶୋର କୁମାର ଛୋଟରାୟ, ସଦର ବ୍ଲକ୍ ଆମ୍ବା ଅଧ୍ୟକ୍ଷ ରାମଚନ୍ଦ୍ର ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଅନାବରଣ କରିବା ସହିତ ମହାବିଦ୍ୟାଳୟର ନୂତନ କାର୍ଯ୍ୟାଳୟ ଗୃହକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ଡ. କମଳାକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ନନ୍ଦଙ୍କ ସହଧର୍ମିଣୀ ସାହିତ୍ୟିକା ପୌର୍ଣ୍ଣମାସୀ ଦେବୀ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା 'ସ୍ମରଣୀୟ ଦରଦୀବନ୍ଧୁ' ଲୋକାର୍ପିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶ୍ରୀମନ୍ଦିର ବୈଦିକ ଅନୁଷ୍ଠାନ ବିଦ୍ୟାର୍ଥୀମାନେ ବେଦପାଠ କରିଥିଲେ। କାର୍ଯ୍ୟକ୍ରମକୁ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ଅଧାପିକା ବିଜୟଲକ୍ଷ୍ମୀ ଦାଶ ଧନ୍ୟବାଦ ଦେଇଥିଲେ। ଅଧାପିକା ରାଜଶ୍ରୀ ଦଳାଇଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଇଣ୍ଡିଆନ ଆଇଡଲ କଣ୍ଠଶିଳ୍ପୀ ଅନନ୍ୟା ଶ୍ରୀତମ ନନ୍ଦ ଚିତ୍ତାକର୍ଷକ ସଙ୍ଗୀତ ପରିବେଷଣ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରସନ୍ନ ନନ୍ଦ, ପ୍ରମୋଦ ଚନ୍ଦ୍ର ନାୟକ, ରାଜେଶ ନନ୍ଦ, ସୁରେଶ ନନ୍ଦ, ଗିରୀଶ ନନ୍ଦ, ବନ୍ଦିତା ଦାଶ, ଚିନ୍ମୟୀ ନନ୍ଦ ଏବଂ ସନ୍ଧ୍ୟାରାଣୀ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ଅର୍ପିତା ଶ୍ରୀକ୍ଷେତ୍ର କୁମାରୀ, ଆଶିଷ ଶ୍ରୀକ୍ଷେତ୍ର କୁମାର ସମ୍ମାନ ପାଇବେ

- ୨୯ରୁ ତିନିଦିନିଆ ୫୬ତମ କୁମାର ଉତ୍ସବ
- ସଙ୍ଗୀତ ପରିବେଷଣ କରିବେ ବିନୋଦ ରାଠୋର

ପୁରୀ, ୨୭।୧୦(ଅଜିତ ମହାନ୍ତି):

ସାଂସ୍କୃତିକ ଅନୁଷ୍ଠାନ କୁମାର ଉତ୍ସବ ସମିତି ଆନୁକୂଲ୍ୟରେ ୫୬ତମ କୁମାର ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସ୍ଥାନୀୟ ଭିଆଇପି ରୋଡସ୍ଥିତ ଏକ ହୋଟେଲରେ ଅନୁଷ୍ଠାନ ପକ୍ଷରୁ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତଥା ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସଭାପତି ବିଭୁପ୍ରସାଦ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ରାଜେଶ ମିଶ୍ର, ଚକ୍ରଧର ମହାପାତ୍ର, ମନୋଜ ରଥ, ଅମରେନ୍ଦ୍ର ପାଇକରାୟ, ସାଧାରଣ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା, ଶ୍ରୀକାନ୍ତ ମହାନ୍ତି, ସୁକାନ୍ତ ପଣ୍ଡା, ବିଦ୍ୟୁଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ୨୯, ୩୦ ଏବଂ ୩୧ ତାରିଖ ତିନିଦିନ ଧରି ୫୬ତମ କୁମାର ଉତ୍ସବ ମହାସମାରୋହରେ ପାଳନ କରାଯିବ। ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ କାର୍ଯ୍ୟକ୍ରମ ପରିବେଷଣ କରିବେ। ନାଟକ 'ଅନାମିକା ଉପାଖ୍ୟାନ' ମଞ୍ଚସ୍ଥ କରାଯିବ। ବଲିଉଡ୍ କଣ୍ଠଶିଳ୍ପୀ ବିନୋଦ ରାଠୋର ସଙ୍ଗୀତ ପରିବେଷଣ କରିବେ। ଶ୍ରୀକ୍ଷେତ୍ର କୁମାରୀ ଭାବେ ପୁରୀ ଜାଭିୟର୍ସ ହାଇସ୍କୁଲର ଅର୍ପିତା ଶତପଥୀ, ଶ୍ରୀକ୍ଷେତ୍ର କୁମାର ଭାବେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଆଶିଷ କୁମାର ତ୍ରିପାଠୀଙ୍କୁ ସମ୍ମାନିତ କରାଯିବ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଆଦର୍ଶ ଶିକ୍ଷକ ସ୍ୱର୍ଗତଃ ଦିବାକର ତ୍ରିପାଠୀ ସ୍ମୃତି ସମ୍ମାନ-୨୦୨୩ ପ୍ରଦାନ କରାଯିବ। ସେହିପରି ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ମାନପତ୍ର ପ୍ରଦାନ କରାଯିବ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ଜିଲାସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ।



ଖବରଦାତା ସମ୍ମିଳନୀରେ କୁମାର ଉତ୍ସବ ସମିତି କର୍ମକର୍ତ୍ତା ସୂଚନା ଦେଉଛନ୍ତି।

## ସଂକ୍ଷେପରେ

### ବି.ସି. ଦାସ ଏନ୍‌ସିଟିଇ ଆଞ୍ଚଳିକ କମିଟି ସଦସ୍ୟ ଭାବେ ମନୋନୀତ

କଟକ,୨୭।୧୦(ଶିଳ୍ପା ପ୍ରିୟଦର୍ଶିନୀ)

କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗର ବରିଷ୍ଠ ଶିକ୍ଷାବିତ୍ ଡ. ବିକଳି ଚରଣ ଦାସଙ୍କୁ ନ୍ୟାଶନାଲ କାଉନ୍‌ସିଲ ଫର୍ ଟିଚର ଏଜୁକେଶନ(ଏନ୍‌ସିଟିଇ) ପୂର୍ବାଞ୍ଚଳ କମିଟିର ସଦସ୍ୟ ଭାବେ ମନୋନୀତ କରାଯାଇଛି। ଶିକ୍ଷାବିତ୍ ଦାସ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଶିକ୍ଷା ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଅଛନ୍ତି। ତାଙ୍କ ରଚିତ ୭ଟି ଗବେଷଣାତ୍ମକ ପୁସ୍ତକ ପ୍ରକାଶ ପାଇଛି। ଏଥିସହ ତାଙ୍କର ୬୦ରୁ ଊର୍ଦ୍ଧ୍ୱ ନିବନ୍ଧ ଜାତୀୟ ତଥା ଅନ୍ତର୍ଜାତୀୟ ଜର୍ନାଲର ପୃଷ୍ଠାମଣ୍ଡନ କରିଛି। ସେ ଦେବୀ ଅହଲ୍ୟା ବିଶ୍ୱବିଦ୍ୟାଳୟରୁ ଏମ୍.ଏଡ୍. ଓ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟରୁ ଡି.ଫିଲ୍. ଡିଗ୍ରୀ ହାସଲ କରିଛନ୍ତି। ଏନ୍‌ସିଟିଇ ସଦସ୍ୟ ଭାବେ ଦାସଙ୍କ ମନୋନୟନକୁ ଶିକ୍ଷାବିତ୍‌ଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି।

### ଭସାଣି ଉତ୍ସବ ସରିଲା

ଫୁଲନଖରା,୨୭।୧୦
(ସତ୍ୟ ରଞ୍ଜନ ଦାସମହାପାତ୍ର)

କଟକ ସଦର ଅଞ୍ଚଳରେ ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ୨୪ଟି ମଣ୍ଡପରେ ପୂଜା ପାଉଥିବା ମା' ଦୁର୍ଗା ଓ ହରପାର୍ବତୀଙ୍କ ମୃଣ୍ମୟ ପ୍ରତିମାକୁ ଶୋଭାଯାତ୍ରାରେ ନିଆଯାଇଥିଲା। ବମ୍ଫକୁଦସ୍ଥିତ ମା' ଯୋଗିଆଣୀ ପୂଜା କମିଟିର କର୍ମକର୍ତ୍ତାମାନେ ରାମନଗର ମେଢ଼କୁ ଭୋଗହାଣ୍ଡି ପ୍ରଦାନ କରିବା ସହ ପୂଜା କମିଟିର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ମୃଣ୍ମୟୀ ମୂର୍ତ୍ତିଗୁଡିକୁ ନିଜ ଅଞ୍ଚଳର ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଥିଲା। ସେହିଭଳି ଭାଣପୁରଠାରୁ ଗୋପାଳପୁର ମଧ୍ୟରେ ପୂଜା ପାଇଥିବା ମୂର୍ତ୍ତିଗୁଡିକ ଶୋଭାଯାତ୍ରାରେ ଯାଇ କାଠଯୋଡ଼ି ନଦୀଠାରେ ଖୋଳାଯାଇଥିବା ଅସ୍ଥାୟୀ ଜଳାଶୟରେ ବିସର୍ଜନ କରାଯାଇଥିଲା। ଏହି ସମୟରେ ବାଲିକୁଦା ହର-ପାର୍ବତୀ ପୂଜା କମିଟି ପକ୍ଷରୁ ସମସ୍ତ ମେଢ଼କୁ ଭୋଗହାଣ୍ଡି ପ୍ରଦାନ କରାଯିବା ସହ ଅଞ୍ଚଳର ବହୁ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭସାଣିରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# କେନାଲ ତଳମୁଣ୍ଡରେ ପହଞ୍ଚୁନି ପାଣି

■ଶୁଖିଲା ପଡ଼ିଛି ଚାଷଜମି
■ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଧାରଣା

କଣ୍ଟାପଡା,୨୭।୧୦(ସୁରନାରାୟଣ ସାହୁ)

ପ୍ରତାପନଗରୀ ଜଳସେଚନ ଅଧୀନରେ ଥିବା କଣ୍ଟାପଡା ବ୍ଲକସ୍ଥିତ ବାଗଲପୁର ମାଇନର କେନାଲର ତଳମୁଣ୍ଡରେ ପାଣି ପହଞ୍ଚି ପାରୁନାହିଁ। ଫଳରେ ୧୦୦ରୁ ଊର୍ଦ୍ଧ୍ୱ ଏକର ଜମି ଶୁଖିଲା ପଡିଛି। କଣ୍ଟାପଡା, ଶିଶୁଆ, ବାଇରୋଇ ଗ୍ରାମର ଚାଷୀମାନେ ଧାନଚାଷ ପାଇଁ ଉକ୍ତ କେନାଲ ଉପରେ ନିର୍ଭର କରିଥାନ୍ତି। ପ୍ରତିବର୍ଷ ପାଣି ସମସ୍ୟା ଲାଗିରହୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଆଦୌ ଦୃଷ୍ଟି ଦେଉନାହାନ୍ତି। ଚଳିତବର୍ଷ ବର୍ଷା ସମୟରେ ବିଭାଗ ପକ୍ଷରୁ କେନାଲରେ ଜେସିବି ଲଗାଇ ନାମକୁ ମାତ୍ର ସଫେଇ କରାଯାଇଥିଲା। କିଛିଦିନ ବର୍ଷା ନ ହେବାରୁ ପାଣି ଅଭାବରୁ ଧାନ ବିଲ ଫାଟି ଆଁ କରିଛି। ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳିପାରି ନାହିଁ। ଫଳରେ ଗ୍ରାମର ପାଣ୍ଡବ ସ୍ୱାଇଁ, ବିପିନ ବେହେରା, ବାପି ସ୍ୱାଇଁ, ଭରତ ବେହେରା, ନବଘନ ସ୍ୱାଇଁ, ପୁନାନନ୍ଦ ସାହୁ, କାଳନ୍ଦୀ ଭୋଇ, ରାମଚନ୍ଦ୍ର ସ୍ୱାଇଁ, ଅନିରୁଦ୍ଧ ସ୍ୱାଇଁଙ୍କ ସମେତ ବହୁଚାଷୀ ମଲା ଧାନଗଛ ଧରି କଣ୍ଟାପଡା ବ୍ଲକ ଓ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଅତିରିକ୍ତ ତହସିଲଦାର ଆଦ୍ୟାଶା ପ୍ରିୟଦର୍ଶିନୀ ବଳ ଚାଷୀଙ୍କଠାରୁ ଦାବିପତ୍ର ଗ୍ରହଣ କରିବା ସହ ଏହାର ସମାଧାନ ପାଇଁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଚାଷୀମାନେ ଧାରଣାରୁ ହଟିଥିଲେ। ଏ ସମ୍ପର୍କରେ ପ୍ରତାପ ନଗରୀ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଅଜୟ ବେହେରା କହିଛନ୍ତି, ଆସନ୍ତା ୧/୨ ଦିନ ଭିତରେ ଉକ୍ତ ଅଞ୍ଚଳକୁ କେନାଲ ପାଣି ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିବୁ।


ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଧାରଣାରେ ବସିଛନ୍ତି।


କଟକ ଶତାବ୍ଦୀ ଭବନରେ ଡ. ବୀଣାପାଣି ସିଂଙ୍କ ରଚିତ କବିତା ସଙ୍କଳନ 'ପୁରନ୍ତା ଅନୁଭବ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ଯୌତୁକ ନିର୍ଯାତନା, ଥାନାର ଦ୍ୱାରସ୍ଥ ହେଲେ ମହିଳା

କଟକ,୨୭।୧୦ (କାର୍ତ୍ତିକ ସାହୁ)

ଯୌତୁକ ପାଇଁ ଶାଶୁଘର ଲୋକେ ଜଣେ ମହିଳାଙ୍କୁ ନିର୍ଯାତନା ଦେଉଥିବା ନେଇ କଟକ ମହିଳା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, କଟକ ମଧୁପାଟଣା ଥାନା ଅଧୀନ କାଜିଡିହ ଅଞ୍ଚଳର ଜଣେ ମହିଳାଙ୍କୁ ୨୦୧୦ ନଭେମ୍ବରରେ ଭୁବନେଶ୍ୱର ଆଇଗିଣିଆ ଅଞ୍ଚଳର ଡ. ଏନ୍. ସଦାଶିବ ରାଓଙ୍କ ପୁଅ ଏନ୍. ରାଜେଶ ବିବାହ କରିଥିଲେ। ବିବାହର ବର୍ଷେ ପରେ ଶାଶୁଘର ଲୋକେ ମହିଳାଙ୍କ ଉପରେ ନିର୍ଯାତନା ଆରମ୍ଭ କରିଥିଲେ। ବିବାହର ୩ ବର୍ଷ ଯାଏ ସନ୍ତାନସନ୍ତତି ନ ହେବାରୁ ନିର୍ଯାତନା ବଢ଼ିଯାଇଥିଲା। ଯୌତୁକ ବାବଦରେ ୧ ଲକ୍ଷ ଟଙ୍କା ବାପଘରୁ ଆଣିବା ନିମନ୍ତେ ସେମାନେ ବାଧ୍ୟ କରୁଥିଲେ। ପରବର୍ତ୍ତୀ ସମୟରେ ମହିଳା ଜଣଙ୍କ ଏକ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ। ଏବେ ତାଙ୍କର ୯ ବର୍ଷର ପୁତ୍ର ରହିଛି। ହେଲେ ଶାଶୁଘର ସଦସ୍ୟଙ୍କ ନିର୍ଯାତନା ପୂର୍ବବତ୍ ଚାଲୁ ରହିଥିଲା। କେବଳ ସେତିକି ନୁହେଁ, ମହିଳାଙ୍କୁ ତାଙ୍କ ଶ୍ୱଶୁର ଯୌନ ନିର୍ଯାତନା ଦେବା ଓ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରୁଥିଲେ। ଶ୍ୱଶୁରଙ୍କର ଏପରି ଆଚରଣକୁ ମହିଳା ଜଣଙ୍କ ବିରୋଧ କଲେ ତାଙ୍କୁ ଶାଶୁ, ସ୍ୱାମୀ ଓ ନଣନ୍ଦ ମିଶି ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଉଥିଲେ। ଏସବୁ କଥା କାହା ଆଗରେ ପ୍ରକାଶ କଲେ ଘରୁ ବାହାର କରିଦେବା ସହ ଛାଡ଼ପତ୍ର ଦେବା ପାଇଁ ସେମାନେ ଧମକ ଦେଉଥିଲେ। ପରିବାର ସମ୍ମାନକୁ ଦୃଷ୍ଟିରେ ରଖି ମହିଳା ସବୁକିଛି ସହିଯାଉଥିଲେ। ଗତ ସେପ୍ଟେମ୍ବର ୪ରେ ମହିଳାଙ୍କୁ ଶାଶୁଘର ଲୋକେ ବୁଝାଇ ବାପଘର ବୁଲି ଆସିବା ପାଇଁ କହିଥିଲେ। ମହିଳା ଜଣଙ୍କ ବାପଘରକୁ ଆସିଲା ପରେ ଡିଭର୍ସ ପେପର ଘରେ ପହଞ୍ଚିଥିଲା। ଫଳରେ ସମ୍ପୃକ୍ତ ମହିଳା ନ୍ୟାୟ ପାଇଁ ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ସମ୍ପର୍କରେ ସେ ଅଭିଯୋଗ କରିବା ପରେ ପୋଲିସ ୪୯୮(ଏ), ୩୨୩, ୩୭୭, ୩୫୪(ଏ), ୫୦୬, ୩୪, ଯୌତୁକ ନିରୋଧ ଆଇନର ଧାରା ୪ ଅନୁଯାୟୀ ଏକ ମାମଲା(ନଂ.୧୪୫/୨୩) ରୁଜୁ କରିଛି।

## ଜଙ୍ଗଲରୁ ଉଦ୍ଧାର ଷଣ୍ଢଙ୍କୁ ଗୋଶାଳାରେ ଛଡ଼ାଗଲା

କଟକ ସଦର,୨୭।୧୦
(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ ରାଉତ୍ରାପୁର ଗ୍ରାମ ନିକଟ ଏକ ଜଙ୍ଗଲରୁ ଉଦ୍ଧାର କରାଯାଇଥିବା ୧୯ଟି ଷଣ୍ଢଙ୍କୁ ଶୁକ୍ରବାର ସ୍ଥାନୀୟ ବଜରଙ୍ଗ ଦଳ ଓ ଶ୍ରୀରାମ ସେନାର ସ୍ୱେଚ୍ଛାସେବୀମାନେ ନୂଆବଜାରସ୍ଥିତ ଗୋଶାଳାରେ ଛାଡିଥିଲେ। ସ୍ଥାନୀୟ ପୋଲିସ ଏଥିରେ ସ୍ୱେଚ୍ଛାସେବୀମାନଙ୍କୁ ସହଯୋଗ କରିଥିଲା। ଏନେଇ ଥାନାରେ ଅଭିଯୋଗ ହୋଇନାହିଁ। ଘଟଣାରୁ ପ୍ରକାଶ, ଉକ୍ତ ଜଙ୍ଗଲରେ ଷଣ୍ଢଗୁଡିକୁ ବାନ୍ଧି ରଖାଯାଇଥିଲା। ଗୁରୁବାର ରାତିରେ ଗାଡ଼ି ଦ୍ୱାରା ଷଣ୍ଢଗୁଡିକୁ ବାହାରକୁ ଚାଲାଣ ପାଇଁ ଉଦ୍ୟମ ହେଉଥିବାବେଳେ ଖବରପାଇ ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀମାନେ ସେଠାରେ ପହଞ୍ଚିଥିଲେ। ଏହି ସମୟରେ ଷଣ୍ଢଙ୍କୁ ବାନ୍ଧି ରଖିଥିବା ଲୋକମାନେ ଖସି ପଳାଇଥିଲେ। ପରେ ପୋଲିସ ଉପସ୍ଥିତିରେ ଷଣ୍ଢଗୁଡିକୁ ଗୋଶାଳା ପଠାଯାଇଥିଲା। ପ୍ରତିଦିନ ବିଭିନ୍ନ ସ୍ଥାନରେ ବୁଲୁଥିବା ଷଣ୍ଢଙ୍କୁ ଏହି ଜଙ୍ଗଲରେ ବାନ୍ଧି ରଖାଯାଇ ବାହାରକୁ ଚାଲାଣ କରାଯାଏ। ଆଗାମୀ ଦିନରେ ଏଥିପ୍ରତି ନଜର ରଖାଯିବ ବୋଲି ସ୍ୱେଚ୍ଛାସେବୀମାନେ କହିଛନ୍ତି।

## ବର୍ଜ୍ୟବସ୍ତୁ ସଚେତନତା ଅଭିଯାନ


ସିଏମ୍‌ସି ପକ୍ଷରୁ ବ୍ୟବସାୟୀଙ୍କୁ ସଚେତନ କରାଯାଉଛି।

କଟକ, ୨୭।୧୦ (ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ବର୍ଜ୍ୟବସ୍ତୁ ସଚେତନତା ଅଭିଯାନ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କେତେକ ଟିମ୍ ଦୋକାନଗୁଡିକ ପରିଦର୍ଶନ କରିଥିଲା। ବିଶେଷକରି ଦୋକାନରୁ ବାହାରୁଥିବା ବର୍ଜ୍ୟବସ୍ତୁ ଏଣେତେଣେ ନ ଫିଙ୍ଗି ଡଷ୍ଟବିନ୍‌ରେ ପକାଇବା ଓ ପରେ ସଫେଇ କର୍ମଚାରୀଙ୍କୁ ହସ୍ତାନ୍ତର କରିବା ପାଇଁ ବ୍ୟବସାୟୀଙ୍କୁ ସଚେତନତା କରାଯାଇଥିଲା। ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ସିଏମ୍‌ସିର ସ୍ୱତନ୍ତ୍ର ଗାଡ଼ି ବୁଲିବ। ପ୍ରତ୍ୟେକ ଦୋକାନରେ ଓଦା ଓ ଶୁଖିଲା ବର୍ଜ୍ୟ ରଖିବା ପାଇଁ ଦୁଇଟି ଡଷ୍ଟବିନ ବ୍ୟବହାର କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା



ମଙ୍ଗୁଳି-ଜଗତପୁର,୨୭।୧୦
(ମାନସ ସାମଲ)

ଭାଜପା ପକ୍ଷରୁ ମଙ୍ଗୁଳିସ୍ଥିତ ଶକ୍ତି ହୋଟେଲ ପରିସରରେ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମର ଟାଙ୍ଗୀ ବ୍ଲକ ପ୍ରତିନିଧିମାନଙ୍କୁ ନେଇ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟାଙ୍ଗୀ ଅଞ୍ଚଳର ଭାଜପା ଯୁବନେତା ପ୍ରଫୁଲ୍ଲ ସ୍ୱାଇଁ ଅଧ୍ୟକ୍ଷତା କରି କହିଥିଲେ, ଗଣମାଧ୍ୟମ ପ୍ରତିନିଧିମାନେ ନିଜର କର୍ତ୍ତବ୍ୟ ଠିକ୍ ଭାବେ ସମ୍ପାଦନ କରିବା ସହ ଦୁର୍ନୀତିକୁ ଲୋକଲୋଚନକୁ ଆଣନ୍ତୁ। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ସ୍ୱାଧୀନ ଦାସ, ମାନସ କୁମାର ସାମଲ, ନିରାକାର ସାହୁ , ସନ୍ତୋଷ ଖୁଣ୍ଟିଆ, ପ୍ରକାଶ ନାୟକ, ପଦ୍ମନାଭ ବରାଳ, ମିର୍ଜା ନସିମ ବେଗ୍, ରୁଦ୍ରାକ୍ଷ ନାଥ, ବଳରାମ ଲେଙ୍କା, ଅଜିତ ସ୍ୱାଇଁ, ସୁରେନ୍ଦ୍ର ସାହୁ ଓ ଦୀପକ ମଙ୍ଗରାଜ ଯୋଗଦେଇଥିଲେ।

## ଚିଠା ଭୋଟର ତାଲିକା ପ୍ରକାଶିତ


ଜିଲାପାଳ ନରହରି ସେଠୀଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ବୁଥ୍ ପରିଦର୍ଶନ କରୁଛନ୍ତି।

■ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ଆରମ୍ଭ
■ବୁଥ୍ ପରିଦର୍ଶନ କଲେ ଜିଲାପାଳ

କଟକ,୨୭।୧୦(କାର୍ତ୍ତିକ ସାହୁ)

ଭୋଟର ତାଲିକାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଜିଲାର ସମସ୍ତ ନିର୍ବାଚନମଣ୍ଡଳୀର ସବୁ ବୁଥ୍‌ରେ ଆସନ୍ତା ଡିସେମ୍ବର ୯ ତାରିଖ ଯାଏ ଏହି କାର୍ଯ୍ୟକ୍ରମ ଚାଲିବ। ଏଥିପାଇଁ ଫର୍ମ-୬ରେ ନାମ ପଞ୍ଜୀକରଣ, ଫର୍ମ-୭ରେ ଭୋଟର ତାଲିକାରେ ଥିବା ନାମ କାଟିବା, ଫର୍ମ-୮ରେ ନାମ/ତଥ୍ୟ/ଫଟୋ/ଠିକଣା ସଂଶୋଧନ କରାଯିବ। ଏହି ଫର୍ମଗୁଡିକ ନିକଟବର୍ତ୍ତୀ ବୁଥ୍‌ରେ ଉପଲବ୍ଧ ରହିବ। ନଭେମ୍ବର ୫, ୧୧, ୧୯ ଓ ୨୫ର ସ୍ୱତନ୍ତ୍ର ପ୍ରଚାର ଦିବସରେ ସମସ୍ତ ବୁଥ୍‌ରେ ବୁଥ୍‌ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଭୋଟରମାନଙ୍କୁ ସହାୟତା କରିବେ। ଜିଲାର ବିଭିନ୍ନ ବୁଥ୍‌ରେ ଶୁକ୍ରବାର ଚିଠା ଭୋଟର ତାଲିକା ପ୍ରକାଶ କରାଯାଇଛି। ଏହି ଅବସରରେ ଜିଲାପାଳ ନରହରି ସେଠୀ, ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, ଉପଜିଲାପାଳ କମଳଜିତ ଦାଶ ବିଭିନ୍ନ ବୁଥ୍ ପରିଦର୍ଶନ କରି ଅଧିକାରୀମାନଙ୍କୁ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ସୁଚାରୁ ରୂପେ ଓ ନିର୍ଭୁଲ ଭାବେ ସମ୍ପାଦନ କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି। ଜିଲାପାଳ ପରିଦର୍ଶନ କରିଥିବା ବୁଥଗୁଡ଼ିକ ମଧ୍ୟରେ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ବୁଥ୍ ନଂ. ୪୦, ୪୧, ସନତ ନଳିନୀ ବାଳିକା ଉଚ୍ଚ ବିଦ୍ୟାଳୟର ବୁଥ୍ ନଂ. ୪୮, ୪୯, ୫୦, ୫୧ ଓ ୫୨ ଅନ୍ତର୍ଭୁକ୍ତ ରହିଛି।

# କାଠଯୋଡ଼ି ପୋଲରେ ୨ କାର୍ ଜଳିଗଲା

କଟକ,୨୭।୧୦(କାର୍ତ୍ତିକ ସାହୁ)

କଟକ କାଠଯୋଡ଼ି ନଦୀ ପୋଲ ଉପରେ ଶୁକ୍ରବାର ସନ୍ଧ୍ୟାରେ ଦୁଇଟି କାର୍ ଜଳିଯାଇଛି। ଗୋଟିଏ କାର୍(ଓଡ଼ି୦୨ଏଇ-୫୪୬୩) ଅଧା ଜଳିଯାଇଛି। ଅନ୍ୟ କାର୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିବାରୁ ତାହାର ରେଜିଷ୍ଟ୍ରେଶନ ନମ୍ବର ଜଣାପଡ଼ିନାହିଁ। ଉଭୟ କାର୍ କଟକରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ଦୁଇଟିଯାକ ଘଟଣା ଅଳ୍ପ ସମୟ ବ୍ୟବଧାନରେ ଘଟିଥିଲା। ହେଲେ ସୌଭାଗ୍ୟବଶତଃ କେହି ମୃତାହତ ହୋଇନାହାନ୍ତି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଚାଉଳିଆଗଞ୍ଜ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

ମିଳିଥିବା ସୂଚନା ଅନୁସାରେ, କାଠଯୋଡି ପୋଲ ଉପରେ ଏକ କାର୍ ଜଳୁଥିବା ନେଇ ସନ୍ଧ୍ୟା ପ୍ରାୟ ୬ଟା ୬ ମିନିଟ୍‌ରେ ଚାଉଳିଆଗଞ୍ଜ ଅଗ୍ନିଶମ କର୍ମଚାରୀ ଖବର ପାଇଥିଲେ। ତୁରନ୍ତ ସେମାନେ ଘଟଣାସ୍ଥଳରେ ପହଞ୍ଚି ପାଣି ଓ ଗ୍ୟାସ୍ ଫୋମ୍ ସାହାଯ୍ୟରେ ନିଆଁ ଲିଭାଇଥିଲେ। ଏହି ଗାଡ଼ିର ସମ୍ମୁଖ ଭାଗ ଜଳିଯାଇଛି। ଚାଉଳିଆଗଞ୍ଜ ଅଗ୍ନିଶମ ଅଧିକାରୀ ବିକାଶ କୁମାର ସାହୁ କହିଛନ୍ତି, ପ୍ରଥମେ ସୁଇଫ୍ଟ ଡିଜାୟାର କାର୍‌ରୁ ନିଆଁ ଲିଭାଇ ଫେରୁଥିବାବେଳେ ପ୍ରାୟ ୨୦୦ ମିଟର ଦୂରରେ ଆଉ ଏକ କାର୍ ଜଳୁଥିବା ଦେଖିବାକୁ ପାଇଥିଲୁ। ତୁରନ୍ତ ଅଗ୍ନିଶମ କର୍ମଚାରୀମାନେ ଅଟକି ଯାଇ ଉକ୍ତ କାର୍‌ରୁ ନିଆଁ ଲିଭାଇଥିଲେ। ପ୍ରଥମ କାର୍‌ର କେହି ଦାବିଦାର ସେଠାରେ ଉପସ୍ଥିତ ନ ଥିବା ବେଳେ ଦ୍ୱିତୀୟ କାର୍‌ରେ ଯାତ୍ରା କରୁଥିବା ଜଣେ ମହିଳା ଓ ଡ୍ରାଇଭର ଉପସ୍ଥିତ ଥିଲେ। ମହିଳା ଜଣଙ୍କ ଭୁବନେଶ୍ୱର ଯାଉଥିବାବେଳେ କାଠଯୋଡ଼ି ପୋଲ ଉପରେ ତାଙ୍କ ଗାଡ଼ିରୁ ନିଆଁ ବାହାରୁଥିବା ଲୋକଙ୍କଠାରୁ ଜାଣିବାକୁ ପାଇଥିଲେ। ସେ ଗାଡ଼ି ଅଟକାଇ ବାହାରକୁ ଆସିବାର ଅଳ୍ପ ସମୟ ମଧ୍ୟରେ କାର୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା।




କାଠଯୋଡ଼ି ନଦୀ ପୋଲ ଉପରେ ଜଳିଯାଇଥିବା ଦୁଇ କାର୍।


କଟକ ଶିଳ୍ପୀ କୁମ୍ଭାରସାହି ଅଞ୍ଚଳରେ ଜଣେ ଶିଳ୍ପୀ ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମାକୁ ସଜ୍ଜିତ କରୁଛନ୍ତି।


କଟକ କ୍ୟାଣ୍ଟନମେଣ୍ଟ ଥାନା ନିକଟରେ ଥିବା ବରହମ୍ପୁର ବସ୍ତିକୁ ସିଏମ୍‌ସି ପକ୍ଷରୁ ଉଚ୍ଛେଦ କରାଯାଉଛି।


କାର୍ତ୍ତିକ ମାସ ଅବ୍ୟବହିତ ପୂର୍ବରୁ ଶୁକ୍ରବାର କଟକସ୍ଥିତ ସୟଦ ସେମିନାରୀ ଛକଠାରେ ଆମିଷ କିଣିବା ପାଇଁ ଦୋକାନରେ ଲୋକଙ୍କ ଭିଡ।

Government of India

Azadi Ka Amrit Mahotsav

G20 2023 INDIA



## ଯୁବ ସଶକ୍ତୀକରଣ ମାଧ୍ୟମରେ
## 'ବିକଶିତ ଭାରତ'ର ସଂକଳ୍ପ ହେଉଛି ଆହୁରି ସୁଦୃଢ଼

# ରୋଜଗାର ମେଳା ଜରିଆରେ
# ୧୦ ଲକ୍ଷ ସରକାରୀ ନିଯୁକ୍ତି

## ସାରା ଦେଶରେ ୩୭ଟି ସ୍ଥାନରେ ସରକାରୀ ଚାକିରି ପାଇଁ ମନୋନୀତ ୫୧ ହଜାରରୁ ଅଧିକ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ

## ପ୍ରଧାନମନ୍ତ୍ରୀ
# ନରେନ୍ଦ୍ର ମୋଦିଙ୍କ
## ଦ୍ୱାରା

**୨୮ ଅକ୍ଟୋବର, ୨୦୨୩ | ଅପରାହ୍ଣ ୧.୦୦**

(ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ)

- ଭାରତ ସରକାର ଏବଂ ସହଭାଗୀ ରାଜ୍ୟ ସରକାରଙ୍କ ଦ୍ୱାରା ଲକ୍ଷ ଲକ୍ଷ ନୂଆ ଚାକିରି ସୁଯୋଗ ସୃଷ୍ଟି
- ସହଜ, ନିରପେକ୍ଷ ଏବଂ ସ୍ୱଚ୍ଛ ମନୋନୟ ପ୍ରକ୍ରିୟା
- ଅନ୍‌ଲାଇନ୍ ପ୍ରଣାଳୀ ମାଧ୍ୟମରେ ଖାଲି ପଦବୀ ଏବଂ ନିଯୁକ୍ତି ପ୍ରକ୍ରିୟାର ନିରବଚ୍ଛିନ୍ନ ତଦାରଖ
- ମହିଳା, ଦିବ୍ୟାଙ୍ଗଜନ ଏବଂ ଆକାଂକ୍ଷୀ ଜିଲ୍ଲାର ପ୍ରାର୍ଥୀମାନଙ୍କ ପାଇଁ ବିଶେଷ ଲାଭ
- ସମସ୍ତ ନିଯୁକ୍ତି ୟୁପିଏସ୍‌ସି, ଏସ୍‌ଏସ୍‌ସି, ରେଳପଥ ନିଯୁକ୍ତି ପରିଷଦ, ଆଇବିପିଏସ୍ ଭଳି ଏଜେନ୍ସି ମାଧ୍ୟମରେ
- କର୍ମଯୋଗୀ ପ୍ରାରମ୍ଭ ମଡ୍ୟୁଲ୍ ମାଧ୍ୟମରେ ସମସ୍ତ ନବନିଯୁକ୍ତଙ୍କୁ ଅନ୍‌ଲାଇନ୍ ପ୍ରଶିକ୍ଷଣ

DD NEWS ଡିଡି ନ୍ୟୁଜ୍‌ରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ

ପ୍ରଶିକ୍ଷଣ ସମ୍ପର୍କରେ ଅଧିକ ସୂଚନା ପାଇଁ କର୍ମଯୋଗୀ ମଡ୍ୟୁଲ୍ ୱେବ୍‌ସାଇଟ୍ https://igotkarmayogi.gov.in/ ପରିଦର୍ଶନ କରନ୍ତୁ କିମ୍ବା କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଉତ୍କଳ ସମ୍ମିଳନୀ ପକ୍ଷରୁ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପାଖ, ସକାଳ ୯ଟା।
- ବିଶ୍ୱମୁକ୍ତିର ଶାରଦୀୟ ବନ୍ଧୁମିଳନ, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୦ଟା ୩୦।
- ୨୯ତମ ଗଜଲକ୍ଷ୍ମୀ ପୂଜା, ୟୁନିଟ୍-୩, ପ୍ରିୟା ହୋଟେଲ ପାଖ, ପୂର୍ବାହ୍ନ ୧୧ଟା।
- ପାରା ଜୁଡୋ ଓଡ଼ିଶା ପକ୍ଷରୁ ବିଶ୍ୱ ଜୁଡୋ ଦିବସ ଅବସରରେ ଜୁଡୋ ଜୁଏଲ ପୁରସ୍କାର, ରେଡକ୍ରସ ଭବନ, ମଧ୍ୟାହ୍ନ ୧୨ଟା ୩୦।
- ୧୭ତମ ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଗୁରୁ ଦେବପ୍ରସାଦ ଫାଉଣ୍ଡେଶନ ପକ୍ଷରୁ ୮ମ ଦେବପ୍ରସାଦ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

କଟକ
- ଉଦୟଭାନୁ ସାହିତ୍ୟ ସଂସଦର ଚତୁର୍ବିଂଶତମ ସ୍ୱନକ୍ଷତ୍ର ଦିବସ, ସଂସଦ ପରିସର, ଡାଏରୀ ଫାର୍ମ ଛକ, ମଧୁପାଟଣା, ପୂର୍ବାହ୍ନ ୧୧ଟା।
- ଭାରତ ସରକାରଙ୍କ ରୋଜଗାର ମେଳା, ରେଲୱେ ଇନ୍‌ଷ୍ଟିଚ୍ୟୁଟ ପରିସର, ମଧ୍ୟାହ୍ନ ୧୨ଟା ୫।
- ସାଆନ୍ତସାହି କୁମାର ଉତ୍ସବ ସମିତି ପକ୍ଷରୁ ୪୨ତମ କୁମାର ଉତ୍ସବ ଉଦ୍‌ଘାଟନ, କେଳୁଚରଣ କୁମାର ଉତ୍ସବ ମଣ୍ଡପ, ସନ୍ଧ୍ୟା ୭ଟା।

ମାହାଙ୍ଗା
- ଉତ୍କଳ ଗଣକବି ବୈଷ୍ଣବ ପାଣି ସ୍ମୃତି ସଂସଦର ୬୦ତମ ବାର୍ଷିକ ଉତ୍ସବ, ରଘୁନାଥଜୀଉ ମଠ, ସନ୍ଧ୍ୟା ୫ଟା।

ବଡ଼ମ୍ବା
- ମା'ଗଜଲକ୍ଷ୍ମୀଙ୍କ ପୂଜା, ଶଙ୍ଖାମେରୀ (ପାଟଣା ସାହି), ସନ୍ଧ୍ୟା ୭ଟା।
- ମା'ଗଜଲକ୍ଷ୍ମୀଙ୍କ ପୂଜା, ବୃନ୍ଦାବନପୁର (ଖମାର ସାହି),ସନ୍ଧ୍ୟା ୭ଟା।
- ଗଜଲକ୍ଷ୍ମୀଙ୍କ ୭ ଦିନିଆ ପୂଜା, ମାଣିଆବନ୍ଧ, ସନ୍ଧ୍ୟା ୭ଟା।

# 'ଷ୍ଟ୍ରୋକ୍ ନିୟନ୍ତ୍ରଣ ପାଇଁ ସାମୂହିକ ଉଦ୍ୟମ ଲୋଡ଼ା'

ଭୁବନେଶ୍ୱର, ୨୭।୧୦
(ଅସମାପିକା ସାହୁ)



ଆଲୋଚନାଚକ୍ରରେ ଏକ ଅଧିବେଶନରେ ଯୋଗ ଦେଇଥିବା ଅତିଥିମାନେ।

ଆଇଏଫ୍‌ଆଇ ଫାଉଣ୍ଡେଶନ ପକ୍ଷରୁ ଓଡ଼ିଶାଲାଇଭ୍ ଓ ସ୍ୱାସ୍ଥ୍ୟପ୍ଲସ୍‌ର ମିଳିତ ଆନୁକୂଲ୍ୟରେ ଗତ ୧୬ରୁ ୩୧ ତାରିଖ ପର୍ଯ୍ୟନ୍ତ ସଚେତନତା ଅଭିଯାନ 'ଷ୍ଟ୍ରୋକମୁକ୍ତ ଜୀବନ' ଜାରି ରହିଛି। ଏହା ଅଧୀନରେ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ 'ଷ୍ଟ୍ରୋକ ମୁକାବିଲା ପାଇଁ ଏକାଠି ହେବା' ଶୀର୍ଷକ ଏକ ବୈଷୟିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଏମ୍‌ସି ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବର୍ତ୍ତିତ ଜୀବନଶୈଳୀ ଯୋଗୁ ବର୍ତ୍ତମାନ ଷ୍ଟ୍ରୋକ୍ ଭଳି ବିଭିନ୍ନ ଅଣସଂକ୍ରାମକ ରୋଗର ମାତ୍ରା ବଢ଼ିଚାଲିଛି ବୋଲି ମତବ୍ୟକ୍ତ କରିଥିଲେ। କେବଳ ବୟସ୍କ ନୁହନ୍ତି, ଯୁବପିଢ଼ି ମଧ୍ୟ ଷ୍ଟ୍ରୋକ୍ ଦ୍ୱାରା ପ୍ରଭାବିତ ହେଉଛନ୍ତି। ତେଣୁ ଆମେ ସମସ୍ତେ ଷ୍ଟ୍ରୋକର ଲକ୍ଷଣ ଜାଣିବା ସହ ଠିକଣା ସମୟରେ ରୋଗୀଙ୍କୁ ଡାକ୍ତରଖାନା ପହଞ୍ଚାଇ ଚିକିତ୍ସା ବ୍ୟବସ୍ଥା କରିପାରିଲେ ଷ୍ଟ୍ରୋକର ପ୍ରଭାବକୁ ମୁକାବିଲା କରିପାରିବା। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଷ୍ଟ୍ରୋକ ଭଳି ଏକ ଜଟିଳ ସମସ୍ୟାର ମୁକାବିଲା ଲାଗି ସରକାରଙ୍କ ସହ ଜନସ୍ୱାସ୍ଥ୍ୟ ଗବେଷଣା ଅନୁଷ୍ଠାନ, ଘରୋଇ ହସ୍ପିଟାଲ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ-ସମସ୍ତଙ୍କର ସହଯୋଗ ଲୋଡ଼ା ବୋଲି କହିଥିଲେ।

ପବ୍ଲିକ ହେଲ୍‌ଥ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ (ପିଏଚ୍‌ଏଫ୍‌ଆଇ)ର ନିର୍ଦ୍ଦେଶକ ଡା. ଶ୍ରୀଧର ମୁରଲୀଧରରାଓ କଦମ ଯୋଗଦେଇ କହିଥିଲେ, ଓଡ଼ିଶାରେ ଷ୍ଟ୍ରୋକ୍‌ର ମାତ୍ରା ବଢ଼ିବାରେ ଲାଗିଛି। ଏକ୍ଷେତ୍ରରେ ଦେଶରେ ନବମ ସ୍ଥାନରେ ଥିବା ଓଡ଼ିଶା ଏବେ ଦ୍ୱିତୀୟ ସ୍ଥାନକୁ ଆସିଯାଇଛି। ମେଡିକାଲ, ଇକୋନୋମିକ ଏବଂ ସୋସିଆଲ ପ୍ରୋବ୍ଲେମ ଆଦି ତିନୋଟି କାରଣ ଯୋଗୁ ରାଜ୍ୟରେ ଏହା ବଢ଼ିବାରେ ଲାଗିଛି। ଆମେ ସଚେତନ ହେଲେ ଷ୍ଟ୍ରୋକ୍‌ର ମାତ୍ରା ନିୟନ୍ତ୍ରଣ ହୋଇପାରିବ ବୋଲି ଡ. କଦମ କହିଥିଲେ। ବରିଷ୍ଠ ନ୍ୟୁରୋଲୋଜି ବିଶେଷଜ୍ଞ ଡାକ୍ତର ମାୟା ଗନ୍ତାୟତ, ଆର୍‌ଏମ୍‌ଆର୍‌ସି ଭୁବନେଶ୍ୱରର ବୈଜ୍ଞାନିକ ଡା. ଶ୍ରୀକାନ୍ତ କାନୁନ୍‌ଗୋ ପ୍ରମୁଖ ଯୋଗଦେଇ ଷ୍ଟ୍ରୋକର ପ୍ରତିଷେଧକ ଓ ସଫଳ ପରିଚାଳନା ଉପରେ ଗୁରୁତ୍ୱ ଦେଇଥିଲେ। ଆଇଏଫ୍‌ଆଇ ଫାଉଣ୍ଡେଶନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସ୍ୱାସ୍ଥ୍ୟପ୍ଲସ୍‌ର ସିଇଓ ସିଦ୍ଧାର୍ଥ ରଥ ଅଧିବେଶନ ସଞ୍ଚାଳନ କରି କହିଛନ୍ତି, ଓଡ଼ିଶାରେ ଷ୍ଟ୍ରୋକଜନିତ ମୃତ୍ୟୁ ସଂଖ୍ୟା କମାଇବା ଲାଗି ଆଇଏଫ୍‌ଆଇ ଫାଉଣ୍ଡେଶନ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ୨୦ ହଜାର ଆମେରିକୀୟ ଡଲାର ପାଣ୍ଠି ବ୍ୟବସ୍ଥା କରିବ। ଷ୍ଟ୍ରୋକ ସଚେତନତା ଅଭିଯାନର ଅଧ୍ୟକ୍ଷ ତଥା ଓଡ଼ିଶାଲାଇଭ୍‌ର ସମ୍ପାଦକ ନୀଳାମ୍ବର ରଥ ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ୱାସ୍ଥ୍ୟପ୍ଲସ୍‌ର ଅନ୍ୟତମ ପ୍ରଯୋଜିକା ସୁଶ୍ରୀସ୍ମିତା ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ 'ଷ୍ଟ୍ରୋକମୁକ୍ତ ଜୀବନ' ଉପରେ ପ୍ରସ୍ତୁତ ସ୍ୱତନ୍ତ୍ର ସୂଚନାପତ୍ର ଉନ୍ମୋଚନ କରାଯାଇ ବଣ୍ଟନ କରାଯାଇଥିଲା।

## କେ. ରାମାରାଓ ପାତ୍ରଙ୍କୁ 'ଗୁରୁ ସିଂହାରୀ ସମ୍ମାନ'

ଭୁବନେଶ୍ୱର,୨୭।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)

ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀ ପକ୍ଷରୁ ୧୧ତମ ଓଡ଼ିଶୀ ରାଗ ଓ ସମ୍ମାନ ଉତ୍ସବ ଚଳିତବର୍ଷ ନଭେମ୍ବର ୪ ଓ ୫ ତାରିଖରେ ଅନୁଷ୍ଠିତ ହେବ। ଏହି ଅବସରରେ ବିଶିଷ୍ଟ ବୀଣା ବାଦକ କେ ରାମାରାଓ ପାତ୍ରଙ୍କୁ 'ଗୁରୁ ସିଂହାରୀ ସମ୍ମାନ'ରେ ସମ୍ମାନିତ କରାଯିବ। ସେହିପରି ବିଶିଷ୍ଟ ନୃତ୍ୟାଙ୍ଗନା ସିକତା ଦାସଙ୍କୁ 'ଭଗବତୀ ସ୍ମୃତି ସମ୍ମାନ' ଓ ଯୁବ ଓଡ଼ିଶୀ କଳାକାର ମାତୃ ପ୍ରସାଦ ଦାସଙ୍କୁ 'ଗୁରୁ ଗୋପାଳ ପଣ୍ଡା ଯୁବ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯିବ। ଏ ବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମର ଗୀତ ଗୋବିନ୍ଦ ଉପରେ ଆଧାରିତ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ଅଷ୍ଟ ନାୟିକା ପରିବେଷଣ ହେବ। ଏ ନେଇ ଅନୁଷ୍ଠାନ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅରୁଣ


@ ଅମୂଲ୍ୟ


@ ମିତାଲି


@ ପ୍ରକାଶ


@ ବିଭୂତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ସ୍ୱରର ବିନ୍ଧାଣି ସ୍ୱରୂପଙ୍କ ପରଲୋକରେ ଶୋକ



ଲେଖା ତାଙ୍କର ମନଛୁଆଁ ପ୍ରେମ ମୋହ ଆଉ ମାଟିର ବାସ୍ନା ବାରିହୋଇ ପଡୁଥିଲା ତାଙ୍କ ଗୀତରେ। ଶବ୍ଦ ସବୁକୁ ବାନ୍ଧି ରଖିବାର ମହାନ୍ ବିନ୍ଧାଣି ଥିଲେ ସ୍ୱରୂପ ନାୟକ। ସ୍ୱଳ୍ପ ଅଭିନୟ କାଳରେ ତାଙ୍କର ସେ ଅଭିନୟ ସଦାକାଳ ଅଭୁଲା। ଖଳନାୟକ ହେଉ କି କମେଡିଆନ୍ ସବୁ ଚରିତ୍ରକୁ ସେ ବାନ୍ଧି ରଖିପାରୁଥିଲେ। କଣ୍ଠଶିଳ୍ପୀ, ସଙ୍ଗୀତକାର ଭାବେ ତାଙ୍କ ସୃଷ୍ଟି ସବୁ ଅନନ୍ୟ। କେବେ ଚାଲିରେ ପଦ୍ମ ଫୁଟାଇଛନ୍ତି ତ କେବେ ନାଲି ଓଢ଼ଣି ଓ ଗାଁ ମଝିରେ ଥିବା ଚାନ୍ଦିନୀକୁ ସେ ତାଙ୍କ ଗୀତରେ ସ୍ଥାନ ଦେଇଛନ୍ତି। ସେହି ସ୍ୱରର ବିନ୍ଧାଣି ସ୍ୱରୂପଙ୍କ ପରଲୋକରେ ଆଜି ଚଳଚ୍ଚିତ୍ର ଜଗତ ଦୁଃଖରେ ମ୍ରିୟମାଣ....

## ଅଭିନୟରୁ ସଙ୍ଗୀତ ନିର୍ଦ୍ଦେଶକ

୧୯୬୨ ମସିହାରେ 'ଜୟଦେବ' ଚଳଚ୍ଚିତ୍ରରେ ସ୍ୱରୂପ ଶିଶୁ କଳାକାର ଭାବେ ଅଭିନୟ ଜଗତରେ ପାଦ ରଖିଥିଲେ। ପରେ 'ଲକ୍ଷ୍ମୀ' ଓ ୧୯୬୮ରେ 'ସ୍ତ୍ରୀ' ସିନେମାରେ କଳିଯୁଗ କୃଷ୍ଣ ମୁହିଁ ଗୀତରେ ଶିଶୁ କଳାକାର ଭାବେ ଚମତ୍କାର ଅଭିନୟ କରିଥିଲେ। ସେ ୧୯୭୧ରେ ଓଡ଼ିଆ ସିନେମା ସଂସାର, ସୁନା ସଂସାର, ମାନସୀ, ସତୀ ଅନସୂୟା, କୁଳଚନ୍ଦ୍ରମା, ପରଝିଅ ଘର ଭାଙ୍ଗେନା, ଡୋରା, ଜଗାବଳିଆ, ବଗୁଲାବଗୁଲି, ସପନ ବଣିକ, ଯଶୋଦା, କଳାମାଣିକ, କଣ୍ଢେଇ ଆଖିରେ ଲୁହ ଓ କଳିଙ୍ଗ ପୁତ୍ରରେ ଅଭିନୟର ପରାକାଷ୍ଠା ଦେଖାଇଥିଲେ। କିନ୍ତୁ ବିଧିର ବିଧାନ ଥିଲା ଅଲଗା। ଜଣେ ସଙ୍ଗୀତ ନିର୍ଦ୍ଦେଶକ ହେବାକୁ ସେ ମନ ବଳାଇଥିଲେ। ୧୯୮୪ରେ ଆରମ୍ଭ କରିଥିଲେ ଗୀତିକାର ଆଉ ସଙ୍ଗୀତ ନିର୍ଦ୍ଦେଶକର ଜୀବନ। ଜଣେ ସଫଳ ଗୀତିକାର ଭାବେ ସକଳ ସାଥି ତୋ ଚରଣେ, ମନ ରହିଗଲା ତୁମରି ଠାରେ, ନାରୀ ନୁହେଁ ତୁ ନାରାୟଣୀ, ଜୀବନ ମୃତ୍ୟୁ ଓ ସ୍ୱୟଂସିଦ୍ଧା ସିନେମା ପାଇଁ ଗୀତ ରଚନା କରି ସଫଳତା ପାଇଥିଲେ। ସେହିପରି ୧୯୮୬ରେ ଓଡ଼ିଆ ସିନେମା ହୀରାନୀଳାରେ ଜଣେ ସଙ୍ଗୀତ ନିର୍ଦ୍ଦେଶକ ଭାବେ ସେ କ୍ୟାରିୟର ଆରମ୍ଭ କରିବା ପରେ ଆଉ ପଛକୁ ଫେରି ଚାହିଁ ନ ଥିଲେ । ପରେ ବଗୁଲା ବଗୁଲି, ଲାଲପାନ୍ ବିବି, ଯାହାକୁ ରଖିବେ ଅନନ୍ତ, କି ହେବ ଶୁଆ ପୋଷିଲେ, ପଞ୍ଜୁରି ଭିତରେ ଶାରୀ, ମୁଁ ତତେ ଲଭ୍ କରୁଛି, ଜୀବନ ମୃତ୍ୟୁ, ପ୍ରେମ ରତ୍ନ ଆସିଲାରେ, କଳିଙ୍ଗ ପୁତ୍ରରେ କାମ କରିଥିଲେ। ୨୦୧୫ରେ ସେ ତାଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଶେଷ ସିନେମା ଥିଲା ଅପନା ନାଥ ଜଗନ୍ନାଥ। ୨୦୦୬ରେ ବାଇସ୍କୋପ୍ ଆୱାର୍ଡ ଲାଭ କରିବା ସହ 'ମନ ରହିଗଲା ତୁମରି ଠାରେ ଓ 'କଥାନ୍ତର' ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇ ଜଣେ ଉଚ୍ଚକୋଟୀର ସଙ୍ଗୀତ ନିର୍ଦ୍ଦେଶକ ଭାବେ ରାଜ୍ୟ ଚଳଚ୍ଚିତ୍ର ସମ୍ମାନ ହାସଲ କରିଥିଲେ।

## ଜୟଦେବରୁ ଅଭିନୟ ଆରମ୍ଭ

୧୯୬୨ ମାର୍ଚ୍ଚ ୩ ରେ ମୁକ୍ତିଲାଭ କରିଥିଲା ଓଡ଼ିଆ କଥାଚିତ୍ର ଜୟଦେବ। ଏହି ଚଳଚ୍ଚିତ୍ରରେ ସ୍ୱରୂପ ଶିଶୁ କଳାକାର ଭାବେ ଅଭିନୟ କରିଥିଲେ। ବ୍ୟୋମକେଶ ତ୍ରିପାଠୀଙ୍କ ନିର୍ଦ୍ଦେଶନା ଓ କଲ୍ୟାଣ ଗୁପ୍ତା ପ୍ରଯୋଜନାରେ ଚଳଚ୍ଚିତ୍ରଟି ମୁକ୍ତି ଲାଭ କରିଥିଲା।

## ୧୯୮୪ ମସିହାରୁ ସଙ୍ଗୀତ ନିର୍ଦ୍ଦେଶକ

ମୋ କୋଳ ତୋ' ଝୁଲଣା, ଲାଲପାନ ବିବି, ବଗଲା ବଗୁଲୀ, ଲକ୍ଷେ ଶିବ ପୂଜି ପାଇଛି ପୁଅ, ଯଶୋଦା ଭଳି ଅନେକ ଉଚ୍ଚକୋଟୀର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଦୀର୍ଘ ବର୍ଷ ଅଭିନୟ ପରେ ସେ ୧୯୮୪ରେ ଓଡ଼ିଆ ଚଳଚ୍ଚିତ୍ର 'ହୀରାନୀଳା'ରେ ପ୍ରଥମେ ସଙ୍ଗୀତ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ । ପ୍ରଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶନାରେ ନିର୍ମିତ ଓଡ଼ିଆ କଥାଚିତ୍ର ହୀରାନୀଳା ୧୯୮୬ ମସିହାରେ ମୁକ୍ତିଲାଭ କରିଥିଲା । ୪୦ରୁ ଅଧିକ ଓଡ଼ିଆ ଚଳଚ୍ଚିତ୍ର ପାଇଁ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ସ୍ୱରୂପ।

## ୨ଥର ରାଜ୍ୟ ପୁରସ୍କାର

୨୦୦୬ରେ ସ୍ୱରୂପ ବାଇସ୍କୋପ ପୁରସ୍କାର ପାଇଥିଲେ। ମନ ରହିଗଲା ତୁମରିଠାରେ ଓ କଥାନ୍ତର ଚଳଚ୍ଚିତ୍ରର ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ସେ ଷାଠିଏରୁ ଅଧିକ ଓଡ଼ିଆ ଛବିରେ ମଧ୍ୟ ଗୀତ ରଚନା କରିଛନ୍ତି। କେବଳ ଓଡ଼ିଆ ନୁହେଁ ବଙ୍ଗଳା, ହିନ୍ଦୀ ଚଳଚ୍ଚିତ୍ରରେ ମଧ୍ୟ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ।

## ଚଳଚ୍ଚିତ୍ର ସହ ଜଡ଼ିତ ପରିବାର

ଓଡ଼ିଆ ଅଭିନେତ୍ରୀ ପାର୍ବତୀ ଘୋଷ ତାଙ୍କ ଭଉଣୀ ଓ ଓଡ଼ିଆ କଥାଚିତ୍ର ସଙ୍ଗୀତକାର ସାରଦା ପ୍ରସନ୍ନ ନାୟକ ସ୍ୱରୂପଙ୍କ ଭାଇ। ଆଠ ଭାଇ ଓ ଭଉଣୀଙ୍କ ମଧ୍ୟରୁ ବଡ଼ ଭାଇ ସାରଦା ପ୍ରସନ୍ନ ନାୟକ ହେଉଛନ୍ତି ନିର୍ଦ୍ଦେଶକ ତଥା ଗୀତିକାର ଏବଂ ସାନ ଭାଇ ସ୍ୱରୂପ ନାୟକ ଜଣେ ଖ୍ୟାତନାମା ସଙ୍ଗୀତ ନିର୍ଦ୍ଦେଶକ ଓ ଗୀତିକାର ଥିବାବେଳେ ଭଉଣୀ ପାର୍ବତୀ ଘୋଷ ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣେ ଅଭିନେତ୍ରୀ, ପ୍ରଥମ ମହିଳା ନିର୍ଦ୍ଦେଶିକା ତଥା ପ୍ରଯୋଜିକା ଥିଲେ। ଭଉଣୀ ଓଡ଼ିଆ ଚଳଚ୍ଚିତ୍ର ଜଗତର ଅଭିନେତା, ପ୍ରଯୋଜକ ତଥା ନିର୍ଦ୍ଦେଶକ ସ୍ୱର୍ଗତ ଗୌର ଘୋଷଙ୍କୁ ବିବାହ କରିଥିଲେ। ସେହିପରି ବଡ଼ ଭାଇ ସାରଦା ପ୍ରସନ୍ନ ନାୟକ ଜଣେ ଓଡ଼ିଆ କଥାଚିତ୍ର ଗୀତିକାର ଓ ନିର୍ଦ୍ଦେଶକ ଥିଲେ। ସେ ୧୯୫୬ ମସିହାରେ ଭକ୍ତକବି ଜୟଦେବ ଚଳଚ୍ଚିତ୍ରରୁ ସହନିର୍ଦ୍ଦେଶକ ଭାବରେ ନିଜ ଚଳଚ୍ଚିତ୍ର ଜୀବନ ଆରମ୍ଭ କରିଥିଲେ। ସେ ତାଙ୍କ ନିର୍ମିତ ଚଳଚ୍ଚିତ୍ର କା, ସ୍ତ୍ରୀ ଓ ସଂସାରରେ ପାରଦର୍ଶିତା ପାଇଁ ରାଷ୍ଟ୍ରପତି ପୁରସ୍କାର ଲାଭ କରିଥିଲେ। ୨୦୧୩ ମସିହାରେ ଓଡ଼ିଶା ସରକାର ତାଙ୍କୁ ଓଡ଼ିଆ ଚଳଚ୍ଚିତ୍ରର ସର୍ବୋଚ୍ଚ ସମ୍ମାନ ଜୟଦେବ ପୁରସ୍କାର ପ୍ରଦାନ କରିଥିଲେ।

### ସେମାନଙ୍କ ମୁହଁରୁ ....

“ ସଙ୍ଗୀତ ନିର୍ଦ୍ଦେଶକ, ଗୀତିକାର, କଣ୍ଠଶିଳ୍ପୀ ତଥା ଅଭିନେତା ସ୍ୱରୂପ ନାୟକଙ୍କ ଦେହାନ୍ତ ହେବା ଜାଣି ଦୁଃଖିତ । ଓଡ଼ିଆ ସଙ୍ଗୀତ ଜଗତ ପ୍ରତି ତାଙ୍କ ଅବଦାନ ତାଙ୍କୁ ଆମ ନିକଟରେ ଅମର କରି ରଖିଥିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ କାମନା କରୁଛି। ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଉଛି।

**– ସୁବାସ ସିଂ,ମେୟର, କଟକ ମହାନଗର ନିଗମ**

“ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ତଥା ଗୀତିକାର ସ୍ୱରୂପ ନାୟକଙ୍କ ଦେହାନ୍ତରେ ଗଭୀର ଶୋକ ପ୍ରକାଶ କରୁଛି । ତାଙ୍କର ନିଆରା ସଙ୍ଗୀତ ରଚନା ସଦା ସର୍ବଦା ଶ୍ରୋତାମାନଙ୍କ ମନରେ ସ୍ୱତନ୍ତ୍ର ହୋଇ ରହିବ। ଓଡ଼ିଆ ଚଳଚ୍ଚିତ୍ର ଆଗକୁ ନେବାରେ ତାଙ୍କର ପ୍ରଚେଷ୍ଟା ସବୁଦିନ ପାଇଁ ଚିରସ୍ମରଣୀୟ ହୋଇ ରହିବ। ତାଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ଅତ୍ୟନ୍ତ ଘନିଷ୍ଠ ଥିଲା ଓ ତାଙ୍କର ଦେହାନ୍ତ ଓଡ଼ିଆ ସଙ୍ଗୀତ ଜଗତରେ ଏକ ଅପୂରଣୀୟ ସ୍ଥାନ ସୃଷ୍ଟି କଲା।

**– ଇଂ.ମହମ୍ମଦ ମୋକିମ, ବିଧାୟକ, ବାରବାଟୀ–କଟକ**

“ ସଙ୍ଗୀତ ନିର୍ଦ୍ଦେଶକ ଭାବରେ ନୁହେଁ ବରଂ ଜଣେ ଅଭିନେତା ଭାବରେ ତାଙ୍କ ସହ ସମ୍ପର୍କ ରହିଥିଲା। ତାଙ୍କ ସହ ମୁଁ ଦୂରଦର୍ଶନର କଲ୍ୟାଣୀ କାର୍ଯ୍ୟକ୍ରମରେ ୯ବର୍ଷ କାର୍ଯ୍ୟ କରିଛି। ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିବି।

**– ଉଷସୀ ମିଶ୍ର, ଅଭିନେତ୍ରୀ**

“ ମୋର ତା'ର ସମ୍ପର୍କ ଆଜିର ନୁହେଁ। ସେ ମୋ ପିଲାଦିନର ସାଙ୍ଗ। ମୁଁ ତାକୁ ବାବୁ ଡାକେ। ଆମେ ସ୍କୁଲରେ ପଢ଼ିଲାବେଳେ ଆକାଶବାଣୀରେ ଅଭିନୟ କରୁଥିଲୁ। ଓଡ଼ିଶାର ସଙ୍ଗୀତ ପ୍ରେମୀମାନଙ୍କୁ ବହୁ ବର୍ଷ ଧରି ମୁଗ୍ଧ କରି ରଖିଥିଲେ। ତାଙ୍କ ଭଉଣୀ ଚପଳା ଦେଇ ବା ଯାହାକୁ ପାର୍ବତୀ ଘୋଷ ନାମରେ ସମସ୍ତେ ଜାଣନ୍ତି ତାଙ୍କ ସବୁ ଫିଲ୍ମରେ ସେ ପୁରା ସହଯୋଗ କରିଛି। ଥରେ ତା ଘରକୁ ଯାଇ କହିଲି ତୁ କ'ଣ ବସିଛୁ। ମୋର ଡୋରା ଫିଲ୍ମ ପାଇଁ ତାକୁ ଡାକିଲି। ସେ ଆସି ପୁଣି ବାନ୍ଧି ହୋଇଗଲା। ମାସେ ତଳେ ଆସିଥିଲି, କହିଲି କେମିତି ଅଛୁ। କହିଲା ଭଲ ଅଛି। ତୁ କେବେ ଖାଇବାକୁ ଆସିବୁ। ଆଜି ସେ କଥା କଥାରେ ରହିଗଲା।

**–ପ୍ରଶାନ୍ତ ନନ୍ଦ, ବରିଷ୍ଠ ଅଭିନେତା**

“ ନୂଆ ନୂଆ ଇଣ୍ଡଷ୍ଟ୍ରିକୁ ଆସିଥାଏ, ସେତେବେଳେ ସ୍ୱରୂପ ନାୟକ ପୂରା ପିକ୍‌ରେ ଥାଆନ୍ତି। ମୋର ଇଚ୍ଛା ଥିଲା, କେବେ ତାଙ୍କ ଗୀତ ଆଣି ସ୍ୱର ଦେବି। ଥରେ ଡରି ଡରି ଲ୍ୟାଣ୍ଡଫୋନ୍‌ରୁ କଲ୍ କଲି, ଆଉ ସେ ଉଠାଇଲେ ମଧ୍ୟ। ମୋତେ ଗୋଟେ ଗୀତ ଦେଲେ, ଆଉ କହିଲେ ପ୍ରେମା ତୁମେ ଭଲ ଗାଉଛ। ସେଥିପାଇଁ ତୁମକୁ ଏହି ଗୀତ ଦେଉଛି। ଏହି ଗୀତ ନିଅ ଆଉ ଯଦି କିଛି ଚେଞ୍ଜ କରିବାର ଥିବ କରିବ। ଆଉ ମୋତେ ବିନା ଦ୍ୱିଧାରେ କହିବ। ଜଣେ ନୂଆ ଆସିଥିବା ପିଲାକୁ ସେତେବେଳେ ଏତେ ବଡ଼ ସୁଯୋଗ ମିଳିବା କିଛି କମ୍ ନ ଥିଲା। ପରେ ତାଙ୍କ ସହ ଏକ ରିୟାଲିଟି ଶୋ'ରେ ଜଜ୍ ହେବାର ସୌଭାଗ୍ୟ ପାଇଥିଲି। ଚକୁଳିଆ ପଣ୍ଡାରେ ତାଙ୍କ ଅଭିନୟ କଥା କୁହନ୍ତୁ ବା କୌଣସି ସଙ୍ଗୀତ, ଏକ ପୂର୍ଣ୍ଣତା ଥିବା ବ୍ୟକ୍ତିତ୍ୱ ଥିଲେ ସେ।

–ପ୍ରେମ୍ ଆନନ୍ଦ, ସଙ୍ଗୀତ ନିର୍ଦ୍ଦେଶକ

“ ଛୋଟବେଳୁ ତାଙ୍କ ସହ ମୁଁ ମିଶି ଆସିଛି। ଯେହେତୁ ସେ କଟକରେ ରହୁଥିଲେ ବଜାରକୁ ଗଲେ ପ୍ରାୟ ଦେଖାହୁଏ। ତାଙ୍କ ସହ କରିଥିବା ସିନେମା ଭିତରେ 'ବାବୁ ପର୍ଶୁରାମ' ବହୁତ ଲୋକପ୍ରିୟ ହୋଇଥିଲା। ସେଥିରେ ସେ ସୁନ୍ଦର ଗୀତ ମଧ୍ୟ କରିଥିଲେ। ତାଙ୍କର ସବୁ ସଙ୍ଗୀତ କାଳଜୟୀ। ବହୁତ ଭଲ ମଣିଷ ସେ ଥିଲେ।

**–ଶ୍ରୀତମ୍ ଦାସ, ଅଭିନେତା**

“ ସ୍ୱରୂପ ନାୟକଙ୍କ ବିୟୋଗ ଛାତିର କ୍ଷତ ଓ ସଙ୍ଗୀତ ଜଗତର କ୍ଷତି। ଜଣେ ସ୍ୱୟଂସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ। ଏହି କ୍ଷତି କେବେ ପୂରଣ ହେବ ନାହିଁ। ତାଙ୍କ ଲେଖାର ପ୍ରଭାବ ମୋ ଉପରେ ମଧ୍ୟ ପଡ଼ିଛି। ତାଙ୍କ ଲେଖାରେ ମାଟିର, ପ୍ରେମର ମହକ ଥାଏ। ତାଙ୍କ ସହ କାମ କରିବାର ସୁଯୋଗ ମୋତେ ମିଳିଛି। ସେଥିପାଇଁ ନିଜକୁ ଧନ୍ୟ ମନେକରୁଛି। ସଙ୍ଗୀତ ଜଗତ ପାଇଁ ଏହା ଏକ ବଡ଼ କ୍ଷତି।

**–ଅରୁଣ ମନ୍ତ୍ରୀ, ଗୀତିକାର**

## ଏନ୍‌ଏଫ୍‌ଡିସି ଫିଲ୍ମ ବଜାରରେ ଜିତେନ୍ଦ୍ର ମିଶ୍ରଙ୍କ 'ବାଘୁଣୀ'

ଭୁବନେଶ୍ୱର,୨୭।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)


ଜିତେନ୍ଦ୍ର ମିଶ୍ର ଏବଂ ପାର୍ଥସାରଥୀ ପଣ୍ଡା

ନ୍ୟାଶନାଲ୍ ଫିଲ୍ମ ଡେଭଲପମେଣ୍ଟ କର୍ପୋରେଶନ୍ ଅଫ୍ ଇଣ୍ଡିଆ ।(ଏନ୍‌ଏଫ୍‌ଡିସି) ଫିଲ୍ମ ବଜାରରେ ଓଡ଼ିଆ ଚଳଚ୍ଚିତ୍ର ବାଘୁଣୀ। ୧୧ଟି ଦେଶର ପ୍ରାୟ ୨୦ଟି ଫିଲ୍ମ ପ୍ରୋଜେକ୍ଟ ଏଥିରେ ସାମିଲ ହୋଇଛି। ହିନ୍ଦୀ, ଓଡ଼ିଆ, ଇଂରାଜୀ, ମରାଠୀ, ବଙ୍ଗଳା, ଗୁଜରାଟୀ, ମାଲାୟାଲମ୍, ତେଲୁଗୁ, ଜର୍ମାନୀ, ସିଂହଳୀ, ହେବ୍ରିୟୁ, ତାମିଲ୍ ଭଳି ଭାଷା ସ୍ଥାନ ପାଇଛି। ଏହା ୫୪ତମ ଇଣ୍ଟରନ୍ୟାଶନାଲ୍ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆ(ଆଇଏଫ୍‌ଏଫ୍‌ଆଇ) ସମୟରେ ଅନୁଷ୍ଠିତ ହେବ। ଓଡ଼ିଆ ଚଳଚ୍ଚିତ୍ର ବାଘୁଣୀ (ଡ୍ୟାମ୍ବ ଲାଇକ୍ ଏ ଟାଇଗର)ର ପ୍ରଯୋଜକ ଜିତେନ୍ଦ୍ର ମିଶ୍ର ନିର୍ଦ୍ଦେଶକ ରହିଥିବାବେଳେ ପ୍ରଯୋଜକ ଭାବେ ଗ୍ଲୋବାଲ୍ ଫିଲ୍ମସ୍ ୟୁକେ ଲିମିଟେଡ୍‌ର ପାର୍ଥସାରଥୀ ପଣ୍ଡା ରହିଛନ୍ତି। ଏହା ଇଣ୍ଡିଆ ଓ ୟୁକେର ଏକ ମିଳିତ ପ୍ରୋଜେକ୍ଟ। ଚଳିତ ବର୍ଷ ଫିଲ୍ମ ବଜାରରେ ବାଂଲାଦେଶ, ଶ୍ରୀଲଙ୍କା, ଆମେରିକା, ବ୍ରିଟେନ, ସିଙ୍ଗାପୁର, ଜର୍ମାନୀ, ଫ୍ରାନ୍ସ, ପୋଲାଣ୍ଡ, ଲକ୍‌ସେମ୍‌ବର୍ଗ ଏବଂ ଇସ୍ରାଏଲର ଚଳଚ୍ଚିତ୍ର ଚୟନ ହୋଇଛି। ଏ ନେଇ ମିଶ୍ର କହିଛନ୍ତି, ଓଡ଼ିଶାର ଥିବା କଳା, ସଂସ୍କୃତି ଓ ଐତିହ୍ୟକୁ ଆମେ ଫିଲ୍ମ ମାଧ୍ୟମରେ ପ୍ରମୋଟ୍ କରିବୁ। ସେଥିପାଇଁ ଆଗାମୀ ଦିନରେ ଏହା କିଭଳି ଓଡ଼ିଶାର ଭିନ୍ନ ଭିନ୍ନ ସ୍ଥାନରେ ଶୁଟିଂ ହେବ ସେ ନେଇ ମଧ୍ୟ ଚିନ୍ତା କରୁଛୁ। ପ୍ରଥମେ ଏହା ଓଡ଼ିଆ ଭାଷାରେ ହେବ। ପରେ ଆମେ ଅଲଗା ଭାଷାରେ ମଧ୍ୟ ପ୍ରସ୍ତୁତ କରିବୁ।

## ସଂକ୍ଷେପରେ

### ପୀଡ଼ିତାଙ୍କ ପରିବାରଙ୍କୁ ହତ୍ୟା ଧମକ, ଜେଲ ଫେରନ୍ତା ଗିରଫ

ଭୁବନେଶ୍ୱର,୨୭।୧୦ (ସୂର୍ଯ୍ୟକାନ୍ତ ବେହେରା)

ଜାମିନରେ ଆସି ପୀଡ଼ିତାଙ୍କ ପରିବାର ବର୍ଗଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ଜଣେ ଜେଲ ଫେରନ୍ତାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ୟୁନିଟ୍-୪ ଅଞ୍ଚଳର ସଲାମ ଖାନ (୪୭)। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗକାରିଣୀ ଓ ଅଭିଯୁକ୍ତ ପରସ୍ପରର ପଡ଼ୋଶୀ। ଅଭିଯୋଗକାରିଣୀଙ୍କ ନାବାଳିକା ଝିଅର ଗାଧୁଆ ବେଳର ଭିଡିଓ ଉତ୍ତୋଳନ କରିବା ଅଭିଯୋଗରେ ସଲାମ ୨୪ ମାର୍ଚ୍ଚରେ କୋର୍ଟ ଚାଲାଣ ହୋଇ ଜେଲ ଯାଇଥିଲେ। ହେଲେ ପରବର୍ତ୍ତୀ ସମୟରେ କୋର୍ଟରୁ ଜାମିନରେ ଆସି ସଲାମ ପୀଡିତାଙ୍କ ଘରକୁ ବାରମ୍ବାର ଯାଇ ମାମଲାର ଆପୋସ ବୁଝାମଣା କରିବାକୁ କହିବାରୁ ପୀଡ଼ିତାଙ୍କ ପରିବାର ରାଜି ହୋଇ ନ ଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତ ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାର ଧମକ ଦେଉଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

### ଜଟଣୀରୁ ନିର୍ବାଚନ ଲଢ଼ିବେ ସନ୍ତୋଷ

ଜଟଣୀ,୨୭।୧୦(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଶୁକ୍ରବାର ମଞ୍ଚ ଆବାହକ ଦିବାକର ମଙ୍ଗରାଜଙ୍କ ଆବାହକତ୍ୱରେ ରାମଚନ୍ଦ୍ରପୁର ବଜାରସ୍ଥିତ ମା'ଉତ୍ତରାୟଣୀ କ୍ଲବ ପରିସରରେ ଜଟଣୀ ନିର୍ବାଚନମଣ୍ଡଳୀର ନେତୃତ୍ୱ ପରିବର୍ତ୍ତନକୁ ନେଇ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ କୃଷି ନିର୍ଦ୍ଦେଶକ ସନ୍ତୋଷ ରାୟ ସଭାପତିତ୍ୱ କରିଥିବା ବେଳେ ବିଶିଷ୍ଟ ରାଜନେତା, ସମାଜସେବୀ ତଥା ପାଣ୍ଡବ ଜେନା ଫାଉଣ୍ଡେଶନର ଅଧ୍ୟକ୍ଷ ଡ.ସନ୍ତୋଷ ଜେନା ଅତିଥିଭାବେ ଯୋଗଦେଇଥିଲେ। ଜଟଣୀ ନାଗରିକ ସୁରକ୍ଷା ମଞ୍ଚ ସହିତ ନିର୍ବାଚନମଣ୍ଡଳୀର ବିଭିନ୍ନ ସଙ୍ଗଠନ ପକ୍ଷରୁ ଫାଉଣ୍ଡେଶନ ଅଧ୍ୟକ୍ଷ ସନ୍ତୋଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ସାଧାରଣ ନିର୍ବାଚନରେ ଜଟଣୀ ନିର୍ବାଚନମଣ୍ଡଳୀର ସେବା, ସ୍ୱାର୍ଥ ଏବଂ ସ୍ୱାଭିମାନ ରକ୍ଷା କରିବା ପାଇଁ ଉପଯୁକ୍ତ ପ୍ରାର୍ଥୀ ଚୟନକୁ ନେଇ ଆଲୋଚନା କରାଯାଇଥିଲା। ତେବେ ଦଳମତ ନିର୍ବିଶେଷରେ ଫାଉଣ୍ଡେଶନର ଅଧ୍ୟକ୍ଷ ସନ୍ତୋଷଙ୍କୁ ବିଧାୟକ ପ୍ରାର୍ଥୀଭାବେ ନିର୍ବାଚନ ଲଢ଼ିବା ପାଇଁ ମତପ୍ରକାଶ ପାଇବା ସହ ସହଯୋଗ କରିବା ଲାଗି ଶପଥ ନେଇଥିଲେ।

# ଯୋଡୁମୁଁ ପ୍ରଗଣା ଅଞ୍ଚଳବାସୀ ବିସ୍ଥାପିତ ହେବେନି: ମନ୍ତ୍ରୀ

ଭୁବନେଶ୍ୱର, ୨୭।୧୦(ଅସମାପିକା ସାହୁ)



ବୈଠକରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ବିଭାଗୀୟ ଅଧିକାରୀ ଓ ଯୋଡୁମୁଁ ଆଞ୍ଚଳିକ ଉନ୍ନୟନ କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି।

ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ସଂଲଗ୍ନ ନରସିଂହପୁର ଯୋଡୁମୁଁ ପ୍ରଗଣା ଅଞ୍ଚଳର ପ୍ରସ୍ତାବିତ ଇକୋ-ସେନ୍‌ସିଟିଭ୍ ଜୋନ୍ ଗ୍ରାମପୁଞ୍ଜର ଅଧିବାସୀଙ୍କୁ ବିସ୍ଥାପିତ କରାଯିବ ନାହିଁ। ତେଣୁ ସେମାନେ ଆତଙ୍କିତ ହେବା ଅନୁଚିତ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ପ୍ରକାଶ କରିଛନ୍ତି। ଶୁକ୍ରବାର ସଚିବାଳୟଠାରେ ଯୋଡୁମୁଁ ପ୍ରଗଣାର ଆଞ୍ଚଳିକ ଉନ୍ନୟନ ପରିଷଦ କର୍ମକର୍ତ୍ତାଙ୍କ ସହ ଆଲୋଚନାବେଳେ ମନ୍ତ୍ରୀ ଏହା କହିଛନ୍ତି। ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଯୋଡୁମୁଁ ଆଞ୍ଚଳିକ ଉନ୍ନୟନ କମିଟିର ସ୍ମାରକପତ୍ର ଆଧାରରେ ସ୍ଥାନୀୟ ବିଧାୟକ ଦେବୀପ୍ରସାଦ ମିଶ୍ରଙ୍କ ଅନୁରୋଧକ୍ରମେ ଉନ୍ନୟନ କମିଟି ସଭାପତି ଆଡ୍‌ଭୋକେଟ୍ ଶରତ ଖଟୁଆ, ବରିଷ୍ଠ କର୍ମକର୍ତ୍ତା ବୈକୁଣ୍ଠନାଥ ସାହୁ, ପବିତ୍ର ପ୍ରଧାନ, ଜୟ ବିଶ୍ୱାଳ, ଅଚ୍ୟୁତ ସାହୁ, ନିର ସାହୁ, ବିଘ୍ନେଶ ପ୍ରଧାନ, ନରେନ୍ଦ୍ର ପ୍ରଧାନ, ନିରଞ୍ଜନ ଦାଶ ପ୍ରମୁଖ ଯୋଗଦେଇଥିଲେ। ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପିସିସିଏଫ୍(ବନ୍ୟଜନ୍ତୁ) ସୁଶୀଲ କୁମାର ପୋପ୍‌ଲି, ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ, କଟକ ଜିଲାପାଳ ନରହରି ସେଠୀ, ଅତିରିକ୍ତ ସଚିବ ଦେବେନ୍ କୁମାର ପ୍ରଧାନ, ସାତକୋଶିଆ(ବନ୍ୟପ୍ରାଣୀ) ଡିଭିଜନ୍ ବନ ଅଧିକାରୀ ସରୋଜ କୁମାର ପଣ୍ଡା ପ୍ରମୁଖ ପ୍ରସ୍ତାବିତ ଇକୋ-ସେନ୍‌ସିଟିଭ୍ ଜୋନ୍ ସମ୍ପର୍କରେ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ସୁପ୍ରିମକୋର୍ଟର ନିର୍ଦ୍ଦେଶ ଓ ଭାରତ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ମାର୍ଗଦର୍ଶିକା ଆଧାରରେ ଏହା କରାଯାଉଛି ଓ ରାଜ୍ୟ ସରକାର ଏହାକୁ ଘୋଷିତ ଅଭୟାରଣ୍ୟ ପରିସୀମାର ଗୋଟିଏ କିମି ଯାଏ ସୀମିତ ରଖିଛନ୍ତି ବୋଲି ବୋଲି ପୋପ୍‌ଲି ପ୍ରକାଶ କରିଥିଲେ। ଏହା ଅଧିସୂଚିତ ନ ହେବା ପର୍ଯ୍ୟନ୍ତ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ୧୦ କିମି ବ୍ୟାସାର୍ଦ୍ଧ ଅଞ୍ଚଳ ଇକୋ-ସେନ୍‌ସିଟିଭ୍ ଜୋନ୍‌ର ଅନ୍ତର୍ଭୁକ୍ତ ହୋଇରହିବ। କୌଣସି ଘରବାଡ଼ି, ଚାଷଜମି, ସାମୂହିକ ବ୍ୟକ୍ତିଗତ ଅଧିକାର ଏଥିରେ ସଙ୍କୁଚିତ ହେବ ନାହିଁ। କିନ୍ତୁ ପରିବେଶ ପ୍ରଦୂଷଣ କରୁଥିବା କୌଣସି ଶିଳ୍ପ ଅନୁଷ୍ଠାନ, ହାଇଡ୍ରୋ-ଇଲେକ୍‌ଟ୍ରିକ୍ ପ୍ରକଳ୍ପ, ଖଣିଖାଦାନ, କ୍ରସର ଓ ନୂଆ କରତ କଳ ଇତ୍ୟାଦି କାର୍ଯ୍ୟ କରାଯାଇପାରିବ ନାହିଁ ବୋଲି ବୈଠକରେ କୁହାଯାଇଥିଲା। ଏହାଛଡ଼ା ଡ୍ରାଫ୍ଟ ନୋଟିଫିକେସନ୍ ପରେ ଆପତ୍ତି ଅଭିଯୋଗକୁ କେନ୍ଦ୍ର ସରକାର ବିବେଚନା କରି ବିହିତ ପଦକ୍ଷେପ ଗ୍ରହଣ କରିବେ। ଅଞ୍ଚଳରେ ଥିବା ୮ଟି ଇକୋ ସୋସାଇଟି ପାଇଁ ଅର୍ଥ ମଞ୍ଜୁର କରାଯାଇ ପରିବେଶ ପର୍ଯ୍ୟଟନକୁ ଆଗକୁ ନେବା ପାଇଁ ପ୍ରତିନିଧି ଦଳ ଓ ବିଧାୟକ ଦେବୀପ୍ରସାଦ ମିଶ୍ର ଅନୁରୋଧ କରିଥିଲେ। ଏହା ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ।

## ୫ମ ଥର ପାଇଁ କ୍ରୁଟ୍‌କୁ 'ଉତ୍କର୍ଷ ପୁରସ୍କାର'

ଭୁବନେଶ୍ୱର, ୨୭।୧୦ (ବନ୍ଦନା ସେଠୀ)

୧୬ତମ ଅର୍ବାନ ମୋବିଲିଟି ଇଣ୍ଡିଆ ସମ୍ମିଳନୀ ଏବଂ ଏକ୍ସପୋରେ କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ)କୁ ୨୦୨୩ ବର୍ଷ ପାଇଁ ଉତ୍କର୍ଷ ପୁରସ୍କାର ମିଳିବ। ଆସନ୍ତା ୨୯ ତାରିଖରେ କ୍ରୁଟ୍‌ର ଏମ୍‌ଡି ଅରୁଣ ବୋଥ୍ରା ଏହି ପୁରସ୍କାର ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଭାରତ ସରକାରଙ୍କ ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଓଏଚ୍‌ୟୁଏ) ଦ୍ୱାରା ଅକ୍ଟୋବର ୨୭ରୁ ୨୯ ପର୍ଯ୍ୟନ୍ତ ଦିଲ୍ଲୀର ମାନେକ୍‌ଶା କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଶ୍ରେଷ୍ଠ ସହରୀ ପରିବହନ ପ୍ରକଳ୍ପ କାର୍ଯ୍ୟକାରୀ କରି ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ଦିଗରେ କାର୍ଯ୍ୟ କରିବା ତଥା ସହରାଞ୍ଚଳ ପରିବହନର ପରିଚାଳନା କ୍ଷେତ୍ରରେ ଅଧିକ ଦକ୍ଷ ଓ ପ୍ରଭାବଶାଳୀ ବ୍ୟବସ୍ଥା ସୃଷ୍ଟି କରିବା ଦିଗରେ କ୍ରୁଟର ରଣକୌଶଳ ପାଇଁ ଏହି ସମ୍ମାନ ମିଳିବ। ପୁରସ୍କାର ସହିତ ପ୍ରଶଂସାପତ୍ରରେ ଭାରତରେ ସହରାଞ୍ଚଳ ପରିବହନ କ୍ଷେତ୍ରରେ ପରିବର୍ତ୍ତନ ଆଣିବାରେ କ୍ରୁଟ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରାଯିବ।

ଇତିମଧ୍ୟରେ କ୍ରୁଟ ରାଜସ୍ୱ ସଂଗ୍ରହରେ ସଫଳତା ହାସଲ କରି ସରକାରୀ ସବ୍‌ସିଡି ଉପରେ ନିର୍ଭରଶୀଳତାକୁ ଯଥେଷ୍ଟ ହ୍ରାସ କରିପାରିଛି। ଦୈନିକ ୨.୫ ଲକ୍ଷରୁ ଅଧିକ ଯାତ୍ରୀଙ୍କୁ ନିରବଚ୍ଛିନ୍ନ ପରିବହନ ସେବା ଯୋଗାଇ ଦିଆଯାଇପାରୁଛି। ତେବେ କ୍ରମାଗତ ପଞ୍ଚମ ବର୍ଷ କ୍ରୁଟକୁ ସମ୍ମାନଜନକ ଅର୍ବାନ ମୋବିଲିଟି ଇଣ୍ଡିଆରେ 'ଉତ୍କର୍ଷ' ପୁରସ୍କାର ମିଳିବା ସହରାଞ୍ଚଳ ପରିବହନ କ୍ଷେତ୍ରରେ ଆମର ଉଲ୍ଲେଖୀୟ ସଫଳତାକୁ ଦର୍ଶାଉଛି ବୋଲି କ୍ରୁଟ୍ କର୍ତ୍ତୃପକ୍ଷ କହିଛନ୍ତି।

## ୩୧ରେ 'ଦିଦି ନମ୍ବର -୧'ର ୫ଶହତମ ଏପିସୋଡ୍




'ଦିଦି ନମ୍ବର -୧'ର ୫ଶହତମ ଏପିସୋଡ୍‌ର ଲୋଗୋ ଉନ୍ମୋଚନ କରାଯାଉଛି।

ଭୁବନେଶ୍ୱର,୨୬।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଜୀ-ସାର୍ଥକରେ ପ୍ରସାରିତ ଦର୍ଶକାଦୃତ ରିଆଲିଟି ଶୋ 'ଦିଦି ନମ୍ବର -୧' ୫୦୦ତମ ଏପିସୋଡ୍‌ରେ ପହଞ୍ଚିଛି। ଆସନ୍ତା ୩୧ ତାରିଖ ଅପରାହ୍ନ ୫ଟାରେ ଏହା ପ୍ରସାରିତ ହେବ। ନିଜର ଚୁଲବୁଲି ଅନ୍ଦାଜ ସହ ଲିପି ମହାପାତ୍ର ଏହାର ଉପସ୍ଥାପନା ଜାରି ରଖିଛନ୍ତି ଓ ପ୍ରତିଯୋଗୀଙ୍କ ମନ ଜିତିଛନ୍ତି ବୋଲି ସବୁ ସମୟରେ ପ୍ରତିଯୋଗୀମାନେ ଶୋ' ମଧ୍ୟରେ କହିଛନ୍ତି। ପ୍ରଥମ ସିଜନ୍‌ର ବିପୁଳ ସଫଳତା ପରେ ୨୦୨୨ ନଭେମ୍ବର ୨୧ରୁ ସୋମବାରରୁ ରବିବାର ଅପରାହ୍ନ ୫ରେ ରିଆଲିଟି ଶୋ 'ଦିଦି ନମ୍ବର -୧' ସିଜନ-୨ର ପ୍ରସାରଣ ଆରମ୍ଭ ହୋଇଥିଲା। ଅଡିଶନ ମାଧ୍ୟମରେ ଆସିଥିବା ନାରୀମାନେ କର୍ମମୟ ଜଞ୍ଜାଳ ଭିତରେ ଗତିଶୀଳ ଜୀବନକୁ ଏହି ମଞ୍ଚରେ ପରିପ୍ରକାଶ କରିବାର ସୁଯୋଗ ପାଇଥିଲେ। ପ୍ରଥମ ସିଜନ ଅପେକ୍ଷା ସିଜନ-୨ ନୂଆ ନୂଆ ଖେଳ ସହ ଅଧିକ ମଜାଦାର ହେବା ସହ ପ୍ରତିଯୋଗୀଙ୍କ ପାଇଁ ଅଧିକ ଆକର୍ଷଣୀୟ ଉପହାର ନେଇ ଆସିଛି। ପ୍ରଥମ ଥର ପାଇଁ ଜୀ-ସାର୍ଥକ ଆଣିଥିଲା ପ୍ରତିଯୋଗୀଙ୍କ ପାଇଁ ସିଧା ସଳଖ ଟଙ୍କା ଗଛରୁ ଟଙ୍କା ତୋଳିବାର ଏକ ଅଦ୍ଭୁତ ଖେଳ, ଯାହା ସମସ୍ତଙ୍କ ମନକୁ ଛୁଇଁଥିଲା। ଏହା ଛଡା ଖେଳରେ ଖେଳରେ ପ୍ରତିଯୋଗୀମାନେ ସୁନା ଜିତି ନିଜ ଘରକୁ ନେଇଛନ୍ତି। 'ପରିବାର ଓ ଦାୟିତ୍ୱ ମଧ୍ୟରେ ସବୁବେଳେ ଛନ୍ଦି ହୋଇ ରହୁଥିବା ମହିଳାଙ୍କ ଆତ୍ମବିଶ୍ୱାସ ବଢାଇବା ପାଇଁ ଦିଦି ନମ୍ବର-୧ ଏକ ବହୁତ ବଡ଼ ମାଧ୍ୟମ ହୋଇଛି ବୋଲି ଜୀ ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ କହିଛନ୍ତି ।

## ପୂରନ୍ଦର ହେଲେ ବିଏସ୍‌ସିଏଲ୍‌ର ନୂଆ ଜେନେରାଲ ମ୍ୟାନେଜର

ଭୁବନେଶ୍ୱର, ୨୭।୧୦ (ବନ୍ଦନା ସେଠୀ)

ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍)ର ନୂତନ ଜେନେରାଲ ମ୍ୟାନେଜର ଭାବେ ଗୁରୁବାର ପୁରନ୍ଦର ନନ୍ଦ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିସହିତ ସେ ବିଏମ୍‌ସିର ଡେପୁଟି କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ପୂର୍ବରୁ ସୁବ୍ରତ କୁମାର ବେହେରା ସ୍ମାର୍ଟସିଟିର ଜେନେରାଲ ମ୍ୟାନେଜର ଭାବେ କାର୍ଯ୍ୟ ତୁଲାଉଥିଲେ। ତେବେ ସେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଡେପୁଟି ସେକ୍ରେଟାରୀ ହୋଇ ବଦଳିହେବା ପରେ ତାଙ୍କ ସ୍ଥାନରେ ନନ୍ଦଙ୍କୁ ନିଯୁକ୍ତ କରାଯାଇଛି। ଏନେଇ ବୁଧବାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ନନ୍ଦ ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଉତ୍ତର ଜୋନ୍‌ର ଜୋନାଲ୍ ଡେପୁଟି କମିଶନର (ଜେଡ୍‌ଡିସି) ଭାବେ ଦାୟିତ୍ୱ ତୁଲାଉଥିଲେ। ୨୦୨୦ ମାର୍ଚ୍ଚରେ ସେ ବିଏମ୍‌ସିରେ ନିଯୁକ୍ତ ହେବା ସହିତ କୋଭିଡ୍ ସମୟରେ ସତ୍ୟନଗର ଶ୍ମଶାନର ନୋଡାଲ ଅଫିସର ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ଏଥିସହ କରୋନା ସଂକ୍ରମିତ ମୃତଦେହ ସଂସ୍କାର କରି ଚର୍ଚ୍ଚାକୁ ଆସିଥିଲେ।

## ବଡ଼ଗଡ଼ରେ କୁମାର ଉତ୍ସବ



ପୁରୁଣା ଭୁବନେଶ୍ୱର,୨୭।୧୦ (ସୁବାସ ଚନ୍ଦ୍ର ପ୍ରଧାନ)

ସ୍ଥାନୀୟ ବଡ଼ଗଡ଼ ଗ୍ରାମରେ କୁମାରୀଙ୍କ ଦ୍ୱାରା କୁମାର ଉତ୍ସବ ପାଳିତ ହୋଇଯାଇଛି। ନୂଆସାହିଠାରେ କୁମାରୀମାନେ ଏକାଠି ହୋଇଥିଲେ। କୁନିକୁନି ପିଲାମାନଙ୍କୁ ରାଧାକୃଷ୍ଣ ବେଶରେ ସଜ୍ଜିତ କରାଯାଇଥିଲା। ହୁଳହୁଳି, ଶଙ୍ଖ ବଜାଇ ରାଧାକୃଷ୍ଣଙ୍କୁ ଧରି ପରିକ୍ରମା କରିଥିଲେ। ପାତ୍ରସାହି, ମଝିସାହି, ଭୋଇସାହି, ନାୟକ ସାହି, ସେଠୀ ସାହି ଆଦି ଅଞ୍ଚଳ ପରିକ୍ରମା ପରେ କୁମାରୀମାନେ ନୂଆସାହିକୁ ଫେରିଥିଲେ। ସେଠାରେ ପହଞ୍ଚିବା ପରେ କୁମାରୀମାନଙ୍କ ଦ୍ୱାରା ପୁଞ୍ଚି, ଖୋଖୋ, ଅଖାଡ଼ିଆଁ, ହୁଳହୁଳି ପ୍ରତିଯୋଗିତା ହୋଇଥିଲା। ବଡ଼ଗଡ଼ ଗଣେଶ ମହୋତ୍ସବ କମିଟି ସମ୍ପାଦକ ସଂଗ୍ରାମ ମାର୍ଥା ଅତିଥିଭାବେ ଯୋଗଦେଇ ପିଲାମାନଙ୍କ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପ୍ରକାଶ ଯେ, ଶନିବାର କୁମାର ପୂର୍ଣ୍ଣିମାରେ ରାହୁ ଗ୍ରସ୍ତ ଖଣ୍ଡଗ୍ରାସ ଚନ୍ଦ୍ର ଗ୍ରହଣ ପଡୁଥିବାରୁ ପିଲାମାନେ ଗୋଟିଏ ଦିନ ଅବ୍ୟବହିତ ପୂର୍ବରୁ ପାଳନ କରିଥିଲେ।

## ସମ୍ବଲପୁର ମହିଳା ମହାବିଦ୍ୟାଳୟକୁ ୧୦ଲକ୍ଷ ଦେଲେ ପ୍ରାଧ୍ୟାପକ ଡ. ରାମକୃଷ୍ଣ ପଣ୍ଡା

ଭୁବନେଶ୍ୱର,୨୬।୧୦(ଶର୍ମିଷ୍ଠା ପାଣିଗ୍ରାହୀ)



ପୂର୍ବତନ ଉଦ୍ଭିଦ ବିଜ୍ଞାନ ପ୍ରାଧ୍ୟାପକ ଡ. ରାମକୃଷ୍ଣ ପଣ୍ଡା ନିକଟରେ ସମ୍ବଲପୁର ମହିଳା ମହାବିଦ୍ୟାଳୟର 'ମୋ କଲେଜ' ପାଣ୍ଠିକୁ ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଏହି ଅର୍ଥର ଦୁଇଗୁଣା 'ମୋ କଲେଜ' ପକ୍ଷରୁ ଅନୁଦାନ ମିଳିବ। କଲେଜର ନବ ନିର୍ମିତ ବହୁମୁଖୀ ସମ୍ମିଳନୀ କକ୍ଷ ଓ ଭିତ୍ତିଭୂମିର ବିକାଶରେ ଏହି ଅର୍ଥ ଖର୍ଚ୍ଚ ହେବ। ବିଶେଷ କରି ସ୍ମାର୍ଟ କ୍ଲାସ୍, ସାଉଣ୍ଡ ବ୍ୟବସ୍ଥା, ଡେସ୍କ ବେଞ୍ଚ ଓ ଅନ୍ୟାନ୍ୟ ଆସବାବପତ୍ର କିଣା ହେବ। ତେବେ ଉକ୍ତ ମହିଳା କଲେଜର ସେ ପୂର୍ବତନ ପ୍ରାଧ୍ୟାପକ ଥିବାରୁ କଲେଜରେ ନାରୀ ଶକ୍ତିର ବିକାଶ ପାଇଁ ସେ ଏହି ଅର୍ଥ ପ୍ରଦାନ କରିଛନ୍ତି। ଏଥିସହ ଡ. ପଣ୍ଡା ପୂର୍ବରୁ ଚାକିରି କରିଥିବା ସମସ୍ତ କଲେଜର ବିକାଶ ପାଇଁ 'ମୋ କଲେଜ' ପାଣ୍ଠିକୁ ଲକ୍ଷାଧିକ ଟଙ୍କା ଦାନ କରିଛନ୍ତି। ଏହି ପାଣ୍ଠି ଜରିଆରେ କଲେଜର ସ୍ନାତକ ଓ ସ୍ନାତକୋତ୍ତର ମେଧାବୀଙ୍କୁ ପୁରସ୍କାର ବୃତ୍ତି ମିଳିବ। ଏନେଇ ଡ. ପଣ୍ଡା କହିଛନ୍ତି, କଲେଜ ଦିନେ ଆମକୁ ଗଢିଥିଲା, ଉପଯୁକ୍ତ ଜ୍ଞାନ ପ୍ରଦାନ ସହ ଅର୍ଥ ରୋଜଗାର ନେଇ ସକ୍ଷମ କରାଇଥିଲା। ଆଉ ଏବେ ନିଜର ଋଣ ସୁଝାଇବାର ବେଳ ବୋଲି ନିଜ ବାସଭବନରେ ଆୟୋଜିତ ଚେକ୍ ପ୍ରଦାନ କାର୍ଯ୍ୟକ୍ରମରେ ସେ ଏହା କହିଛନ୍ତି। ଡ. ପଣ୍ଡାଙ୍କ ବଡ଼ ଭଉଣୀ ଡା. ନାରାୟଣୀ ପଣ୍ଡା, ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ, ପ୍ରଫେସର ସମିତା ଆଚାର୍ଯ୍ୟ, ପ୍ରଫେସର ପବିତ୍ର ମୋହନ ବେହେରା ଓ 'ମୋ କଲେଜ' ସଂଯୋଜକ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



ଆଜି କୁମାର ପୂର୍ଣ୍ଣିମା ଓ ଗଜଲକ୍ଷ୍ମୀ ପୂଜା : ଭୁବନେଶ୍ୱର କଳିଙ୍ଗ ବିହାରରେ ଜଣେ ଶିଳ୍ପୀ ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି।

## କାଠଯୋଡ଼ି ପୋଲରେ ୨ କାର ଜଳିଗଲା

କଟକ,୨୭।୧୦ (କାର୍ତ୍ତିକ ସାହୁ)

କଟକ କାଠଯୋଡ଼ି ନଦୀ ପୋଲ ଉପରେ ଶୁକ୍ରବାର ସନ୍ଧ୍ୟାରେ ଦୁଇଟି କାର୍ ଜଳିଯାଇଛି। ଗୋଟିଏ କାର୍(ଓଡ଼ି୦୨ଏଇ-୫୪୬୩) ଅଧା ଜଳିଯାଇଛି। ଅନ୍ୟ କାର୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିବାରୁ ତାହାର ରେଜିଷ୍ଟ୍ରେଶନ ନମ୍ବର ଜଣାପଡ଼ିନାହିଁ। ଉଭୟ କାର୍ କଟକରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ଦୁଇଟିଯାକ ଘଟଣା ଅଳ୍ପ ସମୟ ବ୍ୟବଧାନରେ ଘଟିଥିଲା। ହେଲେ ସୌଭାଗ୍ୟବଶତଃ କେହି ମୃତାହତ ହୋଇନାହାନ୍ତି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଚାଉଳିଆଗଞ୍ଜ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

ମିଳିଥିବା ସୂଚନା ଅନୁସାରେ,



କାଠଯୋଡି ପୋଲ ଉପରେ ଏକ କାର୍ ଜଳୁଥିବା ନେଇ ସନ୍ଧ୍ୟା ପ୍ରାୟ ୬ଟା ୬ ମିନିଟ୍‌ରେ ଚାଉଳିଆଗଞ୍ଜ ଅଗ୍ନିଶମ କର୍ମଚାରୀ ଖବର ପାଇଥିଲେ। ତୁରନ୍ତ ସେମାନେ ଘଟଣାସ୍ଥଳରେ ପହଞ୍ଚି ପାଣି ଓ ଗ୍ୟାସ୍ ଫୋମ୍ ସାହାଯ୍ୟରେ ନିଆଁ ଲିଭାଇଥିଲେ। ଏହି ଗାଡ଼ିର ସମ୍ମୁଖ ଭାଗ ଜଳିଯାଇଛି। ଚାଉଳିଆଗଞ୍ଜ ଅଗ୍ନିଶମ ଅଧିକାରୀ ବିକାଶ କୁମାର ସାହୁ କହିଛନ୍ତି, ପ୍ରଥମେ ସୁଇଫ୍ଟ ଡିଜାୟାର କାର୍‌ରୁ ନିଆଁ ଲିଭାଇ ଫେରୁଥିବାବେଳେ ପ୍ରାୟ ୨୦୦ ମିଟର ଦୂରରେ ଆଉ ଏକ କାର୍ ଜଳୁଥିବା ଦେଖିବାକୁ ପାଇଥିଲୁ। ତୁରନ୍ତ ଅଗ୍ନିଶମ କର୍ମଚାରୀମାନେ ଅଟକି ଯାଇ ଉକ୍ତ କାର୍‌ରୁ ନିଆଁ ଲିଭାଇଥିଲେ। ପ୍ରଥମ କାର୍‌ର କେହି ଦାବିଦାର ସେଠାରେ ଉପସ୍ଥିତ ନ ଥିବା ବେଳେ ଦ୍ୱିତୀୟ କାର୍‌ରେ ଯାତ୍ରା କରୁଥିବା ଜଣେ ମହିଳା ଓ ଡ୍ରାଇଭର ଉପସ୍ଥିତ ଥିଲେ। ମହିଳା ଜଣଙ୍କ ଭୁବନେଶ୍ୱର ଯାଉଥିବାବେଳେ କାଠଯୋଡ଼ି ପୋଲ ଉପରେ ତାଙ୍କ ଗାଡ଼ିରୁ ନିଆଁ ବାହାରୁଥିବା ଲୋକଙ୍କଠାରୁ ଜାଣିବାକୁ ପାଇଥିଲେ। ସେ ଗାଡ଼ି ଅଟକାଇ ବାହାରକୁ ଆସିବାର ଅଳ୍ପ ସମୟ ମଧ୍ୟରେ କାର୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା।

## ଭିଙ୍ଗାରପୁର ଭସାଣି ଶୋଭାଯାତ୍ରାରେ ୭ ମେଢ଼

ବାଲିଅନ୍ତା,୨୭।୧୦(ନୀଳମାଧବ ସାହୁ)



ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ଅଞ୍ଚଳର ଭସାଣି ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ଟି ମେଢ଼ ସାମିଲ ହୋଇଥିଲେ। ସମସ୍ତ ମେଢ଼ ଭିଙ୍ଗାରପୁର ଛକ ଦୁର୍ଗା ମଣ୍ଡପରେ ଏକାଠି ହୋଇଥିଲେ। ଅପରାହ୍ନ ୪ଟାରେ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ପ୍ରଥମେ ମହାଦେବ ସାହିର ହରପାର୍ବତୀ ମେଢ଼ ଶୋଭାଯାତ୍ରାରେ ବାହାରିଥିଲେ। ତାଙ୍କ ପଛେ ପଛେ ରାମଚନ୍ଦ୍ରପୁର ରାମ ପୂଜା କମିଟିର ରାମ ଲକ୍ଷ୍ମଣ ସୀତା ଓ ହନୁମାନ, ବଣିଆ ସାହିର ଲକ୍ଷ୍ମୀ ନାରାୟଣ, ବଜାର ସାହିର ମହାବୀର, ମହାଦେବ ସାହିର ବଡ଼ ମହାବୀର, କୁମ୍ଭାର ସାହିର ଲକ୍ଷ୍ମୀ ନାରାୟଣ ଓ ଶେଷରେ ବଜାର ମୁଖ୍ୟ ଛକର ମା'ଦୁର୍ଗା ଙ୍କ ମେଢ଼ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସାହି ପରିକ୍ରମା କରିଥିଲା। ପରେ ରାମଚନ୍ଦ୍ରପୁର ଛକ ନିକଟରେ ଥିବା ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଥିଲା। ବାଲିଅନ୍ତା ଥାନା ଅଧିକାରୀ ଯୁବରାଜ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ।

## ଗଣଚେତନାର ଜାଗୃତିରେ ଗଣମାଧ୍ୟମର ଅବକ୍ଷୟ ଦୂରହେବ

ଭୁବନେଶ୍ୱର,୨୭।୧୦(ଶର୍ମିଷ୍ଠା ପାଣିଗ୍ରାହୀ)




ମାସିକ ମନ୍ଥନ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ରବି ଦାସ ଓ ଅନ୍ୟମାନେ।

ବର୍ତ୍ତମାନ ଗଣମାଧ୍ୟମର ଯେଉଁ ଅବକ୍ଷୟ ସାମ୍ନାକୁ ଆସୁଛି ସେଥିପାଇଁ ସମ ପରିମାଣରେ ଗଣ ବା ସାଧାରଣ ଜନତା ମଧ୍ୟ ଦାୟୀ। ଗଣଙ୍କ ମଧ୍ୟରେ ଚେତନାର ଜାଗୃତିରେ ଗଣମାଧ୍ୟମର ଅବକ୍ଷୟ ଦୂରହେବ। ବର୍ତ୍ତମାନ ପରିସ୍ଥିତିରେ ଗଣମାଧ୍ୟମର ପରିଚୟ ସଙ୍କଟରେ। ଆଲୋଚନା, ସମାଲୋଚନା ଏପରି ବୌଦ୍ଧିକ ବିତର୍କ ନ ହେଲେ ନିଷ୍କର୍ଷ ବାହାରେ ନାହିଁ। ଶାସକ ଓ ବିରୋଧୀ ଏଥିପ୍ରତି ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ଶୁକ୍ରବାର ସୂଚନା ଭବନଠାରେ 'ବଡ଼ ଖବର' ପକ୍ଷରୁ ଆରମ୍ଭ ହୋଇଥିବା ମାସିକ ମନ୍ଥନ କାର୍ଯ୍ୟକ୍ରମ 'ଗଣମାଧ୍ୟମ କରୁଛି କ'ଣ ?'ରେ ଯୋଗଦେଇ ବିଶିଷ୍ଟ ଆଲୋଚକମାନେ କହିଛନ୍ତି।

ବରିଷ୍ଠ ସାମ୍ବାଦିକ ଗିରିଜା ଶଙ୍କର ଦାସଙ୍କ ସଞ୍ଚାଳନରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ରବି ଦାସ, ସନ୍ଦିପ ସାହୁ, ସତ୍ୟପ୍ରକାଶ ନାୟକ, ସ୍ତମ୍ଭକାର କେଦାର ମିଶ୍ର, ଦେବପ୍ରସାଦ ପରିଜା ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ପ୍ରଶ୍ନ କରିଥିଲେ। ବରିଷ୍ଠ ସାମ୍ବାଦିକ ସୂର୍ଯ୍ୟମଣି ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରତି ମାସର ଶେଷ ସପ୍ତାହରେ ଭୁବନେଶ୍ୱରରେ ମାସିକ ମନ୍ଥନ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରି ଲୁଟ୍

ଭୁବନେଶ୍ୱର,୨୭।୧୦ (ସୂର୍ଯ୍ୟକାନ୍ତ ବେହେରା)

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପଟିଆ ଷ୍ଟେଶନ ନିକଟରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ କାଠଫାଳିଆରେ ଆକ୍ରମଣକରି ସୁନାଚେନ୍ ଲୁଟି ନେଇଛନ୍ତି। ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୩୫୫/୨୩) ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ସୂଚନାନୁସାରେ, ଆକ୍ରମଣର ଶିକାର ଯୁବକ ବୁଧବାର ରାତି ପ୍ରାୟ ୧୧ଟାରେ କୌଣସି କାମରେ ପଟିଆ ଷ୍ଟେଶନକୁ ଆସି ଘରକୁ ଫେରୁଥିଲେ। ବାଟରେ କେତେଜଣ ଯୁବକ ତାଙ୍କୁ ଅଟକାଇବା ସହ କାଠଫାଳିଆରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ଆଖି ଓ ଶରୀରରେ ଆଘାତ ଲାଗିବାରୁ ସେ ଆହତ ହୋଇଥିଲେ।

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

ନିରାକାରପୁର,୨୭।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଜଙ୍କିଆ ଥାନା ଅନ୍ତର୍ଗତ ମୋଟା ଛକ ନିକଟରେ ଶୁକ୍ରବାର ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କ ପରିଚୟ ମିଳିପାରି ନ ଥିବା ବେଳେ ବାଇକଟି ଭାଙ୍ଗିରୁଜି ଯାଇଛି। ସୂଚନା ମୁତାବକ, ୧୬ ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ପଟୁ ଓଡି-୦୨-ଏଭି-୧୮୯୪ ନମ୍ବରବିଶିଷ୍ଟ ଏକ ବାଇକ୍ ମୋଟା ଛକ ନିକଟରେ ମୋଡଣି ବୁଲୁଥିବାବେଳେ ଜଙ୍କିଆ ପଟୁ ଆସୁଥିବା ଏନ୍‌ଏଲ୍-୦୧-ଏଲ-୪୩୮୧ ନମ୍ବର ବିଶିଷ୍ଟ ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକ ଗାଡ଼ିରୁ ଛିଟିକି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲେ। ଖବରପାଇ ଜଙ୍କିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ୪୫୦୦ ଲିଟର ପୋଚ ନଷ୍ଟ, ମଦ ଜବତ: ଜଣେ ଗିରଫ

ବେଗୁନିଆ,୨୭।୧୦(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଅବକାରୀ ଥାନା ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇ ୩୭୫ ଲିଟର ଦେଶୀ ରନ୍ଧା ମଦ ଜବତ କରାଯିବା ସହ ୪୫୦୦ ଲିଟର ପୋଚ ନଷ୍ଟ କରାଯାଇଛି। ଏଥିରେ ସମ୍ପୃକ୍ତି ନେଇ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ମାଧପୁର ଗ୍ରାମର ସୁକାନ୍ତ ସ୍ୱାଇଁ। ଏନେଇ ଅବକାରୀ ଥାନାରେ ପୃଥକ ମାମଲା (ନଂ.୧୩୪,୧୩୫,୧୩୬/୨୩) ରୁଜୁହୋଇଛି। ସୂଚନା ମୁତାବକ, ବେଗୁନିଆ ଥାନା ଅଧୀନ ମାଧପୁର ଓ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ବରପଦା ଗ୍ରାମ୍ୟ ଜଙ୍ଗଲରେ ମିଳିତ ଚଢ଼ାଉ କରାଯାଇଥିଲା। ରନ୍ଧା ମଦ ସହିତ ପ୍ରସ୍ତୁତ କରିବା ପାଇଁ ରଖାଯାଇଥିବା ଗୁଡ ଓ ପିଡିଆ ମିଶ୍ରିତ ପୋଚ ଜବତ ହୋଇଛି। ବେଗୁନିଆ ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ଏନ୍.ଜାଗିନ ରାଓ, ଏଏସ୍‌ଆଇ ବିରଞ୍ଚି ନାରାୟଣ ମହାନ୍ତି, ରଞ୍ଜନ ଦାସ ଓ ସିପାହି ବିକାଶ ରାଉତ, ଚିନ୍ମୟୀ ସେଠୀ ଏବଂ ଜିଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ ଥିଲେ।

# ଡମପଡ଼ା ବନାଞ୍ଚଳରେ ହାତୀ ଉପଦ୍ରବ

ବାଙ୍କୀ,୨୭।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)


ଡମପଡ଼ା ବନାଞ୍ଚଳରେ ହାତୀପଲ ବୁଲୁଛନ୍ତି।

ଡମପଡ଼ା ବନାଞ୍ଚଳ ଅନ୍ତର୍ଗତ ପାଥପୁର, କଇଁମୁଣ୍ଡି ଓ ଭଗିପୁର ଆଦି ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ହାତୀ ଉପଦ୍ରବ କରିଥିବା ଅଭିଯୋଗ ହୋଇଛି। ସେମାନେ ଧାନ ଓ ବିଭିନ୍ନ ପ୍ରକାର ପନିପରିବା ଖାଇବା ସହ ଦଳିଚକଟି କ୍ଷେତକୁ ନଷ୍ଟ କରିଦେଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଡମପଡ଼ା-ଚନ୍ଦକା ଅଭୟାରଣ୍ୟର ୧୮ଟିକିଆ ହାତୀ ପଲ୍ଲ ବିଳମ୍ବିତ ରାତିରେ ଆସି ଏଭଳି ଅନେକ ଫସଲ ନଷ୍ଟ କରିଛନ୍ତି। ଏନେଇ ଡମପଡ଼ା ଓ ଭଗିପୁର ବନ ବିଭାଗ ପକ୍ଷରୁ ଚାଷୀମାନଙ୍କୁ ସଚେତନ କରାଯିବା ସହ ହାତୀଗୁଡ଼ିକୁ ଘଉଡ଼ାଯାଇଛି। ଏ ସମ୍ପର୍କରେ ଭଗିପୁର ଫରେଷ୍ଟ ଅଧିକାରୀ ଅନାମ ହେମ୍ବ୍ରମ୍ କହିଛନ୍ତି, ଡମପଡ଼ା ଚନ୍ଦକା ଅଭୟାରଣ୍ୟରେ ଥିବା ହାତୀପଲ୍ଲ ଆଠଗଡ଼ ଶୁକାସନ ପାହାଡ଼କୁ ଯାତୟାତ କରିଥାନ୍ତି। ଏହି ରାସ୍ତା ହାତୀମାନଙ୍କ ଚଲାପଥ। ହାତୀମାନେ ଯିବା କିମ୍ବା ଫେରିବା ସମୟରେ ଚାଷୀମାନଙ୍କ ଫସଲ ନଷ୍ଟ କରୁଛନ୍ତି। ସେଥିପ୍ରତି ଜଙ୍ଗଲ ବିଭାଗ ସଜାଗ ଥିବା ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି। ଚାଷୀମାନଙ୍କର କ୍ଷୟକ୍ଷତି ହୋଇଥିବା ଜମିର ପରିମାଣ ସମ୍ପର୍କରେ ଲିଖିତ ଭାବରେ ଜଣାଇଲେ ଜଙ୍ଗଲ ବିଭାଗ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।


ସଙ୍ଗୀତ ନିର୍ଦ୍ଦେଶକ ତଥା ଅଭିନେତା ସ୍ୱରୂପ ନାୟକଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। କଟକ ସିଡିଏ ସେକ୍ଟର-୮ସ୍ଥିତ ବାସଭବନରେ ଅଭିନେତା ପ୍ରଶାନ୍ତ ନନ୍ଦ, ଶ୍ରୀତମ ଦାସ, ସିଏମ୍‌ସି ମେୟର ସୁବାସ ସିଂ ଓ ଅନ୍ୟ ବ୍ୟକ୍ତିବୃନ୍ଦ ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

# ଓଡ଼ିଶା ମହିଳା କ୍ରିକେଟ ଦଳରେ ମାହାଙ୍ଗା ଝିଅ

ମାହାଙ୍ଗା,୨୭।୧୦( ଯଯାତି ସିଂ)


ଗାୟତ୍ରୀ ଖୁଣ୍ଟିଆ

୧୫ ବର୍ଷରୁ କମ୍ ଓଡ଼ିଶା ମହିଳା କ୍ରିକେଟ ଦଳରେ କଟକ ଜିଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ଲଳିତଗିରି ଗ୍ରାମର ଶିଶିର ଖୁଣ୍ଟିଆଙ୍କ ଝିଅ ଗାୟତ୍ରୀ ଖୁଣ୍ଟିଆ ସ୍ଥାନ ପାଇଛନ୍ତି। ଜଣେ ଅଲରାଉଣ୍ଡର ଭାବେ ସେ ଦଳରେ ସାମିଲ ହେବା ପରେ ମାହାଙ୍ଗାରେ ଖୁସିର ଲହରି ଖେଳି ଯାଇଛି। କୋଲକାତାରେ ହେବାକୁ ଥିବା ଏକ ଜାତୀୟ କ୍ରିକେଟ ଟୁର୍ନାମେଣ୍ଟରେ ଖେଳିବା ପାଇଁ ଗାୟତ୍ରୀ ମନୋନୀତ ହୋଇଛନ୍ତି। ଗାୟତ୍ରୀ ଲଳିତଗିରି ନୋଡାଲ ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀ ଛାତ୍ରୀ। ସେ ଦଳରେ ସାମିଲ ହେବା ପରେ ଗାୟତ୍ରୀଙ୍କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

# ୪୨ ମୌଜା ପ୍ରତିଭା ବିକାଶ ପ୍ରତିଷ୍ଠାନ ପକ୍ଷରୁ ଆଲୋଚନାଚକ୍ର

କଟକ ସଦର,୨୭।୧୦(ସୁଶାନ୍ତ କୁମାର ଜେନା)

ଖାରକଟା ପଞ୍ଚାୟତସ୍ଥିତ ପଟଣା ଜୟ ହିନ୍ଦ୍ କ୍ଲବ୍‌ରେ ୪୨ ମୌଜା ପ୍ରତିଭା ବିକାଶ ପ୍ରତିଷ୍ଠାନ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସର୍ବଭାରତୀୟ କମ୍ୟୁନିକେଶନ ଷ୍ଟାଫ୍ ଆସୋସିଏଶନର ସାଧାରଣ ସମ୍ପାଦକ ତଥା ପ୍ରତିଷ୍ଠାନର ସଭାପତି ଇଂ. ଅଶୋକ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡ. ଚିତ୍ତରଞ୍ଜନ ବେହେରା, ଡ. କଲିମୁଲ୍ଲା, ରାମଚନ୍ଦ୍ର ଗୋଚ୍ଛାୟତ, ବିଷ୍ଣୁଚରଣ ଦାଶ, ସରପଞ୍ଚ ଶିଶିର ରାଉତ, ବୀରବର ଲେଙ୍କା, ପ୍ରଫୁଲ୍ଲ ମହାପାତ୍ର, ପୀୟୂଷ ରଞ୍ଜନ ପରିଡ଼ା, ଶରତ ରାୟ, ଶରତ ଚନ୍ଦ୍ର ଖଟୁଆ, ପ୍ରକାଶ ଚନ୍ଦ୍ର ସାହୁ, ରବୀନ୍ଦ୍ର ନାଥ ଦାସ, ସନ୍ତୋଷ ପତି ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ରୁଦ୍ର ନାରାୟଣ ଦାସ ମଞ୍ଚ ପରିଚାଳନା ଓ ଜୟନ୍ତ ଦାସ ଧନ୍ୟବାଦ ଦେଇଥିଲେ।

# ସୋସାଇଟି ଟଙ୍କା ଚୋରିକରି ଯୁବକ ଗିରଫ

ବାରଙ୍ଗ,୨୭।୧୦(ଲିଙ୍ଗରାଜ ରାଉତ)

ସୋସାଇଟି ଟଙ୍କା ଚୋରି କରିବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ନନ୍ଦନକାନନ ଥାନା ଅଧୀନ ରଘୁନାଥପୁରଠାରେ ଥିବା ଜିଡିଏସ୍ ଟାୱାରର ସୋସାଇଟି ରୁମ୍‌ରେ ରହୁଥିବା ପ୍ରମୋଦ ସୁତାର। ପ୍ରକାଶ ଯେ, ହେମନ୍ତ ମଲ୍ଲିକ ଓ ପ୍ରମୋଦ ଉକ୍ତ ଟାୱାରର ସୋସାଇଟି ରୁମ୍‌ରେ ରୁହନ୍ତି। ଉକ୍ତ ସୋସାଇଟିର ମାସିକିଆ ମେଣ୍ଟେନାନ୍ସ ଖର୍ଚ୍ଚ ବାବଦକୁ ଆଦାୟ ହୋଇଥିବା ମୋଟ ୫୨ହଜାର ଟଙ୍କାକୁ ହେମନ୍ତ ଉକ୍ତ ଜିଡିଏସ୍ ଟାୱାରର ସୋସାଇଟି ରୁମରେ ରଖି ଶୋଇବାକୁ ଚାଲିଯାଇଥିଲେ। ସେହି ରୁମରେ ରହୁଥିବା ପ୍ରମୋଦ ଉକ୍ତ ଟଙ୍କାକୁ ସେଠାରୁ ଚୋରି କରି ନେଇଥିଲେ। ଟଙ୍କା ଚୋରି ସମ୍ପର୍କରେ ହେମନ୍ତ ପଚାରିବାରୁ ପ୍ରମୋଦ ସେ ଟଙ୍କା ଚୋରି କରିଥିବା ସ୍ୱୀକାର କରିବା ସହ ପରେ ଫେରାଇ ଦେବେ ବୋଲି କହିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଟଙ୍କା ନ ଫେରାଇ ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ହେମନ୍ତ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ୧୫୧/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ ପଚରାଉଚରାବେଳେ ପ୍ରମୋଦ ନିଜ ଦୋଷ ସ୍ୱୀକାର କରିବା ସହ ଚୋରି ଟଙ୍କା ଖର୍ଚ୍ଚ କରିଦେଇଥିବା କହିଥିଲେ।

# ଦିବ୍ୟାଙ୍ଗ ବୋଝ ନ ହୋଇ ସ୍ୱାବଲମ୍ବୀ ହେବେ


ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଦିବ୍ୟାଙ୍ଗମାନଙ୍କୁ ସ୍କୁଟର ପ୍ରଦାନ କରୁଛନ୍ତି।

ଆଠଗଡ, ୨୭।୧୦(ସତ୍ୟ ପ୍ରସାଦ ରଥ)

### ୫୬ ବୈଦ୍ୟୁତିକ ସ୍କୁଟର ବଣ୍ଟନ

ଆଠଗଡ ମହୋତ୍ସବ ପଡ଼ିଆରେ କୃଷି, କୃଷକ ସଶକ୍ତୀକରଣ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଆଠଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏନ୍‌ଏସି, ତିଗିରିଆ, ଟାଙ୍ଗୀ-ଚୌଦ୍ୱାର ବ୍ଲକର ବିଭିନ୍ନ ପଞ୍ଚାୟତର ୫୬ଜଣ ଦିବ୍ୟାଙ୍ଗଙ୍କୁ ନିଜସ୍ୱ ପାଣ୍ଠିରୁ ତିନିଚକିଆ ବୈଦ୍ୟୁତିକ ସ୍କୁଟି ବଣ୍ଟନ କରିଥିଲେ। ଏହି ସ୍କୁଟି ଦ୍ୱାରା ଦିବ୍ୟାଙ୍ଗ ଭାଇ ଭଉଣୀମାନେ ପରିବାର କିମ୍ବା ସମାଜ ଉପରେ ବୋଝ ନ ହୋଇ ସ୍ୱାବଲମ୍ବୀ ହୋଇପାରିବେ। ଏହି ଅବସରରେ ମନ୍ତ୍ରୀ ସ୍ୱାଇଁ ଚଳିତ ବର୍ଷ ସର୍ବାଧିକ ରକ୍ତଦାନ କରିଥିବା ପଞ୍ଚାୟତ ଯଥା ଖୁଣ୍ଟୁଣୀ, କଣ୍ଡେରେଇ, ପୁରୁଣା ତିଗିରିଆକୁ ପୁରସ୍କୃତ କରିଥିଲେ। ଏସବୁ ପଞ୍ଚାୟତରୁ ଯଥାକ୍ରମେ ୨୮୨, ୨୫୩, ୨୦୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଜାନୁୟାରୀଠାରୁ ଏପର୍ଯ୍ୟନ୍ତ କଟକ ଜିଲାରେ ବିଭିନ୍ନ ପଞ୍ଚାୟତରେ ରକ୍ତଦାନ ଶିବିର ହୋଇଥିବାବେଳେ ଆଠଗଡ଼ ନିର୍ବାଚନ ମଣ୍ଡଳୀରୁ ସର୍ବାଧିକ ୩୪୪୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ସେଥିରୁ ୧୦୮ ବିରଳ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ବିରଳ ରକ୍ତଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୧୩୦ ଜଣ ମହିଳା ଚାଷୀଙ୍କୁ ମନ୍ତ୍ରୀ ପ୍ଲାଷ୍ଟିକ ଟ୍ରେ ବଣ୍ଟନ କରିଥିଲେ। ଏହି ଟ୍ରେ ଦ୍ୱାରା ମହିଳା ଚାଷୀଙ୍କ ଉତ୍ପାଦିତ ଫସଲ ସଂଗ୍ରହରେ ସହାୟକ ବୋଲି ମନ୍ତ୍ରୀ ସ୍ୱାଇଁ କହିଥିଲେ। ଉତ୍ସବରେ ତିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ସମେତ ଆଠଗଡ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁବାସ ମଲ୍ଲିକ, ଜିଲା ପରିଷଦ ସଭ୍ୟା ମିନତୀ ଗାଗରାଇ, ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, କଟକ ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ଜୟନ୍ତ ନାୟକ, ଆଠଗଡ଼ ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ସିଂ, ସହକାରୀ ଉଦ୍ୟାନ ଅଧିକାରୀ ଧନଞ୍ଜୟ ରାଉତ, ଆଠଗଡ ଜୀବନ ବିନ୍ଦୁ ସଂଯୋଜକ ପ୍ରଦୀପ୍ତ ଦାସ, ରାକେଶ ଦାସ ଶିଶିର ପ୍ରସାଦ ମାନସିଂ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ବିହନ ଜୈବିକ ପ୍ରାମାଣିକ ସଂସ୍ଥାର ନିର୍ଦ୍ଦେଶକ ନିରାକାର ଲେଙ୍କା ମଞ୍ଚ ପରିଚାଳନା କରିଥିଲେ।

### ପୀଡ଼ିତାଙ୍କ ପରିବାରକୁ ହତ୍ୟା ଧମକ, ଜେଲ ଫେରନ୍ତା ଗିରଫ

ଭୁବନେଶ୍ୱର,୨୭।୧୦ (ସୂର୍ଯ୍ୟକାନ୍ତ ବେହେରା)

ଜାମିନରେ ଆସି ପୀଡ଼ିତାଙ୍କ ପରିବାର ବର୍ଗଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ଜଣେ ଜେଲ ଫେରନ୍ତାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ୟୁନିଟ୍-୪ ଅଞ୍ଚଳର ସଲାମ ଖାନ (୪୭)। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗକାରିଣୀ ଓ ଅଭିଯୁକ୍ତ ପରସ୍ପରର ପଡ଼ୋଶୀ। ଅଭିଯୋଗକାରିଣୀଙ୍କ ନାବାଳିକା ଝିଅର ଗାଧୁଆ ବେଳର ଭିଡିଓ ଉତ୍ତୋଳନ କରିବା ଅଭିଯୋଗରେ ସଲାମ ୨୪ ମାର୍ଚ୍ଚରେ କୋର୍ଟ ଚାଲାଣ ହୋଇ ଜେଲ ଯାଇଥିଲେ। ହେଲେ ପରବର୍ତ୍ତୀ ସମୟରେ କୋର୍ଟରୁ ଜାମିନରେ ଆସି ସଲାମ ପୀଡିତାଙ୍କ ଘରକୁ ବାରମ୍ବାର ଯାଇ ମାମଲାର ଆପୋସ ବୁଝାମଣା କରିବାକୁ କହିବାରୁ ପୀଡ଼ିତାଙ୍କ ପରିବାର ରାଜି ହୋଇ ନ ଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତ ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାର ଧମକ ଦେଉଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# ମା’ କନକ ଦୁର୍ଗା ମନ୍ଦିରକୁ ଏଲ୍ଇଡି ଲାଇଟ୍ ପ୍ରଦାନ



ଖୁଣ୍ଟୁଣୀ, ୨୭।୧୦ (ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଅଞ୍ଚଳରେ ଥିବା ମା’ କନକ ଦୁର୍ଗା ମନ୍ଦିରକୁ ଆଠଗଡ଼ ବିକାଶ ମଞ୍ଚର ସଭାପତି ତଥା ସାମାଜିକ କର୍ମୀ ମାନସ ରଞ୍ଜନ ବସ୍ତିଆ ଦୁଇଟି ଉଜ୍ଜ୍ୱଳ ଏଲ୍ଇଡି ଲାଇଟ ପ୍ରଦାନ କରିଛନ୍ତି। ଏହି ଲାଇଟ୍ ପ୍ରଦାନବେଳେ ମନ୍ଦିରର ତତ୍ତ୍ୱାବଧାରକ ସଚ୍ଚିଦାନନ୍ଦ ପଣ୍ଡା, ସଦସ୍ୟ ବିଜୟ କୁମାର ସାହୁ, କିଶୋର ସାମନ୍ତରାୟ, ବିପିନି ବିହାରୀ ପ୍ରଧାନ, ବିଚିତ୍ରାନନ୍ଦ ପ୍ରଧାନ, ରଜନୀକାନ୍ତ ଜେନା, ଦେବୀପ୍ରସାଦ ଦାସ ଓ ଶରତ କୁମାର ତରେଇଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଫାଇନାଲରେ କଟକର ସିଡିଏ

ସାଲେପୁର,୨୭।୧୦(ଅରବିନ୍ଦ ଭୂୟାଁ)

### ଗୋପୀନାଥପୁର କପ୍ ଫୁଟବଲ


ମୁଖ୍ୟ ଅତିଥି ଅପୂର୍ବା ଅପରୂପା ଖେଳାଳିମାନଙ୍କ ସହ ହାତ ମିଳାଉଛନ୍ତି।

ସାଲେପୁର ବ୍ଲକ ଗୋପୀନାଥପୁର ପଞ୍ଚାୟତ ଅନ୍ତର୍ଗତ ହରିଡା ପଡ଼ିଆରେ ଚାଲିଥିବା ଗୋପୀନାଥପୁର କପ୍ ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକର ସିଡିଏ ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ ସିଡିଏ ଓ କଟକର ଏ.କେ.ଏକାଡେମୀ ମଧ୍ୟରେ ଖେଳାଯାଇଥିଲା। ମ୍ୟାଚଟି ସଂଘର୍ଷ ପୂର୍ଣ୍ଣ ଖେଳ ହୋଇଥିଲା। ସିଡିଏ ଦଳ ୨-୧ ଗୋଲରେ ଏ.କେ ଏକାଡେମୀକୁ ପରାସ୍ତ କରିଥିଲା। ମୁଖ୍ୟ ଅତିଥିଭାବେ ବିଜୁ ଛାତ୍ର ଜନତାଦଳର ରାଜ୍ୟ ଉପସଭାପତି ତଥା ବସୁଧା (ସହରାଞ୍ଚଳ) ଉପଦେଷ୍ଟା ଅପୂର୍ବା ଅପରୂପା ଯୋଗଦେଇ ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଅନେକ ଯୋଜନା କାର୍ଯ୍ୟକାରୀ କରିଥିବା କହିଥିଲେ। ମ୍ୟାଚରେ ରେଫରୀ ଭାବେ ସଞ୍ଜୀବ ଦାଶ, ବ୍ରହ୍ମା ନନ୍ଦ ଭୋଇ,ଏସ.କେ. ହାୟତ, ରସାନନ୍ଦ ସାମଲ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ପ୍ରଶାନ୍ତ ରଥ ଓ ମନୋଜ ବିଶ୍ୱାଳ ଧାରା ବିବରଣୀ ପ୍ରଦାନ କରିଥିଲେ। ଗୋପୀନାଥପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଯୁବ ସଙ୍ଗଠକ ଦିଲୀପ ରାଉତ, ରମେଶ ଚନ୍ଦ୍ର ସ୍ୱାଇଁ, ଗଣେଶ ଚନ୍ଦ୍ର ନାୟକ, ଯୁଗଳ ଜେନା, ବୈଦ୍ୟନାଥ ମହାନ୍ତି, ଧ୍ରୁବ ସାମଲ, ନିର୍ମଳ ସାମଲ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ରବିବାର ଗଣ୍ଡରପୁର ୟୁନାଇଟେଡ କ୍ଲବ ଓ କଟକ ସିଡିଏ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଯୁବ ସଙ୍ଗଠକ ଦିଲୀପ କୁମାର ରାଉତ ସୂଚନା ଦେଇଛନ୍ତି।

# ଜବରଦଖଲକାରୀଙ୍କ କବ୍‌ଜାରେ କେନାଲ

ନିଶ୍ଚିନ୍ତକୋଇଲି,୨୭।୧୦
(ଅଶୋକ କୁମାର ମହାପାତ୍ର)


ପୋତି ହୋଇଯାଇଥିବା କେନାଲ।

ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ଥିବା ଏକାଧିକ କେନାଲ ବନ୍ଧ ଓ ଶଯ୍ୟାକୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ନିଜ କବ୍‌ଜାରେ ରଖିଛନ୍ତି। ମାତ୍ର ଜଳସମ୍ପଦ ବିଭାଗ ତରଫରୁ ଏହି କେନାଲରୁ ଜବରଦଖଲ ହଟାଇବା ପରିବର୍ତ୍ତେ ସରକାରୀ କାଗଜକଲମରେ କେନାଲ ସଫେଇ ଓ ମରାମତି କରାଯାଇଥିବା ଦର୍ଶାଯାଉଛି। ଫଳରେ ସରକାରୀ ରାଜକୋଷରୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ ହେଉଥିବା ଚାଷୀମହଲରେ ଅଭିଯୋଗ ହୋଇଛି।

କେନ୍ଦୁପାଟଣା ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ୮-ସି କେନାଲ ରହିଛି। ଏହି କେନାଲଟି ଭୁବନଠାରୁ ୮ ନମ୍ବର କେନାଲରୁ ବାହାରି ଖଣ୍ଡସାହି ପର୍ଯ୍ୟନ୍ତ ଯାଇଛି। ଏହା ଉପରେ ସ୍ଥାନୀୟ ବୁହାଳ, ସରପଡା ଗ୍ରାମ ପଞ୍ଚାୟତର ଶହ ଶହ ଏକର ଚାଷଜମି ଜଳସେଚନ ନିମନ୍ତେ ନିର୍ଭରଶୀଳ। ମାତ୍ର ଦୀର୍ଘଦିନ ହେଲା ଏହି କେନାଲକୁ ଜବରଦଖଲ କରାଯାଇଥିବାରୁ ଏହାର କୌଣସି ଚିହ୍ନବର୍ଣ୍ଣ ନାହିଁ। କେବଳ ସରକାରୀ କାଗଜକଲମରେ ଏହି କେନାଲ ରହିଥିବା ଅଭିଯୋଗ ହୋଇଛି। କେନାଲ ଶଯ୍ୟାକୁ ଯୋଜନାବଦ୍ଧଭାବେ ପୋତି ଦିଆଯିବା ସହ ଜବରଦଖଲ କରାଯାଇଥିବା ଅଭିଯୋଗ ହୋଇଛି। ସେହିପରି ଏହି କେନାଲର ନିଶ୍ଚିନ୍ତକୋଇଲି ହାଟ ଦେଇ ୮-ଇ କେନାଲ ଯାଇଛି। ଏହି କେନାଲକୁ ବଜାର ନିକଟରେ କେତେକ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି ସ୍ଥାୟୀ ଗୃହ ନିର୍ମାଣ କରିଥିବା ଚାଷୀ ମହଲରେ

### ସଫେଇ କରାଯାଉନାହିଁ

ଅଭିଯୋଗ ହୋଇଛି। ଫଳରେ କେନାଲ ଉପରେ ନିର୍ଭର କରୁଥିବା ନିଶ୍ଚିନ୍ତକୋଇଲି ପଞ୍ଚାୟତର ବହୁ ଚାଷୀଜମିରେ ଜଳ ସେଚନରୁ ବଞ୍ଚିତ ହେଉଛନ୍ତି। ପ୍ରଶାସନ ପକ୍ଷରୁ ପ୍ରତିବର୍ଷ ଚାଷୀଙ୍କଠାରୁ ଜଳ କର ଆଦାୟ ହେଉଥିବାବେଳେ ଜଳସମ୍ପଦ ବିଭାଗ ଚାଷୀଙ୍କ କ୍ଷେତକୁ ଜଳ ଯୋଗାଇ ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ଏହାର ତଦନ୍ତ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି। ନଚେତ ଆଗାମୀ ଦିନରେ ଚାଷୀମାନେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏସମ୍ପର୍କରେ କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ମଲ୍ଲିକଙ୍କ ମୋବାଇଲକୁ ଏକାଧିକବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ନ ଉଠାଇବାରୁ ମତାମତ ମିଳିପାରିନାହିଁ।

## ସଂକ୍ଷେପରେ

### ପୀଡ଼ିତାଙ୍କ ପରିବାରଙ୍କୁ ହତ୍ୟା ଧମକ, ଜେଲ ଫେରନ୍ତା ଗିରଫ

ଭୁବନେଶ୍ୱର,୨୭।୧୦ (ସୂର୍ଯ୍ୟକାନ୍ତ ବେହେରା)

ଜାମିନରେ ଆସି ପୀଡ଼ିତାଙ୍କ ପରିବାର ବର୍ଗଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ଜଣେ ଜେଲ ଫେରନ୍ତାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ୟୁନିଟ୍-୪ ଅଞ୍ଚଳର ସଲାମ ଖାନ (୪୭)। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗକାରିଣୀ ଓ ଅଭିଯୁକ୍ତ ପରସ୍ପରର ପଡ଼ୋଶୀ। ଅଭିଯୋଗକାରିଣୀଙ୍କ ନାବାଳିକା ଝିଅର ଗାଧୁଆ ବେଳର ଭିଡିଓ ଉତ୍ତୋଳନ କରିବା ଅଭିଯୋଗରେ ସଲାମ ୨୪ ମାର୍ଚ୍ଚରେ କୋର୍ଟ ଚାଲାଣ ହୋଇ ଜେଲ ଯାଇଥିଲେ। ହେଲେ ପରବର୍ତ୍ତୀ ସମୟରେ କୋର୍ଟରୁ ଜାମିନରେ ଆସି ସଲାମ ପୀଡ଼ିତାଙ୍କ ଘରକୁ ବାରମ୍ବାର ଯାଇ ମାମଲାର ଆପୋସ ବୁଝାମଣା କରିବାକୁ କହିବାରୁ ପୀଡ଼ିତାଙ୍କ ପରିବାର ରାଜି ହୋଇ ନ ଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତ ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାର ଧମକ ଦେଉଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

### ବଳାତ୍କାର ଅଭିଯୋଗ: ଯୁବକ ଗିରଫ

ଗୋପ,୨୭।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ନାବାଳିକାଙ୍କୁ ବିବାହର ମିଥ୍ୟା ପ୍ରଲୋଭନ ଦେଖାଇ ବଳାତ୍କାର କରିବା ଅଭିଯୋଗରେ ଶୁକ୍ରବାର ଗୋପ ଥାନା ଅନ୍ତର୍ଗତ କୁସୁପୁର ଅଞ୍ଚଳର ବିବାହିତ ଯୁବକ ନୀଳକଣ୍ଠ ଦାସ (୨୫) ଗିରଫ ପରେ ଜେଲ୍ ହାଜତକୁ ଯାଇଥିବା ଜଣାପଡ଼ିଛି। ଡାକ୍ତରୀମାଇନା ପରେ ନାବାଳିକାଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ଦଫା ୪୩୪/୨୩ ଓ ପୋକ୍ସୋ ଆକ୍ଟରେ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, କିଛିଦିନ ଧରି ଏହି ଯୁବକ ଜଣଙ୍କ ନାବାଳିକାଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ପରିବାର ଏ ସମ୍ପର୍କରେ ଅବଗତ ହେବା ପରେ ଗୋପ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ପୋକ୍ସୋ ଆକ୍ଟରେ ମାମଲା ଦାୟର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।

### ଅଗ୍ନିକାଣ୍ଡରେ ଗାଈ ମୃତ

ବଲାଙ୍ଗୀ, ୨୭।୧୦(କେଦାରେଶ୍ୱର ନନ୍ଦ)

ବଲାଙ୍ଗୀ ଥାନା ଅଧୀନ କାଳିଆପଦା ଗ୍ରାମରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟି ଗୋଟିଏ ଗାଈ ପ୍ରାଣ ହରାଇଥିବାବେଳେ ବାଛୁରୀ ପୋଡ଼ିଯାଇ ଗୁରୁତର ହୋଇପଡ଼ିଛି। ପ୍ରକାଶ ଯେ, ରାତି ପ୍ରାୟ ୧ଟାରେ କାଳିଆପଦା ଗ୍ରାମର ସୁକାନ୍ତ ମହାପାତ୍ରଙ୍କ ଗୁହାଳରେ ନିଆଁ ଲାଗିଯାଇଥିଲା। ଫଳରେ ଗୁହାଳରେ ଥିବା ଗାଈ ଓ ବାଛୁରୀ ରଡି ଛାଡ଼ିବାରୁ ସୁକାନ୍ତଙ୍କ ନିଦ ଭାଙ୍ଗିଯାଇଥିଲା। ସେ ବାହାରକୁ ଆସି ଗୁହାଳରେ ନିଆଁ ଲାଗିଥିବା ଦେଖି ଗ୍ରାମବାସୀଙ୍କୁ ଡାକିବା ସହ ନିମାପଡ଼ା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁ ଲିଭାଇଥିଲେ।

# ସ୍ୱାଭାବିକ ହେଲା ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି

ପୁରୁଣା ଭୁବନେଶ୍ୱର,୨୭।୧୦ (ସୁବାସ ଚନ୍ଦ୍ର ପ୍ରଧାନ)

ଗତ ବୁଧବାରଠାରୁ ଉପବାସରେ ରହିଥିବା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ଶୁକ୍ରବାର ସ୍ୱାଭାବିକ ହୋଇଛି। ଅପରାହ୍ନ ୧ଟାରେ ମହାସ୍ନାନ ହୋଇଥିଲା। ଅପରାହ୍ନ ୧ଟା ୩୦ରେ ମଙ୍ଗଳଆଳତି, ଅବକାଶ, ଦର୍ଶନ ପରେ ରୋଷହୋମ କରାଯାଇଥିଲା। ଏହାପରେ ଅନ୍ୟାନ୍ୟ ନୀତି ହୋଇଥିଲା। ସୂଚନାଥାଉ କି, ସାମନ୍ତରାପୁର ଛକ ଗଙ୍ଗୁଆ ବ୍ରିଜ୍ ନିକଟରେ ଥିବା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସମ୍ପତ୍ତିରେ କେତେଜଣ ବଡୁ ସେବାୟତମାନେ ନିର୍ମାଣ କାର୍ଯ୍ୟ କରିବାକୁ ନେଇ ପୂଜାପଣ୍ଡା ଏବଂ ବ୍ରାହ୍ମଣ ନିଯୋଗ ପକ୍ଷରୁ ନୀତିକାନ୍ତିରେ ଅସହଯୋଗ କରାଯାଇଥିଲା। ଠାକୁରଙ୍କର କୋଟି କୋଟି ଟଙ୍କାର ସମ୍ପତ୍ତିକୁ ତହବିଲକୁ ଫେରାଇ ଆଣିବାକୁ ଦାବି କରିବାକୁ ନେଇ ଠାକୁର ଦୁଇଦିନ ଉପବାସ ରହିଲେ। ଶୁକ୍ରବାର ପ୍ରଶାସନର ଆଭିମୁଖ୍ୟକୁ ନେଇ ବ୍ରାହ୍ମଣ ନିଯୋଗର ହେମନ୍ତ ପଣ୍ଡା ଏବଂ ପୂଜା ପଣ୍ଡା ନିଯୋଗର ପ୍ରସନ୍ନ ପୂଜାପଣ୍ଡା ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡର ଦୁଇ ଟ୍ରଷ୍ଟି ସଦସ୍ୟ ଇସ୍ତଫା ଦେବାରୁ ଠାକୁରଙ୍କ ନୀତି ଆରମ୍ଭ ହୋଇଥିଲା। ପ୍ରତ୍ୟେକ ଦିନର ନୀତି ବିଶୃଙ୍ଖଳା, ସେବାୟତଙ୍କ ଅଧିକାର, ଶ୍ରୀଲିଙ୍ଗରାଜଙ୍କ ସମ୍ପତ୍ତି ଲୁଟ ପାଇଁ ପ୍ରଶାସନ ସ୍ଥାଣୁ ପାଲଟିବାକୁ ଭର୍ତ୍ସନା କରି ଇସ୍ତଫାପତ୍ରରେ ଉଲ୍ଲେଖ କରିଥିଲେ।

### ଦୁଇ ନିଯୋଗରୁ ଦୁଇ ଟ୍ରଷ୍ଟି ସଦସ୍ୟଙ୍କ ଇସ୍ତଫା



### ଚନ୍ଦ୍ରଗ୍ରହଣ ପାଇଁ ଶ୍ରୀଲିଙ୍ଗରାଜଙ୍କ ନୀତି ନିର୍ଘଣ୍ଟ

ଶନିବାର ରାହୁଗ୍ରସ୍ତ ଖଣ୍ଡଗ୍ରାସ ଚନ୍ଦ୍ରଗ୍ରହଣ। ଏଥିପାଇଁ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି। ଶନିବାର ସକାଳ ୬ଟାରୁ ୬ଟା ୩୦ ମଧ୍ୟେ ମଙ୍ଗଳଆଳତି କରାଯିବ। ସକାଳ ୬ଟା ୩୦ରୁ ୯ଟା ମଧ୍ୟେ ସାହାଣମେଲା ଦର୍ଶନ, ସକାଳ ୯ଟା ୩୦ ମଧ୍ୟେ ଗର୍ଭଗୃହ ସଫେଇ କାର୍ଯ୍ୟ କରାଯାଇ ମାଘସ୍ନାନ ଦିଆଯିବ। ଅପରାହ୍ନ ୪ଟା ମଧ୍ୟରେ ଶ୍ରୀଜୀଉଙ୍କ ସନ୍ଧ୍ୟା ଧୂପ, ଠାକୁରାଣୀଙ୍କ ସନ୍ଧ୍ୟାଧୂପ ଓ କାର୍ତ୍ତିକ ପୂଜା ଆରମ୍ଭ। ଅପରାହ୍ନ ୪ଟା ୧୫ରୁ ସମସ୍ତ ଦେବନୀତି ବନ୍ଦ ରହିବ। ରାତ୍ରି ୧ଟା ୩୦ ମଧ୍ୟେ ଶ୍ରୀଜୀଉଙ୍କ ଗ୍ରହଣ ସ୍ନାନ ପାଇଁ ବିନ୍ଦୁସାଗରକୁ ଯାତ୍ରା। ରାତି ୨ଟା ୧୫ରେ ଗ୍ରହଣ ଭୋଗ ସମ୍ପାଦନ ହେବ। ରାତି ୨ଟା ୨୫ରେ ସର୍ବମୋକ୍ଷ ପରେ ମାଘସ୍ନାନ ଓ ବଡ଼ସିଂହାର କରାଯିବ। ସୂଚନାଥାଉ କି, ଅପରାହ୍ନ ୪ଟାରୁ ରାତି ୨ଟା ୨୫ ପର୍ଯ୍ୟନ୍ତ ମନ୍ଦିର ଭିତର ଓ ବାହାରର ସମସ୍ତ ଫୁଲ, ଦୀପ, ଭୋଗ ଆଦି ପୂଜା ସାମଗ୍ରୀ ଦୋକାନ ବନ୍ଦ ରହିବ।

# ଯୌତୁକ ନିର୍ଯାତନା, ଥାନାର ଦ୍ୱାରସ୍ଥ ହେଲେ ମହିଳା

କଟକ,୨୭।୧୦ (କାର୍ତ୍ତିକ ସାହୁ)

ଯୌତୁକ ପାଇଁ ଶାଶୁଘର ଲୋକେ ଜଣେ ମହିଳାଙ୍କୁ ନିର୍ଯାତନା ଦେଉଥିବା ନେଇ କଟକ ମହିଳା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, କଟକ ମଧୁପାଟଣା ଥାନା ଅଧୀନ କାଜିଡିହ ଅଞ୍ଚଳର ଜଣେ ମହିଳାଙ୍କୁ ୨୦୧୦ ନଭେମ୍ବରରେ ଭୁବନେଶ୍ୱର ଆଇଗିଣିଆ ଅଞ୍ଚଳର ଡ. ଏନ୍. ସଦାଶିବ ରାଓଙ୍କ ପୁଅ ଏନ୍. ରାଜେଶ ବିବାହ କରିଥିଲେ। ବିବାହର ବର୍ଷେ ପରେ ଶାଶୁଘର ଲୋକେ ମହିଳାଙ୍କ ଉପରେ ନିର୍ଯାତନା ଆରମ୍ଭ କରିଥିଲେ। ବିବାହର ୩ ବର୍ଷ ଯାଏ ସନ୍ତାନସନ୍ତତି ନ ହେବାରୁ ନିର୍ଯାତନା ବଢ଼ିଯାଇଥିଲା। ଯୌତୁକ ବାବଦରେ ୧ ଲକ୍ଷ ଟଙ୍କା ବାପଘରୁ ଆଣିବା ନିମନ୍ତେ ସେମାନେ ବାଧ୍ୟ କରୁଥିଲେ। ପରବର୍ତ୍ତୀ ସମୟରେ ମହିଳା ଜଣଙ୍କ ଏକ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ। ଏବେ ତାଙ୍କର ୯ ବର୍ଷର ପୁତ୍ର ରହିଛି। ହେଲେ ଶାଶୁଘର ସଦସ୍ୟଙ୍କ ନିର୍ଯାତନା ପୂର୍ବବତ୍ ଚାଲୁ ରହିଥିଲା। କେବଳ ସେତିକି ନୁହେଁ, ମହିଳାଙ୍କୁ ତାଙ୍କ ଶ୍ୱଶୁର ଯୌନ ନିର୍ଯାତନା ଦେବା ଓ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରୁଥିଲେ। ଶ୍ୱଶୁରଙ୍କର ଏପରି ଆଚରଣକୁ ମହିଳା ଜଣଙ୍କ ବିରୋଧ କଲେ ତାଙ୍କୁ ଶାଶୁ, ସ୍ୱାମୀ ଓ ନଣନ୍ଦ ମିଶି ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଉଥିଲେ। ଏସବୁ କଥା କାହା ଆଗରେ ପ୍ରକାଶ କଲେ ଘରୁ ବାହାର କରିଦେବା ସହ ଛାଡ଼ପତ୍ର ଦେବା ପାଇଁ ସେମାନେ ଧମକ ଦେଉଥିଲେ। ପରିବାର ସମ୍ମାନକୁ ଦୃଷ୍ଟିରେ ରଖି ମହିଳା ସବୁକିଛି ସହିଯାଉଥିଲେ। ଗତ ସେପ୍ଟେମ୍ବର ୪ରେ ମହିଳାଙ୍କୁ ଶାଶୁଘର ଲୋକେ ବୁଝାଇ ବାପଘର ବୁଲି ଆସିବା ପାଇଁ କହିଥିଲେ। ମହିଳା ଜଣଙ୍କ ବାପଘରକୁ ଆସିଲା ପରେ ଡିଭର୍ସ ପେପର ଘରେ ପହଞ୍ଚିଥିଲା। ଫଳରେ ସମ୍ପୃକ୍ତା ମହିଳା ନ୍ୟାୟ ପାଇଁ ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ସମ୍ପର୍କରେ ସେ ଅଭିଯୋଗ କରିବା ପରେ ପୋଲିସ ୪୯୮(ଏ), ୩୨୩, ୩୭୭, ୩୫୪(ଏ), ୫୦୬, ୩୪, ଯୌତୁକ ନିରୋଧ ଆଇନର ଧାରା ୪ ଅନୁଯାୟୀ ଏକ ମାମଲା(ନଂ.୧୪୫/୨୩) ରୁଜୁ କରିଛି।





ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ମା'ଙ୍କୁ ସ୍ୱାଗତ ଜଣାଇ କୋଣାର୍କ ଚନ୍ଦ୍ରଭାଗା ବେଳାଭୂମିରେ ବାଲୁକା ଶିଳ୍ପୀ ସରିତା ଓ ଲୋପାମୁଦ୍ରାଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

## ବୁଦ୍ଧିଷ୍ଟ ଟାଏକୋଣ୍ଡୋ ଏକାଡେମୀ ଚାମ୍ପିୟନ

ପୁରୀ,୨୭।୧୦(ଅଜିତ୍ ମହାନ୍ତି)

ପୁରୀ ରେଲୱେ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ୧୬ତମ କିରୋଗୀ ଚାମ୍ପିୟନଶିପ ଓ ୮ତମ ଟାଏକୋଣ୍ଡୋ ପୁମ୍-ସେ ଚାମ୍ପିୟନଶିପ୍‌ରେ ଉଭୟ ଇଭେଣ୍ଟରେ ବୁଦ୍ଧିଷ୍ଟ ଟାଏକୋଣ୍ଡୋ ଏକାଡେମୀ ଚାମ୍ପିୟନ ଟ୍ରଫି ହାସଲ କରିଛି। ଏହି ଚାମ୍ପିୟନଶିପ୍‌ରେ ୩୫୦ରୁ ଊର୍ଦ୍ଧ୍ୱ ବାଳିକା ଓ ବାଳକ ଅଂଶଗ୍ରହଣ କରିଥିଲେ। ବୁଦ୍ଧିଷ୍ଟ ଟାଏକୋଣ୍ଡୋ ଏକାଡେମୀ ପକ୍ଷରୁ ୭୦ରୁ ଅଧିକ ବାଳିକା ବାଳକ ଭାଗନେଇଥିଲେ। ମୋଟ ୨୪ଟି ସ୍ୱର୍ଣ୍ଣ, ୧୬ଟି ରୌପ୍ୟ ଓ ୧୧ଟି କାଂସ୍ୟ ପଦକ କିରୋଗୀ ଇଭେଣ୍ଟରେ ହାସଲ କରିଥିବା ବେଳେ ପୁମ୍‌ସେ ଇଭେଣ୍ଟରେ ୧୮ଟି ସ୍ୱର୍ଣ୍ଣ, ୧୩ଟି ରୌପ୍ୟ ଓ ୧୫ କାଂସ୍ୟ ପଦକ ହାସଲ କରିଥିଲେ। ପ୍ରତିଯୋଗିତା ଏକାଡେମୀର ମୁଖ୍ୟ କୋଚ୍ ବିଶ୍ୱନାଥ ନାୟକଙ୍କ ସମେତ ସହକାରୀ କୋଚ୍ ସଂଯୁକ୍ତା ବରାଳ, ଲିପିକା ପଲେଇଙ୍କ ପରିଚାଳନାରେ ମ୍ୟାଚ୍ ଖେଳାଯାଇଥିଲା। ଜିଲାସ୍ତରୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିବା ପିଲାମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ପାଇବେ ।

## ନୂତନ ବିଡିଓଙ୍କ ଦାୟିତ୍ୱ ଗ୍ରହଣ

କୃଷ୍ଣପ୍ରସାଦ,୨୭।୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକରେ ନୂତନ ବିଡିଓ ଭାବେ ବିଜୟ କୁମାର ବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବିଡିଓ ଭାବେ କାର୍ଯ୍ୟରତ ଥିଲେ। ସରକାରୀ ଯୋଜନା ଗୁଡ଼ିକ ତଳସ୍ତରରେ ଥିବା ଜନସାଧାରଣଙ୍କ ପାଖରେ କିପରି ପହଞ୍ଚିବ ସେ ଦିଗରେ ଗୁରୁତ୍ୱ ଦେବାକୁ କହିଥିବା ବେଳେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ସାମାଜିକ କର୍ମୀ ବିଜୟ କୁମାର ତରେଇ, ମୁଖ୍ୟ କିରାଣୀ ପୂର୍ଣ୍ଣ ଚନ୍ଦ୍ର କାଣ୍ଡି, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ସହକାରୀ ଯନ୍ତ୍ରୀ ବିନୋଦ ବିହାରୀ ପୁହାଣ, ଯୋଗାଣ ନିରୀକ୍ଷକ ଦୈତାରୀ ପ୍ରଧାନ, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ, ଜିତେନ୍ଦ୍ର ଦାସ,ଏପିଓ ଅଭିନ୍ନ କୁମାର ପଲାଇ, ସିପି ପ୍ରଭାତ କୁମାର ଜେନାଙ୍କ ସମେତ ଅନ୍ୟ କନିଷ୍ଠ ଯନ୍ତ୍ରୀ, କିରାଣୀ ଓ ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଜଣାଇଥିଲେ।

## ଗଣଚେତନାର ଜାଗୃତିରେ ଗଣମାଧ୍ୟମର ଅବକ୍ଷୟ ଦୂରହେବ

ଭୁବନେଶ୍ୱର,୨୭।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)

ବର୍ତ୍ତମାନ ଗଣମାଧ୍ୟମର ଯେଉଁ ଅବକ୍ଷୟ ସାମ୍ନାକୁ ଆସୁଛି ସେଥିପାଇଁ ସମ ପରିମାଣରେ ଗଣ ବା ସାଧାରଣ ଜନତା ମଧ୍ୟ ଦାୟୀ। ଗଣଙ୍କ ମଧ୍ୟରେ ଚେତନାର ଜାଗୃତିରେ ଗଣମାଧ୍ୟମର ଅବକ୍ଷୟ ଦୂରହେବ। ବର୍ତ୍ତମାନ ପରିସ୍ଥିତିରେ ଗଣମାଧ୍ୟମର ପରିଚୟ ସଙ୍କଟରେ। ଆଲୋଚନା, ସମାଲୋଚନା ଏପରି ବୌଦ୍ଧିକ ବିତର୍କ ନ ହେଲେ ନିଷ୍କର୍ଷ ବାହାରେ ନାହିଁ। ଶାସକ ଓ ବିରୋଧୀ ଏଥିପ୍ରତି ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ଶୁକ୍ରବାର ସୂଚନା ଭବନଠାରେ 'ବଡ଼ ଖବର' ପକ୍ଷରୁ ଆରମ୍ଭ ହୋଇଥିବା ମାସିକ ମନ୍ଥନ କାର୍ଯ୍ୟକ୍ରମ 'ଗଣମାଧ୍ୟମ କରୁଛି କ'ଣ ?'ରେ ଯୋଗଦେଇ ବିଶିଷ୍ଟ ଆଲୋଚକମାନେ କହିଛନ୍ତି।

ବରିଷ୍ଠ ସାମ୍ବାଦିକ ଗିରିଜା ଶଙ୍କର ଦାସଙ୍କ ସଞ୍ଚାଳନରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ରବି ଦାସ, ସନ୍ଦିପ ସାହୁ, ସତ୍ୟପ୍ରକାଶ ନାୟକ, ସ୍ତମ୍ଭକାର କେଦାର ମିଶ୍ର, ଦେବପ୍ରସାଦ ପରିଜା ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ପ୍ରଶ୍ନ କରିଥିଲେ। ବରିଷ୍ଠ ସାମ୍ବାଦିକ ସୂର୍ଯ୍ୟମଣି ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରତି ମାସର ଶେଷ ସପ୍ତାହରେ ଭୁବନେଶ୍ୱରରେ ମାସିକ ମନ୍ଥନ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ସୂଚନା ଦିଆଯାଇଛି।

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣକରି ଲୁଟ୍

ଭୁବନେଶ୍ୱର,୨୭।୧୦ (ସୂର୍ଯ୍ୟକାନ୍ତ ବେହେରା)

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପଟିଆ ଷ୍ଟେଶନ ନିକଟରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ କାଠଫାଳିଆରେ ଆକ୍ରମଣକରି ସୁନାଚେନ୍ ଲୁଟି ନେଇଛନ୍ତି। ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୩୫୫/୨୩) ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ସୂଚନାନୁସାରେ, ଆକ୍ରମଣର ଶିକାର ଯୁବକ ବୁଧବାର ରାତି ପ୍ରାୟ ୧୧ଟାରେ କୌଣସି କାମରେ ପଟିଆ ଷ୍ଟେଶନକୁ ଆସି ଘରକୁ ଫେରୁଥିଲେ। ବାଟରେ କେତେଜଣ ଯୁବକ ତାଙ୍କୁ ଅଟକାଇବା ସହ କାଠଫାଳିଆରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ଆଖି ଓ ଶରୀରରେ ଆଘାତ ଲାଗିବାରୁ ସେ ଆହତ ହୋଇଥିଲେ।

## କୃଷକଙ୍କ ବିଭିନ୍ନ ଦାବି ପୂରଣ ନେଇ ଆଲୋଚନା





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଜଟଣୀ,୨୭।୧୦(ରବୀନ୍ଦ୍ର ନାଥ ମହାକୁଡ଼)

ଶ୍ରମିକ, କୃଷକ ଓ କ୍ଷେତମଜୁଦର ୟୁନିୟନ ଜଟଣୀ ଆଞ୍ଚଳିକ କମିଟି ପକ୍ଷରୁ ଜଟଣୀ ବ୍ଲକ ବେଲପଡା ଠାରେ ବିଭିନ୍ନ ସମସ୍ୟାକୁ ନେଇ ଗଣ କନଭେନ୍‌ସନ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମରେଡ ଏ.କେ. ଚୌଧୁରୀ ସଭାପତିତ୍ୱ କରିଥିଲେ। ଓଡ଼ିଶା କୃଷକ ସଭାର ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷକ ନେତା ସାରଙ୍ଗଧର ବେହେରା, ଶ୍ରମିକ ନେତା ନିରଞ୍ଜନ ବେହେରା ପ୍ରମୁଖ ଯୋଗଦେଇଥିଲେ। କୃଷକଙ୍କୁ ମଗୁଡି ସହାୟତା, ଜଳସେଚନ ବ୍ୟବସ୍ଥା, କୃଷି ଋଣ ଛାଡ଼, ଭୂମିହୀନଙ୍କୁ ଘର ପ୍ରଦାନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ, ଆଶା ଏବଂ ପାଚିକାଙ୍କୁ ସରକାରୀ ମାନ୍ୟତା ପ୍ରଦାନ ଆଦି ଉପରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ସରକାରଙ୍କ ଜନ ବିରୋଧୀ ନୀତି ବିରୋଧରେ ମିଳିତ ଆନ୍ଦୋଳନ କରିବା ପାଇଁ ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଗ୍ରାମୀ ସାଥି ଉପସ୍ଥିତ ଥିଲେ।

## ବରାଳ ବାଲୁଙ୍କେଶ୍ୱରଙ୍କ ଦେବନୀତି ୧୧ ଘଣ୍ଟା ବନ୍ଦ

ସାକ୍ଷୀଗୋପାଳ, ୨୭।୧୦ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ପୁରୀ ଜିଲାର ପ୍ରସିଦ୍ଧ ଶୈବପୀଠ ସତ୍ୟବାଦୀ ଥାନା ଅନ୍ତର୍ଗତ ବରାଳ ଗ୍ରାମରେ ଅବସ୍ଥିତ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିରରୁ ଶୁକ୍ରବାର ରାତିରେ ଠାକୁରଙ୍କ ହୁଣ୍ଡିବାକ୍ସ ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ସେମାନେ ମନ୍ଦିର ବେଢ଼ା ପାଚେରି ଡେଇଁ ଭିତରକୁ ପଶି ଗର୍ଭଗୃହ କବାଟ ତାଲା କାଟିଦେଇଥିବା ଦେଖିବାକୁ ମିଳିଛି। ସକାଳେ ଠାକୁରଙ୍କ ନୀତି କରିବାକୁ ଯାଇଥିବା ସେବାୟତ ବାଇଧର ମହାପାତ୍ର ଏହା ଦେଖିବାକୁ ପାଇଥିଲେ। ଖବରପାଇ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜ ବଲ୍ଲଭ ମିଶ୍ର ସତ୍ୟବାଦୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲେ ମଧ୍ୟ କିଛି ସୁରାକ ମିଳି ନ ଥିବା ଜଣାଯାଇଛି। ବାରମ୍ବାର ମନ୍ଦିରରୁ ଚୋରି ହେବା ପ୍ରତିବାଦରେ କିଛି ସେବାୟତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ମନ୍ଦିର ସମ୍ମୁଖରେ ଧାରଣା ଦେଇଥିଲେ। ଫଳରେ ସକାଳୁ ଠାକୁରଙ୍କ ଦେବନୀତି ବନ୍ଦ ରହିଥିଲା। ୧୧ଘଣ୍ଟା ପରେ ଅର୍ଥାତ ଅପରାହ୍ନ ୪ଟାରେ ଦେବନୀତି ଆରମ୍ଭ ହୋଇଥିଲା। ସୂଚନାଯୋଗ୍ୟ, ଏହି ମନ୍ଦିରରୁ ଗତ ୬ ମାସ ମଧ୍ୟରେ ଏଥରକୁ ମିଶାଇ ୩ଥର ଚୋରି ହୋଇସାରିଲାଣି। ଏଠାରେ ସିସିଟିଭି କ୍ୟାମେରା ଲଗାଇବାକୁ ସାଧାରଣରେ ଦାବି କରାଯାଇଛି। ଏହି ଘଟଣା ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜ୍ୟ ସହକାରୀ ଦେବୋତ୍ତର କମିଶନର, ନ୍ୟାସୀ ମଣ୍ଡଳୀ ସଦସ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ମାଣିକଗୋଡ଼ା: ନାଟକ ଉତ୍ସବ ଉଦ୍‌ଯାପିତ



କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ରାଜ୍ୟ ବିଜେଡି ସମ୍ପାଦକ ପ୍ରଦୀପ କୁମାର ସାହୁ ଓ ଅନ୍ୟମାନେ।

ବୋଲଗଡ଼,୨୭।୧୦(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ମାଣିକଗୋଡ଼ା ପ୍ରସିଦ୍ଧ ଦୁର୍ଗାପୂଜା ଉପଲକ୍ଷେ ଚାଲିଥିବା ନାଟକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଦଶହରାର ଷଷ୍ଠୀ ପର୍ବଠାରୁ ବିଭିନ୍ନ ସାହି ପକ୍ଷରୁ ସାମାଜିକ ନାଟକ ଉତ୍ସବ ଚାଲୁରହିଥିବା ବେଳେ ଗୁରୁବାର ଭସାଣି ପରେ ମାଣିକଗୋଡାର ଗାନ୍ଧୀ ବଜାର ପକ୍ଷରୁ ଶେଷ ନାଟକ ମଞ୍ଚସ୍ଥ ହୋଇଥିଲା। ଗାନ୍ଧୀଛକ ବଣିକ ସଂଘର ପୂର୍ବତନ ସଭାପତି ଶ୍ୟାମସୁନ୍ଦର ଦଳାଇ ମଞ୍ଚରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ବିଜେଡି ସମ୍ପାଦକ ପ୍ରଦୀପ କୁମାର ସାହୁ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ନୟାଗଡ ଜିଲା ପୂର୍ବତନ ଓକିଲ ସଂଘ ସଭାପତି ଅମିୟ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ଜନାର୍ଦ୍ଦନ ଦଳବେହେରା, ଶିକ୍ଷାବିତ ଇଂ. କର୍ପୂର ସାହୁ, ଫାସିଓଦାର ପୂର୍ବତନ ସରପଞ୍ଚ ବିଜୟ କୁମାର ପ୍ରଧାନ, ଦଳାଇସାହି ସରପଞ୍ଚ ପ୍ରତିନିଧି ତ୍ରିନାଥ ସ୍ୱାଇଁ, କୁମୁଟିସାହି ମୌଜା ସଭାପତି ଶରତ କୁମାର ଦଳାଇ, ସ୍ୱାସ୍ଥ୍ୟକର୍ମୀ ସଂଗ୍ରାମ କେଶରୀ ସାହୁ, ପୂର୍ବତନ ମିନିବ୍ୟାଙ୍କ ସଭାପତି ଭୀମସେନ ଦଳାଇ, ନାଟ୍ୟ ନିର୍ଦ୍ଦେଶକ ଅବାସୀ ରାଉତ, ବିଶିଷ୍ଟ ନାଟ୍ୟକାର ସୌମ୍ୟରଞ୍ଜନ ସୁବୁଦ୍ଧି, ଚଗ ପଟ୍ଟନାୟକ, ଆର୍ତ୍ତବନ୍ଧୁ ପ୍ରଧାନ, ଆଲୋକ ବେହେରା, ପୂର୍ଣ୍ଣ ଚନ୍ଦ୍ର ଦଳାଇ, କଳାଙ୍ଗ ସମିତିସଭ୍ୟ ଓ ଗ୍ରାମ୍ୟ ସଭାପତି ପ୍ରମୁଖ ମଞ୍ଚାସୀନ ଥିଲେ। ବିରଞ୍ଚି ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। ମଞ୍ଚସ୍ଥ 'ସେହିଗୋଟିଏ ଭୁଲ୍‌ପାଇଁ' ନାଟକର ପରିଚାଳକ ଦୀପକ, ପପୁନି ଓ ବବୁଲଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। ବଣିକ ସଂଘ ସମ୍ପାଦକ ଅଶୋକ କୁମାର ଦଳାଇ ଧନ୍ୟବାଦ ଦେଇଥିଲେ।

## ଓଡ଼ିଶୀ ସହ ମୃଦଙ୍ଗ, ସିତାର, ସରୋଦ ବାଦନର ସମାରୋହ

### ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

ଭୁବନେଶ୍ୱର,୨୭।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)



କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ୧୭ତମ ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଓଡ଼ିଶୀ ନୃତ୍ୟ ସହିତ ମୃଦଙ୍ଗମ, ସିତାର ଓ ସରୋଦ ବାଦନର ଏକ ସୁନ୍ଦର ସମାରୋହ ସନ୍ଧ୍ୟାରେ ଦେଖିବାକୁ ମିଳିଥିଲା। ଗୁରୁ ସୋନାଲି ମହାପାତ୍ର ଓ ସାଥୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟରୁ ସନ୍ଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସେମାନଙ୍କ ପରିବେଷଣରେ ଥିଲା ହନୁମାନ ଚାଳିଶା। ଏହାର ସଙ୍ଗୀତ ସଂଯୋଜନା କରିଥିଲେ ଅଭିରାମ ନନ୍ଦ, ତାଳ ସଂଯୋଜନା କରିଥିଲେ ଦିବାକର ପରିଡ଼ା ଓ ନୃତ୍ୟ ସଂରଚନା କରିଥିଲେ ଗୁରୁ ସୋନାଲି ମହାପାତ୍ର। ପରବର୍ତ୍ତୀ ଉପସ୍ଥାପନ ଥିଲା ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ମୃଦଙ୍ଗ ବାଦକ ଯେଲ୍ଲା ଭେଙ୍କଟେଶ୍ୱର ରାଓଙ୍କ ଦ୍ୱାରା ଆଦିତାଳ ଉପରେ ମୃଦଙ୍ଗ ବାଦନ। କର୍ଣ୍ଣାଟକୀ ସଙ୍ଗୀତ ଉପରେ ଆଧାରିତ ତାଙ୍କର ମୃଦଙ୍ଗ ବାଦନ ଦର୍ଶକଙ୍କୁ ସମାନ ଭାବେ ପ୍ରଭାବିତ କରିଥିଲା। ଅନ୍ତିମ ପ୍ରସ୍ତୁତିରେ ଥିଲା କେ ବ୍ରଦର୍ସଙ୍କ ଦ୍ୱାରା ସିତାର ଓ ସରୋଦ ବାଦନର ଯୁଗଳବନ୍ଦୀ। ପଣ୍ଡିତ ମନୋଜ କେ ଦ୍ୱାରା ସରୋଦ ବାଦନ ସାଙ୍ଗକୁ ପଣ୍ଡିତ ମୋର ମୁକୁଟ କେ ଦ୍ୱାରା ସିତାର ବାଦନ ସନ୍ଧ୍ୟାର କାର୍ଯ୍ୟକ୍ରମକୁ ଦ୍ୱିଗୁଣିତ କରିଥିଲା। ତବଲାରେ ରୋହନ ବୋଷ ସହଯୋଗ କରିଥିଲେ। ଅତିଥି ଭାବେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧ୍ୟକ୍ଷ ଲେନିନ୍ ମହାନ୍ତି, ପୂର୍ବତନ ରାଜସ୍ୱ ପରିଷଦର ସଦସ୍ୟ ତଥା ଭାରତୀୟ ପ୍ରଶାସନିକ ଅଧିକାରୀ ଅଶୋକ କୁମାର ତ୍ରିପାଠୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ ଏବଂ ଅନୁଷ୍ଠାନର ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶ୍ରୀନିବାସ ଘଟୁଆରୀ ସଞ୍ଚାଳନ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୭।୧୦।୨୦୨୩

| | |
|---|---|
| ୬,୩୩,୮୮୧ ଟଙ୍କା | |
| ସୁନା | ୧.୦୫୦ ଗ୍ରାମ୍ |
| ରୁପା | ୪୫.୫୭୦ ଗ୍ରାମ୍ |

## ସଂକ୍ଷେପରେ

### ଚନ୍ଦ୍ରଗ୍ରହଣ ପାଇଁ ମଙ୍ଗଳା ମନ୍ଦିରରେ ହେବ ସ୍ୱତନ୍ତ୍ର ନୀତି

**କାକଟପୁର, ୨୭।୧୦(ଶୁଭଦର୍ଶନ ମିଶ୍ର):** କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା’ ମଙ୍ଗଳାଙ୍କ ମନ୍ଦିରରେ ଶନିବାର ରାହୁଗ୍ରସ୍ତ ଖଣ୍ଡ ଗ୍ରାସ ଚନ୍ଦ୍ରଗ୍ରହଣ ନିମନ୍ତେ ସ୍ୱତନ୍ତ୍ର ନୀତି ହେବ। ଏ ନେଇ ଶୁକ୍ରବାର ନୀତି ପ୍ରସ୍ତୁତ ସରିଛି। ୨୮ ତାରିଖ ଶନିବାର ଭୋର ୩ଟାରୁ ମନ୍ଦିର ଦ୍ୱାର ଫିଟା, ମଙ୍ଗଳ ଆଳତି, ମଇଲମ ଆରମ୍ଭ ହେବ। ଅପରାହ୍ନ ୧ଟା ସୁଦ୍ଧା ସକାଳ, ଦ୍ୱିପ୍ରହାର, ଭଉଣ୍ଡ, ଧୂପ ସରିଲା ପରେ ପହୁଡ଼ କରାଯାଇ ୨ଟା ବେଳକୁ ସନ୍ଧ୍ୟା ଆଳତି, ୨ଟା ୪୫ରେ ଚନ୍ଦ୍ର ପୂଜା, ରାତ୍ର ଧୂପ ଓ ବଡ଼ ସିଂହାର ନୀତି କରାଯିବ। ଅପରାହ୍ନ ୪ଟାରେ ମନ୍ଦିର ପହୁଡ଼ କରାଯାଇ ଦେବ ନୀତି ବନ୍ଦ ରହିବ। ରାତ୍ର ୨ଟା ୨୫ରେ ଗ୍ରହଣ ସର୍ବମୋକ୍ଷ ପରେ ମନ୍ଦିର ନୀତିକାନ୍ତି ଆରମ୍ଭ ହେବ ବୋଲି ମନ୍ଦିର ଟ୍ରଷ୍ଟି ଅଙ୍କିତା ଅନିନ୍ଦିତା ସୂଚନା ଦେଇଛନ୍ତି।

### ଅଗ୍ନିକାଣ୍ଡରେ ଗାଈ ମୃତ, ବାଛୁରୀ ଆହତ

**ବଳଙ୍ଗା, ୨୭।୧୦(କେଦାରେଶ୍ୱର ନନ୍ଦ):** ବଳଙ୍ଗା ଥାନା ଅଧୀନ କାଳିଆପଦା ଗ୍ରାମରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟି ଗୋଟିଏ ଗାଈ ପ୍ରାଣ ହରାଇଥିବାବେଳେ ବାଛୁରୀ ପୋଡ଼ିଯାଇ ଗୁରୁତର ହୋଇପଡ଼ିଛି। ପ୍ରକାଶ ଯେ, ରାତି ପ୍ରାୟ ୧ଟାରେ କାଳିଆପଦା ଗ୍ରାମର ସୁକାନ୍ତ ମହାପାତ୍ରଙ୍କ ଗୁହାଳରେ ନିଆଁ ଲାଗିଯାଇଥିଲା। ଫଳରେ ଗୁହାଳରେ ଥିବା ଗାଈ ଓ ବାଛୁରୀ ରଡି ଛାଡ଼ିବାରୁ ସୁକାନ୍ତଙ୍କ ନିଦ ଭାଙ୍ଗିଯାଇଥିଲା। ସେ ବାହାରକୁ ଆସି ଗୁହାଳରେ ନିଆଁ ଲାଗିଥିବା ଦେଖି ଗ୍ରାମବାସୀଙ୍କୁ ଡାକିବା ସହ ନିମାପଡ଼ା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁ ଲିଭାଇଥିଲେ। ତେବେ ସେତେବେଳକୁ ଗାଈଟି ପୋଡ଼ିସାରିଥିବା ବେଳେ ବାଛୁରୀଟି ଗୁରୁତର ହୋଇଯାଇଥିଲା। ତେଣୁ କ୍ଷତିଗ୍ରସ୍ତ ସୁକାନ୍ତଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଲକ୍ଷ୍ମୀପୂଜା ପାଇଁ ପାଣିତୋଳା କାର୍ଯ୍ୟକ୍ରମ

**କୋଣାର୍କ, ୨୭।୧୦(ଜ୍ୟୋତିରାଜ ମହାନ୍ତି):** ଲକ୍ଷ୍ମୀପୂଜା ଅବସରରେ ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କସ୍ଥିତ ପିକେଡିଏ ମାର୍କେଟ କମ୍ପ୍ଲେକ୍ସ ପରିସରରେ ମା’ ଲକ୍ଷ୍ମୀ ପୂଜା କମିଟି, କୋଣାର୍କ ଆନୁକୂଲ୍ୟରେ ପାଣିତୋଳା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଖବରରୁ ପ୍ରକାଶ ଯେ, ବିଗତବର୍ଷ ଭଳି ଚଳିତବର୍ଷ କୋଣାର୍କ ଲକ୍ଷ୍ମୀପୂଜା କମିଟି ଆନୁକୂଲ୍ୟରେ ମା’ଙ୍କ ପ୍ରାଣ ପ୍ରତିଷ୍ଠା, ଚକ୍ଷୁ ଦାନ, ଉପାସନା, ସୂର୍ଯ୍ୟ ଉପାସନା ଆଦି ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ କୋଣାର୍କ ମା’ ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ସଭାପତି ସୁରେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଶତାଧିକ ଶ୍ରଦ୍ଧାଳୁ ଓ କର୍ମକର୍ତ୍ତାମାନେ ଘଣ୍ଟ ମର୍ଦ୍ଦଳର ତାଳେ ତାଳେ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗାସ୍ଥିତ ତୀର୍ଥ ପୁଷ୍କରିଣୀଠାରେ ସମାହିତ ହୋଇ ସେଠାରେ ପୂଜାର୍ଚ୍ଚନା କରିଥିଲେ। ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରୁ ପବିତ୍ର ଜଳ ଆଣି ମା’ ଲକ୍ଷ୍ମୀଙ୍କର ପୂଜା ମଣ୍ଡପରେ ପହଞ୍ଚିଥିଲେ। ଏହି ପାଣିତୋଳା କାର୍ଯ୍ୟକ୍ରମରେ କୋଣାର୍କ ଲକ୍ଷ୍ମୀ ପୂଜା କମିଟିର ଉପସଭାପତି ଗଣେଶ ପ୍ରସାଦ ଜେନା, ସଂପାଦକ ମନୋଜ ସେଠ, ସହସଂପାଦକ ରୁଦ୍ର ପ୍ରସାଦ ବେଉରା, କୋଷାଧ୍ୟକ୍ଷ ସ୍ୱାଧୀନ ନାୟକ, କର୍ତ୍ତା ସୁଶାନ୍ତ ଚିନେରା, କର୍ତ୍ତ୍ରୀ ମିନତୀ ସାହୁ, ପୂଜକ ପପୁ ଭାଇନା, ଦିପୁ ଭାଇନା, ଚନ୍ଦ୍ର ଶେଖର, ଶିବରାମ ରାୟ, ତ୍ରିଲୋଚନ ରଥ ସମେତ କମିଟିର ସମସ୍ତ କର୍ମକର୍ତ୍ତା ଯୋଗଦାନ କରି ଏହାକୁ ସଂପାଦନ କରିଥିଲେ।

# ଠିକ୍ ସମୟରେ ଖୋଲୁନି ସରକାରୀ ଲାବ୍

**ଅସ୍ତରଙ୍ଗ,୨୭।୧୦ (ମମତା ଜେନା):** ସରକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ରକ୍ତ ପରୀକ୍ଷା ପାଇଁ ସବୁ ବ୍ୟବସ୍ଥା କରିଛନ୍ତି। ଏଥିପାଇଁ ଲକ୍ଷାଧିକ ଟଙ୍କା ବି ଖର୍ଚ୍ଚ ହେଉଛି। ରକ୍ତ ପରୀକ୍ଷା କେନ୍ଦ୍ରରେ ପାଥୋଲାବ ଡାକ୍ତର ନିଯୁକ୍ତି ସହିତ ଜଣେ ସହଯୋଗୀ ମଧ୍ୟ ରହିଛନ୍ତି। ସରକାରୀ ନିୟମ ଅନୁଯାୟୀ ସକାଳ ୮ଟା ସମୟରେ ରକ୍ତପରୀକ୍ଷା କେନ୍ଦ୍ର ଖୋଲି ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରିବା କଥା। କିନ୍ତୁ ଦୁର୍ଭାଗ୍ୟର କଥା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ସରକାରୀ ଲାବ୍ ସକାଳ ୯ଟା ସୁଦ୍ଧା ବି ଖୋଲୁନାହିଁ। ଫଳରେ ରକ୍ତ ପରୀକ୍ଷା ପାଇଁ ଆସୁଥିବା ରୋଗୀ




ଅପେକ୍ଷା ନକରି ଘରୋଇ ଲାବ୍‌କୁ ଯିବା ପାଇଁ ବାଧ୍ୟ ହେଉଛନ୍ତି। ଆଉ ଘରୋଇ ପାଥୋଲାବ୍‌ଗୁଡ଼ିକ ଏହାର ଭରପୂର ଫାଇଦା ଉଠାଉଛନ୍ତି। ସରକାରୀ ପାଥୋଲୋବ୍‌କୁ ନେଇ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। କିଛି ରୋଗୀଙ୍କ କହିବାନୁଯାୟୀ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କେତେବେଳେ ଖୋଲିବ ତାକୁ ଅପେକ୍ଷା କଲେ ଯଦି ରୋଗୀର କିଛି ଅସୁବିଧା ହୋଇଯାଏ ତେବେ ସେଥିପାଇଁ କ’ଣ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାୟୀ ରହିବ?

**ରୋଗୀ ହଇରାଣ, ଫାଇଦାରେ ଘରୋଇ ଲାବ୍**

ସେହିପରି ଯେଉଁମାନେ ମଧୁମେହ ରୋଗର ପରୀକ୍ଷା କରିବାକୁ ଖାଲି ପେଟରେ ଆସୁଛନ୍ତି ସେମାନେ ମଧ୍ୟ ଦିନ ୯ଟା ପର୍ଯ୍ୟନ୍ତ ଖାଲିପେଟରେ ରହୁଛନ୍ତି। ଯଦ୍ୱାରା କି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବା ଆଶଙ୍କା ରହୁଛି। ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏଭଳି ମନମାନୀ କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲ ନିନ୍ଦା କରିବା ସହ ଏହା ଉପରେ ଜିଲା ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।




ଲକ୍ଷ୍ମୀପୂଜା ଅବସରରେ କୋଣାର୍କ ଚନ୍ଦ୍ରଭାଗା ବେଳାଭୂମିରେ ସରିତା ଏବଂ ଲୋପାମୁଦ୍ରାଙ୍କ ବାଲୁକା କଳା ।

## ସତ୍ୟସାଇ ସେବା ସଙ୍ଗଠନର ରାଜ୍ୟସ୍ତରୀୟ ଯୁବ ସମାବେଶ

**କୋଣାର୍କ, ୨୭।୧୦(ଜ୍ୟୋତିରାଜ ମହାନ୍ତି):** କୋଣାର୍କସ୍ଥିତ ଯାତ୍ରିନିବାସ ସମ୍ମିଳନୀ କକ୍ଷରେ ଶ୍ରୀ ସତ୍ୟସାଇ ସେବା ସଂଗଠନର ଏକ ରାଜ୍ୟସ୍ତରୀୟ ଯୁବ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟ ସଭାପତି ଡାକ୍ତର ସତ୍ୟ ସ୍ୱରୂପ ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ଅଭିଭାଷଣରେ ଶ୍ରୀ ସତ୍ୟସାଇ ବାବାଙ୍କ ଆଦର୍ଶରେ ଯୁବସମାଜ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥିଭାବେ ସର୍ବଭାରତୀୟ ସଭାପତି ନିମିଷ ପାଣ୍ଡ୍ୟା ଭିଡିଓ ବାର୍ତ୍ତା ମାଧ୍ୟମରେ ଯୁବ ସମ୍ମିଳନୀର ସଫଳତା କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗର ରାଜ୍ୟ ସଭାପତି ପ୍ରୀତମ ନାଗ, ସର୍ବଭାରତୀୟ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ରିଜେଶ ଭାଇ, ନାରାୟଣ ପ୍ରସାଦ ସର, ମଣ୍ଡଳ ସଭାପତି ପ୍ରତାପ ଚନ୍ଦ୍ର ମହାନ୍ତି, ସାଇ ପ୍ରସାଦ, ଜିଲା ସଭାପତି ବଂଶୀଧର ମହାପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇ ବାବାଙ୍କ ମୁଖନିସୃତ ବାଣୀକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଯୁବସମାଜକୁ ପରାମର୍ଶ ଦେଇଥିଲେ।

# ପୁରୀ ଜିଲାରୁ ଅମୃତ କଳସ ଦିଲ୍ଲୀ ପଠାଗଲା



ଅମୃତ କଳସକୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ହସ୍ତାନ୍ତର କରୁଛନ୍ତି।

**ପୁରୀ, ୨୭।୧୦(ଅଜିତ ମହାନ୍ତି):** ମେରା ମାଟି ମେରା ଦେଶ କାର୍ଯ୍ୟକ୍ରମ ଆଧାରରେ ପୁରୀ ଜିଲାର ସମସ୍ତ ୧୧ଟି ବ୍ଲକରୁ ସଂଗୃହୀତ ମାଟିକୁ ଅମୃତ କଳସରେ ଦିଲ୍ଲୀ ପଠାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ ଏହି ଅମୃତ କଳସକୁ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଘୁନାଥ ସେଠୀ ଏବଂ ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ବାସୁଦେବ ସେନାପତିଙ୍କୁ ହସ୍ତାନ୍ତର କରିଥିଲେ। ଏହି କଳସ ଭୁବନେଶ୍ୱରରେ ପହଞ୍ଚିବା ପରେ ଏକ ସ୍ୱତନ୍ତ୍ର ଟ୍ରେନରେ ଦିଲ୍ଲୀ ପ୍ରେରଣ କରାଯାଇଛି। ଓଡ଼ିଶାର ସମସ୍ତ ବ୍ଲକରୁ ସଂଗୃହୀତ ମାଟି କଳସ ଜିଲା ଅନୁସାରେ ସ୍ୱତନ୍ତ୍ର ଅଧିକାରୀମାନଙ୍କ ମାଧ୍ୟମରେ ଦିଲ୍ଲୀ ପଠାଯାଉଛି। ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଏବଂ ସାମାଜିକ କର୍ମୀ ବଦ୍ରି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଟିପୁଅ ନୃତ୍ୟ ମନ ମୋହିଲା

**କଣାସ, ୨୭।୧୦(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ଦଶହରା ପଡିଆରେ ଚାଲିଥିବା ଅଷ୍ଟାଦଶ କୁଞ୍ଜେଶ୍ୱରୀ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ପିଲାମାନଙ୍କ ଦ୍ୱାରା ପରିବେଷିତ ଗୋଟିପୁଅ ନୃତ୍ୟ ବେଶ୍ ଚିତ୍ତାକର୍ଷକ ହୋଇଥିଲା। ଏହି ଅବସରରେ ଛୋଟ ପିଲାମାନଙ୍କ ଦ୍ୱାରା ଭଜନ ଆଧାରିତ ନୃତ୍ୟ, ଗୀତ, ଏକକ ଅଭିନୟ ସାଙ୍ଗକୁ ବକ୍ତୃତା ପ୍ରତିଯୋଗିତା, ଗଣିତ ଦୌଡ଼, ଝୋଟି ପ୍ରତିଯୋଗିତା ଓ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଣାସ ବ୍ଲକ ପୂର୍ବତନ ଅଧ୍ୟକ୍ଷ ସୁଶୀଲକାନ୍ତ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପ୍ରାକ୍ତନ ବିଧାୟକ ରମାରଂଜନ ବଳିୟାରସିଂହ, ସୁରଥ

**କୁଞ୍ଜେଶ୍ୱରୀ ମହୋତ୍ସବର ତୃତୀୟ ସନ୍ଧ୍ୟା**

ବିଶ୍ୱାଳ, ଓମ୍‌ପ୍ରକାଶ ମିଶ୍ର, ଜିଲା ପରିଷଦ ସଭ୍ୟା ଲତାମଣି ଜଗଦେବ, ଶଶାଙ୍କ ଚୂଡାମଣି, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି ଯୋଗଦେଇଥିବା ବେଳେ ଜନମଙ୍ଗଳ କ୍ଲବର ସଂପାଦକ ସୁକାନ୍ତ କିଶୋର ସାମନ୍ତରାୟ ସଂପାଦକୀୟ ବିବରଣୀ ପାଠ କରିଥିଲେ। ଉତ୍ସବରେ ନାଟ୍ୟକାର ବିଭୂତି ପଟ୍ଟନାୟକଙ୍କ ‘ଶେଷ ଦୃଶ୍ୟ ନୂଆ ନାଟକ’ ଓ କବି ଅଧିକାରୀ ସ୍ୱାଇଁଙ୍କ ‘ସ୍ମୃତିର ଝଲକ’ କବିତା ସଙ୍କଳନ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିବାବେଳେ ଶିକ୍ଷାବିତ୍ ଭାଗୀରଥି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୫୩ ଚାଳକଙ୍କୁ ୪,୦୬, ୭୩୦ ଟଙ୍କା ଜରିମାନା

**ପୁରୀ, ୨୭।୧୦(ଅଜିତ ମହାନ୍ତି):** ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ମୋଟରଯାନ ସଂଶୋଧିତ ଆଇନ ଉଲ୍ଲଂଘନ କରୁଥିବା ଚାଳକଙ୍କ ଉପରେ ଚଢାଉ ଅଭିଯାନ ଜାରି ରହିଛି। ପରିବହନ କମିଶନର ଅମିତାଭ ଠାକୁରଙ୍କ ନିର୍ଦ୍ଦେଶକ୍ରମେ ତଥା ଜିଲାପାଳ ସମର୍ଥ ବର୍ମା ଏବଂ ଏସ୍‌ପି ଡା. କନଓର ବିଶାଲ ସିଂଙ୍କ ତତ୍ତ୍ୱାବଧାନରେ ଆଞ୍ଚଳିକ

**୫ ଗାଡ଼ି ଅଟକ**

ପରିବହନ ଅଧିକାରୀ (ଆର୍‌ଟିଓ) ରବିନ ପଟ୍ଟନାୟକ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ରାତିରେ ଆର୍‌ଟିଓ ପଟ୍ଟନାୟକଙ୍କ ସମେତ ଏମ୍‌ଭିଆଇ ରାଜେଶ କୁମାର ମହାପାତ୍ର, ଆସିଷ୍ଟାଣ୍ଟ ଏମ୍‌ଭିଆଇ ଅମିତ କୁମାର ରଣା ଓ ଟ୍ରାଫିକ ଇନ୍ସପେକ୍ଟର ସୁଶାନ୍ତ କୁମାର ପାତ୍ର ଉପସ୍ଥିତ ରହି ଗାଡ଼ିମୋଟର ଯାଞ୍ଚ କରିଥିଲେ। ଏହି ସମୟରେ ଜରିମାନା ବାବଦକୁ ୫୩ଜଣ ଚାଳକଙ୍କ ଗାଡ଼ି ନମ୍ବରରେ ଚାଲାଣ କରାଯାଇଥିଲା। ସମୁଦାୟ ୪,୦୬,୭୩୦ଟଙ୍କା ଜରିମାନା କରାଯାଇଥିବା ବେଳେ ନଗଦ ୪୬, ୭୩୦ ଆଦାୟ ହୋଇଛି। ଏହି ଧରପଗଡ଼ରେ ୫ଟି ବ୍ୟାଟେରିଚାଳିତ ଅଟୋକୁ ଆର୍‌ଟିଓ ଅଫିସ ପରିସରରେ ଅଟକ ରଖାଯାଇଛି।

## ମଦ ଜବତ: ବାପ, ପୁଅ ଗିରଫ

**ନିମାପଡ଼ା,୨୭।୧୦(ବିଚିତ୍ରାନନ୍ଦ ସାହୁ)** ନିମାପଡ଼ା ଥାନା ଅଧୀନ ଚଉଁରପଦା ଗ୍ରାମରୁ ସ୍ଥାନୀୟ ଥାନା ପୋଲିସ ୫୨ ବୋତଲ ଚୋରା ଦେଶୀ ମଦ ଜବତ କରିଛି। ଏଥିରେ ପୋଲିସ ଗ୍ରାମ ମୁଣ୍ଡରେ ଅବାଧରେ ମଦ ବିକ୍ରି କରୁଥିବା ବାପା-ପୁଅଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଗ୍ରାମର ଧୀରେନ୍ଦ୍ର ବାରିକ୍(୬୦) ଓ ପୁଅ ପବିତ୍ର ବାରିକ(୨୦)। ଏନେଇ ପୋଲିସ ବାପା-ପୁଅଙ୍କ ବିରୋଧରେ ୩୯୬/୨୩ ଓ ୩୯୭/୨୩ରେ ପୃଥକ୍ ପୃଥକ୍ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବାପା-ପୁଅଙ୍କ ମଦ ବିକ୍ରି ଖବରପାଇ ନିମାପଡ଼ା ଥାନା ଏଏସ୍‌ଆଇ ଶିଶିର ମହାନ୍ତି, ଖଦାଳ ବିଶୋଇ ପ୍ରମୁଖ ଚଉଁରପଦା ଗ୍ରାମଠାରେ ଅଚାନକ ଚଢାଉ କରିଥିଲେ। ପୂର୍ବରୁ ବାପା-ପୁଅ ଏକାଧିକ ଥର ମଦ କାରବାର ଘଟଣାରେ ଗିରଫ ହୋଇଥିବାବେଳେ ଥାନାରେ ଏକାଧିକ ମାମଲା ରୁଜୁ ହୋଇଥିବା ପୋଲିସ ସୂଚନା ଦେଇଛି। ଜବତ ଚୋରା ମଦର ମୂଲ୍ୟ ୫ ହଜାର ଟଙ୍କା ହେବ ବୋଲି ପୋଲିସ କହିଛି।

# ଫସରଫାଟିଲା ବାଲ୍ୟବିବାହ

**ଗୋପ, ୨୭।୧୦ (ଭାରତୀ ଭୂଷଣ ଉପାଧ୍ୟାୟ):** ଶୁକ୍ରବାର ପୂର୍ବାହ୍ନରେ ଗୋପ ବ୍ଲକ ଅନ୍ତର୍ଗତ ଦଶମଲ୍ଲୀ ମନ୍ଦିର ପରିସରରେ ଏକ ବାଲ୍ୟବିବାହ ହେଉଥିବା ଖବର ପାଇ ସ୍ଥାନୀୟ ପୋଲିସ ଓ ବ୍ଲକ ସିଡିପିଓ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗୋପ ଥାନା ଅଧିକାରୀ ମହେଶ୍ୱର ସେଠୀ, ଗୋପ ବ୍ଲକ ସିଡିପିଓ ମିନାକ୍ଷୀ ସାହୁ ଓ ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟି ମନ୍ଦିରରେ ପହଞ୍ଚିବା ପୂର୍ବରୁ ନାବାଳିକା କନ୍ୟା ସହିତ ୨୫ ବର୍ଷୀୟା ବର ଲୁଚି ପଳାଇଥିଲେ। ଏଥିସହ ବିବାହ କାର୍ଯ୍ୟରେ ସାମିଲ ବାରିକ, ବ୍ରାହ୍ମଣ ମଧ୍ୟ ଫେରାର୍ ହୋଇଯାଇଥିଲେ। ପ୍ରଶାସନିକ ଅଧିକାରୀମାନେ ବହୁସମୟ ଅପେକ୍ଷା

**ପୋଲିସ ପହଞ୍ଚିବା ପୂର୍ବରୁ ବର ସହ ନାବାଳିକା କନ୍ୟା ଫେରାର**

କରିବା ପରେ ଫେରିଯାଇଥିଲେ। ଏହି ବିବାହରେ ହାତଗଣ୍ଠି ପଡ଼ିପାରି ନ ଥିବା ଜଣାପଡିଛି। ପ୍ରକାଶ ଯେ, ଗୋପ ଥାନା ଅନ୍ତର୍ଗତ ଗଣେଶ୍ୱରପୁର ପଞ୍ଚାୟତର ଜଣେ ଦଶମ ଶ୍ରେଣୀର ନାବାଳିକା ଛାତ୍ରୀଙ୍କୁ ନିମାପଡ଼ା ଥାନା ଅଧୀନସ୍ଥ ଚକୋରୋଡା ଗ୍ରାମର ଜଣେ ୨୫ ବର୍ଷୀୟ ଯୁବକ ପ୍ରେମ ବିବାହ କରିବା ପାଇଁ ନେଇ ଫେରାର ହୋଇଯାଇଥିଲେ। ପରେ ଗ୍ରାମବାସୀଙ୍କ ସହଯୋଗରେ ଦୁଇ ପରିବାର ଉଭୟଙ୍କର ବିବାହ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ଦଶମଲ୍ଲି ମନ୍ଦିର ପରିସରରେ ପ୍ରସ୍ତୁତି ମଧ୍ୟ ଶେଷ ହୋଇଥିଲା। ତେବେ କୌଣସିମତେ ଏଭଳି ଏକ ଆଇନବିରୋଧୀ କାର୍ଯ୍ୟ ତଥା ବାଲ୍ୟ ବିବାହ ହେଉଥିବା କଥା ଜାଣିବାକୁ ପାଇ ଥାନା ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ତା’ ପୂର୍ବରୁ ପୋଲିସ ଅଧିକାରୀମାନେ ଆସିବାର ସୁରାକ ପାଇ ନାବାଳିକା କନ୍ୟା ସହ ବର ଲୁଚି ପଳାଇଥିଲେ। ସେହିପରି ଉଭୟ ପରିବାରର ସଦସ୍ୟ, ବନ୍ଧୁବାନ୍ଧବ ତଥା ବାରିକ ଓ ବ୍ରାହ୍ମଣ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଜଣାଯାଇଛି।

# ୨୮ ପ୍ରତିଭା ସମ୍ମାନିତ



ଜଣେ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**କଣାସ, ୨୭।୧୦(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତର ପାଇକମରା ଗ୍ରାମରେ ଅନୁଷ୍ଠିତ ଚାରିଦିନବ୍ୟାପୀ ଆଧ୍ୟାତ୍ମିକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ସର୍ବେଶ୍ୱର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ସମିତିସଭ୍ୟ ଶରତ ଜୟସିଂହ, କବି ଅଜୟ ସେଠୀ, କିଶୋର ଚନ୍ଦ୍ର ସାମନ୍ତସିଂହାର, କବିକସ୍ତୁରୀ ଦିଲୀପ ଶ୍ରୀଚନ୍ଦନ ଅତିଥି ଭାବେ ଯୋଗଦେଇ ୨୮ ଜଣ ପ୍ରତିଭାଙ୍କୁ ସମ୍ମାନିତ କରିଥିଲେ। ରାମକଥା ଉପରେ ପ୍ରବଚନ କାର୍ଯ୍ୟକ୍ରମରେ ନିର୍ମଳା ଫତେସିଂହ, ରତ୍ନାକର ନାୟକ ଯୋଗଦେଇଥିଲେ। ନାରାୟଣ ସ୍ୱାଇଁ, ଅରୁଣ ପ୍ରଧାନ, ଶଶିକାନ୍ତ ଜେନାଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟହ ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜକିଶୋର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ରଜନୀକାନ୍ତ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ସ୍ୱାଧୀନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅମର ସାହୁ, ପ୍ରମୋନ ସାହୁ, ବିଜୟ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗଙ୍ଗେଶ୍ୱରୀ ହୋମ୍ ଆପ୍ଲିଆନ୍‌ସର ବାର୍ଷିକ ଉତ୍ସବ

**ଗୋପ, ୨୭।୧୦(ଭାରତୀ ଭୂଷଣ ଉପାଧ୍ୟାୟ):** ଗୋପ ଥାନା ଅନ୍ତର୍ଗତ ବେଗୁନିଆ ବଜାରରେ ଅବସ୍ଥିତ ଗଙ୍ଗେଶ୍ୱରୀ ହୋମ୍ ଆପ୍ଲିଆନ୍‌ସର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ପରିଚାଳନା ନିର୍ଦ୍ଦେଶକ ତଥା ସାମାଜିକ କର୍ମୀ ନିରଞ୍ଜନ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବାର୍ଷିକ ଉତ୍ସବରେ ଉପଭୋକ୍ତା ସମାବେଶ, ଲଟେରି କୁପନ ଉଠାଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷାବିତ୍ ଗୋପୀନାଥ କର, ଶରତ ଚନ୍ଦ୍ର ପ୍ରଧାନ, ସାମାଜିକ କର୍ମୀ ମୀନାକ୍ଷୀ ପୃଷ୍ଟି, କୋଣାର୍କ ସାହିତ୍ୟ ସଂସଦ ସଂପାଦକ ରବୀନ୍ଦ୍ରନାଥ ବାହିନୀପତି, ଗୋପ ଥାନା ଏଏସ୍‌ଆଇ ଜହୁର୍‌ଖାଁ ଓ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ଯୋଗଦେଇ ସମାବେଶକୁ ଉଦ୍‌ଘାଟନ କରିଥିଲେ। ଲଟେରି ବିଜେତାମାନଙ୍କ ମଧ୍ୟରେ କୋରୁଆଳ ଗ୍ରାମନିବାସୀ ଚିନ୍ମୟାନନ୍ଦ ପ୍ରଧାନଙ୍କୁ ପ୍ରଥମ ପୁରସ୍କାର ସ୍ୱରୂପ ହିରୋ ମୋଟରସାଇକେଲ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମଞ୍ଚରେ ସଂଯୋଜନା କରିଥିଲେ ସାମାଜିକ କର୍ମୀ ସଂଗ୍ରାମ କେଶରୀ ଭୋଳ। ଗଙ୍ଗେଶ୍ୱରୀ ହୋମ୍ ଆପ୍ଲିଆନ୍‌ସର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ।

# ୧୦ ଦଫା ଦାବି ନେଇ ପାଚିକା ସଂଘର ବିକ୍ଷୋଭ

**ଅସ୍ତରଙ୍ଗ,୨୭।୧୦(ପ୍ରଦୀପ୍ତ ଦୀକ୍ଷିତ୍)** ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଶାଖା ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସଂଘ ପକ୍ଷରୁ ୧୦ଦଫା ଦାବି ନେଇ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିଟୁ ତତ୍ତ୍ୱାବଧାନରେ ଶୁକ୍ରବାର ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ସମ୍ପାଦିକା ବାସନ୍ତୀ ବେହେରାଙ୍କ ନେତୃତ୍ୱରେ ଶତାଧିକ ପାଚିକା ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ ପାଖରୁ ଅସ୍ତରଙ୍ଗ ବଜାର ପରିକ୍ରମା କରି ମଣ୍ଡଳଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସାରା ରାଜ୍ୟରେ ସମସ୍ତଙ୍କ ଏରିୟର ପାରିଶ୍ରମିକ ୪ ମାସ ତଳୁ ମିଳିଥିବାବେଳେ ଅସ୍ତରଙ୍ଗରେ କାହିଁକି ମିଳିନାହିଁ ବୋଲି ପାଚିକା ସଂଘ ସଭାପତି ପୀତବାସ ବେହେରା ପ୍ରଶ୍ନ କରିଥିଲେ। ଆସନ୍ତା ଡିସେମ୍ବର ମାସରେ




ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାଚିକା ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ପାଚିକାଙ୍କ ପାରିଶ୍ରମିକ ବୃଦ୍ଧି କରିବାକୁ ସରକାର ପ୍ରତିଶ୍ରୁତି ଦେଇଛନ୍ତି। ଯଦି ସରକାର ଆମ୍ଭମାନଙ୍କ ପାରିଶ୍ରମିକ ତୁରନ୍ତ ବୃଦ୍ଧି ନ କରନ୍ତି ତାହା ହେଲେ ଆଗାମୀ ନିର୍ବାଚନରେ ପାଚିକା ସଂଘ ଏହାର ଉଚିତ ଜବାବ ଦେବ ବୋଲି ରାଜ୍ୟ ସମ୍ପାଦିକା ବେହେରା କହିଥିଲେ। ପାଚିକାଙ୍କ ପାଇଁ ସର୍ବନିମ୍ନ ମଜୁରି ଲାଗୁ କରିବା, ବୀମା ଓ ପେନ୍‌ସନ ଲାଗୁ କରିବା, ସେମାନଙ୍କ ଅବସର ବୟସ ୬୦ରୁ ୬୨କୁ ବୃଦ୍ଧି କରିବା, ଅଧିକ ସଂଖ୍ୟକ ପିଲା ଥିବା ବିଦ୍ୟାଳୟରେ ଅଧିକ ପାଚିକାଙ୍କ ନିଯୁକ୍ତି, ଏରିୟର ପାଇ ନ ଥିବା ପାଚିକାଙ୍କୁ ତୁରନ୍ତ ଏରିୟର ପ୍ରଦାନ କରିବା ଆଦି ୧୦ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅସ୍ତରଙ୍ଗ ଅତିରିକ୍ତ ଶିକ୍ଷାଧିକାରିଣୀ ରାଜଲକ୍ଷ୍ମୀ ପାତ୍ରଙ୍କୁ ପ୍ରଦାନ କରାଯାଇଛି। ବିକ୍ଷୋଭରେ ଶୁକଲତା ଦାସ, କୁନିମଣି ଖଟୋଇ, ରେଣୁବାଳା ବାରିକି, ଲତା ବାରିକ୍ ପ୍ରମୁଖ ଯୋଗଦେଇଥିଲେ।

# ପ୍ରଣତି, ମହିଳା ରଗ୍‌ବୀ ଦଳକୁ ସ୍ୱର୍ଣ୍ଣ

**ଗୋଆ, ୨୭।୧୦**

ଗୋଆରେ ଚାଲିଥିବା ଜାତୀୟ କ୍ରୀଡ଼ାର ୩୭ ତମ ସଂସ୍କରଣରେ ଓଡ଼ିଶା ଶୁକ୍ରବାର ୬ ପଦକ ହାସଲ କରିଛି। ଫର୍ମରେ ଥିବା ପ୍ରଣତି ନାୟକ ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସର ଭଲ୍ଟ ଓ ଅନଇଭେନ ବାର୍ ଇଭେଣ୍ଟରେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ପ୍ରଣତି ପୂର୍ବରୁ ଅନୁଷ୍ଠିତ ହୋଇଯାଇଥିବା ଅଲରାଉଣ୍ଡ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବାରୁ ଚଳିତ ଜାତୀୟ କ୍ରୀଡ଼ାରେ ତାଙ୍କ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ସଂଖ୍ୟା ୩କୁ ବୃଦ୍ଧି ପାଇଛି। ତପନ ମହାନ୍ତି ମଧ୍ୟ ପୁରୁଷ ଜିମ୍ନାଷ୍ଟିକ୍ସରେ ଗୋଟିଏ ରୌପ୍ୟ ଜିତିଛନ୍ତି। ଓଡ଼ିଶା ମହିଳା ରଗ୍‌ବୀ ଦଳ ଚମତ୍କାର ପ୍ରଦର୍ଶନ ସହ ଫାଇନାଲରେ ବିହାରକୁ ୧୨-୭ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଛି। ପୁରୁଷ ରଗ୍‌ବୀ ଦଳ ପଶ୍ଚିମବଙ୍ଗକୁ ପରାସ୍ତ କରି ବ୍ରୋଞ୍ଜ ପଦକ ପାଇଛି। ସେହିପରି


ପଦକ ସହ ପ୍ରଣତି ନାୟକ ଓ ଅନ୍ୟମାନେ।

ଭାରୋତ୍ତୋଳନରେ ସୁରେଶ କୁମାର ଯାଦବ ବ୍ରୋଞ୍ଜ ପଦକ ଆଣି ପଦକ ସଂଖ୍ୟାକୁ ବୃଦ୍ଧି କରିଥିଲେ। ସୁରେଶ ୯୬ କାଟେଗୋରୀରେ ମୋଟ ୩୨୧କେଜି (ସ୍ନାଚରେ ୧୪୦କେଜି ଏବଂ କ୍ଲିନ ଆଣ୍ଡ ଜର୍କରେ ୧୮୧କେଜି) ଉଠାଇଥିଲେ। ଅନ୍ୟପକ୍ଷରେ ଓଡ଼ିଶାର ଆଶୁତୋଷ ପୂଜାରୀ, ଗଣେଶ ପୂଜାରୀ ଓ ରବୀନ୍ଦ୍ର ଭଞ୍ଜ ପ୍ରମୁଖ ପେନକାକ୍ ସିଲଟ ରେଗୁ ଇଭେଣ୍ଟର

**ଜାତୀୟ କ୍ରୀଡ଼ା**

ଫାଇନାଲରେ ପ୍ରବେଶ କରିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଯୋଗିତା ପୂର୍ବରୁ ଜାତୀୟ କ୍ରୀଡ଼ାର ପଦକ ବିଜେତାଙ୍କ ଲାଗି ଆର୍ଥିକ ପୁରସ୍କାର ଘୋଷଣା କରିଛନ୍ତି। ତଦନୁସାରେ ସ୍ୱର୍ଣ୍ଣ ପଦକ ବିଜେତା ୫ ଲକ୍ଷ ଟଙ୍କା, ରୌପ୍ୟ ବିଜେତା ୩ ଲକ୍ଷ ଏବଂ ବ୍ରୋଞ୍ଜ ବିଜେତାଙ୍କୁ ୨ଲକ୍ଷ ଟଙ୍କା ପାଇବେ।



ଗୋଆରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ ବିଜୟୀ ଓଡ଼ିଶା ମହିଳା ରଗ୍‌ବୀ ଦଳ।

## ଓଡ଼ିଶା ସିପକଟାକ୍ର ଦଳ

**କଟକ, ୨୭।୧୦**
**(ସୁପ୍ରିୟା ପ୍ରିୟଦର୍ଶିନୀ)**

ଗୋଆରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ଆସନ୍ତା ୩୦ରୁ ସିପକଟାକ୍ର ଇଭେଣ୍ଟ ଆରମ୍ଭ ହେବ। ଏଥିଲାଗି ଓଡ଼ିଶା ରାଜ୍ୟ ସିପକଟାକ୍ର ସଂଘ ପକ୍ଷରୁ ଶୁକ୍ରବାର ୬ ଜଣିଆ ରାଜ୍ୟ ମହିଳା ଦଳ ଘୋଷଣା କରାଯାଇଛି। ଏଥିରେ ଇତିଶ୍ରୀ ସାମଲ, ରୂପାଲି ସାହୁ, ସିମରନ ଏକ୍କା, ଏ. ଶ୍ରାବଣୀ, ସଙ୍ଗୀତା କିଶାନ, ଗାୟତ୍ରୀ ସାହୁ ସ୍ଥାନ ପାଇଛନ୍ତି। ଲଲାଟେନ୍ଦୁ ସ୍ୱାଇଁ ମୁଖ୍ୟ କୋଚ୍ ଓ ମଧୁସ୍ମିତା ବେହେରା ଦଳର ମ୍ୟାନେଜର ରହିଛନ୍ତି। ଖେଳ ପରିଚାଳନା ନିମନ୍ତେ ମହମ୍ମଦ ଗୁଲ୍‌ଫାମ, ବ୍ରଜମୋହନ ସାହୁ ଓ ରାଜଶେଖର ସାହୁ ମନୋନୀତ ହୋଇଛନ୍ତି।

## ଅର୍ଜୁନ, ତିଳୋତ୍ତମାଙ୍କୁ ଅଲିମ୍ପିକ କୋଟା

**ନୂଆଦିଲ୍ଲୀ, ୨୭।୧୦ (ପି.ଟି.)**

ଭାରତୀୟ ଶୁଟର ଅର୍ଜୁନ ବବୁତା ଓ ତିଳୋତ୍ତମା ସେନ୍ କୋରିଆର ଚାଙ୍ଗ୍‌ୱନ୍‌ଠାରେ ଚାଲିଥିବା ଏସିଆନ ଚାମ୍ପିୟନଶିପ୍‌ରେ ଯଥାକ୍ରମେ ପୁରୁଷ ଓ ମହିଳା ୧୦ମିଟର ଏୟାର ରାଇଫଲ ଇଭେଣ୍ଟରେ ରୌପ୍ୟ ପଦକ ଜିତିବା ସହ ପ୍ୟାରିସ ଅଲିମ୍ପିକ ପାଇଁ ଦୁଇଟି କୋଟା ହାସଲ କରିଛନ୍ତି। ଅନ୍ୟପକ୍ଷରେ ୨୪ ବର୍ଷୀୟ ବବୁତା, ଦିବ୍ୟାଂଶ ସିଂ ପନୱାର ଏବଂ ହ୍ରିଦୟ ହଜାରିକାଙ୍କୁ ନେଇ ଭାରତୀୟ ଦଳ ଟିମ୍ ଇଭେଣ୍ଟରେ ମୋଟ ୧୮୯୨.୪ ସ୍କୋର ସହ ସ୍ୱର୍ଣ୍ଣ ପଦକ ପାଇଛି। ଅଲିମ୍ପିକ କୋଟା ହାସଲ କରିବାରେ ବବୁତା ଓଡ଼ରାଲ ୯ମ ଭାରତୀୟ ଶୁଟର। ପରେ ୧୫ ବର୍ଷୀୟା ତିଳୋତ୍ତମା ମହିଳା ଫାଇନାଲରେ ୨୫୨.୩ ସ୍କୋର କରି ଭାରତ ପାଇଁ ୧୦ ଅଲିମ୍ପିକ କୋଟା ହାସଲ କରିଥିଲେ। ତିଳୋତ୍ତମା ୨୫୨.୪ ଶଟ୍ କରିଥିବା କୋରିଆର କୋନ୍ ଇଉଞ୍ଜିଙ୍କ ପଛକୁ ଅଳ୍ପକେ ସ୍ୱର୍ଣ୍ଣ ଜିତିବାରୁ ବଞ୍ଚିତ ହୋଇଥିଲେ। ଭାରତର ରାମିତା ଜିନ୍ଦଲ ୨୩୦.୬ ପ୍ରୟାସ ସହ ବ୍ରୋଞ୍ଜ ପାଇଥିଲେ। ସୂଚନାଯୋଗ୍ୟ, ଭାରତୀୟ ଶୁଟରମାନେ ରାଇଫଲରେ ୭ କୋଟା ହାସଲ କରିଥିବା ବେଳେ ଦୁଇଟି ଶଟ୍‌ଗନ୍‌ରୁ ଏବଂ ଗୋଟିଏ ପିସ୍ତଲରୁ ପାଇଛନ୍ତି। ତନ୍ମଧ୍ୟରୁ ତିନୋଟି ଚଳିତ ମହାଦେଶୀୟ ଇଭେଣ୍ଟରୁ ପାଇଛି। ୮ଜଣ ପ୍ରତିଯୋଗୀଙ୍କୁ ନେଇ ୧୦ମିଟର ଏୟାର ରାଇଫଲ ଇଭେଣ୍ଟର ଫାଇନାଲରେ ବବୁତା ୨୫୧.୨ ସ୍କୋର କରିବା ସହ ୨୦୨୨ ଟୋକିଓ ଅଲିମ୍ପିକ୍ସ ରୌପ୍ୟ ବିଜେତା ଚାଇନାର ଶେଙ୍ଗ ଲିହାଓ (୨୫୨.୧ ଶଟ୍)ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଦିବ୍ୟାଂଶ ମଧ୍ୟ ଫାଇନାଲରେ ପ୍ରବେଶ କରିଥିଲେ। ସେ ଚତୁର୍ଥ ହୋଇଥିଲେ। ମହିଳା ୧୦ମିଟର ଏୟାର ରାଇଫଲ ଟିମ୍ ଇଭେଣ୍ଟରେ ତିଳୋତ୍ତମା, ଶ୍ରୀୟଙ୍କା ଷଡ଼ଙ୍ଗୀ ଓ ରମିତା ମଧ୍ୟ ବ୍ରୋଞ୍ଜ ଜିତିଛନ୍ତି।

## ଓଡ଼ିଶା ଏଫ୍‌ସି ପରାସ୍ତ

**ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ):** କୋଚିର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍) ମ୍ୟାଚରେ ଓଡ଼ିଶା ଏଫ୍‌ସି ୧-୨ ଗୋଲରେ କେରଳ ବ୍ଲାଷ୍ଟର୍ସ ନିକଟରୁ ପରାସ୍ତ ହୋଇଛି। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଅଗ୍ରଣୀ ରହିଥିଲେ ମଧ୍ୟ ଓଡ଼ିଶା ଏଫ୍‌ସି ଦଳ ଦ୍ୱିତୀୟାର୍ଦ୍ଧରେ ଆଶାନୁରୂପ ପ୍ରଦର୍ଶନ କରି ନ ପାରି ପରାଜିତ ହୋଇଥିଲା। ମ୍ୟାଚର ୧୫ଶ ମିନିଟରେ ଡିଏଗୋ ମୌରିସିଓ ଗୋଲ ଦେଇ ଓଡ଼ିଶା ଦଳକୁ ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ଏହା ବଳବତ୍ତର ରହିଥିଲା। ମାତ୍ର ଦ୍ୱିତୀୟାର୍ଦ୍ଧରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା କେରଳ ବ୍ଲାଷ୍ଟର୍ସ। ୬୬ତମ ମିନିଟରେ ଡିମିଟ୍ରିଅସ ଡିଆମାଣ୍ଟାକସ ଗୋଲ ଦେଇ ମ୍ୟାଚକୁ ବରାବର ସ୍ଥିତିକୁ ଆଣିଥିବାବେଳେ ୮୪ତମ ମିନିଟରେ ଆଡ୍ରିଆନ ଲୁନା ଦେଇଥିବା ଗୋଲଟି ନିର୍ଣ୍ଣାୟକ ହୋଇଥିଲା।

## ଭାରତ ୭-୧ରେ ଥାଇଲାଣ୍ଡକୁ ହରାଇଲା

**ରାଞ୍ଚି, ୨୭।୧୦**

ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟ ଶୁକ୍ରବାର ରାଞ୍ଚିରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଭାରତ ଥାଇଲାଣ୍ଡକୁ ୭-୧ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଛି। ଭାରତ ପକ୍ଷରୁ ସଙ୍ଗିତା କୁମାରୀ (୨୯, ୪୫ ଓ ୪୫+ଇଞ୍ଜୁରି ଟାଇମ୍)

**ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି**

୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୋନିକା ୭ମ, ସାଲିମା ଟେଟେ ୧୫, ଦୀପିକା ୪୦ ଓ ଲାଲରେମସିଆମି ୫୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଥାଇଲାଣ୍ଡ ପକ୍ଷରୁ ସୁପନ୍‌ସା ସାମାନ୍‌ସୋ ୨୨ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ମାଲେସିଆ ସହିତ ଶନିବାର ଖେଳିବ। ଏହି ମ୍ୟାଚ ରାତି ୮ଟା ୩୦ରେ ଆରମ୍ଭ ହେବ।



ହ୍ୟାଟ୍ରିକ୍ ଗୋଲ୍ କରିଥିବା ସଙ୍ଗୀତା କୁମାରୀ (ଡାହାଣ)।

**ଅନ୍ୟାନ୍ୟ ଖବର**

# ମାଟି କଳସ ଯାତ୍ରା ଦେଶର ଏକତା ପାଇଁ ପ୍ରେରଣା ଯୋଗାଇବ: ମୁଖ୍ୟମନ୍ତ୍ରୀ

### ବୀର ଶହୀଦଙ୍କ ସମ୍ମାନାର୍ଥେ 'ମେରି ମାଟି ମେରା ଦେଶ' କାର୍ଯ୍ୟକ୍ରମ ସମାପିତ

**ମାଟି କଳସ ଯାତ୍ରାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର, ୨୭।୧୦ (ଅନିଲ ଦାସ)**

ଘଣ୍ଟ, ଶଙ୍ଖ, ମହୁରି ଆଦି ବାଦ୍ୟ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ରାଜ୍ୟସ୍ତରୀୟ 'ମେରି ମାଟି ମେରା ଦେଶ' କାର୍ଯ୍ୟକ୍ରମ ଅବସରରେ 'ମାଟି କଳସ ଯାତ୍ରା'ର ଶୁଭାରମ୍ଭ କରିଛନ୍ତି। ଦେଶ ତଥା ରାଜ୍ୟର ସମସ୍ତ ପଞ୍ଚାୟତରୁ ସଂଗୃହୀତ ପବିତ୍ର ମାଟିରେ ନୂଆଦିଲ୍ଲୀରେ ଏକ ଅମୃତବାଟିକା ପ୍ରତିଷ୍ଠା କରାଯିବ। ଶନିବାରଠାରୁ ନୂଆଦିଲ୍ଲୀ ଅଭିମୁଖେ ଏହି ମାଟି କଳସ ଯାତ୍ରା ଆରମ୍ଭ ହେବ।

୭୫ତମ ସ୍ୱାଧୀନତା ଦିବସ ପାଳନର ଅନ୍ତିମ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅବସରରେ ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରରେ 'ମେରି ମାଟି ମେରା ଦେଶ'ର ରାଜ୍ୟସ୍ତରୀୟ ସମାପନ ଦିବସ ଶୁକ୍ରବାର ପାଳନ କରାଯାଇଛି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜିର ଭାରତ ଆମର ପୂଜ୍ୟ ଶହୀଦ ଓ ସଂଗ୍ରାମୀମାନଙ୍କ ଅବଦାନ। ସେମାନେ ଆମ ମାନସପଟରେ ଚିରଦିନ ପାଇଁ ଅମର ହୋଇ ରହିବେ। ଓଡ଼ିଶା ହେଉଛି ପୁଣ୍ୟ ଭୂମି। ଏ ମାଟିରେ ଦେଶର ସ୍ୱାଧୀନତା ତଥା ମାତୃଭୂମିର ଗୌରବ ପାଇଁ ଅନେକ ବୀର ଶହୀଦ ହୋଇଛନ୍ତି। ସେହି ବୀର ମାଟିର ସମ୍ମାନାର୍ଥେ ଆୟୋଜିତ ଏହି ମାଟି କଳସ ଯାତ୍ରା ଆମ ସମସ୍ତଙ୍କୁ



ଦେଶର ଏକତା ଓ ଅଖଣ୍ଡତା ପାଇଁ କାମ କରିବାକୁ ପ୍ରେରଣା ଯୋଗାଇବ।

ପ୍ରଧାନମନ୍ତ୍ରୀଙ୍କୁ ଏପରି ଏକ ମହତ୍ କାର୍ଯ୍ୟକ୍ରମର ପରିକଳ୍ପନା ପାଇଁ ଧନ୍ୟବାଦ ଦେବା ସହ ଏହି ସମସ୍ତ ପୁଣ୍ୟ ମାଟିର ସମାହାରରେ ନୂଆଦିଲ୍ଲୀରେ ନିର୍ମିତ ଅମୃତବାଟିକା ଆଗାମୀ ଦିନରେ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ତୀର୍ଥସ୍ଥଳରେ ପରିଗଣିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅମୃତବାଟିକା ପ୍ରତ୍ୟେକ ଭାରତୀୟଙ୍କ ମଧ୍ୟରେ ଦେଶପ୍ରେମକୁ ଜାଗ୍ରତ କରିବା ସହ ଆଗାମୀ ପିଢ଼ିକୁ ସଂଗ୍ରାମୀମାନଙ୍କର ତ୍ୟାଗ ଓ ବଳିଦାନର ମୂଲ୍ୟବୋଧ ସମ୍ପର୍କରେ ଅବଗତ କରାଇବ। ଏହି କାର୍ଯ୍ୟକ୍ରମ ଆମ ସ୍ୱାଧୀନତା ସଂଗ୍ରାମର ଇତିହାସକୁ ଆହୁରି ଉଜ୍ଜ୍ୱଳ କରିବ ଏବଂ ଏକ ନୂଆ ଓଡ଼ିଶା ତଥା ନୂଆ ଭାରତ ଗଠନ ପାଇଁ ସମସ୍ତଙ୍କୁ ପ୍ରେରଣା ଯୋଗାଇବ। ଏହି ଅବସରରେ ସବୁ ପଞ୍ଚାୟତରେ 'ମେରି ମାଟି ମେରା ଦେଶ' କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମହିଳା ଓ ପୁରୁଷଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି। ମାଟି କଳସ ଯାତ୍ରାରେ ସାମିଲ ହୋଇଥିବା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପଞ୍ଚାୟତିରାଜ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ ଅମାତ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ରାଜ୍ୟ ସରକାର ବୀର ସଂଗ୍ରାମୀମାନଙ୍କ ପ୍ରତି ସମ୍ମାନ ଜଣାଇ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ପଞ୍ଚାୟତରେ ଜନସାଧାରଣ ସାମିଲ ହୋଇ ବୀର ସଂଗ୍ରାମୀମାନଙ୍କ ଅବଦାନକୁ ସ୍ମରଣ କରି ସମ୍ମାନ ଜଣାଇଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ଆମ ସମସ୍ତଙ୍କୁ ଏକ ମନ ଏକ ପ୍ରାଣ ହୋଇ ରାଜ୍ୟ ଓ ଦେଶ ପାଇଁ କାମ କରିବାକୁ ପ୍ରେରଣା ଯୋଗାଇବ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯାଇଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ମହାମାନବ ମହାତ୍ମା ଗାନ୍ଧୀଙ୍କ ଉପରେ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ, ଉନ୍ନୟନ କମିଶନର ଅନୁ ଗର୍ଗ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ପଞ୍ଚାୟତିରାଜ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ କର୍କଟ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା

**ଭୁବନେଶ୍ୱର, ୨୭।୧୦ (ଅସମାପିକା ସାହୁ)**

**ରାଜ୍ୟ ସରକାର ଖର୍ଚ୍ଚ କରିବେ ୨୭୦ କୋଟି**

ଶିଶୁ କର୍କଟ ରୋଗୀଙ୍କ ଚିକିତ୍ସା ନିମନ୍ତେ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଜଟଣୀସ୍ଥିତ ହୋମିଭାବା କ୍ୟାନ୍‌ସର ହସ୍ପିଟାଲ ଆଣ୍ଡ ରିସର୍ଚ୍ଚକୁ ତ୍ୱରାନ୍ୱିତ କରି ସେଠାରେ ଶିଶୁ କର୍କଟର ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରିବାକୁ ଯାଉଛନ୍ତି। ଏଥିପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମଞ୍ଜୁରୀ ପ୍ରଦାନ କରିଥିବାବେଳେ ଖର୍ଚ୍ଚ ହେବ ୨୭୦ କୋଟି ଟଙ୍କା। ଏଥିମଧ୍ୟରେ ଚିକିତ୍ସା ପାଇଁ ୧୫୦ କୋଟି ଓ ଦୁଇଟି ଧର୍ମଶାଳା ତଥା ଗେଷ୍ଟହାଉସ୍ ନିର୍ମାଣ ଲାଗି ୧୨୦ କୋଟି ଖର୍ଚ୍ଚ କରିବେ ରାଜ୍ୟ ସରକାର। ଦୁଇ ଲକ୍ଷ ବର୍ଗଫୁଟ ପରିମିତ ଅଞ୍ଚଳରେ ଧର୍ମଶାଳା ନିର୍ମାଣ ହେବ। ଟାଟା ମେମୋରିଆଲ୍ କ୍ୟାନ୍‌ସର ସେଣ୍ଟର ସହ ପରାମର୍ଶ କରି ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ୧୨୦ କୋଟି ବିନିଯୋଗ କରି ଏହି ନିର୍ମାଣ କାର୍ଯ୍ୟ କରିବ। ସେହିଭଳି ଅତ୍ୟାଧୁନିକ ଶିଶୁ କ୍ୟାନ୍‌ସର ଚିକିତ୍ସା ନିମନ୍ତେ ମୋଟ ୧୫୦ କୋଟି ଟଙ୍କା ରାଜ୍ୟ ସରକାର ଯୋଗାଇବେ। ଏଥିମଧ୍ୟରେ ବିଲ୍ଡିଂ ନିର୍ମାଣ ପାଇଁ ୮୦ କୋଟି ଓ ଆବଶ୍ୟକ ଉପକରଣ ପାଇଁ ୭୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି କାର୍ଯ୍ୟ ପାଇଁ ରାଜ୍ୟ ସରକାର ଟାଟା ମେମୋରିଆଲ୍ କେନ୍ଦ୍ର(ଟିଏମ୍‌ସି)କୁ ନିର୍ଦ୍ଧାରିତ ଅର୍ଥ ପ୍ରଦାନ କରିବେ। ଏ ନେଇ ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗ ସଚିବ ଶାଳିନୀ ପଣ୍ଡିତ ଟାଟା ମେମୋରିଆଲ ସେଣ୍ଟର ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଅବଗତ କରିଛନ୍ତି।

## ରଶ୍ମିରଞ୍ଜନ ସ୍ୱାଇଁ କଶ୍ମୀରର ନୂଆ ପୋଲିସ ଡିଜି

**ଶ୍ରୀନଗର, ୨୭।୧୦**

ବରିଷ୍ଠ ଓଡ଼ିଆ ଆଇପିଏସ୍ ଅଫିସର ରଶ୍ମିରଞ୍ଜନ ସ୍ୱାଇଁ ଜମ୍ମୁ-କଶ୍ମୀରର ନୂଆ ପୋଲିସ ମହାନିର୍ଦ୍ଦେଶକ (ଡିଜି) ନିଯୁକ୍ତ ହୋଇଛନ୍ତି। ସେ ଆସନ୍ତା ୩୧ ତାରିଖରେ ବର୍ତ୍ତମାନର ଡିଜି ଦିଲ୍‌ବାଗ ସିଂହଙ୍କଠାରୁ ଦାୟିତ୍ୱ ଗ୍ରହଣ କରିବେ। ଦିଲବାଗ୍ ସେହିଦିନ ଅବସର ଗ୍ରହଣ କରିବାକୁ ଯାଉଛନ୍ତି। ୧୯୯୧ ବ୍ୟାଚ୍‌ର ଆଇପିଏସ୍ ଅଫିସର ରଶ୍ମିରଞ୍ଜନ ଶ୍ରୀନଗର ଏବଂ ଜମ୍ମୁରେ


ରଶ୍ମିରଞ୍ଜନ ସ୍ୱାଇଁ

ଏସ୍‌ଏସ୍‌ପି ଭାବେ ଉଲ୍ଲେଖନୀୟ ସେବା ପ୍ରଦାନ କରିଛନ୍ତି। ଏହି ସଚ୍ଚୋଟ ଓ କର୍ତ୍ତବ୍ୟନିଷ୍ଠ ଅଫିସର ୧୫ ବର୍ଷ ପାଇଁ କେନ୍ଦ୍ରୀୟ ଡେପୁଟେଶନରେ ରହିବା ସହ ବିଦେଶରେ ମଧ୍ୟ କାମ କରିଥିଲେ। ୨୦୦୧ରୁ ୨୦୦୩କଶ୍ମୀରରେ ଆତଙ୍କବାଦ ଶୀର୍ଷରେ ଥିବାବେଳେ ରଶ୍ମିରଞ୍ଜନ ଶ୍ରୀନଗରର ଏସ୍‌ଏସ୍‌ପି ଥିଲେ। ଏବେ ସେ ସ୍ୱତନ୍ତ୍ର ଡିଜି ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ଘର ଓଡ଼ିଶାର ରାଉରକେଲାରେ।

## ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ସମ୍ମିଳିତ ଆଭିମୁଖ୍ୟ ଜରୁରୀ: ସସ୍ମିତ୍

**ନୂଆଦିଲ୍ଲୀ, ୨୭।୧୦**

**୧୪୭ତମ ଆଇପିୟୁ ଆସେମ୍ବ୍ଲି**

ସାରା ବିଶ୍ୱରେ ଆତଙ୍କବାଦ ବିରୋଧୀ ଲଢ଼େଇରେ ବିଫଳତା ପାଇଁ ବିଜୁ ଜନତା ଦଳର ରାଜ୍ୟ ସଭା ସଦସ୍ୟ ସସ୍ମିତ୍ ପାତ୍ର ଚିନ୍ତା ପ୍ରକଟ କରିଛନ୍ତି। ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ସମ୍ମିଳିତ ଆଭିମୁଖ୍ୟ ରଖିବାକୁ ସେ ପାର୍ଲାମେଣ୍ଟ ଓ ଯୁବ ପ୍ରତିନିଧିମାନଙ୍କୁ ଆହ୍ୱାନ ଦେଇଛନ୍ତି। ଆଙ୍ଗୋଲାର ରାଜଧାନୀ ଲୁଆଣ୍ଡାଠାରେ ଅନୁଷ୍ଠିତ ୧୪୭ତମ ଆନ୍ତଃସଂସଦୀୟ ୟୁନିୟନ (ଆଇପିୟୁ) ଆସେମ୍ବ୍ଲିରେ ଉଦ୍‌ବୋଧନ ଦେଇ ସସ୍ମିତ୍ ଏହା କହିଛନ୍ତି। ମାନବଜାତି ସମ୍ମୁଖୀନ ହେଉଥିବା ବୃହତ୍ ଚ୍ୟାଲେଞ୍ଜଗୁଡ଼ିକର ସମାଧାନ ବିଭାଜିତ ବିଶ୍ୱ ଦେଇପାରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରେ ଅନୁଷ୍ଠିତ ପି-୨୦ ଫୋରମ୍‌ରେ କହିଥିଲେ। ଆମକୁ ବୈଶ୍ୱିକ ଆସ୍ଥା ଅଭାବରୁ ଊର୍ଦ୍ଧ୍ୱକୁ ଉଠି ମାନବକେନ୍ଦ୍ରିକ ଚିନ୍ତାଧାରା ଉପରେ ଜୋର୍ ଦେବାକୁହେବ। ଏକପୃଥିବୀ, ଏକପରିବାର, ଏକ ଭବିଷ୍ୟତ ଚିନ୍ତାଧାରା ନେଇ ବିଶ୍ୱକୁ ଦେଖିବାକୁ ହେବ ବୋଲି ସସ୍ମିତ୍ କହିଛନ୍ତି।

## ପେଟ୍ରୋଲ ପମ୍ପରେ ସାନିଟାରି ନାପ୍‌କିନ୍ ଭେଣ୍ଡିଂ ମେଶିନ୍ ରଖାଯାଉ

**ନୂଆଦିଲ୍ଲୀ, ୨୭।୧୦**

**ଭାଜପା ଏମ୍‌ପି ବସନ୍ତ ପଣ୍ଡାଙ୍କ ଦାବି**

ମହିଳା ଯାତ୍ରୀଙ୍କ ସୁବିଧା ପାଇଁ ପେଟ୍ରୋଲ ପମ୍ପଗୁଡ଼ିକରେ ସାନିଟାରି ନାପ୍‌କିନ୍ ଭେଣ୍ଡିଂ ମେଶିନ୍ ସ୍ଥାପନ କରିବାକୁ ଭାଜପା ଏମ୍‌ପି ବସନ୍ତ ପଣ୍ଡା ଦାବି କରିଛନ୍ତି। ଏନେଇ ସେ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ୍ ସିଂ ପୁରୀଙ୍କୁ ପତ୍ର ଲେଖିଛନ୍ତି। ୧୦ରୁ ୧୯ ବର୍ଷ ବୟସର ଝିଅମାନଙ୍କ ମଧ୍ୟରେ ଋତୁସ୍ରାବଜନିତ ସମସ୍ୟା ସମ୍ପର୍କରେ ସଚେତନ କରାଇବା ପାଇଁ କେନ୍ଦ୍ରର ଯୋଜନା ରହିଛି। ମହିଳାମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ପେଟ୍ରୋଲ ପମ୍ପଗୁଡ଼ିକରେ ସାନିଟାରି ପ୍ୟାଡ୍ ଭେଣ୍ଡିଂ ମେଶିନ୍ ସ୍ଥାପନ ଏକ ବଡ଼ ପଦକ୍ଷେପ ହେବ। ତୈଳ କମ୍ପାନୀଗୁଡ଼ିକର ସାରା ଦେଶରେ ପେଟ୍ରୋଲ ପମ୍ପ ନେଟ୍‌ୱର୍କ ରହିଛି। ସେଠାରେ ଯାତ୍ରୀମାନଙ୍କ ପାଇଁ ଏୟାର ଫିଲିଂ ଏବଂ ପାନୀୟ ଜଳ ଭଳି ସେବା ଯୋଗାଇ ଦିଆଯାଉଛି। ସାନିଟାରି ପ୍ୟାଡ୍ ଭେଣ୍ଡିଂ ମେଶିନ ରହିଲେ ମହିଳାଙ୍କୁ ଋତୁସ୍ରାବଜନିତ ସମସ୍ୟାରୁ ସୁରକ୍ଷା ଦେଇପାରିବ ବୋଲି ବସନ୍ତ କହିଛନ୍ତି।

## ବାଣ ବିସ୍ଫୋରଣରେ ୧ ମୃତ

**କୋଦଳା/ବେଗୁନିଆପଡ଼ା, ୨୭।୧୦ (ଅମିତ କୁମାର ପଟ୍ଟନାୟକ/ ସୁଶାନ୍ତ କୁମାର ପଟ୍ଟନାୟକ)**

ଗଞ୍ଜାମ ଜିଲା ବେଗୁନିଆପଡ଼ା ଜଗତିସାହିରେ ଶୁକ୍ରବାର ସନ୍ଧ୍ୟାରେ ବାଣ ବିସ୍ଫୋରଣ ଘଟି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। ମୃତକ ହେଲେ ଜିତୁ ପ୍ରଧାନ। ରାଜୁ ପ୍ରଧାନଙ୍କ ପୁଅ ଜିତୁ ଓ ତା'ର ସହଯୋଗୀ ରାଜା ଦୀପାବଳି ପାଇଁ ଘରେ ବାଣ ତିଆରି କରୁଥିବା ବେଳେ ବିସ୍ଫୋରଣ ଘଟିଥିଲା। ଫଳରେ ଘରର ଛାତ ଉଡ଼ିଯିବା ସହିତ କାନ୍ଥ ଭାଙ୍ଗି ପଡିଥିଲା। ଉଭୟଙ୍କୁ କୋଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଜିତୁଙ୍କୁ ମୃତ ଘୋଷଣା କରିଥିଲେ।

## ନାସା ପରିଦର୍ଶନରେ ଯିବେ କଳାହାଣ୍ଡିର ଅର୍ମାନ

**ଭବାନୀପାଟଣା, ୨୭।୧୦**
**(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଭୁର୍ସିଗୁଡାର ଡା.ପ୍ରଦ୍ୟୋତ ବେହେରାଙ୍କ ପୁଅ ଅର୍ମାନ୍ ବେହେରା ଆମେରିକାର ମହାକାଶ ସଂସ୍ଥା ନ୍ୟାସନାଲ ଏରୋନଟିକ୍ସ ଆଣ୍ଡ ସ୍ପେଶ୍ ଆଡ୍‌ମିନିଷ୍ଟ୍ରେଶନ (ନାସା) ପରିଦର୍ଶନ ନିମନ୍ତେ ମନୋନୀତ ହୋଇଛନ୍ତି। ଅର୍ମାନ୍ ବେଙ୍ଗାଲୁରୁସ୍ଥିତ କିଣ୍ଡର ଇଣ୍ଟର ନ୍ୟାଶନାଲ ସ୍କୁଲରେ ଯୁକ୍ତ ୨ ବିଜ୍ଞାନରେ ପାଠପଢୁଛନ୍ତି। ଏହି ସ୍କୁଲର


ଅର୍ମାନ ବେହେରା

୮ଜଣଙ୍କୁ ନାସା ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ୨୦୨୪ ଏପ୍ରିଲ ୧୮ରେ ଏହି ଟିମ୍ ନାସାରେ ପହଞ୍ଚିବ। ଏ ନେଇ ନାସା ପକ୍ଷରୁ ଏକ ପତ୍ର ମାଧ୍ୟମରେ ସ୍କୁଲକୁ ଅବଗତ କରାଯାଇଛି। ଅର୍ମାନଙ୍କ ବାପା ଢେଙ୍କାନାଳ ସଦର ମୁଖ୍ୟ ଡାକ୍ତରଖାନାରେ କାର୍ଯ୍ୟରତ ଥିବାବେଳେ ତାଙ୍କ ମା' ସମା ବେହେରା ଜଣେ ଗୃହିଣୀ। କଳାହାଣ୍ଡିର ଅର୍ମାନ୍ ନାସା ଯିବାକୁ ମନୋନୀତ ହେବା ପରେ ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନର ସୁଅ ଛୁଟିଛି।

# ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟର ୯ ପାଠ୍ୟକ୍ରମକୁ ଏବିଇଟି ମାନ୍ୟତା



ଭୁବନେଶ୍ୱର,୨୭।୧୦
(ଅନୁରାଧା ମହାରଣା)

ଶିକ୍ଷା, କ୍ରୀଡ଼ା, ଅନୁସନ୍ଧାନ, ସହ-ପାଠ୍ୟକ୍ରମ ଏବଂ ଅତିରିକ୍ତ ପାଠ୍ୟକ୍ରମ ଆଦିରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ(ସିୟୁ) ଆଉ ଏକ ମାଇଲଖୁଣ୍ଟି ହାସଲ କରିଛି। ନିକଟରେ ଏହାର କୁଳପତି ସତ୍‌ନାମ ସିଂ ସାନ୍ଧୁ ଘୋଷଣା କରିଛନ୍ତି, ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟର ସେହି ୯ଟି ଇଞ୍ଜିନିୟରିଂ ପ୍ରୋଗ୍ରାମକୁ ଆକ୍ରିଡେସନ ବୋର୍ଡ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ଏବିଇଟି) ମାନ୍ୟତା ଦେଇଛି। ଭାରତରେ ଏବିଇଟି ମାନ୍ୟତାପ୍ରାପ୍ତ ୧୦ଟି ବିଶ୍ୱବିଦ୍ୟାଳୟ ବା ଶିକ୍ଷାନୁଷ୍ଠାନ ଅଛି। ସେଥିମଧ୍ୟରୁ ସର୍ବଭାରତୀୟ ସ୍ତରରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟର ସର୍ବାଧିକ ସଂଖ୍ୟକ ପାଠ୍ୟକ୍ରମକୁ ଏହି ମାନ୍ୟତା ମିଳିଥିବା ସାନ୍ଧୁ କହିଛନ୍ତି। ଏହି ମାନ୍ୟତାପ୍ରାପ୍ତ କରିଥିବା ୯ ପାଠ୍ୟକ୍ରମ ମଧ୍ୟରେ ଏରୋସ୍ପେସ୍ ଇଞ୍ଜିନିୟରିଂ (ବ୍ୟାଚେଲର ଅଫ୍ ଇଞ୍ଜିନିୟରିଂ), କେମିକାଲ ଇଞ୍ଜିନିୟରିଂ (ସ୍ନାତକୋତ୍ତର ଇଞ୍ଜିନିୟରିଂ), ସିଭିଲ ଇଞ୍ଜିନିୟରିଂ (ବ୍ୟାଚେଲର ଅଫ୍ ଇଞ୍ଜିନିୟରିଂ), କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ (ସ୍ନାତକୋତ୍ତର ଇଞ୍ଜିନିୟରିଂ), ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ (ସ୍ନାତକ ଇଞ୍ଜିନିୟରିଂ), ଇଲେକ୍ଟ୍ରୋନିକ୍ସ ଏବଂ ଯୋଗାଯୋଗ ଇଞ୍ଜିନିୟରିଂ (ସ୍ନାତକୋତ୍ତର ଇଞ୍ଜିନିୟରିଂ), ମେକାନିକାଲ ଇଞ୍ଜିନିୟରିଂ (ସ୍ନାତକୋତ୍ତର ଇଞ୍ଜିନିୟରିଂ) ଏବଂ ମେକାଟ୍ରୋନିକ୍ସ ଇଞ୍ଜିନିୟରିଂ (ସ୍ନାତକୋତ୍ତର ଇଞ୍ଜିନିୟରିଂ) ଆଦି ପାଠ୍ୟକ୍ରମ ରହିଛି। ଏ ଅବସରରେ ସାନ୍ଧୁ କହିଛନ୍ତି, ଡିଗ୍ରୀ ହେଉକି ମାଷ୍ଟର କିମ୍ବା ରିସର୍ଚ୍ଚ ପ୍ରତ୍ୟେକ ବ୍ୟକ୍ତିଙ୍କର ଭବିଷ୍ୟତ ପାଇଁ ଏହା ଗୋଟିଏ ଗୋଟିଏ ଉତ୍ତମ ନିବେଶ। ପୂର୍ବରୁ କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ୍-୨୦୨୪ ଆଧାରରେ ଶ୍ରେଷ୍ଠ ୪୫ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ମଧ୍ୟ ରହିଥିଲା। ସେହିପରି ଦେଶରେ ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏହି ବିଶ୍ୱବିଦ୍ୟାଳୟ ଶୀର୍ଷରେ ରହିଥିବାବେଳେ ସମସ୍ତ ବର୍ଗରେ ୨୦ତମ ସ୍ଥାନରେ ରହିଥିବା ସାନ୍ଧୁ କହିଛନ୍ତି। ସେହିପରି ଏନ୍‌ଆଇଆରଏଫ୍ ର୍‍ୟାଙ୍କିଙ୍ଗ୍-୨୦୨୩ରେ ଏହି ବିଶ୍ୱବିଦ୍ୟାଳୟ ୨୭ତମ ସ୍ଥାନ ହାସଲ କରିଥିଲା। ସମ୍ମିଳନୀ ପାଇଁ ଚେନ୍ନାଇରେ ଆୟୋଜିତ ରୋଡ୍ ଶୋ'କୁ ଆସିଥିବା ବିଭିନ୍ନ ଗୋଷ୍ଠୀର ନିବେଶକଙ୍କୁ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଆମନ୍ତ୍ରଣ କରିଥିଲେ।

# ପୁରୀରେ ଖୋଲିଲା ପାତ୍ର ଇଲେକ୍ଟ୍ରୋନିକ୍ସର ୩୧ତମ ଷ୍ଟୋର



ଭୁବନେଶ୍ୱର,୨୭।୧୦(ଅନୁରାଧା ମହାରଣା)

ପୁରୀ ଭିଆଇପି ରୋଡ୍‌ରେ ପାତ୍ର ଇଲେକ୍ଟ୍ରୋନିକ୍ସର ୩୧ତମ ଷ୍ଟୋର ଖୋଲାଯାଇଛି। ଏଲ୍‌ଜି ଇଲେକ୍ଟ୍ରୋନିକ୍ସ ରିଟେଲ ମାର୍କେଟିଂ ହେଡ୍ ମନୀଷ ଗୁପ୍ତା, ବିହାର ଓ ଓଡ଼ିଶା ରିଜିଓନାଲ ବିଜ୍‌ନେସ୍ ହେଡ୍ ଅଶେଷ ନନ୍ଦ, ବ୍ରାଞ୍ଚ ମ୍ୟାନେଜର ସନ୍ଦୀପ ପାତ୍ର ପ୍ରମୁଖ ଯୋଗଦେଇ ଏହି ଷ୍ଟୋରର ଉଦ୍‌ଘାଟନ କରିଛନ୍ତି । ପାତ୍ର ଇଲେକ୍ଟ୍ରୋନିକ୍ସର ମ୍ୟାନେଜିଂ ଡାଇରେକ୍ଟର କୈଳାସ ପାତ୍ର ଏହି ଅବସରରେ ଗ୍ରାହକଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନା ଥାଉକି, ପୂର୍ବରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପାତ୍ର ଇଲେକ୍ଟ୍ରୋନିକ୍ସର ୩୦ଟି ଷ୍ଟୋର ରହିଛି।

# ପୂଜାରେ 'ସ୍ମାର୍ଟ ବଜାର ଚଲିଏ' କ୍ୟାମ୍ପେନ୍




ଭୁବନେଶ୍ୱର,୨୭।୧୦
(ଅନୁରାଧା ମହାରଣା)

ପୂଜା ବଜାରରେ କିଣାକିଣିରେ ଗ୍ରାହକଙ୍କୁ ସ୍ୱତନ୍ତ୍ର ଅନୁଭୂତି ଦେବା ପାଇଁ ସ୍ମାର୍ଟ ବଜାର ପକ୍ଷରୁ ସ୍ୱତନ୍ତ୍ର ଅଫର ଘୋଷଣା ହୋଇଛି। ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ସ୍ମାର୍ଟ ବଜାରର ବ୍ରାଣ୍ଡ ଆମ୍ବାସାଡାର ରହିଥିବାବେଳେ ବ୍ରାଣ୍ଡ କ୍ୟାମ୍ପେନ୍ 'ସ୍ମାର୍ଟ ବଜାର ଚଲିଏ' ରଖାଯାଇଛି। ସ୍ମାର୍ଟ ବଜାରରେ ଗ୍ରୋସରୀ, ଘରକରଣା ସାମଗ୍ରୀ ପ୍ୟାକେଜଡ୍ ଫୁଡ୍, ପନିପରିବା, ଫଳ, ଦୁଗ୍ଧ ଜାତୀୟ ସାମଗ୍ରୀ, ଲଗେଜ ଆଦିଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ ଗୋଟିଏ ଛାତ ତଳେ ଉପଲବ୍ଧ ହେଉଥିବାରୁ ଗ୍ରାହକ ଏଠାରୁ କିଣାକିଣି କରିବାକୁ ପସନ୍ଦ କରୁଥିବା ସ୍ମାର୍ଟ ବଜାର ପକ୍ଷରୁ କୁହଯାଇଛି। ପାର୍ବଣ ସମୟରେ ସ୍ୱତନ୍ତ୍ର ଅନୁଭୂତି ପାଇଁ ବନ୍ଦୋବସ୍ତ କରାଯାଇଥିଲେ ମଧ୍ୟ ବର୍ଷର ଯେକୌଣସି ସମୟରେ ଏହି ଷ୍ଟୋରରେ ସୁଲଭ ଦରରେ ସାମଗ୍ରୀ ମିଳିପାରେ ବୋଲି ଷ୍ଟୋର ପକ୍ଷରୁ ସୂଚନା ଦିଆଯାଇଛି। ୧୯୯୯ଟଙ୍କାର କ୍ରୟ ଉପରେ ୧କେଜି ଚିନି ମାତ୍ର ୯ ଟଙ୍କାରେ ପାଇପାରିବେ ବୋଲି ଘୋଷଣା କରାଯାଇଛି। ଏହା ବ୍ୟତୀତ ଷ୍ଟୋର ପକ୍ଷରୁ ଡ୍ରାଏଫ୍ରୁଟ୍ ଗିଫ୍ଟ ପ୍ୟାକେଟ୍, ୯୪୯ ଟଙ୍କାରେ ୫ କେଜି ଚାଉଳ ଏବଂ ୧ କେଜି ଚାଉଳର କମ୍ବୋ, ନନଷ୍ଟିକ୍ ଜିନିଷ ଉପରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି, ୫୯୯୯ଟଙ୍କାରେ ୩ଟି ହାର୍ଡ ଟ୍ରଲି ଲଗେଜ ଭଳି ଅଫର ରଖାଯାଇଛି।

# ହେଲ୍‌ଥଭିଲେର ସିଟି ସେଣ୍ଟର ଉଦ୍‌ଘାଟିତ



ଭୁବନେଶ୍ୱର,୨୭।୧୦
(ଅନୁରାଧା ମହାରଣା)

ଜୟଦେବବିହାର ଗଙ୍ଗାଧର ମେହେର ମାର୍ଗରେ ପ୍ରାକୃତିକ ଚିକିତ୍ସା କେନ୍ଦ୍ର 'ହେଲ୍‌ଥଭିଲେ'ର ସିଟି ସେଣ୍ଟର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଓଲିଉଡ୍ ଅଭିନେତ୍ରୀ ଅନୁ ଚୌଧୁରୀ ଏହି ସେଣ୍ଟରକୁ ଉଦ୍‌ଘାଟନ କରିଛନ୍ତି। ସୂଚନାଥାଉ କି, ବାରଙ୍ଗସ୍ଥିତ ଭାଲୁଙ୍କା ଅଞ୍ଚଳର ପ୍ରାକୃତିକ ପରିବେଶରେ ଅବସ୍ଥିତ ହେଲ୍‌ଥଭିଲେ, ଇଷ୍ଟର୍ନ ଇଣ୍ଡିଆର ସର୍ବୋତ୍ତମ ପ୍ରାକୃତିକ ଚିକିତ୍ସା କେନ୍ଦ୍ର ଭାବରେ ଜନପ୍ରିୟ ହୋଇପାରିଛି। ଅଭିଜ୍ଞ ନାଚୁରୋପାଥିକ ବିଶେଷଜ୍ଞଙ୍କ ଦ୍ୱାରା କୌଣସି ପ୍ରତିକୂଳ ପାର୍ଶ୍ୱ ପ୍ରତିକ୍ରିୟା ବିନା ସମସ୍ତ ପ୍ରକାର ସାଧାରଣ, କ୍ରୋନିକ୍ ଏବଂ ଦୁରାରୋଗ ବ୍ୟାଧିର ଅତ୍ୟାଧୁନିକ ନାଚୁରୋପାଥିକ୍ ଚିକିତ୍ସା ଏଠାରେ ଉପଲବ୍ଧ ହେଉଥିବା ସେଣ୍ଟର ପକ୍ଷରୁ କୁହାଯାଇଛି। ଯୋଗ, ଧ୍ୟାନ ଏବଂ ପ୍ରାଣାୟାମ ସହ ସମସ୍ତ ପ୍ରକାର ପୋଷକ ଯୋଗାଇଥାଏ । ଏ ଅବସରରେ ହେଲ୍‌ଥଭିଲେର ଚେୟାରମ୍ୟାନ୍ ଡ. ସତ୍ୟବ୍ରତ ମୀନକେତନ କହିଛନ୍ତି, ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ନୂଆ ସେଣ୍ଟର ଖୋଲାଯାଇଛି । ରୋଗୀମାନଙ୍କୁ ପାର୍ଶ୍ୱ ପ୍ରତିକ୍ରିୟା ବିନା ଚିକିତ୍ସା ଯୋଗାଇଦେବା ଏହାର ଲକ୍ଷ୍ୟ ରହିଥିବା ଡ. ମୀନକେତନ କହିଛନ୍ତି।

# ଲାଲ୍‌ଚାନ୍ଦ ଷ୍ଟୋରରେ ଏକାନୀ ବ୍ରାଣ୍ଡ୍‌ର ସ୍ୱତନ୍ତ୍ର ପ୍ରଦର୍ଶନୀ

ଭୁବନେଶ୍ୱର,୨୭।୧୦
(ଅନୁରାଧା ମହାରଣା)




ଧନ୍‌ତେରସ ଏବଂ ଦୀପାବଳିକୁ ଦୃଷ୍ଟିରେ ରଖି ଲାଲ୍‌ଚାନ୍ଦ ଜୁଏଲର୍ସ ପକ୍ଷରୁ ଗ୍ରାହକଙ୍କ ପାଇଁ ନୂଆ ନୂଆ ଯୋଜନା କରାଯାଉଛି। ଏହି କ୍ରମରେ କଟକ କ୍ୟାଣ୍ଟେନମେଣ୍ଟ ରୋଡ୍‌ରେ ଥିବା ଲାଲ୍‌ଚାନ୍ଦ ଷ୍ଟୋରରେ ଲକ୍‌ଜୁରି ଲାଇଫ୍‌ଷ୍ଟାଇଲ୍ ପ୍ରଦର୍ଶନୀ ଆରମ୍ଭ ହୋଇଯାଇଛି। ଏହି ପ୍ରଦର୍ଶନୀରେ ଲକ୍‌ଜରି ଲାଇଫ୍‌ଷ୍ଟାଇଲ୍ କଲେକଶନ ସହ ବିଭିନ୍ନ ପ୍ରକାର ଘର ସାଜସଜ୍ଜା ସାମଗ୍ରୀ ଏବଂ ଆକର୍ଷଣୀୟ ଗହଣା ବିକ୍ରି ହେଉଛି। ଦୀପାବଳିରେ ଉପହାର ଦେବା ପାଇଁ ଏକାନୀ ବ୍ରାଣ୍ଡର ସ୍ୱତନ୍ତ୍ର ଦୀପାବଳି ଉପହାର ଏବଂ କର୍ପୋରେଟ୍ ଗିଫ୍ଟ ପ୍ରଦାନ କରାଯାଉଛି। ଏଥିସହ ୱେଡିଂ କଲେକଶନ, ଡିଭାଇନ୍ କଲେକଶନ୍, ଜୁଏଲେରି ବକ୍ସ, ଫଟୋ ଫ୍ରେମ୍, କ୍ୟାଣ୍ଡେଲ୍ ଷ୍ଟାଣ୍ଡ୍, ସେଣ୍ଟର ପିସେସ୍, ବେବି ଗିଫ୍ଟ, ଟେବୁଲ ୱେୟାର ଆଦି ବିଭିନ୍ନ ପ୍ରକାର ବ୍ରାଣ୍ଡେଡ୍ ଏବଂ ଲକ୍‌ଜୁରି ଆଇଟମ୍ ମଧ୍ୟ ରହିଛି। ଦୀପାବଳି ପାଇଁ ଡ୍ରାଏ ଫ୍ରୁଟସ୍ ବକ୍ସ ମଧ୍ୟ ପ୍ରଦର୍ଶନୀରେ ମିଳୁଛି। ଏହି ପ୍ରଦର୍ଶନୀ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିପରି ଲାଲ୍‌ଚାନ୍ଦ ଜୁଏଲର୍ସ ଷ୍ଟୋରରେ ବ୍ରାଣ୍ଡେଡ୍ ଆଇଟମ୍‌ର ମୂଲ୍ୟ ଉପରେ ସ୍ୱତନ୍ତ୍ର ରିହାତି ରଖାଯାଇଛି।

# ରିଲାଏନ୍ସ ଜିଓର ଦ୍ୱିତୀୟ ତ୍ରୈମାସରେ ୫୦୫୮କୋଟି ନିଟ୍ ଲାଭ

ଭୁବନେଶ୍ୱର,୨୭।୧୦(ଅନୁରାଧା ମହାରଣା)

ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍ (ଆର୍‌ଜେଆଇଏଲ୍) ପକ୍ଷରୁ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସର ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ଜୁଲାଇ-ସେପ୍ଟେମ୍ବର ୨୦୨୩ ତ୍ରୈମାସରେ ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ନିଟ୍ ଲାଭ ଗତ ବର୍ଷ ସମାନ ତ୍ରୈମାସ ତୁଳନାରେ ୧୨ ପ୍ରତିଶତ ବୃଦ୍ଧି ପାଇଁ ୫୦୫୮ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି । ଗତ ବର୍ଷ ସମାନ ତ୍ରୈମାସରେ କମ୍ପାନୀର ନିଟ୍ ଲାଭ ୪୫୧୮ କୋଟି ଟଙ୍କା ରହିଥିଲା। ଜୁଲାଇ-ସେପ୍ଟେମ୍ବର ୨୦୨୩ରେ କମ୍ପାନୀର ପରିଚାଳନାଗତ ରାଜସ୍ୱ ୯.୮ ପ୍ରତିଶତ ବୃଦ୍ଧି ସହ ୨୪,୭୫୦ କୋଟି ଟଙ୍କା ରହିଥିବା ଜଣାପଡ଼ିଛି। ସୂଚନା ଥାଉକି, ରିଲାଏନ୍ସ ଜିଓ ସର୍ବାଧିକ ସଂଖ୍ୟକ ଗ୍ରାହକ ଓ ସର୍ବାଧିକ ରାଜସ୍ୱ ବଜାର ଅଂଶ ସହ ଦେଶର ସର୍ବବୃହତ୍ ଟେଲିକମ୍ ଓ ଡିଜିଟାଲ ସେବା ପ୍ରଦାନକାରୀ କମ୍ପାନୀ ହୋଇଥିବା ବେଳେ ଦ୍ରୁତଗତିରେ ଏହାର ୫ଜି ନେଟ୍‌ୱର୍କର ସମ୍ପ୍ରସାରଣ ଜାରି ରଖିଛି। ଦେଶରେ ଏବେ ରହିଥିବା ମୋଟ ୫ଜି ନେଟ୍‌ୱର୍କର ୮୫ ପ୍ରତିଶତ ଜିଓ ସ୍ଥାପନା କରିଛି । ନିକଟରେ କମ୍ପାନୀ ପକ୍ଷରୁ ଦେଶର ପ୍ରମୁଖ ସହରଗୁଡ଼ିକରେ ଜିଓ ଏୟାର ଫାଇବର ସେବା ଶୁଭାରମ୍ଭ କରାଯାଇଛି ।

**ପୂର୍ବ ତଟ ରେଳପଥ**

**ପେ ଆଣ୍ଡ୍ ୟୁଜ୍ କ୍ଲୋକ୍ ରୁମ୍ ର ଇ-ନିଲାମ**

**ଷ୍ଟେସନ ଏବଂ ସ୍ଥାନ:** କଟକ କ୍ଲୋକ୍ ରୁମ୍ (ପ୍ଲାଟଫର୍ମ-1 ରେ, ଗେଟ୍-1 ନିକଟରେ)।

**ନିଲାମ ଆରମ୍ଭ ହେବା ତାରିଖ ଓ ସମୟ :** ତା.03.11.2023ରିଖ 1100 ଘଟିକା।

**ନିଲାମ ବନ୍ଦ ହେବା ତାରିଖ ଓ ସମୟ :** ତା.03.11.2023ରିଖ 1130 ଘଟିକା।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ https://www.ireps.gov.inର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-704/O/23-24

## ପ୍ରଥମ ପୃଷ୍ଠାରୁ...

### ପିଆଜ ହେଲାଣି ...

ବଡ଼ କଷ୍ଟ ହୋଇଛି। ଓଡ଼ିଶା ବ୍ୟବସାୟୀ ମହାସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି, ଓଡ଼ିଶା ବଜାରକୁ ଦୈନିକ ୧୫ ଶହ ଟନ୍ ଓ ବାର୍ଷିକ ୫ରୁ ସାଢ଼େ ୫ ଲକ୍ଷ ଟନ୍ ପିଆଜ ଆବଶ୍ୟକ। ସାରା ଦେଶରେ ବର୍ଷା ଯୋଗୁ ଫସଲ ଅମଳ ବାଧାପ୍ରାପ୍ତ ହୋଇଥିବାରୁ ଏହି ଦର ବୃଦ୍ଧି ହୋଇଛି। ପ୍ରତି ବର୍ଷ ଅଗଷ୍ଟରୁ ନଭେମ୍ବରରେ ପିଆଜ ଦର ବୃଦ୍ଧି ହୋଇଥାଏ। ଏବର୍ଷ ବିଳମ୍ବରେ ଦର ବଢ଼ିଛି। ଆସନ୍ତା ୮ରୁ ୧୦ଦିନ ମଧ୍ୟରେ ତାହା ନିୟନ୍ତ୍ରଣକୁ ଆସିଯିବ ବୋଲି ଅନୁମାନ କରାଯାଉଛି। ମାତ୍ର ବେଳେବେଳେ ହେଉଥିବା ଅବାସ୍ତବ ଦର ବୃଦ୍ଧି ପଛରେ କର୍ପୋରେଟ ହାଉସ୍‌ଙ୍କ ହାତ ରହୁଥିବା ସେ ଅଭିଯୋଗ କରିଛନ୍ତି। ମାର୍କେଟରେ ଦର ସାମାନ୍ୟ ବଢ଼ିଲେ କର୍ପୋରେଟ ହାଉସ୍ ପକ୍ଷରୁ ବହୁ ପରିମାଣର ଜିନିଷ ଗଚ୍ଛିତ ରଖି କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି। ସେମାନଙ୍କ ପାଖରେ ଏକ ସଙ୍ଗେ ବିପୁଳ ପରିମାଣର ଜିନିଷ ମହଜୁଦ ରଖିବାକୁ ଅର୍ଥବଳ ସହ ପର୍ଯ୍ୟାପ୍ତ ଜାଗା ମଧ୍ୟ ମହଜୁଦ ରହୁଛି। ଏହାକୁ ସେମାନେ ଚଢ଼ା ଦରରେ ବିକ୍ରି କରୁଥିବାବେଳେ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ଏଥିପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଧ୍ୟାନ ଦେବା ଦରକାର। ଭୁବନେଶ୍ୱର ଉପକଣ୍ଠ ଆଇଗିଣିଆ ପିଆଜ ବ୍ୟବସାୟୀ ସଂଘର ସମ୍ପାଦକ ଶକ୍ତିକାନ୍ତ ମିଶ୍ର କହିଛନ୍ତି, ଅନ୍ୟ ରାଜ୍ୟରେ ପିଆଜ ଦର ବୃଦ୍ଧି ଯୋଗୁ ଓଡ଼ିଶାରେ ଏହାର ପ୍ରଭାବ ପଡ଼ିଛି। ପିଆଜ ହୋଲ୍‌ସେଲ ଦର କିଲୋ ପିଛା ୪୮ ଟଙ୍କା ରହିଛି। ଆସନ୍ତା କିଛି ଦିନ ମଧ୍ୟରେ ଦର ବୃଦ୍ଧିରେ ହ୍ରାସ ଘଟିବ। ବ୍ରହ୍ମପୁର ପିଆଜ ବ୍ୟବସାୟୀ ରାମକୃଷ୍ଣ ସାହୁ କହିଛନ୍ତି ଯେ ବ୍ରହ୍ମପୁର ସହରରେ ମାସେ ଭିତରେ ପିଆଜ ଦର ୨୦ରୁ ୬୦ ଟଙ୍କା ଛୁଇଁଛି। ମହାରାଷ୍ଟ୍ରର ନାଗପୁର ଓ ନାସିକ ଅଞ୍ଚଳରୁ ପିଆଜ ଆମଦାନୀ ହେଉଛି। ପ୍ରତିବର୍ଷ ଅକ୍ଟୋବର ଓ ନଭେମ୍ବର ସୁଦ୍ଧା ଗୋଦାମରେ ପ୍ରାୟ ୩ ମାସ ନିମନ୍ତେ ପିଆଜ ମହଜୁଦ ରହୁଥିଲା। ଏହି ସମୟରେ ନୂତନ ଉତ୍ପାଦନ ହେଉଥିଲା। ପୂର୍ବରୁ ବ୍ରହ୍ମପୁର ବଜାରକୁ ୭ରୁ ୮ଟ୍ରକ୍ ଅର୍ଥାତ ଦୈନିକ ୨୦୦ଟନ୍‌ରୁ ଅଧିକା ପିଆଜ ଆମଦାନୀ ହେଉଥିଲା। କିନ୍ତୁ କିଛିଦିନ ହେବ ମାତ୍ର ୩ରୁ ୪ ଟ୍ରକ୍ ଅର୍ଥାତ୍ ୧୦୦ରୁ ୧୨୦ ଟନ୍ ପିଆଜ ଆମଦାନୀ ହେଉଛି। ପିଆଜ ଚାହିଦା ବୃଦ୍ଧି ପାଇବା ଓ ଆମଦାନୀ କମିଯାଉଥିବାରୁ ଦର ବୃଦ୍ଧି ଘଟିଛି ବୋଲି ସେ କହିଛନ୍ତି। କଟକ ଛତ୍ରବଜାର ହୋଲ୍‌ସେଲ୍ ବ୍ୟବସାୟୀ ଦେବେନ୍ଦ୍ର କୁମାର ସାହୁ କହିଛନ୍ତି, ଆନ୍ଧ୍ର ଓ ତାମିଲନାଡୁରୁ କଟକକୁ ସର୍ବାଧିକ ପିଆଜ ଆସୁଛି। ସେଠାରେ ଉତ୍ପାଦନ କମ୍ ସାଙ୍ଗକୁ ଲୋକଙ୍କ ଚାହିଦା ଅଧିକ ରହୁଥିବାରୁ ପିଆଜ ଦର ବଢ଼ୁଛି। ଏଭଳି ସମସ୍ୟା ଆଉ ପ୍ରାୟ ଏକ ମାସ ରହିବ। ନୂଆ ପିଆଜ ଆମଦାନି ହେଲେ ଦର ଖସିବ। ପ୍ରତିଦିନ ଛତ୍ରବଜାରକୁ ପ୍ରାୟ ୧୦୦ରୁ ୧୨୦ ଟନ୍ ପିଆଜ ଆସିଥାଏ। ହେଲେ ଏବେ ଆମଦାନି କମ୍ ହେଉଥିବାରୁ ଦୈନିକ ୭୦ରୁ ୮୦ ଟନ୍ ପିଆଜ ଆସୁଛି। ତେଣୁ ପିଆଜ ଦର ବୃଦ୍ଧି ଘଟୁଛି। ଦରକୁ ନେଇ କିଛି ଆକଳନ କରାଯାଇପାରୁନାହିଁ। ପ୍ରତିଦିନର ଆମଦାନୀକୁ ନେଇ ବଜାର ଦର ପ୍ରଭାବିତ ହେଉଛି ବୋଲି ସାହୁ କହିଛନ୍ତି।

### ସଙ୍ଗୀତ ନିର୍ଦ୍ଦେଶକ ସ୍ୱରୂପ ...

କୃଷ୍ଣା କାବେରୀ, କି ହେବ ଶୁଆ ପୋଷିଲେ, ଶୁଭଦ୍ରା, ସକଳ ତୀର୍ଥ ତୋ ଚରଣେ, ଉଦଣ୍ଡୀ ସୀତା, ପଞ୍ଜୁରି ଭିତରେ ଶାରୀ, ମୋ କୋଳ ତୋ' ଝୁଲଣା, ଏ ଯୁଗର କୃଷ୍ଣ ସୁଦାମା, ଆଇ ଲଭ ୟୁ, ଅର୍ଜୁନ, ପ୍ରେମୀ ନମ୍ବର ୱାନ, ଶାଶୁ ଘର ଚାଲିଯିବି, ପ୍ରେମ ରତ୍ନ ଆସିଲାରେ, ପ୍ରଥମ ପ୍ରେମ, ମୁଁ ତତେ ଲଭ୍ କରୁଛି, ରୋମିଓ ଦ ଲଭରବୟ ଏବଂ ଆପ୍ପା ହାତ ଜଗନ୍ନାଥ ଆଦି ରହିଛି। ।

**ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀଙ୍କ ଶୋକ**

ସଙ୍ଗୀତ ନିର୍ଦ୍ଦେଶକ ସ୍ୱରୂପ ନାୟକଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି। ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ତଥା ଗୀତିକାର ସ୍ୱରୂପ ନାୟକଙ୍କ ଦେହାନ୍ତ ବିଷୟରେ ଜାଣି ଦୁଃଖିତ। ତାଙ୍କ ନିଆରା ସଙ୍ଗୀତ ରଚନା ସର୍ବଦା ଶ୍ରୋତାଙ୍କ ହୃଦୟରେ ସ୍ୱତନ୍ତ୍ର ହୋଇ ରହିବ। ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ସମୃଦ୍ଧ କରିବାରେ ବହୁମୂଲ୍ୟ ଯୋଗଦାନ ପାଇଁ ସେ ଚିରସ୍ମରଣୀୟ ରହିବେ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ସାମାଜିକ ଗଣମାଧ୍ୟମ ଏକ୍ସ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି। କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ପ୍ରକାଶ କରି କହିଛନ୍ତି, ଓଡ଼ିଶାର ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ, ଗୀତିକାର ତଥା ଅଭିନେତା ସ୍ୱରୂପ ନାୟକଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ସଙ୍ଗୀତ ନିର୍ଦ୍ଦେଶନାରେ ସେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିଥିଲେ। ବିଶେଷ ଭାବରେ ଓଡ଼ିଆ ଚଳଚ୍ଚିତ୍ର ଓ ସଙ୍ଗୀତ ଜଗତକୁ ତାଙ୍କର ଅବଦାନ ଅନେକ। ତାଙ୍କ ବିୟୋଗରେ ଓଡ଼ିଶା ଜଣେ ଉଜ୍ଜ୍ୱଳ ପ୍ରତିଭାଙ୍କୁ ହରାଇଲା। ସେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସେହିପରି ରାଜ୍ୟ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର କହିଛନ୍ତି, ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା, କଣ୍ଠଶିଳ୍ପୀ, ସଙ୍ଗୀତ ନିର୍ଦ୍ଦେଶକ ସ୍ୱରୂପ ନାୟକଙ୍କ ବିୟୋଗରେ ଓଡ଼ିଶାର ଚଳଚ୍ଚିତ୍ର ଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲା। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଗଭୀର ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

### ପ୍ରମୋଦ ଭଗତଙ୍କୁ ...

ଏଥର ସେ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସରେ ଭାଗ ନେଇଥିଲେ ଏବଂ ୩ଟି ଯାକ ଇଭେଣ୍ଟରେ ପଦକ ହାସଲ କରିଛନ୍ତି। ବରଗଡ଼ ଜିଲା ଅତାବିରାର ପ୍ରମୋଦ ୧୯୮୮ ଜୁନ୍ ୪ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ମା'ଙ୍କ ନାମ କୁସୁମ ଦେବୀ ଓ ବାପା କୈଳାସ ଭଗତ। ୨୦୨୦ ଟୋକିଓ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ପ୍ରମୋଦ ବିଶ୍ୱ ଚାମ୍ପିୟନଶିପ୍‌ରେ ୫ ଥର ସ୍ୱର୍ଣ୍ଣ, ୨ ଥର ରୌପ୍ୟ ଓ ଥରେ ବ୍ରୋଞ୍ଜ ପଦକ ଜିତି ନିଜ କ୍ୟାରିୟରକୁ ଋଦ୍ଧିମନ୍ତ କରିଛନ୍ତି। କ୍ରୀଡ଼ାକ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ତାଙ୍କୁ ୨୦୧୯ରେ ଅର୍ଜୁନ, ୨୦୨୧ରେ ଖେଳରତ୍ନ ପୁରସ୍କାର ଏବଂ ୨୦୨୨ରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

### ୨ କୋଟି ଟଙ୍କା ...

ପଦକ ହାସଲ କରିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରମୋଦଙ୍କୁ ଅଭିନନ୍ଦନ ଜଣାଇବା ସହ କହିଛନ୍ତି ଯେ ସେ ହେଉଛନ୍ତି ଜଣେ ଉତ୍ତମ ପ୍ରତିଯୋଗୀ ଏବଂ ଦୃଢ଼ମନାର ପ୍ରତୀକ। ଆସନ୍ତା ୨୦୨୪ରେ ପ୍ୟାରିସରେ ହେବାକୁ ଥିବା ଅଲିମ୍ପିକ୍ସରେ ସେ ଆମକୁ ନିଶ୍ଚିତ ଭାବେ ଗର୍ବିତ କରିବେ । ପାରା ଅଲିମ୍ପିକ୍ସ ପୂର୍ବରୁ ଭଗତଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସ୍ୱର୍ଣ୍ଣ ପଦକ ଜିତିବା ପରେ ପ୍ରମୋଦ ସହାୟତା ଓ ସମର୍ଥନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ପାରା ଏସିଆନ ଗେମ୍ସରେ ସେ ସ୍ୱର୍ଣ୍ଣ ସହିତ ୨ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହା ତାଙ୍କୁ ପ୍ୟାରିସ ଅଲିମ୍ପିକ୍ସ ପାଇଁ ପ୍ରୋତ୍ସାହନ ଯୋଗାଇବ ବୋଲି ପ୍ରମୋଦ କହିଛନ୍ତି।

### ପଟ୍ଟାଙ୍ଗିରେ 'ଜଗନ ...

ସେବାଦଳ ଜିଲା ସଭାପତି ଏସ୍.ରାମକୃଷ୍ଣ, ଡେପୁଟି ଡିଏମ୍‌ଏଚ୍‌ଓ ଶିବ କୁମାର, ୱାଇଏସ୍‌ଆର୍‌ସିପି ବ୍ଲକ ସଭାପତି ଏସ୍. ଭରତସେନୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟପକ୍ଷରେ ଆନ୍ଧ୍ରର ସ୍ୱାସ୍ଥ୍ୟସେବା ଶିବିର ସମ୍ପର୍କରେ ଖବର ପାଇ ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ସୁକାନ୍ତ ପଟ୍ଟନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ଘଟଣା ସ୍ଥଳରେ ପହଞ୍ଚି ପ୍ରତିବାଦ କରିଥିଲେ। ଫଳରେ ଆନ୍ଧ୍ର ପ୍ରଶାସନ ସ୍ୱାସ୍ଥ୍ୟସେବା ଶିବିର ଛାଡ଼ି ଫେରିଯାଇଥିଲେ।

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଲଣ୍ଡ୍ରି କମ୍ପାନୀ ପାଇଁ ଆବଶ୍ୟକ**
୧-ଆଇରନ କାରିଗର
୨-ଡେଲିଭେରୀ ବୟ
୩-ଟାଟା ଏ ସି ଡ୍ରାଇଭର
8280082800, 9078000108

**APPOINTMENT**
FULL TIME
CLINIC ASSISTANCE BOY
(Age 18 to 22)
LADY COOK
Jayadev Vihar, Bhubaneswar
Contact : 9337505234

No.CAD-2601

Chilika
**CHILIKA DEVELOPMENT AUTHORITY**
PLOT NO.493(P), PALASPALLI, POKHARIPUT ROAD, BHUBANESWAR-751020
*Phone: 91-674-2591544, Fax: 91-674-2590485 Email: - chilika@chilika.com*
**e-PROCUREMENT**
**Tender Call Notice No. 1858/CDA/2023 Dtd.26.10.2023**

| | | | |
|---|---|---|---|
| 01. | Name of the Work | :- | **Improvement of the ferry service between Satapada and Jahnikuda by desiltation of the Ferry Route in Chilika lake using Company's own cutter suction dredger.** |
| 02. | Estimated Cost | :- | **Rs.1238.32 Lakhs** |
| 03. | Period of completion | :- | **12 (Twelve Calendar) Months.** |
| 04. | Date & Time of availability of Bid Document in the portal | :- | **28.10.2023 to 14.11.2023 upto 5.00 P.M.** |
| 05. | Date of Pre-bid queries. | :- | **06.11.2023 at 11.00 A.M. in the O/o the Chief Executive, Chilika Development Authority, Plot No.493(P), Palaspalli, Bhubaneswar-751020.** |
| 06. | Last Date/Time for submission of Bids in the portal. | :- | **14.11.2023 by 5.00 P.M.** |
| 07. | Date of opening of the Bids | :- | **15.11.2023 at 11.00 A.M. in the O/o the Chief Executive, Chilika Development Authority, Plot No.493(P), Palaspalli, Bhubaneswar-751020.** |
| 08. | Name and Address of the Officer Inviting Tender (O.I.T) | :- | **Addl. Chief Executive Chilika Development Authority, Plot No.493(P), Pallaspalli, Pokhariput Road, Bhubaneswar-751020** |

*Further information and other details are available for downloading from the Website e-procurement portal* "https://tendersodisha.gov.in". *Addendum/Corrigendum if required will be available only in the Website e-procurement portal* "https://tendersodisha.gov.in"

Sd/
Addl. Chief Executive
Chilika Development Authority

OIPR-08138/11/0011/2324

# ୧୮ ବର୍ଷର ବିଦ୍ୟୁତ୍ ବିଲ୍ ୧୧ ଲକ୍ଷ ଟଙ୍କା

**ଲଣ୍ଡନ**



କିଛି ଜିନିଷକୁ ପ୍ରଥମ ଥର ବ୍ୟବହାର କରିବାବେଳେ ସେଥିରେ କିଛି ସୁବିଧା ମିଳିଥାଏ। ଯଦି ଲୋକେ ସେହି ସୁବିଧାକୁ ସବୁବେଳ ପାଇଁ ନେବାକୁ ଚାହିଁବେ, ତେବେ ତାହା ଅସୁବିଧାରେ ପରିଣତ ହୋଇଯିବ। ନିକଟରେ ଜଣେ ଦମ୍ପତିଙ୍କ ସହ ଏପରି ଏକ ଘଟଣା ଘଟିଛି। ଦମ୍ପତି ଗତ ୧୮ ବର୍ଷ ଧରି ବିଜୁଳି ବିଲ୍ ଦେଇ ନାହାନ୍ତି। ଏତେ ବର୍ଷ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ସେବା ଉପଭୋଗ କରୁଥିଲେ। ହେଲେ ଏବେ ସେମାନଙ୍କୁ ଏକ ଝଟ୍କା ଲାଗିଛି। ବ୍ରିଟେନର ବାସିନ୍ଦା ୪୪ ବର୍ଷୀୟା ଲି ହେନେସ୍ ଏବଂ ତାଙ୍କ ସ୍ୱାମୀ ୪୫ ବର୍ଷୀୟ ଜୋ ଉଡ୍‌ଲେଙ୍କୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ନିକଟରେ ଏକ ବିଲ୍ ଆସିଛି। ସେଥିରେ ବିଦ୍ୟୁତ୍ ବିଲ ୧୧ ଲକ୍ଷ ଟଙ୍କା ଲେଖା ରହିଛି। ଦମ୍ପତିଙ୍କ କହିବା କଥା, ସେମାନଙ୍କୁ ୧୮ ବର୍ଷରୁ ବିଦ୍ୟୁତ୍ ବିଲ ମିଳି ନ ଥିଲା। ସେମାନେ ତାଙ୍କ ବିଦ୍ୟୁତ୍ ଅପରେଟରଙ୍କୁ ବହୁତ ଖୋଜିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କୁ ନ ପାଇବାରୁ ସେହି ଚେଷ୍ଟା ଛାଡ଼ିଦେଲେ। ଏବେ ୧୮ ବର୍ଷ ପରେ ବିଦ୍ୟୁତ୍ ବିଲ୍ ଆସିଛି। ୨୦୦୫ରେ ଦମ୍ପତି ତାଙ୍କ ନୂଆ ଘରେ ରହିବାକୁ ଆସିଥିଲେ। ସେବେଠାରୁ ତାଙ୍କୁ ବିଦ୍ୟୁତ୍ ବିଲ୍ ଆସି ନ ଥିଲା। ତେବେ ଚଳିତବର୍ଷ ତାଙ୍କୁ ଏକ ଚିଠି ମିଳିଥିଲା। ସେଥିରେ ପୋଷ୍ଟମ୍ୟାନ ତାଙ୍କ ପାଖକୁ ବିଲ୍‌ର ଚିଠି ପଠାଇ ପାରୁ ନ ଥିବା ଲେଖିଥିଲା। ଯେତେବେଳେ ବି ଦମ୍ପତିଙ୍କ ଘରର ଚିଠି ବାକ୍ସରେ ଯିଏ ବି କିଛି ଚିଠି ପକାଉଥିଲା, ତାଙ୍କ ବିଲେଇ ତାକୁ ଫିଙ୍ଗି ଦେଉଥିଲା। ବିଦ୍ୟୁତ୍ ବିଭାଗର କହିବା କଥା, ସେମାନେ ଦମ୍ପତିଙ୍କୁ ଚିଠି ଦେବାକୁ ଚାହୁଁଥିଲେ ମଧ୍ୟ ତାଙ୍କ ବିଲେଇ ସେପରି କରିବାକୁ ଦେଉ ନ ଥିଲା।

## ଓଟିଟିରେ ତାରାଙ୍କ ଏଣ୍ଟ୍ରି



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ତାରା ସୁତାରିଆଙ୍କ ଆଗାମୀ ସର୍ଭାଇଭାଲ ଥ୍ରିଲର ଫିଲ୍ମ 'ଅପୂର୍ବା'ର ଟେଲର ଗୁରୁବାର ରିଲିଜ୍ ହୋଇଯାଇଛି। ଏହି ଫିଲ୍ମ ଜରିଆରେ ତାରା ଓଟିଟିରେ ଏଣ୍ଟ୍ରି କରିବେ। ନିଖିଲ ନାଗେଶ ପଟ୍ଟଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ତାରା ବଞ୍ଚିବା ପାଇଁ ଅନେକ ପରିସ୍ଥିତିକୁ ସମ୍ମୁଖୀନ କରୁଥିବା ଜଣେ ସାଧାରଣ ଝିଅ ଚରିତ୍ରରେ ନଜର ଆସିବେ। ତାଙ୍କ ସହ ରାଜପାଲ ଯାଦବ, ଅଭିଷେକ ବାନାର୍ଜୀ, ଧୈର୍ଯ୍ୟ କାର୍ୱା ପ୍ରମୁଖଙ୍କୁ ମୁଖ୍ୟ ଚରିତ୍ରରେ ଦେଖିବାକୁ ମିଳିବ। ତାରା ନିଜ ଇନ୍‌ଷ୍ଟାଗ୍ରାମରେ ସିନେମାର ଟ୍ରେଲର ପୋଷ୍ଟ କରିଛନ୍ତି। ସେ ପ୍ରଥମ ଥର ପାଇଁ ଏହି ଫିଲ୍ମ ଜରିଆରେ ଏକ ଭିନ୍ନ ଚରିତ୍ରରେ ଅଭିନୟର ଅନୁଭବକୁ ଶେୟାର କରିଛନ୍ତି। ଟ୍ରେଲରରେ ତାରାଙ୍କୁ ପାଗଳ ପରି ନିଜ ଭାବି ସ୍ୱାମୀ ଧୈର୍ଯ୍ୟ କାର୍ୱାଙ୍କୁ ଭଲପାଉଥିବା ଦେଖିବାକୁ ମିଳିଛି। କିନ୍ତୁ ତାରାଙ୍କ ଅପହରଣ ପରେ ଉଭୟଙ୍କ ରୋମାଣ୍ଟିକ୍ ଜୀବନ ବଦଳି ଯାଇଛି। ତେବେ ତାରା ୨୦୧୯ରେ ଫିଲ୍ମ 'ଷ୍ଟୁଡେଣ୍ଟ ଅଫ ଦି ଇଅର ୨' ଜରିଆରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଆଉ ୪ଟି ସିନେମା କରିଛନ୍ତି। ଏଥିସହ ସେ ଅନେକ ମ୍ୟୁଜିକ୍ ଭିଡିଓରେ ମଧ୍ୟ ନଜରକୁ ଆସିଛନ୍ତି।

# ମେଶିନ ସାହାଯ୍ୟରେ ବଞ୍ଚୁଛନ୍ତି



**ୱାଶିଂଟନ**

ବେଳେବେଳେ ଆମେ ନିଜ ଶରୀର ପ୍ରତି ଧ୍ୟାନ ଦେଇ ନ ଥାଉ। ତାହା ଆମକୁ ମହା ବିପତ୍ତିକୁ ମଧ୍ୟ ନେଇଯାଇଥାଏ। ଆମେରିକାର ଜଣେ ମହିଳାଙ୍କୁ ଏ ବାବଦରେ ସେତେବେଳେ ଜଣାପଡ଼ିଲା, ଯେତେବେଳେ ତାଙ୍କ ଶରୀରର ଏକ ଅଂଶ ତାଙ୍କଠାରୁ କାଢି ନିଆଗଲା। ମାଶାଚୁସେଟ୍‌ସର ବାସିନ୍ଦା ୩୦ ବର୍ଷୀୟା ସୋଫିଆ ହାର୍ଟଙ୍କର ଏକ ବିରଳ ଜେନେଟିକ୍ ହାର୍ଟ ଅବସ୍ଥା ରହିଛି; ଯେଉଁଥିପାଇଁ ତାଙ୍କ ହୃଦୟ ସ୍ପନ୍ଦନ ନାହିଁ। ଏହା ଯୋଗୁ ସେ ବ୍ୟାଟେରି ସାହାଯ୍ୟରେ ବଞ୍ଚୁଥିବା କହିଛନ୍ତି। ସୋଫିଆ ବର୍ତ୍ତମାନ ଇରେଭର୍ସେବଲ ଡାଇଲେଟେଡ୍ କାର୍ଡିଓମାଓପାଥି ଅବସ୍ଥାରେ ଅଛନ୍ତି। ଏଥିପାଇଁ ତାଙ୍କ ହାର୍ଟ ଫେଲ୍ ହୋଇପାରେ। ଏବେ ତାଙ୍କୁ ଲେଫ୍ଟ ଭେଣ୍ଟ୍ରିକୁଲର ଆସିଷ୍ଟ ଡିଭାଇସ (ଏଲ୍‌ଭିଏଡି)ର ସାହାଯ୍ୟ ନେବାକୁ ପଡ଼ିଛି; ଯେଉଁଥିରେ ତାଙ୍କ ହୃଦ୍ ସ୍ପନ୍ଦନ ଠିକ୍ ଭାବେ ଚାଲିପାରିବ। ଏହାପରେ ତାଙ୍କର ହୃଦୟ ପ୍ରତିରୋପଣ କରାଯିବ। ୨୦୨୨ରେ ସେ ଯେତେବେଳେ ଘୋଡ଼ା ଫାର୍ମରେ କାମ କରିବା ସମୟରେ ତାଙ୍କୁ ଏହି ସମସ୍ୟା ବାବଦରେ ଜଣାପଡ଼ିଥିଲା। ସେ କମ୍ କାମରେ ମଧ୍ୟ ଶୀଘ୍ର ଥକି ପଡୁଥିଲେ। ସୋଫିଆଙ୍କର ଜଣେ ଯାଆଁଳା ଭଉଣୀ ଅଛନ୍ତି। ତାଙ୍କର ମଧ୍ୟ ଏପରି ସମସ୍ୟା ଥିଲା। ପରେ ତାଙ୍କର ୨୦୧୬ରେ ହୃଦୟ ପ୍ରତିରୋପଣ କରାଯାଇଥିଲା। ଏବେ ସୋଫିଆ ମଧ୍ୟ ମେଶିନ ସାହାଯ୍ୟରେ ଜୀବନ କାଟୁଛନ୍ତି।

# 'ତନୁ ୱେଡ୍‌ସ ମନୁ ୩' ଶୁଟିଂ ଆରମ୍ଭ କରିବେ କଙ୍ଗନା



**ମୁମ୍ବାଇ**

କଙ୍ଗନା ରଣାୱତ ନିକଟରେ ତାଙ୍କ ଆଗାମୀ ୩ଟି ପ୍ରୋଜେକ୍ଟ ବାବଦରେ ଖୋଲାଖୋଲି କଥା ହୋଇଛନ୍ତି। ତାଙ୍କ 'ରୋମାଞ୍ଚକର' ମୁଭି, ଯେଉଁଥିରେ ସେ ବିଜୟ ସେତୁପତିଙ୍କ ସହ ସ୍କ୍ରିନ ଶେୟାର କରିବେ। କଙ୍ଗନା ଆହୁରି ମଧ୍ୟ କହିଛନ୍ତି ଯେ ତାଙ୍କୁ ବଙ୍ଗୀୟ ଥିଏଟର କିମ୍ବଦନ୍ତୀ ଉପରେ ଆଧାରିତ ଫିଲ୍ମ 'ନୋଟି ବିନୋଦିନି'ରେ ମଧ୍ୟ ଦେଖିବାକୁ ମିଳିବ। ଏହି ଚଳଚ୍ଚିତ୍ର ପୂର୍ବରୁ ଘୋଷଣା ହୋଇସାରିଛି। ତାଙ୍କର ତୃତୀୟ ପ୍ରୋଜେକ୍ଟ 'ତନୁ ୱେଡ୍‌ସ ମନୁ ୩' ହୋଇଥିବାବେଳେ ସେ ଖୁବ୍‌ଶୀଘ୍ର ଏହାର ଶୁଟିଂ ଆରମ୍ଭ କରିବେ ବୋଲି କହିଛନ୍ତି।


**INDIRA GANDHI INSTITUTE OF TECHNOLOGY**
**SARANG, DHENKANAL-759146**
**(An Autonomous Institute of Govt. of Odisha)**
No.IGIT/ACA-EXAM-1471 Date:26.10.2023

**NOTICE**

**No.KK-273:**In pursuance to the order of SD&TE Department vide No-HTE-HTE-I-0003-2017-7874/SDTE, dated-20/10/2023, the spot round admission to B.Tech, B.Tech (LE) and M.Tech courses against the vacant seats in few branches arising after final round of OJEE counselling for the academic year 2023-24 will be conducted on 30/10/2023. The details of the admission process, the branch wise vacancy and timing of spot round counselling are available in the Institute website **www.igitsarang.ac.in.**

Sd./- DIRECTOR
OIPR-14091/11/0081/2324

**INSTITUTE ON MANAGEMENT OF AGRICULTURAL EXTENSION (IMAGE)**
(AN AUTONOMOUS INSTITUTE OF GOVERNMENT OF ODISHA)
Siripur, Bhubaneswar - 751003, Odisha
Ph.: (0674) 2974145, E-mail: imagebbsr1999@gmail.com
No. 4873/IMAGE Dated: 27.10.2023

**CORRIGENDUM AND ADDENDUM NOTICE**
with reference to the RFP No. 4440/IMAGE Dt.27.09.2023 for Selection of Agency for Establishment of PMU under RKVY-RAFTAAR Scheme at DA&FE(O)

No. CAD-: The details of information relating to the Corrigendum & Addendum with reference to the RFP No. 4440/IMAGE Dt.27.09.2023 can be downloaded from **www.agri.odisha.gov.in** from Dt.27.10.2023. Other terms and conditions as mentioned in the RFP document remains unchanged.

OIPR-01408/11/0007/2324 Sd./- Director, IMAGE

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, KANDHAMAL**
No.A-720: **e-Procurement Notice**
**BID IDENTIFICATION NO-03/2023-24**
Letter No.1944, Dt.26.10.2023

| | |
|---|---|
| Name of work | Construction of Maniduba Check Dam over Local nalla near village Maniduba in Ganjuguda GP of Phulbani Block of Kandhamal District under MATY scheme for 2023-24.. |
| No. of Works | 01 (one) No. |
| Estimated Cost | Rs. 41.72 lakh Approximately |
| Tender paper cost | Rs.6000.00 (Non- refundable) |
| Period of completion | 180 (one hundred eighty days) only. |
| Availability of Bid documents | From 10.00 AM of 13.11.2023 to 16.00 hrs of 22.11.2023 in website (www.tendersodisha.gov.in) |
| Time of receipt of bid through on line | From 10.00 AM of 13.11.2023 to 16.00 hrs of 22.11.2023 through online |
| Date of opening of bid documents | At 11.00 hrs of 23.11.2023 in the O/o. E.E., K.M.I. Division, Phulbani |
| Digital signature certificate | The bidder must possess compatible Digital Signature Certificate (DSC) of class II or class-III |

The detail tender call notice can also be seen in the DOWR website http/dowrorissa.gov.in. Name and address of the OIT:- Superintending Engineer, M.I, Division, Kandhamal, Ph No.06842-253634, Fax:-06842-253816, E-mail: kmidplb@gmail.com. Further details can be seen from the e-procurement market place, http//www.tendersodisha.gov.in.

Sd./-(Er. Sunil Kumar Tripathy)
Superintending Engineer, M.I.Division, Kandhamal
OIPR-32487/11/0003/2324

**OFFICE OF THE SUPERINTENDING ENGINEER**
**DHENKANAL (R&B) DIVISION, DHENKANAL**
No. B-1149 Email: eedklpwd@gmail.com
**INVITATION FOR BIDS THROUGH e-Procurement**
Bid Identification No. SEDKL (R&B), 28/2023-24
**Invitation for Bids**

| | | | |
|---|---|---|---|
| 1. | The Superintending Engineer, Dhenkanal (R&B) Division, Dhenkanal on behalf of Governor of Odisha invites percentage rate bids in Single Cover System in ONLINE MODE only for construction of Building Work & Electrical Work as detailed below. | | |
| 2. | Nature of Work | : | Electrical Works |
| 3. | No. of Work | : | 06 Nos. |
| 4. | Bid Cost | : | Rs.6,000/- |
| 5. | Class of Contractor | : | MV/HT Licence |
| 6. | Availability of Bid Documents in the website | : | From 10.00 A.M. of 31.10.2023 to 5.00 P.M. of 14.11.2023 |
| 7. | Date of Opening of Bid | : | Dt.15.11.2023 at 11.00 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | | |

Sd./- Superintending Engineer
Dhenkanal (R&B) Division, Dhenkanal
OIPR-34016/11/0024/2324

**DIRECTORATE OF HANDICRAFTS, ODISHA**
1st Floor, Heads of Department Building, Unit - V, Bhubaneswar - 1
Tele Fax: 0674-2396745, E-mail ID: dhciori@gmail.com
Letter No. 6152 Dt.27.10.2023

No. PP-: ଏତଦ୍ୱାରା ଓଡ଼ିଶାରେ ପଥର ଖୋଦେଇ ହସ୍ତଶିଳ୍ପରେ କାର୍ଯ୍ୟରତ କାରିଗରମାନଙ୍କୁ ଜଣାଇ ଦିଆଯାଉଅଛି କି, ଯେ ଖୋର୍ଦ୍ଧାର ନରଶଗଡ଼ ଓ କଟକର ଗୋବିନ୍ଦପୁର ଖଣିରୁ ଅବଢ଼ା ଯୋଜନାରେ ଅବ୍ୟବହୃତ ବଳକା ଖଣ୍ଡୋଲାଇଟ ପଥର ଉତ୍ତୋଳିକା ମାଧ୍ୟମରେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟରେ ଯୋଗାଇ ଦିଆଯିବ। ଇଚ୍ଛୁକ କାରିଗରମାନେ ଏକ ନିର୍ଦ୍ଦିଷ୍ଟ ଫର୍ମରେ ନିଜ ଜିଲ୍ଲାର ଉପନିର୍ଦ୍ଦେଶକ (ହସ୍ତଶିଳ୍ପ)/ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ)ଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ।
ଉକ୍ତ ଫର୍ମଟି **https://crafts.odisha.gov.in** ୱେବସାଇଟ୍/ଉପନିର୍ଦ୍ଦେଶକ (ହସ୍ତଶିଳ୍ପ)/ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ)ଙ୍କ କାର୍ଯ୍ୟାଳୟରେ ଉପଲବ୍ଧ।

OIPR-31034/11/0002/2324 ସ୍ୱା./– ନିର୍ଦ୍ଦେଶିକା

**DIRECTORATE OF TECHNICAL EDUCATION & TRAINING, ODISHA, CUTTACK**
E-mail: dtetorissa@gmail.com, Website: dtetodisha.gov.in
**ADMISSION NOTICE**
**ADMISSION OF WORKING PROFESSIONALS INTO LATERAL ENTRY DIPLOMA ENGINEERING COURSES FOR THE ACADEMIC YEAR 2023-24**
No. 14926 Dt.27.10.2023

No. KK-275: It is for information of all Professionals working in Registered Industry/Organization (Central/State)/Private/Public Ltd. Company/MSMEs that admission into Lateral Entry Diploma Engineering Courses in certain AICTE approved Govt. and Private Engineering Schools/Polytechnics of the State shall be done for the academic year 2023-24. The AICTE guidelines and list of Institutions with Course name are available on SAMS portal **www.samsodisha.gov.in**. The admission process shall be completed by the institution within 30.10.2023 as per AICTE notification.

Sd./- Director of Technical Education & Training, Odisha
OIPR-14004/11/0010/2324

**Government of Odisha**
**OFFICE OF THE CHIEF CONSTRUCTION ENGINEER**
**CUTTACK (R&B) CIRCLE, CUTTACK**
E-mail Id:sectcrb_2006@yahoo.co.in, Tel/Fax:0671-2301751/2302751
**('e' - PROCUREMENT NOTICE )**
Bid Identification No.CCE.Ctc.(R&B) 22 /2023-24.

**No.B-1148:**1.The Chief Construction Engineer, Cuttack (R&B) Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road, Building and Minor Bridge works as mentioned below.
2. No. of work :- 02 Nos.
3. Nature of work :- Building works
4. Class of contractor :- **'A' Class**
5. Tender paper cost :- Rs.10000/- (online)
6. Available of bid document in the website. :- From 04.11.2023 to 17.30 Hours of 18.11.2023
7. Date of opening of bid :- Dt.20.11.2023 at 11.00 Hours
8.The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd/-P.K. Rath
Chief Construction Engineer, Cuttack (R&B) Circle
OIPR-34012/11/0036/2324

**GOVERNMENT OF ODISHA** No.L-130:
**OFFICE OF THE SUPERINTENDING ENGINEER (AGRIL.)**
**NORTHERN ZONE, AT/PO-REMED, SAMBALPUR-768006**
e-mail:senzsambalpur@gmail.com
Notice No.2177, Dt.26.10.2023
NATIONAL COMPETITIVE BIDDING THROUGH e-Procurement
Identification No.06/Agril./NZ/2023-24, Dt.26.10.2023

| | | | |
|---|---|---|---|
| 01 | Nos. of Work | :: | 08 Nos. |
| 02 | Tendered Amount in Rs. | :: | Rs.5,00,000/- to Rs.1,38,17,683/- |
| 03 | Period of Completion | :: | 30 to 180 days |
| 04 | Date & Time of availability of bid document in the Portal | :: | From 11.00 Hrs. of 03.11.2023 to 17.30 Hrs. of 15.11.2023 |
| 05 | Last date/time of receipt of bids in the Portal | :: | 17.30 Hrs. of 15.11.2023 |
| 06 | Date & Time of opening of Bids | :: | 11.00 Hrs. of 21.11.2023 |
| 07 | Name and Address of the Officer Inviting Bid | :: | Superintending Engineer (Agril.) Northern Zone, At/PO- Remed, Sambalpur, Pin-768006 |

Further details can be seen from the website **www.tendersodisha.gov.in.**

Sd./- (Er. Pruthwiraj Mohanty)
Superintending Engineer (Agril.)
Northern Zone, Sambalpur
OIPR-01495/11/0006/2324

**idco** Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.CAD-2604
**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022**
Tender Call Notice No.IDCO/H.O./P&C/EST/E-1113/03/2015/33907 dated:25.10.2023
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**
(1) Name of the Work: Improvement of existing Black top approach road to M/s. IIIT, Bhubaneswar, Gothapatana, Khurdha.
(2) Estimated Cost: Rs.61.23 lakh (Approx.)
(3) Period of Completion: 02 (Two) Calendar Months.
(4) Other details:

| Procurement Officer | Bid Identification No. | Availability of Tender | Online for Bidding |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No. P&C/EST/E-143/2023-24 | 02.11.2023 at 17.00 Hrs. | 17.11.2023 upto 17.00 Hrs. |

Further details can be seen from the e-Procurement Portal **www.tendersodisha.gov.in.** and Corrigendum if any will not be published in newspapers and can only be seen in the e-Procurement portal **www.tendersodisha.gov.in.** and **www.idco.in**

Sd./-Chief General Manager (P&C), IDCO, Bhubaneswar
OIPR-14003/11/0260/2324

**GOVERNMENT OF ODISHA** email- serwsbd2003@yahoo.com
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNABEDA**
**e-Procurement Notice for PMGSY Works & Bridge Works**

**No.O-1368:**1. Name of the Work: Construction of Road Works under PMGSY & Bridge Works (06 Nos.). 2. Class of Contractor: "A" & Special Class of (Odisha PWD) or relevant class of other licensing authority. 3. Estimated Cost: Varies from Rs.270.92 Lakhs to Rs.809.77 Lakhs (Approximately). 4. Details projects as per Annexure attached. :

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online-39/2023-24 | 01.11.2023 at 11.00 A.M. | 15.11.2023 upto 5.00 P.M. | 14.11.2023 upto 2.00 P.M. | 16.11.2023 at 11.00 A.M. | To be intimated separately |
| Chief Construction Engineer, Rural Works Circle, Sunabeda | CCERWCSBD-Online-40/2023-24 | 01.11.2023 at 11.00 A.M. | 15.11.2023 upto 5.00 P.M | 14.11.2023 upto 2.00 P.M. | 16.11.2023 at 11.00 A.M. | To be intimated separately |

5. The details of works can be seen from the website https://www.tendersodisha.gov.in for Bridge Works.
6. The details of works can be seen from the website https://www.pmgsytenders.gov.in for PMGSY Road Works.
7. Any Corrigendum/Addendum will be displayed in the above e-tender website.

OIPR-25182/11/0039/2324
Sd./- Chief Construction Engineer
Rural Works Circle, Sunabeda

**GOVERNMENT OF ODISHA** No.O-1371:
**OFFICE OF THE CHIEF CONSTRUCTION ENGINEER,CENTRAL RURAL WORKS CIRCLE, BHUBANESWAR**
Phone - 0674-2540742, Email: se_ccrw@yahoo.co.in
No.5467/ Date 27.10.2023
**"e" Procurement Notice for Road Works**

| | | | |
|---|---|---|---|
| 1 | Name of the Work | : | Road works under Periodical renewal work of 5 years post DLP PMGSY roads for the financial year 2023-24 under Incentive grant received from GoI |
| 2 | Total No. of Packages | : | 1 No. of Package |
| 3 | Estimated Cost of the Package | : | Rs.91.56 Lakh |
| 4 | Class of Contractor | : | |
| | a)Estimated cost more than Rs. 20.00 Lakh upto Rs.3.00 Crore | : | B Class (of Odisha PWD) or relevant class of other licensing authorities |
| 5 | Period of completion | : | As mentioned in Column-8 of Annexure |
| 6 | Offered rates by bidder | : | The offered rate by the contractor shall be excluding GST. |
| 7 | Other details | : | |

| Procurement Officer | Bid Identification No. | Availability of Tender Online for bidding | | Seeking clarification of tender | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Central Rural Works Circle, Bhubaneswar | Tender- Online- C.C.43 of 2023 | 01.11.2023 at 11.00 AM | 15.11.2023 upto 5.00 PM | 14.11.2023 Upto 5.00 PM | 16.11.2023 at 11.00 A.M. | To be intimated later on |

Further details can be seen from the website:- www.tendersodisha.gov.in
OIPR-25082/11/0033/2324
Sd./- Chief Construction Engineer
Central Rural Works Circle, Bhubaneswar



# ଦକ୍ଷିଣ ଆଫ୍ରିକାର ସଂଘର୍ଷପୂର୍ଣ୍ଣ ବିଜୟ

## ପାକିସ୍ତାନ ଆଶା ମଉଳିଲା

**ଚେନ୍ନାଇ, ୨୭।୧୦**

ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଶୁକ୍ରବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୧ ଉଇକେଟରେ ପାକିସ୍ତାନକୁ ହରାଇ ଦେଇଛି। ବିଭିନ୍ନ ସମୟରେ ନାଟକୀୟ ମୋଡ଼ ପରେ ଶେଷରେ ଦକ୍ଷିଣ ଆଫ୍ରିକାର ବିଜୟ ହୋଇଥିଲା। ପାକିସ୍ତାନ ୪୬.୪ ଓଭରରେ ୨୭୦ ରନକରି ଅଲ୍‌ଆଉଟ ହୋଇଥିବାବେଳେ ଦକ୍ଷିଣ ଆଫ୍ରିକା ୪୭.୨ ଓଭରରେ ୯ ଉଇକେଟ ହରାଇ ୨୭୧ ରନ ସଂଗ୍ରହ କରି ନେଇଥିଲା। ପରାଜୟ ଫଳରେ ପାକିସ୍ତାନର ସେମିଫାଇନାଲ ଆଶା ମଉଳିଛି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ପାକିସ୍ତାନ ଧିମା ଆରମ୍ଭ କରିଥିଲା। କେବଳ ସେତିକି ନୁହେଁ ୩୮ ରନ ମଧ୍ୟରେ ଦଳ ୨ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ବାବର ଆଜମ ଓ ମହମ୍ମଦ ରିଜୱାନ ଇନିଂସ ସମ୍ଭାଳିଥିଲେ। ପାକିସ୍ତାନର ଅଧିକାଂଶ ବ୍ୟାଟର ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଫଳରେ ଦଳ ବୃହତ୍ ସ୍କୋରରୁ ଦୂରରେ ରହି ଯାଇଥିଲା। ମହମ୍ମଦ ରିଜୱାନ ୩୧ ଓ ଇଫତିକାର ଅହମଦ ୨୧ ରନକରି ପ୍ୟାଭିଲିୟନ ଫେରିଥିବାବେଳେ ବାବର ଠିକ୍ ୫୦ ରନ ପୂରଣ କରିବା ପରେ ଟାବ୍ରାଇଜ୍ ଶାମ୍ସିଙ୍କ ବଲ୍‌ରେ ଆଉଟ ହୋଇ ଯାଇଥିଲେ। ଲୋୟର ମିଡିଲ ଅର୍ଡରରେ ସୌଦ ଶକିଲ (୫୨ ରନ) ଅର୍ଦ୍ଧଶତକ ହାସଲ କରିଥିଲେ। ଏହାବ୍ୟତୀତ ଶଦାବ ଖାଁ ୩୬ ବଲ୍‌ରୁ ୪୩ ଓ ମହମ୍ମଦ ନୱାଜ ୨୪ ରନ କରିଥିଲେ ମଧ୍ୟ ପାକିସ୍ତାନ ପୂରା ୫୦ ଓଭର ଖେଳିପାରି ନ ଥିଲା। ଦଳ ୪୬.୪ ଓଭରରେ ୨୭୦ ରନରେ ସୀମିତ ରହିଥିଲା। ପାକସ୍ତାନ ଦଳକୁ ସବୁଠାରୁ ଅଧିକ କ୍ଷତି ପହଞ୍ଚାଇଥିଲେ ଶାମ୍ସି ଓ ମାର୍କୋ ଜାନସେନ। ଶାମ୍ସି ୪ଟି ଓ ଜାନସେନ ୩ଟି ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗେରାଲ୍ଡ କୋଜି ୨ଟି ଓ ଲୁନ୍‌ଗି ଏନ୍‌ଗିଡି ଗୋଟିଏ ଉଇକେଟ ନେଇଥିଲେ।

୨୭୧ ରନ ବିଜୟ ଲକ୍ଷ୍ୟରେ ଦକ୍ଷିଣ ଆଫ୍ରିକା ଏକଦା ୧୩୬ ରନ ମଧ୍ୟରେ ୪ଟି ଉଇକେଟ ହରାଇ ବିପଦରେ ପଡ଼ିଥିଲା। କ୍ୱିଣ୍ଟନ ଡି'କକ୍ ୨୪, ଅଧିନାୟକ ଟେମ୍ବା ବଭୁମା ୨୮, ରସି ଭାନ୍ ଡର୍ ଡୁସେନ ୨୧ ଓ ହେନରିଚ୍ କ୍ଲାସେନ ୧୨ ରନକରି ଆଉଟ ହୋଇ ଯାଇଥିଲେ। ମାତ୍ର ମୋମେଣ୍ଟମକୁ ଧରି ରଖିବାରେ ପାକିସ୍ତାନ ବୋଲର ବିଫଳ ହୋଇଥିଲେ। ଫଳରେ ଏଡେନ ମାରକ୍ରମ ଓ ଡେଭିଡ ମିଲର ଇନିଂସକୁ ଆଗେଇ ନେଇଥିଲେ। ୨୯ ରନ କରିଥିବା ବେଳେ ମିଲରଙ୍କୁ ଶାହିନ ଶାହା ଆଫ୍ରିଦି ଏବଂ ମାର୍କୋ ଜାନସେନ (୨୦)ଙ୍କୁ ଆଉଟ କରି ହାରିସ ରୌଫ ପାକିସ୍ତାନ ପାଇଁ ଆଶା ସଞ୍ଚାର କରିଥିଲେ। ଦକ୍ଷିଣ ଆଫ୍ରିକା ବ୍ୟାଟିଂ ମେରୁଦଣ୍ଡ ସାଜିଥିବା ମାରକ୍ରମ ଗେମ୍ ଫିନିଶ୍ କରିପାରି ନ ଥିଲେ। ସେ ଶତକଠାରୁ ୯ ରନ ଦୂରରେ ଥିବାବେଳେ ୯୧ (୯୩ ବଲ, ୭ ଚୌକା, ୩ ଛକା) ରନକରି ଉସମା ମୀରଙ୍କ ବଲ୍‌ରେ ବାବର ଆଜମଙ୍କୁ କ୍ୟାଚ ଦେଇଥିଲେ। ଫଳରେ ମ୍ୟାଚର ମୋଡ଼ ବୁଲିଥିଲା। ୨୬୦ ରନରେ ଦଳର ୯ ଉଇକେଟର ପତନ ଘଟିଥିଲା। ମାତ୍ର କେଶବ ମହାରାଜ ଓ ଟାବ୍ରାଇଜ୍ ଶାମ୍ସି ଧୈର୍ଯ୍ୟର ସହିତ କ୍ରିଜରେ ରହି ଦକ୍ଷିଣ ଆଫ୍ରିକାକୁ ସ୍ମରଣୀୟ ବିଜୟ ଦେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୪୬.୪ ଓଭରରେ ୨୭୦/ଅଲ୍‌ଆଉଟ (ସୌଦ ଶକିଲ-୫୨, ବାବର ଆଜମ-୫୦, ଶଦାବ ଖାଁ-୪୩, ଟାବ୍ରାଇଜ୍ ଶାମ୍ସି-୪/୬୦, ମାର୍କୋ ଜାନସେନ-୩/୪୩, ଗେରାଲ୍ଡ କୋଏଜି-୨/୪୨, ଲୁନ୍‌ଗି ଏନ୍‌ଗିଡି-୧/୪୫)। ଦକ୍ଷିଣ ଆଫ୍ରିକା ୪୭.୨ ଓଭରରେ ୨୭୧/୯ (ଏଡେନ ମାରକ୍ରମ-୯୧, ଡେଭିଡ ମିଲର-୨୯, ଶାହିନ ଶାହା ଆଫ୍ରିଦି-୩/୪୫, ମହମ୍ମଦ ୱାସିମ-୨/୫୦, ଉସମା ମୀର-୨/୪୫, ହାରିସ ରୌଫ-୨/୬୨)।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଦକ୍ଷିଣ ଆଫ୍ରିକା | ୬ | ୫ | ୧ | ୧୦ | +୨.୦୩୨ |
| ଭାରତ | ୫ | ୫ | ୦ | ୧୦ | +୧.୩୫୩ |
| ନ୍ୟୁଜିଲାଣ୍ଡ | ୫ | ୪ | ୧ | ୮ | +୧.୪୮୧ |
| ଅଷ୍ଟ୍ରେଲିଆ | ୫ | ୩ | ୨ | ୬ | +୧.୧୪୨ |
| ଶ୍ରୀଲଙ୍କା | ୫ | ୨ | ୩ | ୪ | -୦.୨୦୫ |
| ପାକିସ୍ତାନ | ୬ | ୨ | ୪ | ୪ | -୦.୩୮୭ |
| ଆଫଗାନିସ୍ତାନ | ୫ | ୨ | ୩ | ୪ | -୦.୯୬୯ |
| ବାଂଲାଦେଶ | ୫ | ୧ | ୪ | ୨ | -୧.୨୫୩ |
| ଇଂଲଣ୍ଡ | ୫ | ୧ | ୪ | ୨ | -୧.୬୩୪ |
| ନେଦରଲାଣ୍ଡ୍ସ | ୫ | ୧ | ୪ | ୨ | -୧.୯୦୨ |



ଉଇକେଟ ନେବା ପରେ ଉଲ୍ଲସିତ ଟାବ୍ରାଇଜ୍ ଶାମ୍ସି।

## ଶଦାବଙ୍କ ମୁଣ୍ଡରେ ଆଘାତ, ଉସ୍‌ମା କନ୍‌କଶନ ସବ୍‌ଷ୍ଟିଚ୍ୟୁଟ



ମୁଣ୍ଡରେ ଆଘାତ ପାଇବା ପରେ ଶଦାବ ଖାଁ।

ମ୍ୟାଚ ଅବସରରେ ମୁଣ୍ଡରେ ଆଘାତ ପାଇଥିଲେ ପାକିସ୍ତାନ ଅଲ୍‌ରାଉଣ୍ଡର ଶଦାବ ହୋସେନ। ଦକ୍ଷିଣ ଆଫ୍ରିକା ରନ୍‌ଚେଜ୍ କରିବାବେଳେ ପ୍ରଥମ ଓଭରରେ ହିଁ ଏହା ଘଟିଥିଲା। କ୍ୱିଣ୍ଟନ ଡି'କକ୍‌ଙ୍କୁ ରନ୍‌ଆଉଟ କରିବାକୁ ଯାଇ ଶଦାବ ମୁଣ୍ଡ ଏବଂ କାନ୍ଧରେ ଆଘାତ ପାଇଥିଲେ। ଷ୍ଟ୍ରେଚର ଆସିଥିଲେ ହେଁ ଡାକ୍ତରୀ ଚିକିତ୍ସା ପରେ ସେ ଚାଲିଚାଲି ଡ୍ରେସିଂରୁମ୍‌କୁ ଯାଇଥିଲେ। କିଛି ସମୟ ପରେ ସେ ପଡ଼ିଆକୁ ଆସିଥିଲେ ମଧ୍ୟ ପୁଣି ଫେରି ଯାଇଥିଲେ। ତାଙ୍କ ସ୍ଥାନରେ କନ୍‌କଶନ ସବ୍‌ଷ୍ଟିଚ୍ୟୁଟ ଭାବେ ସ୍ପିନର ଉସମା ମୀର ମ୍ୟାଚର ଅବଶିଷ୍ଟ ସମୟ ଖେଳିଥିଲେ।

# ଆଜି ନ୍ୟୁଜିଲାଣ୍ଡ-ଅଷ୍ଟ୍ରେଲିଆ ହେଭିୱେଟ ମୁକାବିଲା

**ଧର୍ମଶାଳା, ୨୭।୧୦ (ପି.ଟି.)**

ଦିନିକିଆ କ୍ରିକେଟ ବିଶ୍ୱକପରେ ଶନିବାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱି ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ହେଭିୱେଟ ମୁକାବିଲା ହେବ। ପ୍ରଥମ ଦୁଇ ମ୍ୟାଚ ହାରିବାପରେ ବିଜୟରେ ହ୍ୟାଟ୍ରିକ କରିଥିବା ଅଷ୍ଟ୍ରେଲିଆ ମୋମେଣ୍ଟମ ବଜାୟ ରଖିବା ଲକ୍ଷ୍ୟରେ ରହିଛି। ଅନ୍ୟପକ୍ଷରେ ଭଲ ଫର୍ମରେ ଥିବା ନ୍ୟୁଜିଲାଣ୍ଡ କଡ଼ା ଟକ୍କର ଦେବାକୁ ପ୍ରସ୍ତୁତ।

ଭାରତ ଓ ଦକ୍ଷିଣ ଆଫ୍ରିକା ନିକଟରୁ ହାରି ଖରାପ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ପରବର୍ତ୍ତୀ ୩ ମ୍ୟାଚରେ ଶ୍ରୀଲଙ୍କା, ପାକିସ୍ତାନ ଓ ନେଦରଲାଣ୍ଡ୍ସକୁ ପରାସ୍ତ କରିଛି। ବିଶେଷ କରି ନେଦରଲାଣ୍ଡ୍ସ ବିପକ୍ଷରେ ୩୦୯ ରନର ରେକର୍ଡ ବିଜୟ ଦଳର ମନୋବଳକୁ ବଢ଼ାଇ ଦେଇଛି। ଟୁର୍ନାମେଣ୍ଟ ଏବେ ରୋଚକ ମୋଡ଼ରେ ପହଞ୍ଚିଛି। ଉଭୟ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ୫ଟି ଲେଖାଏ ମ୍ୟାଚ ଖେଳି ସାରିଛନ୍ତି। ଅଷ୍ଟ୍ରେଲିଆ ୬ ପଏଣ୍ଟ ପାଇଥିବାବେଳେ ନ୍ୟୁଜିଲାଣ୍ଡ ୮ ପଏଣ୍ଟ ସହିତ ଟେବୁଲରେ ଗୋଟିଏ ସ୍ଥାନ ଉପରେ ରହିଛି। ଆଗାମୀ ମ୍ୟାଚ ଅବସରରେ ଟପ୍-୪ରେ ରହିବା ଉପରେ ନିଶ୍ଚିତ ଉଭୟ ଦଳର ନଜର ରହିବ। ନ୍ୟୁଜିଲାଣ୍ଡ ଯଦିଓ ଚଳିତ ବିଶ୍ୱକପରେ ଏପର୍ଯ୍ୟନ୍ତ ଚମତ୍କାର ପ୍ରଦର୍ଶନ କରି ଆସିଛି ତେବେ ଦ୍ୱିପାକ୍ଷିକ ଦିନିକିଆ ଓ ପୂର୍ବ ବିଶ୍ୱକପ ମ୍ୟାଚ ଫଳାଫଳ ଅଷ୍ଟ୍ରେଲିଆକୁ ଫେଭରାଇଟ କରିଛି। ବିଶ୍ୱକପରେ ଏପର୍ଯ୍ୟନ୍ତ ଦୁଇ ଦଳ ମଧ୍ୟରେ ୧୧ଟି ମ୍ୟାଚ ଖେଳାଯାଇଛି। ଏହା ମଧ୍ୟରୁ ଅଷ୍ଟ୍ରେଲିଆ ୮ଟିରେ ବିଜୟୀ ହୋଇଥିବାବେଳେ ମାତ୍ର ୩ଟି ହାରିଛି। ସେହିପରି ଦୁଇ ଦଳ ମଧ୍ୟରେ ୧୪୧ଟି ଦିନିକିଆ ମଧ୍ୟରୁ ଅଷ୍ଟ୍ରେଲିଆ ୯୫ଟି ମ୍ୟାଚ ଜିତି ବହୁ ଆଗରେ ରହିଛି। ନ୍ୟୁଜିଲାଣ୍ଡ ୩୯ଟି ମ୍ୟାଚରେ ବିଜୟୀ ହୋଇଛି। ତେଣଉ ଟ୍ରାନ୍ସ-ଟାସମାନ ରାଇଭାଲରିରେ ଅଷ୍ଟ୍ରେଲିଆ ସବୁବେଳେ ଉନ୍ନତ ଦଳ ସାବ୍ୟସ୍ତ ହୋଇ ଆସିଛି। ଆହୁରି ଏକ ବଡ଼ କଥା ହେଲେ ଅଷ୍ଟ୍ରେଲିଆ ବିପକ୍ଷରେ ନ୍ୟୁଜିଲାଣ୍ଡ ୬ ବର୍ଷ ପୂର୍ବରୁ ୨୦୧୭ରେ ଦିନିକିଆରେ ବିଜୟୀ ହୋଇଥିଲା। ତେଣୁ ଏଚ୍‌ପିସିଏ ଷ୍ଟାଡିୟମରେ ମୁକାବିଲା ବେଳେ ଏହାର ମହତ୍ତ୍ୱ ରହିବ। ଅଷ୍ଟ୍ରେଲିଆ ଏବେ ନିର୍ଦ୍ଦିଷ୍ଟ କୌଣସି ଜଣେ ଖେଳାଳି ଉପରେ ନିର୍ଭର ନ କରି ଦଳଗତ ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛି। ଫଳରେ ନେଦରଲାଣ୍ଡ୍ସ ବିପକ୍ଷରେ ଦଳ ୮ ଉଇକେଟ ହରାଇ ୩୯୯ ରନ କରିବାକୁ ସକ୍ଷମ ହୋଇଥିଲା। ଅନ୍ୟପକ୍ଷରେ ଚଳିତ ବିଶ୍ୱକପରେ କ୍ରମାଗତ ୪ ମ୍ୟାଚ ଜିତିବାପରେ ଭାରତ ବିପକ୍ଷରେ ନ୍ୟୁଜିଲାଣ୍ଡ ବିଜୟରେ ବ୍ରେକ୍ ଲାଗିଥିଲା। ମାତ୍ର ଭାରତୀୟ ପରିବେଶ ସହିତ ଅଭ୍ୟସ୍ତ ହୋଇଯାଇଥିବାରୁ ଦଳ ଶ୍ରେଷ୍ଠ ପ୍ରଦର୍ଶନ ମାଧ୍ୟମରେ ସଫଳ ପ୍ରତ୍ୟାବର୍ତ୍ତନ କରିବାକୁ ଆଶା ରଖିଛି। ଡେଭନ କନୱେ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚରେ ଇଂଲଣ୍ଡ ବିପକ୍ଷରେ ୧୫୨ ରନକରି ଅପରାଜିତ ରହିଥିଲେ। ମାତ୍ର ଏହାପରେ ସେ ଆଉ ସେପରି ବ୍ୟାଟିଂ କରିପାରି ନାହାନ୍ତି। ତାଙ୍କଠାରୁ ଦଳ ଭଲ ପ୍ରଦର୍ଶନ ଆଶା କରୁଛି। କେନ୍ ୱିଲିୟମସନ ଆହତ ସମସ୍ୟାରୁ ମୁକୁଳି ନ ଥିବାରୁ ଡାରିଲ ମିଚେଲ (୨୬୮ ରନ) ଓ ରାଚିନ ରବୀନ୍ଦ୍ର (୨୯୦)ଙ୍କ ଉପରେ ମିଡିଲ ଅର୍ଡର ଭାର ରହୁଛି। ୱିଲିୟମସନଙ୍କ ଅନୁପସ୍ଥିତିରେ ଉଇକେଟ କିପର ଟମ୍ ଲଥାମ ଦଳର ନେତୃତ୍ୱ ନେଉଥିଲେ ହେଁ ନିଜର ଫର୍ମକୁ ନେଇ ଚିନ୍ତାରେ ରହିଛନ୍ତି।



ଅଭ୍ୟାସ ଅବସରରେ ଡେଭନ କନ୍‌ୱେ ଓ ରାଚିନ ରବୀନ୍ଦ୍ର।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଅଷ୍ଟ୍ରେଲିଆ ବନାମ ନ୍ୟୁଜିଲାଣ୍ଡ**

ସ୍ଥାନ: ଧର୍ମଶାଳା, ସମୟ: ପୂର୍ବାହ୍ନ ୧୦ଟା ୩୦

**ନେଦରଲାଣ୍ଡ୍ସ ବନାମ ବାଂଲାଦେଶ**

ସ୍ଥାନ: କୋଲକାତା, ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଭାରତ ପାଇଁ ଦକ୍ଷିଣ ଆଫ୍ରିକା ଚ୍ୟାଲେଞ୍ଜ

**ସାର୍ ରିଚାର୍ଡ ହାଡ୍‌ଲି**

ନିଜ ମାଟିରେ ଦ୍ୱିତୀୟ ଥର ବିଶ୍ୱକପ୍ ଜିତିବା ଲକ୍ଷ୍ୟ ନେଇ ଆଗେଇ ଚାଲିଛି ଭାରତ । ଅଧାରୁ ଅଧିକ ଲିଗ୍ ପର୍ଯ୍ୟାୟ ମ୍ୟାଚ ଖେଳା ସରିଲାଣି। ଧର୍ମଶାଳାରେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ଫିଲ୍ଡିଂ ବ୍ୟତୀତ ଅନ୍ୟ ସମସ୍ତ ବିଭାଗରେ ଭାରତର ପ୍ରଦର୍ଶନ ପ୍ରଫେଶନାଲ ମନେହେଉଥିଲା। ଦଳ ଏହି ମ୍ୟାଚରେ ଦୁଇଟି କ୍ୟାଚ ହାତଛଡ଼ା କରିଥିଲା। କିଛିଟା ମିସ୍‌ଫିଲ୍ଡ ମଧ୍ୟ ଦେଖିବାକୁ ମିଳିଥିଲା। ଦଳକୁ ଏକ୍ଷେତ୍ରରେ ସୁଧାର ଆଣିବାକୁ ପଡ଼ିବ। ଭାରତ ଆଗକୁ ଇଂଲଣ୍ଡ, ଶ୍ରୀଲଙ୍କା, ଦକ୍ଷିଣ ଆଫ୍ରିକା ଓ ନେଦରଲାଣ୍ଡ୍ସକୁ ଭେଟିବ। ମୋତେ ଲାଗୁଛି ଟୁର୍ନାମେଣ୍ଟରେ କେବଳ ଦକ୍ଷିଣ ଆଫ୍ରିକା ସେମାନଙ୍କ ପାଇଁ ବିପଦ ସୃଷ୍ଟି କରିପାରେ। ଟୁର୍ନାମେଣ୍ଟରେ ଯଦି କୌଣସି ଦଳ ଅପରାଜେୟ ରୁହେ ତେବେ ସେ ହେଉଛି ଭାରତ। ମୋ ବିଚାରରେ ଏହା ହେଉଛି ଶ୍ରେଷ୍ଠ ଭାରତୀୟ ବିଶ୍ୱକପ୍ ଦଳ। ଦଳରେ ବହୁ ପ୍ରତିଭାସମ୍ପନ୍ନ ଖେଳାଳି ଅଛନ୍ତି। ଆହୁରି କିଛି ଭଲ ଖେଳାଳି ଅପେକ୍ଷାରେ ରହିଛନ୍ତି। ଗୋଇଠିରେ ଆଘାତପ୍ରାପ୍ତ ଯୋଗୁ ହାର୍ଦ୍ଦିକ ପାଣ୍ଡ୍ୟା ଉପଲବ୍ଧ ନ ହେବା ଦୁଃଖର ବିଷୟ। ସେ ଜଣେ ବିଚକ୍ଷଣ ଅଲରାଉଣ୍ଡର। ମ୍ୟାଚର ଗୁରୁତ୍ୱପୂର୍ଣ୍ଣ ପରିସ୍ଥିତିରେ ଭାରତ ତାଙ୍କର ଆବଶ୍ୟକତା ଅନୁଭବ କରିଥାଏ। ସେ ଜଣେ କ୍ୱାଲିଟି ମିଡିୟମ ପେସ୍‌ର, ଜଣେ ଡାଇନାମିକ୍ ବ୍ୟାଟର ଏବଂ ଜଣେ ଦକ୍ଷ ଫିନିଶର ମଧ୍ୟ। ତାଙ୍କ ଉପସ୍ଥିତିରେ ଦଳରେ ସନ୍ତୁଳନ ରକ୍ଷା କରାଯାଇପାରିଥାଏ। ଏପର୍ଯ୍ୟନ୍ତ ସରିଥିବା ଖେଳଗୁଡ଼ିକୁ ଅନୁଧ୍ୟାନ କଲେ ମୋ ବିଚାରରେ ସମ୍ଭବତଃ ଭାରତ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ସେମିଫାଇନାଲକୁ ଉନ୍ନୀତ ହେବେ। ନ୍ୟୁଜିଲାଣ୍ଡ ପାଇଁ ଆଗକୁ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ପାକିସ୍ତାନ ଏବଂ କ୍ରମେ ପ୍ରଦର୍ଶନରେ ଉନ୍ନତି କରିବାରେ ଲାଗିଥିବା ଶ୍ରୀଲଙ୍କା ସହ ମୁକାବିଲା କରିବାକୁ ପଡ଼ିବ। ଏହି ମ୍ୟାଚଗୁଡ଼ିକ ଜିତିବା ଦଳ ପାଇଁ ସହଜ ହେବ ନାହିଁ। ସେମିଫାଇନାଲରେ ପ୍ରବେଶ କରିବାକୁ ହେଲେ ଦଳକୁ ଅତିକମ୍‌ରେ ଦୁଇଟି ମ୍ୟାଚ ଜିତିବାକୁ ପଡ଼ିବ। ଦଳ ପାଇଁ ଅଷ୍ଟ୍ରେଲିଆ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ଦଳର ଟପ୍ ଓ ମିଡଲ ଅର୍ଡର ଭଲ ପ୍ରଦର୍ଶନ କରୁଛନ୍ତି। ଦଳର ପେସ୍ ବାହିନୀ ମଧ୍ୟ ଶକ୍ତିଶାଳୀ। ଲେଗ୍ ସ୍ପିନର ଆଡାମ ଜାମ୍ପାଙ୍କ ପ୍ରଦର୍ଶନ ମଧ୍ୟ ବେଶ୍ ପ୍ରଭାବୀ ପରିଲକ୍ଷିତ ହେଉଛି। ନ୍ୟୁଜିଲାଣ୍ଡ ଦୃଷ୍ଟିକୋଣରୁ ସେମାନେ ସେମିରେ ଭାରତକୁ ଏଡାଇ ପାରିଲେ ଭଲ। ଅନ୍ୟପକ୍ଷରେ ଗତଥରର ଚାମ୍ପିୟନ ଇଂଲଣ୍ଡର ଅଭିଯାନ ନୈରାଶ୍ୟଜନକ ରହିଛି। ସେମାନଙ୍କ ବ୍ୟାଟିଂ ଷ୍ଟାଇଲ ବୋଧହୁଏ ଉପମହାଦେଶରେ କାମ କରୁ ନାହିଁ। ସେମାନେ କାହିଁକି ଭଲ ଖେଳିପାରୁ ନାହାନ୍ତି ସେ ନେଇ ସେମାନଙ୍କୁ ଅନେକ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼ିବ।

-(ଟିଭାକ ସ୍ପୋର୍ଟ୍ସ)



ମ୍ୟାଚ୍ ଉପଭୋଗ ଅବସରରେ ଦକ୍ଷିଣ ଆଫ୍ରିକା ପ୍ରଶଂସକ।

# ଶର୍ଟବଲ୍ ଉପରେ ଗିଲ୍‌ଙ୍କ ଫୋକସ

**ଲକ୍ଷ୍ନୌ, ୨୭।୧୦ (ପି.ଟି.)**

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପରେ ଭାରତ ଆସନ୍ତା ୨୯ ତାରିଖରେ ଇଂଲଣ୍ଡକୁ ଭେଟିବ ଭାରତ। କ୍ରମାଗତ ୫ ମ୍ୟାଚ ଜିତି ଏପର୍ଯ୍ୟନ୍ତ ଅପରାଜେୟ ରହିଥିବା ଟିମ୍ ଇଣ୍ଡିଆ ପାଖାପାଖି ୧ ସପ୍ତାହ ବ୍ରେକ୍ ପରେ ପୁଣି ପଡ଼ିଆକୁ ଓହ୍ଲାଇବାକୁ ଯାଉଛି। ଶୁକ୍ରବାର ଲକ୍ଷ୍ନୌ ଗ୍ରାଉଣ୍ଡରେ ଅନୁଷ୍ଠିତ ଇଚ୍ଛାଧିନ ଅଭ୍ୟାସ ସେସନରେ ଭାରତର ୭ କ୍ରିକେଟର ଝାଳ ବୁହାଇଛନ୍ତି। ଚଳିତ ସିଜନରେ ୫ ଶତକ ହାସଲ କରି ସାରିଥିବା ଶୁବମନ ଗିଲ୍ ଡେଙ୍ଗୁରେ ଆକ୍ରାନ୍ତ ଯୋଗୁ ଭାରତର ପ୍ରଥମ ୨ ମ୍ୟାଚ ଖେଳିପାରି ନ ଥିଲେ। ପରବର୍ତ୍ତୀ ୩ ମ୍ୟାଚ ଖେଳି ସେ ଯଥାକ୍ରମେ ୧୬, ୫୩ ଓ ୧୬ ରନ କରିବାକୁ ସକ୍ଷମ ହୋଇଛନ୍ତି। ଚଳିତ ବର୍ଷ ଦିନିକିଆ କ୍ରିକେଟରେ ୧,୩୨୫ ରନ କରି ସାରିଥିବା ଗିଲ୍ ବିଶ୍ୱକପରେ ଏପର୍ଯ୍ୟନ୍ତ ସେଭଳି ପ୍ରଦର୍ଶନ ଦେଖାଇପାରି ନାହାନ୍ତି। ଭାରତ ଅପରାଜେୟ ଧାରା ବଜାୟ ରଖିବାକୁ ହେଲେ ଗିଲ୍‌ଙ୍କୁ ଶ୍ରେଷ୍ଠ ଫର୍ମକୁ ଫେରିବାକୁ ପଡ଼ିବ। ଏହାକୁ ଦୃଷ୍ଟିରେ ରଖି ଗିଲ୍ ଅଭ୍ୟାସ ସମୟରେ ଶର୍ଟ ବଲ୍ ଉପରେ ଫୋକସ କରିଛନ୍ତି। କାରଣ ସେ ଧର୍ମଶାଳାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଶର୍ଟ ବଲ୍‌କୁ ମାରିବାକୁ ଯାଇ ଆଉଟ ହୋଇଥିଲେ। ଗିଲ୍‌ଙ୍କ ବ୍ୟତୀତ ନେଟ୍ସ ସେସନରେ ଯୋଗ ଦେଇଥିବା ଅନ୍ୟ ଖେଳାଳିମାନେ ହେଲେ ଇଶାନ କିଶନ, ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୂଳ ଠାକୁର, ମହମ୍ମଦ ଶାମି ଓ କୁଲଦୀବ ଯାଦବ। ଅଧିନାୟକ ରୋହିତ ଶର୍ମା, ବିରାଟ କୋହଲି, ଯଶପ୍ରୀତ୍ ବୁମ୍‌ରା, ରବିଚନ୍ଦ୍ରନ ଅଶ୍ୱିନ ହୋଟେଲ ରୁମ୍‌ରେ ରହିବାକୁ ପସନ୍ଦ କରିଥିଲେ। ଭାରତୀୟ ଦଳର ରିଜର୍ଭ ଓପନର କିଶନ ବଡ଼ ହିଟ୍‌ମାନ ମାରିଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ୫ ଉଇକେଟ ସଫଳତା ପାଇଥିବା ଶାମି ବୋଲିଂ କରିସାରିବା ପରେ କିଛି ସମୟ ପାଇଁ ବ୍ୟାଟିଂ କରିଥିଲେ। ସିରାଜ, ଠାକୁର ଓ କୁଲଦୀପ ମଧ୍ୟ ତାହା କରିଥିଲେ।

# ଦୋକାନଦାର

ଭଗବତୀ ଚରଣ ପାଣିଗ୍ରାହୀଙ୍କ ଜନ୍ମ ୧ ଫେବୃୟାରୀ ୧୯୦୮ରେ ଓ ପରଲୋକ ୨୩ ଅକ୍ଟୋବର ୧୯୪୩ରେ। ସେ ଥିଲେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ 'ଫରୱାର୍ଡ଼ ବ୍ଲକ୍'ର ପ୍ରତିଷ୍ଠାତା ସଭ୍ୟ ଓ ଓଡ଼ିଶା କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା। ତାଙ୍କର ପ୍ରସିଦ୍ଧ ଗଳ୍ପ 'ଶିକାର', ଯାହାକି ପ୍ରଥମ ଓଡ଼ିଆ ପ୍ରଗତିବାଦୀ ଗଳ୍ପ ଭାବେ ମାନ୍ୟତାପ୍ରାପ୍ତ। ୧୯୭୬ରେ ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ନିର୍ମାତା ମୃଣାଳ ସେନ୍ 'ମୃଗୟା' ଶୀର୍ଷକରେ ଚଳଚ୍ଚିତ୍ର ରୂପ ଦେଇଛନ୍ତି। 'ନବଯୁଗ ସାହିତ୍ୟ ସଂସଦ' ଓ 'ଆଧୁନିକ' ପତ୍ରିକାର ପ୍ରତିଷ୍ଠାତା ଭଗବତୀଙ୍କର ବିସ୍ମୃତ ଓ ଗ୍ରନ୍ଥାୟିତ ହୋଇ ନ ଥିବା ଗଳ୍ପ 'ଦୋକାନଦାର'ର ଭାଗ-୧ ଗତ ସଂଖ୍ୟାରେ ପ୍ରକାଶ ପାଇଥିଲା। ଏଥର ପତ୍ରସ୍ଥ ହେଲା ଭାଗ-୨ 'ସାହିତ୍ୟାୟନ'ର ପାଠିକାପାଠକଙ୍କ ପାଇଁ...


ଭଗବତୀ ଚରଣ ପାଣିଗ୍ରାହୀ

(ଭାଗ – ୨)

ସେ ଘର ଭିତରେ ପଶି ଆଗ ଚାରିଆଡ଼ ଖୋଜିବାକୁ ଲାଗିଲା। ଶେଷରେ ଦେଖିଲା ଖଟତଳେ ଗୋଟିଏ କୋଣରେ ମଣିଷ ଦେହଟିଏ ଜାକିଜୁକି ହୋଇ ରହିଛି। ସେ ମୋହିନୀ ଆଡ଼କୁ ନିଜର ରକ୍ତଚକ୍ଷୁ ଫେରାଇ ପଚାରିଲା, "ଘରେ ପରା କେହି ନ ଥିଲେ ; ଏ ତେବେ କିଏ ?" ମୋହିନୀ ଚିତ୍କାର କରି ସେଠାରୁ ପଳାଇବାକୁ ବସିଥିଲା। କିନ୍ତୁ ତାହାର ଶକ୍ତ ମୁଠାରୁ ହାତ ମୁକୁଳାଇ ନେବା କ'ଣ ସହଜ? ସେ ମୋହିନୀକୁ ଅଟକାଇ କହିଲା, "ଚୁପ୍ କର ; କହ ଏ କିଏ ?" ମୋହିନୀ ଥରି ଥରି କହିଲା, "ଚଉଧୁରୀଙ୍କ ପୁଅ।"

"ଦୋକାନଦାର ଚଉଧୁରୀ? ଆସନ୍ତୁ ଆଜ୍ଞା, ଆପଣଙ୍କ ଲାଖି ଜାଗା ସେ ନୁହେଁ।"

ଲୁକ୍କାୟିତ ଶରୀରଟି ଆସ୍ତେ ଆସ୍ତେ ହଲିବାକୁ ଲାଗିଲା। "ଡେରି କାହିଁକି ବାବୁ, ବାହାରି ଆସନ୍ତୁ ତୁରନ୍ତ।" ଭଦ୍ରଲୋକଟି ଖଟତଳୁ ବାହାରି ଆସି ଠିଆ ହେଲା।

"ଘରେ ପିଲା ମାଇପିଙ୍କୁ ଛାଡ଼ି ଏଠିକି ଆସିବାର ମତଲବ ?" ଘରେ ନିଜର ସ୍ତ୍ରୀ ଥାଉ ଥାଉ ଲୋକେ କାହିଁକି ବେଶ୍ୟା ଘରକୁ ଆସନ୍ତି, ସେ କଥା ସେ ଆଦୌ ବୁଝିପାରିଲା ନାହିଁ। ସେ ଏ କଥା ଏଇ ଯେ ପ୍ରଥମ ଦେଖିଲା ତାହା ନୁହେଁ। ବହୁବାର ଏହା ପୂର୍ବରୁ ଦେଖିଛି ଏବଂ ପ୍ରତିଥର ତା' ମନରେ ସେଇ ଗୋଟିଏ ପ୍ରଶ୍ନ ଜାଗିଛି। ତାହାର ସମାଧାନ ସେ କରିପାରି ନାହିଁ। ଆଜି ଏ ଲୋକଟାକୁ ସାମ୍ନାରେ ଠିଆ ହେବାର ଦେଖି ଘୃଣାରେ ତା'ର ସର୍ବାଙ୍ଗ କଣ୍ଟକିତ ହୋଇ ଉଠିଥିଲା। ସେ ନିଜର ବଜ୍ରମୁଷ୍ଟି ତାହାର ଗଳାରେ ରଖିଲା, ସେ ମୁଷ୍ଟିର ସ୍ପର୍ଶରେ ବାବୁଟିର ରକ୍ତ ପାଣି ହେବାକୁ ଲାଗିଲା। ସେ ଥରି ଥରି କହିଲା, "ଏଇଥର ଛାଡ଼ିଦିଅ, ଆଉ ଏଠିକି ଆସିବି ନାହିଁ।"

"ଏ ସବୁ ଜାଗା ଉପରକୁ ଆସିବାକୁ ହେଲେ ଛାତିରେ ସାହସ ଆଉ ବାହାରେ ବଳଥିବା ଦରକାର ; ବୁଝିଲ।"

ଦାଣ୍ଡଦୁଆରେ ପୁଣି କିଏ ଆଘାତ କରିବାର ଶୁଣାଗଲା। ବାବୁଟି ଉପରୁ ଆଖି ଫେରାଇ ସେ ମୋହିନୀ ଆଡ଼କୁ ଚାହିଁଲା।

"ପୁଣି କିଏ ଦୁଆରେ ଡାକିଲା ?"

ମୋହିନୀ ତା' ଆଡ଼କୁ ନ ଚାହିଁ ଉତ୍ତର କଲା, "ଆଉ କାହା ଦୁଆରେ ଡାକୁଥିବ ନା।"

"ଯେମିତି ଏ ଦଣ୍ଡକ ଆଗରୁ ଆଉ କାହା ଘରେ ପାଟି ଶୁଣାଯାଉଥିଲା। ଦେଖିଲା ବେଳକୁ ଏଡ଼େ ସୁନ୍ଦର ଭଦ୍ରଲୋକଟି ଖଟ ତଳୁ ବାହାରିଲେ ?"

ମୋହିନୀ ଏ କଥାଟାରେ ସାପ ପରି ଫଁ କରି ବୁଲିପଡ଼ି କହିଲା, "ମୋ' ଇଚ୍ଛା ମୁଁ ଯାହା କଲି ; ତୁ କିଏ ସେ କହିବାକୁ ?"

ସେ ମୋହିନୀର ଗଳାକୁ ହାତରେ ଚାପି ଧରି କହିଲା, "କ'ଣ କହିଲୁ ? ତୋର ଯାହା ଇଚ୍ଛା ତାହା କରିବୁ ?"

ଚୌଧୁରୀବାବୁଟି ଏ ହାଲ୍ ଦେଖି ଭୟରେ ତଟସ୍ଥ ହୋଇ ରହିଥାଏ।

ମୋହିନୀ ରୁଦ୍ଧକଣ୍ଠରେ କହିବାକୁ ଲାଗିଲା, "ମୋ' ଘରେ ରହି, ମୋ' ଉପରେ ଖାଇ, ପୁଣି ମୋର ତଣ୍ଟି କଣାକରି ରକତ ଶୋଷୁଚୁ ? ମୁଁ ରୋଜଗାର କରୁ ନ ଥିଲେ ମୁଠାଏ ଖାଇବାକୁ ମିଳୁ ନଥା'ନ୍ତା ତତେ। ଯାହା ତ ବୁଲି ରୋଜଗାର କରୁ ସବୁ ମଦ ଗୁଲିରେ ଉଡ଼ଉ। 'ଛାଡ଼ ମତେ ଛାଡ଼' କହି ମୋହିନୀ ତା'ର ହାତରେ ଦାନ୍ତ ବସାଇଦେଲା।

ମଦନିଶାର ଅସ୍ୱଚ୍ଛ ପର୍ଦ୍ଦାଟା ତାହାର ଆଖି ଆଗରୁ ହଠାତ୍ ଖସିଗଲା। ସେ ମୋହିନୀକି ମୁକ୍ତି ଦେଇ କହିଲା, "ଯା, ତୋର ଯାହା ଇଚ୍ଛା କର।" ସେ ବୁଝିଲା ଯେ ମୋହିନୀ ରୋଜଗାରରେ ଚଳିବା ତା' ପକ୍ଷରେ ବଡ଼ ନିନ୍ଦାର କଥା। କିନ୍ତୁ ମୋହିନୀ ଯେ ଏପରି ଭାବରେ ରୋଜଗାର କରି କାହିଁକି ତାକୁ ଚଳାଉଥିଲା ସେ କଥା ବୁଝିବାକୁ ସେ ଚେଷ୍ଟା କଲା ନାହିଁ।

ବାହାର କବାଟ ଖୋଲି ତଳକୁ ଓହ୍ଲାଇବାକୁ ପାଦ ବଢ଼ାଉଛି, ଏତିକିବେଳେ ତା'ର ପଛଆଡୁ ଗୋଟାଏ ଧକ୍କା ବାଜିଲା, ସଙ୍ଗେ ସଙ୍ଗେ କବାଟ ଦେଉ ଦେଉ ଚଉଧୁରୀ ବାବୁଟି କହିଉଠିଲା, "ନିକ୍‌ଲୋ ପାଜି, ନିକ୍‌ଲୋ" ଏତେବେଳକେ ସେ ଲୋକଟିର ଆତ୍ମାଭିମାନ ପ୍ରକାଶ ପାଇଲା।

ସେ ମୋହିନୀ ପାଖକୁ ଫେରି ଆସି କହିଲା, "ଏକ ଧକ୍କା ଦେଲି ଯେ ଗଡ଼ି ଗଡ଼ି ଏକାବେଳେ ରାସ୍ତାରେ– ଆ ଏଥର– ଆସିବୁଟି," କହି ତାକୁ ଭିତରକୁ ଟାଣିଲା। ଏହି ସମୟରେ ପୁଣି ଦାଣ୍ଡ କବାଟରେ ଆଘାତ ହେଲା। ବାବୁଟି ଭୀତ ହୋଇ ଭାବିଲା "ପୁଣି କ'ଣ ସେ ଫେରିଲା କି?" ସେ ମୋହିନୀକୁ ଅନୁନୟ କରି କହିଲା, "ହେ କବାଟ ଖୋଲ ନା ଟି" ମୋହିନୀ କିଛି ନ ଶୁଣି କବାଟ ଖୋଲିଦେଲା। ଭିତରକୁ ପଶିଲା, ଧନୁ ସିଂ। ସେ ବିଡ଼ି ତିଆରି କରି ପେଟ ପୋଷେ, ନିଶା ଖର୍ଚ୍ଚ ଚଳାଏ, ବେଳେବେଳେ ଏ ପଡ଼ାରେ ବି ମୁହଁ ମାରି ଯାଏ।

ତା' କାନ୍ଧରେ ହାତ ପକାଇ ମୋହିନୀ କହିଲା, "ଆ ଧନୁ ଭାଇ ; ଭିତରେ ବସ୍।" ଦୁହେଁଯାକ ଭିତରେ ବସି ଗପ ଆରମ୍ଭ କରିଦେଲେ। ବାବୁଟି ଧୀରେଧୀରେ ରାସ୍ତା ଧରିଲା। ଘରକୁ ଫେରିବା ବାଟରେ ଦେଖିଲା ନିଜ ଦୋକାନ ପାଖ ସେହି ଛୋଟ ମଇଳା ଦୋକାନରେ କିରାସିନି ବତିଟିଏ ଜଳୁଛି। ଦୋକାନଦାର କାମରେ ବ୍ୟସ୍ତ। କିରାସିନି ବତିଟିକୁ ସାମ୍ନାରେ ରଖି ସେ କେତେବେଳେ ଛୁରିଟିକୁ ପଜାଇ ନେଉଛି, କେତେବେଳେ ଚମଡ଼ା କାଟୁଛି, କେତେବେଳେ ବା ହାତୁଡ଼ି ଧରି ଠକ୍‌ଠକ୍ କରି କଣ୍ଟା ପିଟୁଛି। ଚୌଧୁରୀ ବାବୁଟି ସେ ବାଟେ ଯିବାକୁ ସାହସ କଲା ନାହିଁ। କେଜାଣି କାଳେ ଧକ୍କା ମାରିବାର ଫଳଟା ହାତେହାତେ ମିଳିଯାଏ। ଅନ୍ୟ ରାସ୍ତାରେ ଘରକୁ ଫେରିବା ବେଳେ ଭାବିଲା, "ଠିକ୍ ସମୟରେ ଦୋକାନ ଖୋଲିଛି। ଅସଲ କାରବାରର ବକତ ଏକା। ବଜାରରେ ଯେତିକି ବେଳେ ଗହଳ ଚହଳ ସେତିକିବେଳେ ୟା' ଦୋକାନ ବନ୍ଦ ; ଆଉ ଦୋକାନ ଖୋଲା ରହିଛି ଯେତେବେଳେ ରାସ୍ତାଘାଟ ନିଶ୍ଚଳ। ନିଶାଖୋର ନ ହେଲେ ୟା' କିଏ କରିବ ?" ମନେମନେ ଖୁବ୍ ହସି ହସି ସେ ଘରକୁ ଫେରିଲା। (ସମାପ୍ତ)

## କବିତା

### ଶୀତଋତୁ

**ନିହାରିକା ରାୟ ବରାଳ**

ଶୀତ ଏବେ ଆସିଲାଣି
ସାଙ୍ଗେ ଧରି ଉତ୍ତରା ପବନ
ଆସ ଆମେ ବୁଲିଯିବା ପ୍ରିୟତମ
ଘୋଡ଼ି ହୋଇ ସ୍ମୃତିର ଚାଦର

ଏ ସହର ଗୋଟାଯାକ
ଚୁପୁଚାପ କଥା ହେଉଛନ୍ତି
ଆମେ କାଳେ ଶାଳପିଆଶାଳ ଦେହେ
ଆକାଶକୁ ସାକ୍ଷୀ ରଖି
ପ୍ରଣୟର ଗୀତ ଲେଖିଛନ୍ତି

'ଯତନ ନଗର' ଦେଖ ଲୁଚିଯାଏ
କୁହୁଡ଼ିର ପଣତ କାନିରେ
ତମେ ଆସ ପ୍ରିୟତମ
ମୁଁ ତମକୁ ଡାକିଁ ଦେବି
ମୋ' ବଗିଚା ସେବତୀ ଫୁଲରେ

ଶୀତ ଖେଳେ ଲୁଚକାଳି
ପାହାଡ଼ର ଚୂଡ଼ାରୁ ଚୂଡ଼ାକୁ
ଶୀତ ପୁଣି ଚୁମାଦିଏ
ବ୍ରାହ୍ମଣୀର ସୂର୍ଯ୍ୟସ୍ନାତା ସ୍ଫଟିକ ଜଳକୁ

ଶୀତ ଆସେ ଢଳିଢଳି
କପିଳାସ ପାହାଡ଼ ଶିଖରୁ
ସ୍ୱପ୍ନର ମଦିରା ପିଇ
ରାତି ସାଥେ ସନ୍ଧି କରିବାକୁ

ତମେ ଆସ ପ୍ରିୟତମ
ଅପେକ୍ଷାରେ ମୁକୁଳା ଦୁଆର
ଫେରିଯିବ ଶୀତଋତୁ
ମୋ' ଆୟୁଷ ଅବା କେତେ କାଳ ?

'ଅନୁରାଗ'
ବି/୧୦, ପ୍ରତିଭା ଏନ୍‌କ୍ଲେଭ
ବଜେବି ନଗର, ଭୁବନେଶ୍ୱର

### ବର୍ଷାର ରୂପ

**ତେଜସ୍ୱିନୀ ପଣ୍ଡା**

ବର୍ଷା !
ମୋର ପୂର୍ବତନ ପ୍ରେମିକା
ଭିତରୁ ଜଣେ,
କେବେ ପ୍ରେମର
କଳାବାଦଲକୁ ଟାଣିଆଣି
ଘୋଟିଯାଏ,
କେବେ ପ୍ରତାରଣା ଦେଇ
ମରୁଡ଼ି ସାଜେ।

ବର୍ଷା !
ମୋ ଆଖିରେ ଲୁହ
ହେଇ ଝରିଯାଏ,
ସାରା ଶରୀରର ଶୋଷକୁ
ମେଣ୍ଟାଇଦିଏ ତା' ପ୍ରେମରେ।

ବର୍ଷା !
ମୋର ହୃଦୟ ଖୋଲି
ବିନା ଅନୁମତିରେ
ପ୍ରବେଶ କରେ,
ଭରିଦିଏ ମୋ' ରକ୍ତରେ
ତା'ର ଶୀତଳତା।

ବର୍ଷା !
ମୋ' ଗାଁରେ ବହିଯାଉଥିବା
କୁଳୁକୁଳୁ ନଈ,
ତା' ସ୍ରୋତରେ ମତେ
ଭସେଇଦିଏ,
ମତେ ଛୁଇଁଦେଇ
ଉଭେଇଯାଏ ସାଗରରେ।

ବର୍ଷା !
ମୋର ଅଭିମାନର
ଗୁପ୍ତ କାରଣ,
ତା' ପ୍ରଣୟରେ ଚିଠି
ଲେଖି ଭାଙ୍ଗିଦିଏ ମୋର
ଢଳଢଳ ଅଭିମାନ।

ବର୍ଷା !
ମୋ' ଲଣ୍ଠନ କାଚରେ
ଦିକ୍ ଦିକ୍ ଜଳୁଥିବା ଆଲୁଅ,
ଅମାବାସ୍ୟାର ଅନ୍ଧାର
ଲିଭାଇ ତେଜିଦିଏ
ପୂର୍ଣ୍ଣିମାର ଜହ୍ନ।

ମୋ:୯୬୯୨୩୬୧୪୦୪

#### ଗୀତି–କବିତା

### ସପନରେ ଆସେ ଯିଏ

**ନିରଞ୍ଜନ ସାହୁ**

ବେଳେବେଳେ ଯିଏ ମନ ମଧ୍ୟେ ପଶି
ମନ ଆନ୍ଦୋଳିତ କରେ
ତାହା ସାଥେ ଭେଟ କଦାପି ହୁଏନା
ସିଏ ଥାଏ ପର ଘରେ।

ଅନେକ ଦିନର ବ୍ୟବଧାନ ହେବ
ଭେଟ ହୋଇଥିଲା ଯେବେ
ମନେପଡ଼େ ତାହା
ଶେଷଦେଖା ଯାହା
ଆଉ ଦେଖା ହେବ କେବେ
ବାସ୍ତବରେ ଦେଖା ମିଳେନାହିଁ ସିନା
ସ୍ୱପ୍ନ ସେହି ଆଶା ଭରେ।

ସପନରେ ଭେଟ ହୋଇଗଲା ପରେ
ଆଳାପ ଚାଲଇ କେତେ
ପ୍ରୀତି କୁଞ୍ଜବନ ମଧୁର ମିଳନ
ଗୋପନୀୟ କଥା ଯେତେ
ଭାରି ଭଲଲାଗେ ସେତିକି ସମୟ
ନିଦ ଧୀରେଧୀରେ ସରେ।

ନିଦ ଭାଙ୍ଗିଗଲେ
ସିଏ ମନେପଡ଼େ
ତାକୁ ଖୋଜୁଥାଏ ମନ
ହାତପାହାନ୍ତାରେ ନାହିଁ ଆଉ ସିଏ
ଏବେ ସେ ହଜିଲା ଧନ
ଖୋଜି ଲାଭ ନାହିଁ, ପାଇ ସୁଖ କାହିଁ
ରହେ ମୁହିଁ ନିରବରେ।

ମୋ: ୯୯୩୮୭୪୧୫୮୩

# ଗଣିତ ବେଦନା

## ଗଳ୍ପ

**ବିଜୟ କୁମାର ପଣ୍ଡା**

ଅନେକ ବର୍ଷ ପରେ ବାଲ୍ୟବନ୍ଧୁମାନେ ଭେଟହେଲେ ନୂଆ ବର୍ଷ ଭୋଜିରେ। ବଇଁଶୀ, ରବି, ଭଗୁ... ପ୍ରାୟ ଚାଳିଶଟି ଫଗୁଣ ଅତିକ୍ରମ କରିବାକୁ ବସିଲେଣି ସଭିଏଁ। ସାଙ୍ଗବିଧା ଦେଇ ପରସ୍ପରର ହାଲ୍‌ଚାଲ ବୁଝିଲା ପରେ ସ୍ମୃତିଗ୍ରନ୍ଥରୁ କିଛି ପୃଷ୍ଠା ଲେଉଟାଇଲେ।

ବଇଁଶୀ : 'ଏ ରବି! ମନେଅଛି ତ ଷଷ୍ଠ ଶ୍ରେଣୀରେ ଭଗୁର ସେ ଗଣିତ ବେଦନା ?'

ରବି: 'ଷଷ୍ଠରୁ ନଷ୍ଟ! କେମିତି ଭୁଲିହୁଅନ୍ତା ଯେ ସେ କଥା ?'

ଓଃ ହୋ.. ଏଇ ଅଙ୍କ ପାଠଟା ମୋତେ ନାକେଦମ କରିଦେଲାଣି। ଆଉ ଏ ସ୍କୁଲ... ଫୁଲ... ମୁଁ ଯିବିନି। ଭଗୁ ରାଗ ତମତମ ହେଇ ଦାଣ୍ଡପିଣ୍ଡାରେ ଗୋଡ଼ଟା କଚାଡ଼ି ସ୍କୁଲ ବ୍ୟାଗ୍‌ଟାକୁ ଗୋଟିଏ କୋଣରେ ଥୋଇଦିଏ।

ବୟସ ଏଇ ଏଗାର କି ବାର ହେବ, ବ୍ରାହ୍ମଣ ପିଲା। ବ୍ରାହ୍ମଣ ଶାସନ ପରେ ରେବ ନଈ ଉପରେ ଯାଇଥିବା ପୋଲ ଅତିକ୍ରମ କଲେ ପାଖ ଗାଁର ଯେଉଁ ମାଇନର ସ୍କୁଲ୍ ପଡ଼େ, ସେଇଠି ଷଷ୍ଠ ଶ୍ରେଣୀରେ ପଢ଼େ ଭଗୁ। ଗଣିତ ବୋଲି ଯେଉଁ ବିଷୟଟି ଅଛି ତା'କଥା ଭାବିଲେ ମୁଣ୍ଡବିନ୍ଧା, ପେଟ କାଟିବା, ଏମିତିକି ଯାବତୀୟ ପୀଡ଼ା ତା' ଦେହରେ। ଏଇ କେତେଦିନ ହେବ ଏମିତି ବ୍ୟଥା ଯୋଗୁଁ ସ୍କୁଲ୍ ବନ୍ଦ କରିବା ସାର୍‌ଙ୍କ ନଜରକୁ ଆସିଲାଣି କେତେଥର।

ହଠାତ୍ ଭଗୁ ଦୁଇଦିନ ଧରି ସ୍କୁଲ୍ ଆସିଲାନି। ତୃତୀୟ ଦିନ ପ୍ରାର୍ଥନା ସରିବା ପରେ ପ୍ରଥମ କ୍ଲାସ ଆରମ୍ଭ ହେବାକୁ ଯାଉଥିଲା... ବିଷୟ ଗଣିତ। ଆଜି ବି ଭଗୁ କ୍ଲାସରେ ଅନୁପସ୍ଥିତ। ସାର୍ ବଇଁଶୀ ଆଉ ରବି ଦୁହିଁଙ୍କ ଆଡ଼କୁ ଚାହିଁ କହିଲେ– ଆଜି ବି ସେ ପିଲାଟା ଆବ୍‌ସେଣ୍ଟ ? ତମେ ଦୁହେଁ ସେ ଭଗୁର ଘରକୁ ଯାଇ ତା' ସ୍ୱାସ୍ଥ୍ୟ ଅବସ୍ଥା ଟିକେ ବୁଝି ଆସ ତ!

ଶୀତ ସରି ସରି ଆସିଲାଣି... ଖରା ଧୀରେ ଧୀରେ ଟାଣ ହେଉଥାଏ। ରବି ଆଉ ବଇଁଶୀ ଯାଇ ଭଗୁ ଘରେ ପହଞ୍ଚିଲେ।

ହେ ଭଗୁମା'...ସ୍କୁଲ୍‌ପିଲା ଆସିଛନ୍ତି। ଭଗୁକୁ ଡାକିଦେ'– ଭଗୁର ବାପା ଜୋର୍‌ରେ ଡାକ ପକାଇଲେ।

ଘର ଭିତରେ ଭଗୁର ଦେଖା ନ ଥିଲା... ବୋଧେ ତା' ବାପାଙ୍କ ବଡ଼ ପାଟି ତାକୁ ଶୁଭିଯାଇଥିଲା। ଖୋଜାଖୋଜି କରିବା ପରେ ବାଡ଼ିପଟେ ଯେଉଁ ଧାନ ଖଳା ଥିଲା, ସେଇଠି କେହି ଜଣେ ଚାଦରଟିଏ ଘୋଡ଼ି ଶୋଇବାର ଦେଖିବାକୁ ପାଇଲେ ରବି ଆଉ ବଇଁଶୀ। ମୁହଁରୁ ଚାଦରଟି କାଢ଼ି ଦେବା ପରେ ସେ ଭଗୁ ବୋଲି ଜଣାପଡ଼ିଲା।

"ଏ ରବି, ବଇଁଶୀ ଦେଖ... ମୋତେ ଆଜିକି ତିନିଦିନ ହେଲା ଜର। ମିଛ କହୁନିରେ, ଏଇ ଦେଖୁନ ମୋ' ଦେହ ଛୁଇଁ। ଦେହରେ କେତେ ତାତି ଦେଖୁନୁ ଦେଖ।" ରବିର ହାତ ଟାଣି ନେଇ ତା' ଜ୍ୱରର ପ୍ରମାଣ ଦେବାକୁ ଚାହିଁଲା ଭଗୁ।

ରବି ଭଗୁର କଥା ସହଜରେ ବିଶ୍ୱାସ କରିନେଲା ; କିନ୍ତୁ ବଇଁଶୀ ପାଠପଢ଼ାରେ ସବୁବେଳେ ଶ୍ରେଣୀରେ ପ୍ରଥମ କିମ୍ବା ଦ୍ୱିତୀୟ ସ୍ଥାନରେ ଥାଏ। ଅତି ସହଜରେ ସେ କିଛି ବିଶ୍ୱାସ କରେନି... ସନ୍ଦେହ ଦୂର କରିବାକୁ ସେ ପଚାରିଲା– "ଆମେ ଆସିବାବେଳେ ତୋ' ବାପା ଦେଖାହେଲେ, କିନ୍ତୁ ତୋ' ଜ୍ୱର କଥା କିଛି କହିଲେନି? ତୁ ଉଠ୍... ସାର୍ କହିଛନ୍ତି ତୋତେ ଆମେ ଡାକ୍ତର ପାଖକୁ ନେଇ ଯିବୁ।"

ଡାକ୍ତରଙ୍କ କଥା ଶୁଣି ଭଗୁ ଉଠି ବସିଲା... ଦୁଇ ମିନିଟ କ'ଣ ମନେମନେ ଚିନ୍ତାକଲା କେଜାଣି, କହିଲା– 'ମୋର ଡାକ୍ତର ପାଖକୁ ଯିବା ଦରକାର ନାହିଁ। ଘରେ ଔଷଧ ଅଛି, ତାକୁ ଖାଇ ଠିକ୍ ହେଇଯିବି।' ବଇଁଶୀ ତାକୁ ଜବରଦସ୍ତ ଠିଆ କରାଇଲା। ସେ ଛିଡ଼ା ହେବା ପରେ ଚାରି ପାଞ୍ଚଟା ରସୁଣ ପାଖୁଡ଼ା ଖସିପଡ଼ିଲା। ରବି ଆଉ ବଇଁଶୀ ସେ ରସୁଣକୁ ଦେଖି ପରସ୍ପରକୁ ଚାହିଁଲେ।



'ଏ ସବୁ କ'ଣ ? ସତ କହିବୁ ନା ଆମେ ଦୁଇଜଣ ତୋତେ ଟେକି ଟେକି ସ୍କୁଲ୍ ନେଇଯିବୁ।' ବଇଁଶୀ ଟିକେ ଚଢ଼ାଗଳାରେ କହିଲା। ଭଗୁ ଡରିଯାଇ କହିଲା– "ମୁଁ ଏଇ ରସୁଣ ମୋର ଦୁଇ କାଖ ତଳେ... ଆଣ୍ଠୁ ତଳେ ଆଉ ହାତରେ ଧରି ରଖି ଦେହର ତାତି ବଢ଼ାଇବାକୁ ଚେଷ୍ଟା କରୁଥିଲି। ଖରାରେ ଶୋଇବା ପରେ ଆଉ ଟିକେ ଦେହ ଗରମ ହେଇଗଲେ ସମସ୍ତେ ଜ୍ୱର ହେଇଛି ବୋଲି ବିଶ୍ୱାସ କରିବେ। ତମେ ଦୁହେଁ ସାର୍‌ଙ୍କୁ ଏସବୁ କିଛି କହିବନି ବୋଲି ମୋତେ କଥା ଦିଅ... ମୁଁ ତମ ସାଙ୍ଗେ ଏବେ ସ୍କୁଲ୍ ଯିବି। ମୋତେ ଟିକେ ଗଣିତରେ ସାହାଯ୍ୟ କରିବ ?" ଭଗୁ ହାତଯୋଡ଼ି କହିଲା।

ଭଗୁ କଥା ରଖି ବଇଁଶୀ ଆଉ ରବି କାହାକୁ କିଛି କହିଲେନି।

ଥୁ କରି ପାନଛେପଟା ପକେଇ ଦେଇ ଭଗୁ କହୁଥିଲା– "ମୋ' କଥା ଛାଡ଼ରେ... ମୋ' ପୁଅଟା ପରା ଠିକ୍ ସେମିତି ବାହାନା କରୁଛି, ହେଲେ ତାକୁ ଟେକିଟେକି ସ୍କୁଲ୍ ନେଇ ଯିବାକୁ ତମ ପରି ସାଙ୍ଗମାନେ ତା'ର ନାହାନ୍ତି...।'

ମୋ: ୯୭୩୯୫୯୧୮୧୬

## ପୁସ୍ତକ ପରିଚୟ

### ପୂଜା ପତ୍ରିକା–୨୦୨୩

### ଅମୃତାୟନ



**ସମ୍ପାଦିକା:** ସୌମ୍ୟା ରଥ

**ଏ–୪ ସାଇଜ୍, ପୃ: ୧୯୨, ମୂଲ୍ୟ: ଟ.୧୨୦/–**

ଶ୍ରୀଅରବିନ୍ଦଙ୍କ ଦୁର୍ଗା ସ୍ତୋତ୍ରରୁ ଆରମ୍ଭ ହୋଇଛି 'ଅମୃତାୟନ'। ନିୟମିତ ବିଭାଗଗୁଡ଼ିକ ହେଲା– ଆଧ୍ୟାତ୍ମିକ ସାହିତ୍ୟ, ଚର୍ଚ୍ଚାରେ, ଧାରାବାହିକ ଉପନ୍ୟାସ, ମାନସ ମନ୍ଥନ, ନବପର୍ବ, ଗଳ୍ପ ସମ୍ଭାର, କବିତା, ଅନୁବାଦ–ଗଳ୍ପ, ରମ୍ୟ ରଚନା ଓ ସ୍ୱାସ୍ଥ୍ୟ। ଯେଉଁମାନଙ୍କ ଲେଖାରେ ସମୃଦ୍ଧ ଏ ପତ୍ରିକା, ସେମାନଙ୍କ ମଧ୍ୟରେ ଅଛନ୍ତି ନିତ୍ୟାନନ୍ଦ ପଣ୍ଡା, ତ୍ରିନାଥ ପଟ୍ଟନାୟକ, ନିଖିଳାନନ୍ଦ ପାଣିଗ୍ରାହୀ, ଶରତ ଚନ୍ଦ୍ର ରଥ, ଶାନ୍ତନୁ କୁମାର ଆଚାର୍ଯ୍ୟ, ବିଭୂତି ପଟ୍ଟନାୟକ, ଇନ୍ଦିରା ଦାଶ, ଭାସ୍କର ଜେନା, ପ୍ରବୀଣା ମହାନ୍ତି, ସୀତାକାନ୍ତ ମହାପାତ୍ର, ରାଜେନ୍ଦ୍ର କିଶୋର ପଣ୍ଡା, ପ୍ରତିଭା ଶତପଥୀ, ହରିହର ମିଶ୍ର, ହୃଷୀକେଶ ମଲ୍ଲିକ, ନୀଳାଦ୍ରି ଭୂଷଣ ହରିଚନ୍ଦନ ଓ ପୀତବାସ ରାଉତରାୟ। ପ୍ରବୀଣ ଲେଖକମାନଙ୍କ ସହ ବହୁ ନୂତନ ପ୍ରତିଭାଙ୍କ ସ୍ୱାକ୍ଷରରେ ପତ୍ରିକାଟି ସମୃଦ୍ଧ।

### ଶାଶ୍ୱତ ପାହାଚ



**ସମ୍ପାଦକ:** କମଳ କୁମାର ମହାନ୍ତି

**ଏ–୪ ସାଇଜ୍, ପୃ: ୨୯୬, ମୂଲ୍ୟ: ଟ.୨୦୦/–**

ପତ୍ରିକାରେ ଅନେକ ପାହାଚ, ଯଥା: ଫିଚର, ତରୁଣ କବିତା, ଚିତ୍ତରଞ୍ଜନ ପ୍ରବନ୍ଧ, ସଚ୍ଚି ରାଉତରାୟ କବିତା, ଫକୀରମୋହନ କଥା, ଗୋଦାବରୀଶ କଥା, ଗଡ଼ନାୟକ କବିତା, ମାନସିଂହ କବିତା, ନୀଳମଣି ମିଶ୍ର ଅନୁସୃଜନ, ଜୀବନାନନ୍ଦ ଗୀତି ଓ ଗ୍ରନ୍ଥ ସମୀକ୍ଷା ପାହାଚ। ଏହିସବୁ ପାହାଚର ଅଗ୍ରଲେଖକ ଯଥାକ୍ରମେ ଚିତ୍ତରଞ୍ଜନ ନାୟକ, ପ୍ରବୀଣ କୁମାର କବି, ରମାକାନ୍ତ ରାଉତ, ଆଶୁତୋଷ ପରିଡ଼ା, ଅନିଲ କୁମାର ଦାସ, ରମେଶ ପଟ୍ଟନାୟକ, ହୃଷୀକେଶ ମଲ୍ଲିକ, ଅମରେଶ ପଟ୍ଟନାୟକ, ବଙ୍ଗାଳୀ ନନ୍ଦ, ନନ୍ଦକିଶୋର ସିଂହ ଓ ଶିଶିର ନାୟକ। ଶତାଧିକ ପ୍ରବୀଣ ଓ ନୂତନ ଲେଖକଙ୍କ ରଚନାରେ ରୁଚିବନ୍ତ ଶାଶ୍ୱତ ପାହାଚ।

### ବାଟୋଇ



**ସମ୍ପାଦକ:** ଶତ୍ରୁଘ୍ନ ତରାଇ,

**ଏ–୪ ସାଇଜ୍, ପୃ: ୨୦୦, ମୂଲ୍ୟ: ଟ.୧୭୦/–**

ଜୀବନ ଜିଜ୍ଞାସାର ଅଭିଯାତ୍ରୀ 'ବାଟୋଇ'ରେ ପ୍ରବନ୍ଧ ଓ ସମାଲୋଚନା ପର୍ବରେ ସ୍ଥାନିତ ଦାଶରଥି ଦାସ, ବାବାଜି ଚରଣ ପଟ୍ଟନାୟକ, ବେଣୁଧର ପାଢ଼ୀ, ସୃଜନ–ଆଳାପରେ ତପନ ମହାପାତ୍ର, ଫିଚର୍‌ରେ ମାନମୟୀ ରଥ, ଗଳ୍ପରେ ସଦାନନ୍ଦ ତ୍ରିପାଠୀ, ରବି ସ୍ୱାଇଁ, ତରୁଣ କୁମାର ସାହୁ, ଅନୁବାଦ ଗପରେ ବିଜୟ କୁମାର ପ୍ରଧାନ, କନକ ମଞ୍ଜରୀ ସାହୁ, କାବ୍ୟ କବିତାରେ ଫନୀ ମହାନ୍ତି, ହରପ୍ରସାଦ ଦାସ, ହୃଷୀକେଶ ମଲ୍ଲିକ, ପ୍ରଦୀପ କୁମାର ପଣ୍ଡା, ଶତ୍ରୁଘ୍ନ ପାଣ୍ଡବ, ସୂର୍ଯ୍ୟ ମିଶ୍ର ଓ ପ୍ରଭାସିନୀ ମହାକୁଡ଼। ନୂଆ ଓ ପୁରୁଣା ମିଶି ଦେଢ଼ଶହରୁ ଅଧିକ ଲେଖିକା ଲେଖକଙ୍କ ଲେଖାରେ ପତ୍ରିକାଟି ସମୁଜ୍ଜ୍ୱଳ। ପ୍ରଚ୍ଛଦରେ ନବୀନ ଚିନ୍ତାର ଝଲକ।

### ଅକ୍ଷାଂଶ



**ସମ୍ପାଦକ:** ହରିଶ୍ଚନ୍ଦ୍ର ବେହେରା

**ଏ–୪ ସାଇଜ୍, ପୃ: ୪୪୮, ମୂଲ୍ୟ: ଟ.୨୫୦/–**

ସମ୍ପାଦକୀୟ ଚିନ୍ତାଦ୍ୟୋତକ– ଏହାର ପ୍ରସଙ୍ଗ 'କବିତା'। ପ୍ରବନ୍ଧରେ ଅଛନ୍ତି ପ୍ରଫୁଲ୍ଲ କୁମାର ମହାନ୍ତି, ଆଦିକନ୍ଦ ସାହୁ, କୁମୁଦ ଚନ୍ଦ୍ର ଦାଶ, ଗଳ୍ପରେ ବିଷ୍ଣୁ ସାହୁ, ରବି ପଣ୍ଡା, ରାଧାଶ୍ୟାମ ରାଉଳ, ମୌସୁମୀ ପରିଡ଼ା ; କବିତାରେ ନିତ୍ୟାନନ୍ଦ ନାୟକ, ମମତା ଦାଶ, ହୃଷୀକେଶ ମଲ୍ଲିକ, ବାସୁଦେବ ସୁନାନୀ, ପୀତାମ୍ବର ତରାଇ ଓ ରକ୍ଷକ ନାୟକ ; ଅନୂଦିତ ଗଳ୍ପରେ ଅନୁରୂପା ସିଂ, ବିଜୟ କୁମାର ମହାନ୍ତି ଓ କନକ ମଞ୍ଜରୀ ପାଢ଼ୀ। ଗୀତି–କବିତାରେ ଗୌର ପଟ୍ଟନାୟକ, ଧନଞ୍ଜୟ ସ୍ୱାଇଁ ଓ ନନ୍ଦକିଶୋର ସିଂହ। ଶେଷ କବିତା ଭାବେ ଶ୍ରୀଦେବଙ୍କ କବିତା ପଲିଟିକାଲ୍ ପୋଏଟ୍ରି ସ୍ଥାନିତ।

### ଶତଦ୍ରୁ



**ସମ୍ପାଦକ:** ଉପେନ୍ଦ୍ର ପ୍ରସାଦ ନାୟକ

**୧/୮ ଡିମାଇ ସାଇଜ୍, ପୃ: ୩୮୪, ମୂଲ୍ୟ: ଟ.୯୦/–**

ସ୍ମରଣୀୟ କବିତାରେ ସ୍ଥାନିତ ପ୍ରୟାତ ପ୍ରମୋଦ କୁମାର ମହାନ୍ତି, ଗୋପାଳକୃଷ୍ଣ ରଥଙ୍କ କବିତା ଓ ସ୍ମରଣୀୟ ଗଳ୍ପରେ ସ୍ଥାନିତ କୃଷ୍ଣ ଚରଣ ବେହେରାଙ୍କ ଗଳ୍ପ। କବିତାରେ ରାଜେନ୍ଦ୍ର କିଶୋର ପଣ୍ଡା, ହରିହର ମିଶ୍ର, ଫନୀ ମହାନ୍ତି, ଶ୍ରୀହରି ଧଳ ; ଗଳ୍ପରେ ଦିବାକର ମାନସିଂହ, ଭାସ୍କର ଜେନା, ଲକ୍ଷ୍ମୀ ଚାନ୍ଦ, ଆନନ୍ଦ ଚନ୍ଦ୍ର ପହି, ଝରଣା ପଟ୍ଟନାୟକ ; ପ୍ରବନ୍ଧରେ ସଂଘମିତ୍ରା ମିଶ୍ର, ପ୍ରସନ୍ନ କୁମାର ସ୍ୱାଇଁ, ଉଦ୍ଧବ ଚରଣ ନାୟକ ଓ ଫଣୀନ୍ଦ୍ର ଭୂଷଣ ନନ୍ଦ। ବ୍ୟକ୍ତି ଓ ବ୍ୟକ୍ତିତ୍ୱରେ ଗୁରୁକଲ୍ୟାଣ ମହାପାତ୍ର, ଚନ୍ଦ୍ରଶେଖର ନନ୍ଦ ଓ ବିଜୟାନନ୍ଦ ସିଂହ। ଜୀବନସ୍ମୃତିରେ ରମେଶ ପ୍ରସାଦ ପାଣିଗ୍ରାହୀ, ରବିନାରାୟଣ ସେନାପତି ଓ ଦେବଦାସ ଛୋଟରାୟ। ଗୀତି–କବିତା, ଅନୁବାଦ ସାହିତ୍ୟ ଓ ଗ୍ରନ୍ଥ ସମୀକ୍ଷାରେ ପତ୍ରିକାଟି ଋଦ୍ଧିମନ୍ତ।

## କାଳକାଳକୁ

"ଶୁଭୁଥିବା ଗୀତ ମଧୁର,
ଶୁଭୁ ନ ଥିବା ଗୀତ
କିନ୍ତୁ ମଧୁରତର।"

– ଜନ୍ କୀଟ୍‌ସ



**ଜନ୍ କୀଟ୍‌ସଙ୍କ** ଜନ୍ମ ୩୧ ଅକ୍ଟୋବର ୧୭୯୫ରେ, ଲଣ୍ଡନର ମୁରଗେଟ୍‌ରେ ଓ ପରଲୋକ ୨୩ ଫେବୃୟାରୀ ୧୮୨୧ରେ ରୋମ୍‌ର ପାପାଲ୍‌ଷ୍ଟେଟ୍‌ସରେ। ସେ ଥିଲେ ରୋମାଣ୍ଟିକ କବିତାର ଦ୍ୱିତୀୟ ପ୍ରଜନ୍ମର କବି, ଯାହାଙ୍କର ସହଗାମୀ ଥିଲେ ଲର୍ଡ ବାଇରନ୍ ଓ ପି.ବି. ସେଲୀ। ମାତ୍ର ୨୫ ବର୍ଷର ସଂକ୍ଷିପ୍ତ ଜୀବଦ୍ଦଶାରେ ସେ ଯେଉଁ ସାରସ୍ୱତ ସୃଷ୍ଟିମାନ କରିଯାଇଥିଲେ, ତାହା ତାଙ୍କୁ ଇଂଲିଶ୍ ଭାଷାର ଅନ୍ୟତମ ପ୍ରଖ୍ୟାତ କବିର ମାନ୍ୟତା ଦେଇଥିଲା। 'Ode to a Nightangale' ହେଉଛି ତାଙ୍କର ସବୁଠୁଁ ପ୍ରସିଦ୍ଧ କବିତା। ତାଙ୍କ କବିତାର ଚିତ୍ରକଳ୍ପ ଖୁବ୍ ସ୍ୱାଭାବିକ ଥିଲା ଓ ତହିଁରେ ଗଭୀର ଆବେଗ ଖୁନ୍ଦିହୋଇ ରହିଥିଲା। କୀଟ୍‌ସ କହନ୍ତି: "ପ୍ରେମ ହିଁ ଧର୍ମ, ଯେଉଁଥିପାଇଁ ମୁଁ ମରିପାରେ।" ସତ୍ୟରେ ସୌନ୍ଦର୍ଯ୍ୟ ଓ ସୌନ୍ଦର୍ଯ୍ୟରେ ସତ୍ୟର ଦର୍ଶନ ଥିଲା ତାଙ୍କର ସବୁଠୁଁ ଗଭୀରତମ ଉପଲବ୍ଧି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୮/୨୦୨୩ Bhubaneswar, Saturday, October 28/ 2023

# 'ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ପଦକ ଉତ୍ସର୍ଗ'

ଚାଇନାର ହାଙ୍ଗ୍‌ଝୋରେ ଚାଲିଥିବା ଏସିଆନ ପାରା ଗେମ୍ସର ବ୍ୟାଡ୍‌ମିଣ୍ଟନ ଇଭେଣ୍ଟରେ ଗୋଟିଏ ସ୍ୱର୍ଣ୍ଣ ପଦକ ସହ ମୋଟ ୩ଟି ପଦକ ଜିତି ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ । ବିଶେଷକରି ଗୋଟିଏ ସଂସ୍କରଣରେ ପ୍ରଥମଥର ୩ଟି ପଦକ ଜିତିବା ତାଙ୍କୁ ବହୁତ ଆନନ୍ଦିତ କରିଛି । କ୍ୟାରିୟର ଆରମ୍ଭରେ ତାଙ୍କୁ ସମର୍ଥନ ଏବଂ ସହଯୋଗ କରିଥିବା ଅତାବିରା ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ସେ ପଦକ ଉତ୍ସର୍ଗ କରିଛନ୍ତି । ସମ୍ପ୍ରତି ଚାଇନାରେ ଥିବା ପ୍ରମୋଦଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍‌କାର...

–ତପନ କୁମାର ସ୍ୱାଇଁ

**● ଏସିଆନ ପାରା ଗେମ୍ସରେ ଆପଣ ପ୍ରଥମଥର ୩ ପଦକ ପାଇଛନ୍ତି। ଅନୁଭବ କିପରି ରହିଛି ?**

➤ମନର ଖୁସିକୁ ଭାଷାରେ ପ୍ରକାଶ କରିବା ସମ୍ଭବ ନୁହେଁ। ତେବେ ମୁଁ ବହୁତ ଖୁସି। ପୂର୍ବରୁ ମୁଁ ୨ଟି ସଂସ୍କରଣରେ ଭାଗ ନେଇଥିଲି। ସ୍ୱର୍ଣ୍ଣ ପଦକ ମଧ୍ୟ ପାଇଥିଲି। ମାତ୍ର ଗୋଟିଏ ସଂସ୍କରଣରେ ୩ ପଦକ କେବେ ପାଇ ନ ଥିଲି। ଏଥର ଭାରତ ପାଇଁ ମୁଁ ଗୋଟିଏ ସ୍ୱର୍ଣ୍ଣ ଏବଂ ୨ଟି ବ୍ରୋଞ୍ଜ ପଦକ ଜିତିଥିବାରୁ ଅତ୍ୟନ୍ତ ଆନନ୍ଦିତ। ମିକ୍ସଡ ଡବଲ୍ସରେ ମୁଁ ମନୀଷା ରାମଦାସ ଏବଂ ପୁରୁଷ ଡବଲ୍ସରେ ସୁକାନ୍ତ କଦମଙ୍କୁ ସାଥିକରି ଖେଳିଥିଲି। ସବୁଥିରେ ପଦକ ଜିତିବା ଏକ ଭିନ୍ନ ଅନୁଭବ।

**● ଓଡ଼ିଶାର ପ୍ରଥମ ଖେଳାଳି ଭାବେ ଆପଣ ପୂର୍ବରୁ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏସିଆନ ପାରା ଗେମ୍ସରେ କ୍ରମାଗତ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଏଥିପାଇଁ ପ୍ରସ୍ତୁତି କିପରି ରହିଥିଲା।**

➤ମୁଁ ପାହାଚ ପରେ ପାହାଚ ଆଗକୁ ଯିବାକୁ ଚେଷ୍ଟା କରୁଛି। ସବୁ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ଦେବା ମୋର ମୁଖ୍ୟ ଲକ୍ଷ୍ୟ। ପାରାଲିମ୍ପିକ୍ସରେ ପଦକ ଜିତିବା ସମସ୍ତ ପାରା ସ୍ପୋର୍ଟ୍ସ ଖେଳାଳିଙ୍କର ଲକ୍ଷ୍ୟ ରହିଥାଏ। ମୁଁ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ଅତ୍ୟନ୍ତ ଖୁସି ଏବଂ ନିଜକୁ ଭାଗ୍ୟବାନ ମନେକରୁଛି। ଏସିଆନ ପାରା ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ମଧ୍ୟ ଅତ୍ୟନ୍ତ କଷ୍ଟସାଧ୍ୟ। ଏଥିପାଇଁ ନିଜକୁ ଭଲଭାବେ ପ୍ରସ୍ତୁତ କରିବାକୁ ପଡ଼ିଥାଏ। ସ୍ୱପ୍ନ ସାକାର କରିପାରିଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ।

**● ଏସିଆନ ପାରା ଗେମ୍ସ ସ୍ୱର୍ଣ୍ଣ ୨୦୨୪ ପାରାଲିମ୍ପିକ୍ସ ଯୋଗ୍ୟତା ପାଇଁ କେତେ ସହାୟକ ହୋଇପାରିବ ?**

➤ମୁଁ ସିଙ୍ଗଲ୍ସ ଇଭେଣ୍ଟରେ ଯୋଗ୍ୟତା ପର୍ଯ୍ୟାୟର ଦ୍ୱାରରେ ରହିଛି। ଆନୁଷ୍ଠାନିକଭାବେ ଯଦିଓ ଘୋଷଣା ହୋଇନାହିଁ ତେବେ ମୁଁ ସିଙ୍ଗଲ୍ସରେ ଭାଗନେବା ଏକପ୍ରକାର ନିଶ୍ଚିତ। ଡବଲ୍ସ ଏବଂ ମିକ୍ସଡ ଡବଲ୍ସ ଯୋଗ୍ୟତା ପାଇଁ ଆହୁରି ପରିଶ୍ରମ କରିବାକୁ ପଡ଼ିବ। ଆଗାମୀ ଦିନରେ ଜାପାନ, ଦୁବାଇ ଓ ଥାଇଲାଣ୍ଡରେ ୩ଟି ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଅଛି। ସେଥିରେ ଭଲ ପ୍ରଦର୍ଶନ କରିବାନେଇ ମୁଁ ବେଶ୍ ଆଶାବାଦୀ ଅଛି।

**● ହାଙ୍ଗଝୋ ପ୍ରତିଯୋଗିତା କେତେ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା।**

➤ଆଗାମୀ ବର୍ଷ ପାରାଲିମ୍ପିକ୍ସ ଥିବାରୁ ସମସ୍ତ ପ୍ରତିଯୋଗୀ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବଦ୍ଧପରିକର ଥିଲେ। ସେମାନେ ସେହିଭଳି ପ୍ରସ୍ତୁତି ମଧ୍ୟ କରି ଆସିଥିଲେ। ତେଣୁ ୩ଟି ଯାକ ବିଭାଗରେ ମୁଁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲି। ସିଙ୍ଗଲ୍ସରେ ସ୍ୱର୍ଣ୍ଣ ଯଦିଓ ଅଭିଳାଷକୁ ପୂରଣ କରିଛି ତେବେ ଡବଲ୍ସରେ ସେମିଫାଇନାଲରେ ପରାଜୟ ମନରେ ଦୁଃଖ ଦେଇଛି। ବିଶ୍ୱର ନମ୍ବର ୱାନ ଯୋଡ଼ି ଥିବାରୁ ଆମ ନିକଟରୁ ଦେଶବାସୀଙ୍କର ଆଶା ଅଧିକ ରହିଥିଲା। ସେହି ଅନୁସାରେ ପ୍ରଦର୍ଶନ ଦେଇପାରି ନ ଥିବାରୁ ମନରେ ଦୁଃଖ ରହିଯାଇଛି। ତେବେ ପଦକ ସହ ପ୍ରତିଯୋଗିତା ଶେଷ କରିପାରିଥିବାରୁ ଖୁସି ଲାଗୁଛି।

**● ଏସିଆନ ପାରା ଗେମ୍ସ ପଦକ କାହାକୁ ଉତ୍ସର୍ଗ କରିବାକୁ ଚାହିଁବେ ?**

➤ବରଗଡ଼ ଜିଲା ଅତାବିରା ଗ୍ରାମର ବ୍ୟକ୍ତିମାନେ କ୍ୟାରିୟର ଆରମ୍ଭରୁ ମୋତେ ସମର୍ଥନ କରି ଆସିଛନ୍ତି। ତାଙ୍କ ସାହାଯ୍ୟ ସହଯୋଗ କେବେ ବି ଭୁଲି ହେବନି। ତେଣୁ ମୁଁ ପଦକ ସେମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାକୁ ନିଶ୍ଚିତ ଚାହିଁବି। ଏହା ବ୍ୟତୀତ ମୋ ପରିବାର ବର୍ଗ ଏବଂ ରାଜ୍ୟରେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ପାଇଁ ଅନେକ କିଛି ପଦକ୍ଷେପ ନେଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ପଦକ ଉତ୍ସର୍ଗ କରିବାକୁ ଚାହେଁ। ରାଜ୍ୟ ସରକାରଙ୍କ ସମର୍ଥନ ବିନା ଏତେବାଟ ଆସିବା ସମ୍ଭବ ହୋଇ ନ ଥାନ୍ତା। ତେଣୁ ମୁଁ ଏହି ଅବସରରେ ସମସ୍ତଙ୍କୁ ଅନେକ ଅନେକ ଧନ୍ୟବାଦ ଜଣାଉଛି।


ପ୍ରମୋଦ ଭଗତ

## ଶ୍ରୀୟଙ୍କାଙ୍କୁ ବ୍ରୋଞ୍ଜ ପଦକ


ପଦକ ସହ ଶ୍ରୀୟଙ୍କା ଷଡ଼ଙ୍ଗୀ।

ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ) କୋରିଆର ଚାଙ୍ଗୱନଠାରେ ଚାଲିଥିବା ୧୫ଶ ଏସିଆନ ଶୁଟିଂ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଶ୍ରୀୟଙ୍କା ଷଡ଼ଙ୍ଗୀ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଶ୍ରୀୟଙ୍କା ୧୦ ମିଟର ଏୟାର ରାଇଫଲ ମହିଳା ଟିମ୍ ଇଭେଣ୍ଟରେ ଏହି ସଫଳତା ପାଇଛନ୍ତି। ଏହି ସଫଳତା ପାଇଁ ଶ୍ରୀୟଙ୍କାଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

## ଏସୀୟ ଅଭିଜ୍ଞତା ନେଇ ଫେରିଲେ ଆର୍ଯ୍ୟନ

ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ) ଏସୀୟ ପୁରୁଷ ଅଲମ୍ପିକ ଯୋଗ୍ୟତା ପର୍ଯ୍ୟାୟ ହ୍ୟାଣ୍ଡବଲ ପ୍ରତିଯୋଗିତା ଚଳିତମାସ ୧୮ରୁ ୨୭ ପର୍ଯ୍ୟନ୍ତ କାତାରର ଦୋହାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଖେଳାଳି ଆର୍ଯ୍ୟନ ବ୍ରାହ୍ମିନ ଏସୀୟ ଅଭିଜ୍ଞତା ନେଇ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବ୍ୟକ୍ତିଗତ ପ୍ରଚେଷ୍ଟା ବଳରେ ଆଗକୁ ବଢୁଥିବା ଆର୍ଯ୍ୟନ ଦୋହା ପ୍ରତିଯୋଗିତାରୁ ଅନେକ ଅଭିଜ୍ଞତା ହାସଲ କରିଥିବା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଆର୍ଯ୍ୟନ ଗତ ବର୍ଷ ଏସିଆନ ଯୁବ ହ୍ୟାଣ୍ଡବଲ (ବାହରିନ) ଓ ଯୁବ ବିଚ ହ୍ୟାଣ୍ଡବଲ (ଇରାନ) ପ୍ରତିଯୋଗିତାରେ ଓଡ଼ିଶାରୁ ଏକମାତ୍ର ଖେଳାଳିଭାବେ ଭାରତୀୟ ଦଳରେ ସ୍ଥାନ ପାଇଥିଲେ। ସରକାରଙ୍କ ସହଯୋଗ ମିଳିଲେ ସେ ଆଗକୁ ବଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଭାରତ ପାଇଁ ପବକ ଜିତିବାକୁ ଆଶା ରଖିଛନ୍ତି।

## ରୀତିକାଙ୍କୁ ବିଶ୍ୱ ଟାଇଟଲ

ତିରାନା, ୨୭।୧୦ (ପି.ଟି.) ରୀତିକା ହୁଦା ଦ୍ୱିତୀୟ ଭାରତୀୟ ଏବଂ ଦେଶର ପ୍ରଥମ ମହିଳା କୁସ୍ତିଯୋଦ୍ଧା ଭାବେ ୨୩ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ହୋଇଛନ୍ତି। ସେ ଏଠାରେ ୭୬କେଜି ଇଭେଣ୍ଟରେ ଟାଇଟଲ ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷରେ ଜ୍ୟୋତି ବରୱାଲ ୭୨କେଜି ଶ୍ରେଣୀ ସ୍ୱର୍ଣ୍ଣ ପଦକ ମୁକାବିଲାକୁ ଉନ୍ନୀତ ହୋଇ ଚାମ୍ପିୟନ୍ସ ତାଲିକାରେ ସ୍ଥାନ ପାଇବା ପାଇଁ ଦୌଡ଼ରେ ରହିଛନ୍ତି। ଜୁନିୟରରୁ ସିନିୟର ସର୍କିଟରେ ପାଦ ଦେଇଥିବା ରୀତିକା ଫାଇନାଲରେ ଆମେରିକାର କେନେଡି ଆଲେକ୍ସିସ ବ୍ଲେଡ୍ସଙ୍କୁ ୯–୨ରେ ହରାଇ ଦେଇଛନ୍ତି। ରୋହତକସ୍ଥିତ ଛୋଟୁରାମ ଆଖଡ଼ାରେ ଟ୍ରେନିଂ ନେଉଥିବା ରୀତିକା ଗତବର୍ଷ ୨୦ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍ ଜିତିଥିବା ବେଳେ ଚଳିତବର୍ଷ ଏପ୍ରିଲରେ ସିନିୟର ଏସିଆନ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ପାଇଥିଲେ। ପୁରୁଷ ଫ୍ରି–ଷ୍ଟାଇଲ କୁସ୍ତିଯୋଦ୍ଧା ଅମନ ଶେରାୱତ (୫୭କେଜି) ଗତ ବର୍ଷ ପ୍ରଥମ ଭାରତୀୟ ଭାବେ ୨୩ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ହୋଇଥିଲେ। ମହିଳା ୭୨କେଜି ଇଭେଣ୍ଟରେ ଜ୍ୟୋତି କ୍ୱାର୍ଟରଫାଇନାଲରେ ଇଡିନ୍ୟା ଜାବ୍ଲୋତସ୍କିଙ୍କୁ ୯–୦ରେ ପରାସ୍ତ କରିବା ପରେ ସେ ତୁର୍କୀର ବୁକ୍ରେନାଜ ସେରଟଙ୍କ ବିପକ୍ଷରେ ୭–୦ରେ ବିଜୟ ହାସଲ କରିଥିଲେ। ଫାଇନାଲରେ ସେ ୧୯ ବର୍ଷୀୟା ଆମେରିକାର ଆମିଟ୍ ଏଲୋରଙ୍କୁ ଭେଟିବେ, ଯିଏକି ଚାମ୍ପିୟନଶିପ୍‌ରେ ଗୋଟିଏ ହେଲେ ପଏଣ୍ଟ ବରଣ କରିନାହାନ୍ତି। ଅନ୍ୟ ୩ ଭାରତୀୟ ବ୍ରୋଞ୍ଜ ପଦକ ଦୌଡ଼ରେ ରହିଛନ୍ତି। ରୀନା ବ୍ରୋଞ୍ଜ ପାଇଁ ମିଆ କାଥ୍ରିନ୍ ଫ୍ରିସେନଙ୍କ ସହ ମୁକାବିଲା କରିବେ।


ରୀତିକା ହୁଦା

## ଭାରତ–ପାକିସ୍ତାନ ମ୍ୟାଚ ୩–୩ରେ ଡ୍ର

**ଜୋହର ବାହରୁ (ମାଲେସିଆ), ୨୭।୧୦ (ପି.ଟି.):** ସୁଲତାନ ଜୋହର କପ୍ ଜୁନିୟର ପୁରୁଷ ହକି ଟୁର୍ନାମେଣ୍ଟର ଉଦ୍‌ଘାଟନୀରେ ଗତଥରର ଚାମ୍ପିୟନ ଭାରତ ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷ ମ୍ୟାଚ ୩–୩ ଗୋଲ୍‌ରେ ଡ୍ର ରଖିଛି। ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚରେ ଭାରତ ତରଫରୁ ଅମନଦୀପ ଲାକ୍ରା (୩୦ତମ ମିନିଟ), ଆଦିତ୍ୟ ଅର୍ଜୁନ ଲାଲାଗେ (୫୬ତମ) ଓ ଉତ୍ତମ ସିଂ (୫୯ତମ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ ପାକିସ୍ତାନ ପକ୍ଷରୁ ଅର୍ବାଜ ଅହମଦ (୩୧ତମ ଓ ୫୮ତମ) ଦୁଇଟି ଏବଂ ଅବଦୁଲ ଶାହିଦ (୪୯ତମ) ଗୋଟିଏ ଗୋଲ ଦେଇଥିଲେ। ଡିସେମ୍ବରରେ ମାଲେସିଆରେ ପୁରୁଷ ଜୁନିୟର ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ଦୁଇ ଦଳ ଏହି ମ୍ୟାଚରେ ଉଭୟଙ୍କ ବଳ କଷିବାକୁ ଚେଷ୍ଟା କରିଥିଲେ। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଶନିବାର ଆୟୋଜକ ମାଲେସିଆ ବିପକ୍ଷରେ ଖେଳିବ।

## ପୂର୍ବାଞ୍ଚଳ ଶକ୍ତି ଉତ୍ତୋଳନ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୨୭।୧୦ (ବିଜୟ ରଣା) ବିହାର ରାଜ୍ୟ ଅନ୍ତର୍ଗତ ନାଳନ୍ଦାଠାରେ ଚଳିତ ମାସ ୨୯ ତାରିଖରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ପୂର୍ବାଞ୍ଚଳ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘ ଦ୍ୱାରା ୭ଜଣିଆ ଖେଳାଳି ଦଳ ଘୋଷଣା କରାଯାଇଛି। ଗତ ରାଜ୍ୟ ପ୍ରତିଯୋଗିତାର ଫଳାଫଳକୁ ଭିତ୍ତିକରି ଖେଳାଳି ମନୋନୟନ କରାଯାଇଛି। ସେମାନେ ହେଲେ ପୁରୁଷ ବିଭାଗରେ ସଙ୍କେତ ମହାପାତ୍ର ଓ ସମରଜିତ କାଣ୍ଡି ଏବଂ ମହିଳା ବିଭାଗରେ ସୁଶ୍ରୀ ମୁସ୍‌କାନ, ଶ୍ରାବଣୀ ଜେନା, ଶ୍ରଦ୍ଧାଞ୍ଜଳି ବେହେରା, ଅନୀତା ବେହେରା ଓ ନଗମା ଆରା ବେଗମ। ପ୍ରତିଯୋଗିତାରେ ଭାଗ ନେବା ଲାଗି ଓଡ଼ିଶା ଶକ୍ତି ଉତ୍ତୋଳନ ଦଳ ନାଳନ୍ଦା ଗସ୍ତ କରିଛି। ଦଳ ସହିତ ପ୍ରବନ୍ଧକ ଦେବାଶିଷ ମହାନ୍ତି ଅଫିସିଆଲ ଭାବେ ଗସ୍ତ କରିଛନ୍ତି। ଓଡ଼ିଶାର ଏହି ସଫଳତା ପାଇଁ ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ, ଚିତ୍ତରଞ୍ଜନ ସ୍ୱାଇଁ, ଡ. ଗୌରୀ ମହାନ୍ତି, ପ୍ରଦୀପ ପାତ୍ର ଏବଂ ସମରେନ୍ଦ୍ର ରାଉତରାୟ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



ପୂର୍ବାଞ୍ଚଳ ଶକ୍ତିଉତ୍ତୋଳନ ପାଇଁ ମନୋନୀତ ଓଡ଼ିଶା ଦଳ।

## ୨ ସ୍ୱର୍ଣ୍ଣ ଜିତିବାରେ ଶୀତଲ ପ୍ରଥମ ଭାରତୀୟ ମହିଳା

**ହାଙ୍ଗ୍‌ଝୋ ୨୭।୧୦ (ପି.ଟି.):** ଏସିଆନ ପାରା ଗେମ୍ସର ଗୋଟିଏ ସଂସ୍କରଣରେ ଦୁଇ ସ୍ୱର୍ଣ୍ଣ ଜିତିବାରେ ସ୍ୱଳ୍ପ ବୟସ୍କା ତୀରନ୍ଦାଜ ଶିତଲ ଦେବୀ ହେଉଛନ୍ତି ପ୍ରଥମ ଭାରତୀୟ। ଶୁକ୍ରବାର ସେ ମହିଳା ବ୍ୟକ୍ତିଗତ କମ୍ପାଉଣ୍ଡରେରେ ସ୍ୱର୍ଣ୍ଣ ଜିତିଥିବା ବେଳେ ଗୁରୁବାର ସେ କମ୍ପାଉଣ୍ଡ ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ଚାମ୍ପିୟନଶିପ୍ ଶେଷ ହେବାକୁ ଆଉ ଗୋଟିଏ ଦିନ ବାକି ରହିଥିବା ବେଳେ ଭାରତର ମୋଟ ପଦକ ସଂଖ୍ୟା ରେକର୍ଡ ୯୯ରେ ପହଞ୍ଚିଛି। କେବଳ ଶୁକ୍ରବାର ଭାରତ ୧୭ ପଦକ ଜିତିଛି। ତନ୍ମଧ୍ୟରେ ୭ ସ୍ୱର୍ଣ୍ଣ ରହିଛି। ସବୁଠାରୁ ଅଧିକ ୮ ପଦକ ବ୍ୟାଡ୍‌ମିଣ୍ଟନରୁ ଆସିଛି। ଭାରତ ୨୫ ସ୍ୱର୍ଣ୍ଣ, ୨୯ ରୌପ୍ୟ ଓ ୪୫ ବ୍ରୋଞ୍ଜ ପଦକ ପାଇଛି।






4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ